DHARITRI

Years 52

ଭୁବନେଶ୍ୱର, ରବିବାର, ଏପ୍ରିଲ ୨୬/୨୦୨୬ (୧୪ ପୃଷ୍ଠା+ଛୁଟିଦିନ) Bhubaneswar, Sunday, April 26/2026 Page 14 ₹ 7.00 | BALASORE

୫୨ଶ ଭାଗ ୧୫୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 52 ISSUE 151 ମୂଲ୍ୟ₹୭/-



## ରାହା କ୍ରୀଡ଼ାବିତ୍ ହେଲେ ଖୁସି ହେବି: ଆଲିଆ

ଅଭିନେତ୍ରୀ ଆଲିଆ ଭଟ୍ଟ ତାଙ୍କ ଝିଅ ରାହା କ୍ରୀଡ଼ାବିତ୍ ହେଲେ ଖୁସି ହେବେ ବୋଲି କହିଛନ୍ତି।

୦୨

୧୨

## ଫ୍ରେଞ୍ଚ ଓପନରୁ ଓହରିଲେ ଅଲକାରାଜ

ଆଘାତପ୍ରାପ୍ତ ଯୋଗୁ ଫ୍ରେଞ୍ଚ ଓପନ ଟେନିସ ପ୍ରତିଯୋଗିତାରୁ ଓହରିଯାଇଛନ୍ତି ସ୍ପାନିଶ ଟେନିସ ଷ୍ଟାର କାର୍ଲୋସ ଅଲ୍‌କାରାଜ।






ଶନିବାର ଖେଳାଯାଇଥିବା ପଞ୍ଜାବ କିଙ୍ଗ୍ସ ବିପକ୍ଷ ଆଇପିଏଲ୍ ମ୍ୟାଚ୍‌ରେ ରେକର୍ଡ ଅପରାଜିତ ଶତକୀୟ ଇନିଂସ ଅବସରରେ ଦିଲ୍ଲୀ କ୍ୟାପିଟାଲ୍ସର ଲୋକେଶ ରାହୁଲ।

# ଓଢ଼ଣିରେ ଝୁଲିପଡ଼ିଲେ ୧୩ ବର୍ଷୀୟା ପ୍ରେମିକା

ଅନୁଗୋଳ,୨୫।୪
(ଦିବ୍ୟଶାନ୍ତନୁ ନାଥ)

- ପ୍ରେମିକଙ୍କ ଆତ୍ମହତ୍ୟାର ୨୪ ଘଣ୍ଟା ପରେ
- କାମ ଦେଲାନି ସଖୀ ସେଣ୍ଟର କାଉନସେଲିଂ

ମାତ୍ର ୧୩ ବର୍ଷ ବୟସରେ ସଂସାର କରିବାକୁ ଘରୁ ଗୋଡ଼ କାଢ଼ିଥିଲେ। ୨୩ ବର୍ଷୀୟ ପ୍ରେମିକଙ୍କ ହାତଧରି ମୁମ୍ବାଇ ଚାଲିଯାଇଥିଲେ। ହେଲେ ପ୍ରେମିକଙ୍କ ମା' ବାପାଙ୍କୁ ପୋଲିସ ଉଠାଇ ନେବା ପରେ ଭାଙ୍ଗିଯାଇଥିଲା ସେମାନଙ୍କ ସଂସାର ସ୍ୱପ୍ନ। ଘରେ ପହଞ୍ଚିବା ପରେ ଚାପ ସମ୍ଭାଳି ନ ପାରି ରଶି ଲଗାଇ ଆତ୍ମହତ୍ୟା କରିଥିଲେ ପ୍ରେମିକ। ଆଉ ଏହାର ୨୪ ଘଣ୍ଟା ପରେ ପ୍ରେମିକଙ୍କ ପଥଧରି ଜୀବନ ହାରିଛନ୍ତି ପ୍ରେମିକା। ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ସଖୀ ସେଣ୍ଟର ଶୌଚାଳୟରେ ଶନିବାର ଭୋର୍ ସମୟରେ ବେକରେ ଓଢ଼ଣି ବାନ୍ଧି ଝୁଲିପଡ଼ିଛନ୍ତି ସମ୍ପୃକ୍ତା ନାବାଳିକା।

ସୂଚନା ଅନୁଯାୟୀ, ଅନୁଗୋଳ ସଦର ଥାନା ଅଞ୍ଚଳର ସମ୍ପୃକ୍ତା ୧୩ ବର୍ଷୀୟା ନାବାଳିକା ଓ ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ନିମିଧା ଗ୍ରାମ ବାଲିରତ୍ନପୁର ସାହିର ବେଣୁପାଣି ସାହୁ (୨୩) ପରସ୍ପରକୁ ପ୍ରେମ କରୁଥିଲେ। ଗତ ୧ ତାରିଖରେ ନାବାଳିକା ପ୍ରେମିକାଙ୍କୁ ନେଇ ବେଣୁପାଣି ମୁମ୍ବାଇ ପଳାଇ ଯାଇଥିଲେ। ଏ ସମ୍ପର୍କରେ ନାବାଳିକାଙ୍କ ମାତାପିତା ସେହିଦିନ ଅନୁଗୋଳ ସଦର ଥାନାକୁ ଅବଗତ କରାଇଥିଲେ। ୮ ତାରିଖରେ ଏ ସଂକ୍ରାନ୍ତରେ ଥାନାରେ ଏତଲା ପରେ ପୋଲିସ ନଂ. ୨୭୨/୨୬ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଗତ ୩ ଦିନ ତଳେ ଅନୁଗୋଳ ସଦର ପୋଲିସ ନିମିଧା ଗ୍ରାମକୁ ଆସି ବେଣୁପାଣିଙ୍କ ମାତାପିତାଙ୍କୁ ଥାନାକୁ ନେଇ ପଚରାଉଚରା କରିଥିଲା। ଏ ବିଷୟରେ ଜାଣିବା ପରେ ବେଣୁପାଣି ପ୍ରେମିକାଙ୍କୁ ଧରି ମୁମ୍ବାଇରୁ ଫେରିଥିଲେ। ଏହାପରେ ସେ ପ୍ରେମିକାଙ୍କୁ ଜଣେ ସମ୍ପର୍କୀୟଙ୍କ ଘରକୁ ପଠାଇଦେଇ ଗତ ୨୩ ତାରିଖ ରାତିରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ପୋଲିସ ସମ୍ପୃକ୍ତା ନାବାଳିକାଙ୍କୁ ୨୪ ତାରିଖରେ ଉଦ୍ଧାର କରି ଅନୁଗୋଳ ସଖୀ ସେଣ୍ଟରକୁ କାଉନସେଲିଂ ପାଇଁ ପଠାଇ ଦେଇଥିଲା। ସେଠାରେ ୨/୩ ଦିନର କାଉନସେଲିଂ ପରେ ତାଙ୍କୁ ପରିବାର ☞ପୃଷ୍ଠା-୪

କେ.କବିତାଙ୍କ ନୂଆ ଦଳ ତେଲଙ୍ଗାନା ରାଷ୍ଟ୍ର ସେନା ..... ୨

ଅଶୋକ ଲାହିରୀ ନୀତି ଆୟୋଗ ଉପାଧ୍ୟକ୍ଷ ..... ୩




# ଆମେରିକା ସହ କଥା ହେବାକୁ ମନା କଲା ଇରାନ୍

ଆଜିର ସମ୍ପାଦକୀୟ
ଉଦାରବାଦର ଛଳନା

**ଆମେରିକା ଓ ଇରାନ୍ ମଧ୍ୟରେ ୨ୟ ପର୍ଯ୍ୟାୟ ଶାନ୍ତି ଆଲୋଚନାକୁ ନେଇ ବିଶ୍ୱବ୍ୟାପୀ ଆଶା ସଞ୍ଚାର ହୋଇଥିଲା। ହେଲେ ପାକିସ୍ତାନରେ ଶନିବାର ଓ ରବିବାର ଦୁଇ ଦିନ ହେବାକୁ ଥିବା କଥାବାର୍ତ୍ତା ପୂର୍ବରୁ ଇରାନ୍ ସିଧାସଳଖ ଆମେରିକା ସହ କଥାବାର୍ତ୍ତା କରିବାକୁ ମନା କରିଦେଇଛି। ଆମେରିକା ଉଦ୍ଦେଶ୍ୟରେ ପାକିସ୍ତାନୀ ଅଧିକାରୀଙ୍କୁ ଇରାନ୍ ସେମାନଙ୍କ ସର୍ତ୍ତ ଜଣାଇଛି। ଏଭଳି ସ୍ଥଳେ ଆମେରିକା ପକ୍ଷରୁ କିଛି କୁହାଯାଇ ନାହିଁ। ଇରାନ୍ ପ୍ରତିନିଧିଦଳ ଶୁକ୍ରବାର ଇସ୍‌ଲାମାବାଦରେ ପହଞ୍ଚିଥିଲା। ଅନ୍ୟପକ୍ଷରେ ଇସ୍‌ଲାମାବାଦ ଅଭିମୁଖେ ଶନିବାର ଡୋନାଲ୍ଡ ଟ୍ରମ୍ପ ପ୍ରଶାସନର ୨ ସ୍ୱତନ୍ତ୍ର ପ୍ରତିନିଧି ଯାଇଥିବା ବେଳେ ଇରାନ୍ ପ୍ରତିନିଧି ଦଳ ଇସ୍‌ଲାମାବାଦ ଛାଡ଼ିଦେଇଥିବା ସୂଚନା ମିଳିଛି।**

### ଶାନ୍ତି ଆଲୋଚନାକୁ ନେଇ ଦ୍ୱନ୍ଦ୍ୱ

ଇସଲାମାବାଦ,୨୫।୪

ପଶ୍ଚିମ ଏସିଆ ଯୁଦ୍ଧ ବନ୍ଦକରିବା ସହ ସ୍ଥିତି ସ୍ୱାଭାବିକ କରିବା ଉଦ୍ଦେଶ୍ୟରେ ଇରାନ ଓ ଆମେରିକା ମଧ୍ୟରେ ଇସ୍‌ଲାମାବାଦରେ ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ମହତ୍ତ୍ୱପୂର୍ଣ୍ଣ ହେବ ବୋଲି ବିଭିନ୍ନ ମହଲରେ ଆଶା କରାଯାଉଥିଲା। କିନ୍ତୁ ବର୍ତ୍ତମାନ ଯେଉଁଭଳି ସ୍ଥିତି ଦେଖାଯାଇଛି ତାହା ଯୁଦ୍ଧବିରତି ନେଇ ଦ୍ୱନ୍ଦ୍ୱ ସୃଷ୍ଟି କରିଛି।

ଶାନ୍ତି କଥାବାର୍ତ୍ତା ପାଇଁ ଇରାନ ବହିର୍ବ୍ୟାପାର ମନ୍ତ୍ରୀ ଅବ୍ବାସ ଅରାଘଚିଙ୍କ ନେତୃତ୍ୱରେ ଏକ ଉଚ୍ଚ ପ୍ରତିନିଧିଦଳ ଶୁକ୍ରବାର ଇସ୍‌ଲାମାବାଦରେ ପହଞ୍ଚିଥିଲେ ମଧ୍ୟ ସେମାନେ କେବଳ ପାକିସ୍ତାନର ସେନାମୁଖ୍ୟଙ୍କ ସମେତ ବହିର୍ବ୍ୟାପାର ମନ୍ତ୍ରୀ ଇସାକ୍ ଡର ଏବଂ ଆଭ୍ୟନ୍ତରୀଣ ବ୍ୟାପାର ମନ୍ତ୍ରୀ ମୋସିନ୍ ନାକ୍‌ଭିଙ୍କୁ ଭେଟି ଆଲୋଚନା କରିଛନ୍ତି। ଆମେରିକା ସହ ପ୍ରତ୍ୟକ୍ଷ ଭାବେ ଆଲୋଚନା ନ କରି ସେମାନେ ଆମେରିକା ଉଦ୍ଦେଶ୍ୟରେ ପାକିସ୍ତାନୀ ଅଧିକାରୀଙ୍କୁ ସେମାନଙ୍କ ସର୍ତ୍ତ ଜଣାଇଛନ୍ତି। ଏପରିକି ଆମେରିକା ସହ କୌଣସି ସ୍ତରରେ ପ୍ରତ୍ୟକ୍ଷ ଭାବେ ଆଲୋଚନା କରାଯିବା ଯୋଜନା ନାହିଁ ବୋଲି ଇରାନ ଶନିବାର ସ୍ପଷ୍ଟ କରିଛି। ଇରାନ ବହିର୍ବ୍ୟାପାର ମନ୍ତ୍ରଣାଳୟ ପ୍ରବକ୍ତା ଇସ୍‌ମାଇଲ ବାକେଇ ଶନିବାର ସୋସିଆଲ ମିଡିଆରେ ପୋଷ୍ଟ କରି କହିଛନ୍ତି, ଆମେରିକା ସହ ଆମର ପ୍ରତ୍ୟକ୍ଷ ଆଲୋଚନା ହେବାର କୌଣସି ଯୋଜନା ନାହିଁ। ଆମର ଯାହା କିଛି କହିବାକୁ ଅଛି ତାହା ଆମେ ପାକିସ୍ତାନ ଅଧିକାରୀଙ୍କୁ ଜଣାଇ ଦେଇଛୁ। ଅନ୍ୟପଟେ ଆଲୋଚନାକୁ ନେଇ ଆମେରିକା ପକ୍ଷରୁ ମଧ୍ୟ କିଛି ସ୍ପଷ୍ଟ କରାଯାଇନାହିଁ। ଇରାନ୍ ପ୍ରତିନିଧିଦଳ ଶୁକ୍ରବାର ଇସ୍‌ଲାମାବାଦରେ ପହଞ୍ଚିବା ପରେ ହ୍ୱାଇଟ୍ ହାଉସ୍ ପ୍ରେସ୍ ସେକ୍ରେଟାରି କରୋଲିନ୍ ଲେଭିଟ୍ କହିଛନ୍ତି, ଇସ୍‌ଲାମାବାଦ ଅଭିମୁଖେ ଶନିବାର ଡୋନାଲ୍ଡ ଟ୍ରମ୍ପ ପ୍ରଶାସନର ୨ ସ୍ୱତନ୍ତ୍ର ପ୍ରତିନିଧି ଯାଇଛନ୍ତି। ରାଷ୍ଟ୍ରପତି ଟ୍ରମ୍ପଙ୍କ ପରାମର୍ଶଦାତା ଜାରେଦ୍ କୁଶନର ଏବଂ ମଧ୍ୟପ୍ରାଚ୍ୟ ରାଷ୍ଟ୍ରଦୂତ ଷ୍ଟିଭ୍ ୱିଟ୍‌କଫ୍ ଆଲୋଚନାରେ ଭାଗ ନେବେ ବୋଲି ସେ କହିଥିଲେ ହେଁ ଇରାନ୍ ପ୍ରତିନିଧିଦଳ ଆମେରିକା ସହ ଆଲୋଚନା କରିବାକୁ କିଛି ଯୋଜନା ନାହିଁ ବୋଲି କହିଛନ୍ତି। ଏଭଳି ସ୍ଥିତିରେ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନାରୁ କୌଣସି ନିର୍ଯ୍ୟାସ ବାହାରିବା ନେଇ ଅନିଶ୍ଚିତତା ଦେଖାଦେଇଛି। ଇସ୍‌ଲାମାବାଦଠାରେ ଶନିବାର ଏବଂ ରବିବାର ଆଲୋଚନା ହେବ ବୋଲି ପାକିସ୍ତାନ ପକ୍ଷରୁ ପୂର୍ବରୁ ସମୟ ସ୍ଥିର କରାଯାଇଥିଲା। ଯୁଦ୍ଧବିରତି ପ୍ରସଙ୍ଗରେ ଉଭୟ ପକ୍ଷ ସକାରାତ୍ମକ ମନୋଭାବ ଦେଖାଇଛନ୍ତି ଏବଂ ଆଲୋଚନା ସଫଳ ହେଲେ ପଶ୍ଚିମ ଏସିଆରେ ସ୍ଥିତି ଯଥାଶୀଘ୍ର ସ୍ୱାଭାବିକ ହେବ ବୋଲି ଇସ୍‌ଲାମାବାଦ ପକ୍ଷରୁ କୁହାଯାଇଥିଲା। ହେଲେ ଇରାନ୍‌ର ମନ୍ତବ୍ୟ ଏହି ସମ୍ଭାବନାକୁ କ୍ଷୀଣ କରିଛି।

## ରଣବୋଝରୁ ଜୀବନ ହାରିଲେ ଦମ୍ପତି

ଧରାକୋଟ/ବେଲଗୁଣ୍ଠା,୨୫।୪
(ବିଷ୍ଣୁ କେଶରୀ ଆଚାର୍ଯ୍ୟ/କୃଷ୍ଣଚନ୍ଦ୍ର ପଟ୍ଟନାୟକ)

ଗଞ୍ଜାମ ଜିଲା ଧରାକୋଟ ବ୍ଲକର ଝାଡବନ୍ଧ ପଞ୍ଚାୟତ ତଥା ଗାଙ୍ଗପୁର ଥାନା ଅନ୍ତର୍ଗତ କଳାସୂତା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ୪ ଦିନ ତଳେ ଝିଅ ବାହା କରିଥିବା ଏକ ଦମ୍ପତି ଶୁକ୍ରବାର ରାତିରେ ଘରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେମାନେ ହେଲେ ସୀମାଞ୍ଚଳ ବିଷୋୟୀ(୬୬) ଓ ତାଙ୍କ ସ୍ତ୍ରୀ ନମିତା ବିଷୋୟୀ (୬୧)। ଖବରପାଇ ଶନିବାର ଗାଙ୍ଗପୁର ଥାନା ଅଧିକାରୀ ବନ ବିହାରୀ ପ୍ରଧାନ ଗାଁରେ ପହଞ୍ଚି ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଧରାକୋଟ ଅତିରିକ୍ତ ତହସିଲଦାର ଗଣେଶ ଦଳାଇଙ୍କ ଉପସ୍ଥିତିରେ ମୃତଦେହ ଜବତ କରିଥିଲେ। ସ୍ଥାନୀୟ ସରପଞ୍ଚ ଯୋଗେନ୍ଦ୍ର ସ୍ୱାଇଁଙ୍କ ସହାୟତାରେ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଜାରି ରଖିଛି। ରଣବୋଝରୁ ଦମ୍ପତି ଆତ୍ମହତ୍ୟା କରିଥିବା ଗ୍ରାମବାସୀଙ୍କ ସୂତ୍ରରୁ ଜଣାପଡିଛି। ☞ପୃଷ୍ଠା-୪

## ଦିନକରେ ରାଘବ ଚଢ଼ାଙ୍କ ୧୫ ଲକ୍ଷ ଇନ୍‌ଷ୍ଟାଗ୍ରାମ୍ ଫଲୋଅର୍ସ କମିଲେ

**ଜେନ୍ ଜି ପ୍ରଭାବ**

- ଭାଜପାରେ ମିଶିବା ପରେ ଶକ୍ତ ଝଟକା
- 'ପୁରୁଣା ପୋଷ୍ଟ ଡିଲିଟ୍'କୁ ନେଇ ବିବାଦ

ନୂଆଦିଲ୍ଲୀ, ୨୫।୪

ଆମ୍ ଆଦ୍‌ମୀ ପାର୍ଟି (ଆପ୍)ର ପୂର୍ବତନ ନେତା ତଥା ଯୁବ ଆଇକନ୍ ଭାବେ ପରିଚିତ ରାଘବ ଚଢ଼ା ଶୁକ୍ରବାର ଭାଜପାରେ ସାମିଲ ହେବା ପରେ ଡିଜିଟାଲ ପ୍ଲାଟଫର୍ମରେ ଏକ ବଡ଼ଧରଣର ବିରୋଧର ସମ୍ମୁଖୀନ ହୋଇଛନ୍ତି। ଗୋଟିଏ ଦିନରେ ତାଙ୍କର ଇନ୍‌ଷ୍ଟାଗ୍ରାମ ଫଲୋଅର୍ସ (ଅନୁଗାମୀ) ସଂଖ୍ୟା ପ୍ରାୟ ୧୫ ଲକ୍ଷ ହ୍ରାସ ପାଇବା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ୩୭ ବର୍ଷୀୟ ରାଘବଙ୍କୁ ଯୁବପିଢ଼ିଙ୍କ ବେଶ୍ ଲୋକପ୍ରିୟତା ମିଳିଥିଲା। କିନ୍ତୁ ଭାଜପାରେ ତାଙ୍କର ହଠାତ୍ ଯୋଗଦାନ ସମର୍ଥକମାନଙ୍କୁ ଆଶ୍ଚର୍ଯ୍ୟ କରିଛି। ସୂଚନା




ଅନୁଯାୟୀ, ତାଙ୍କର ଫଲୋଅର୍ସ ସଂଖ୍ୟା ୧୪.୬ ମିଲିୟନରୁ କମି ୧୩.୧ ମିଲିୟନ ମଧ୍ୟରେ ରହିଛି। ଏହା 'ଜେନ୍-ଜି' ବର୍ଗର ଯୁବଗୋଷ୍ଠୀ ଦ୍ୱାରା ସଂଗଠିତ ବିରୋଧର ପରିଣାମ ବୋଲି ରାଜନୈତିକ ବିଶ୍ଳେଷକମାନେ ମତ ଦେଇଛନ୍ତି।

ରାଘବ ସାଧାରଣତଃ ଗିଗ୍ ୱାର୍କର୍ସ (ସ୍ୱଳ୍ପକାଳୀନ ଚୁକ୍ତିଭିତ୍ତିକ)ଙ୍କ ସୁବିଧା, ଟେଲିକମ୍ ଡାଟା ସୀମା ଏବଂ ସହରାଞ୍ଚଳ ଭିତ୍ତିଭୂମି ଭଳି ଯୁବପିଢ଼ିଙ୍କ ସହ ଜଡ଼ିତ ପ୍ରସଙ୍ଗ ଉଠାଇ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। କିନ୍ତୁ ଭାଜପାରେ ମିଶିବା ପରେ ତାଙ୍କର ପୁରୁଣା ଆଦର୍ଶ ଏବଂ ବର୍ତ୍ତମାନର ଆଭିମୁଖ୍ୟ ମଧ୍ୟରେ ବିରାଟ ପାର୍ଥକ୍ୟ ଦେଖିବାକୁ ମିଳୁଛି ବୋଲି ସମର୍ଥକମାନେ ☞ପୃଷ୍ଠା-୪





ଦଳ ଛାଡ଼ିଥିବା ରାଜ୍ୟସଭା ସଦସ୍ୟମାନଙ୍କୁ ବିରୋଧ କରି ପଞ୍ଜାବର ଲୁଧିଆନା ଓ ଜଳନ୍ଧରରେ ସେମାନଙ୍କ ଘର ଆଗରେ ଆପ୍ କର୍ମୀମାନେ ବିକ୍ଷୋଭ କରିବା ସହ ପୋଷ୍ଟର ଲଗାଉଛନ୍ତି।

# ଆପ୍ ଛାଡ଼ିଥିବା ଏମ୍‌ପିଙ୍କୁ ତୀବ୍ର ବିରୋଧ

## ଏବେଠୁ ପଞ୍ଜାବ ରାଜନୀତି ସରଗରମ

**ନୂଆଦିଲ୍ଲୀ ,୨୫।୪**

ଆସାମ ଏବଂ ତାମିଲନାଡୁ ବିଧାନସଭା ନିର୍ବାଚନ ଶେଷ ହୋଇଥିଲାବେଳେ ଏବେ ପଶ୍ଚିମବଙ୍ଗ ନିର୍ବାଚନକୁ ନେଇ ରାଜନୈତିକ ପାଣିପାଗ ସରଗରମ ରହିଛି। କିନ୍ତୁ ଏହା ମଧ୍ୟରେ ଆମ୍ ଆଦ୍‌ମୀ ପାର୍ଟି (ଆପ୍)ର ୭ ଏମ୍‌ପିଙ୍କ ଦଳ ପରିବର୍ତ୍ତନ ରାଜନୈତିକ ପାଣିପାଗକୁ ଆହୁରି ସରଗରମ କରିଛି। ସ୍ଥିତି ଏଭଳି ହୋଇଛି, ପଶ୍ଚିମବଙ୍ଗ ରାଜନୀତିକୁ ନେଇ ହେଉଥିବା ଆଲୋଚନା ଫିକା ପଡ଼ିଗଲା ଭଳି ଅନୁମେୟ ହେଉଛି। ରାଜ୍ୟ ସଭା ସଦସ୍ୟ ରାଘବ ଚଡ୍ଢାଙ୍କ ନେତୃତ୍ୱରେ ପଞ୍ଜାବ ରାଜ୍ୟ ସଭା ସଦସ୍ୟ ସନ୍ଦୀପ ପାଠକ, ଅଶୋକ ମିତ୍ତଲ, ରାଜେନ୍ଦ୍ର ଗୁପ୍ତା, ହରଭଜନ ସିଂ, ବିକ୍ରମ


ସ୍ୱାତୀ ମାଲିୱାଲ

ସେୱାନୀ ଏବଂ ଦିଲ୍ଲୀରୁ ସ୍ୱାତୀ ମାଲିୱାଲ ଆପ୍ ଛାଡ଼ି ଭାଜପାରେ ସାମିଲ ହୋଇଛନ୍ତି। କିନ୍ତୁ କେବଳ ପଞ୍ଜାବରୁ ୬ ଆପ୍ ଏମ୍‌ପି ଦଳ ଛାଡ଼ିଥିବାରୁ ସେମାନଙ୍କ ବିରୋଧରେ ପଞ୍ଜାବରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହିସବୁ ନେତାଙ୍କ ବିରୋଧରେ ପଞ୍ଜାବର ବିଭିନ୍ନ ସହରରେ ବ୍ୟାନର ଏବଂ ହୋର୍ଡିଂ ଲାଗିବା ଆରମ୍ଭ ହେବା ସହ ବିଭିନ୍ନ ସ୍ଥାନରେ ଆପ୍ ପକ୍ଷରୁ ସଭାସମିତି କରାଯାଇ ସେମାନଙ୍କୁ ଭର୍ତ୍ସନା କରାଯାଉଛି। ଆସନ୍ତାବର୍ଷ ପଞ୍ଜାବ ସମେତ ଗୁଜରାଟ ଏବଂ ଗୋଆରେ ବିଧାନସଭା ନିର୍ବାଚନ ହେବାକୁ ରହିଛି। ଏଥିନେଇ ଆପ୍ ପକ୍ଷରୁ ଏବେଠାରୁ ପ୍ରସ୍ତୁତି ଆରମ୍ଭ ହୋଇଥିଲେ ହେଁ ଏକାଥରକେ ୭ ଏମ୍‌ପି ଦଳ ଛାଡ଼ିବା ଆପ୍ ପାଇଁ ବଡ଼ ଧକ୍କା ହୋଇଛି। ଏହାକୁ ଦୃଷ୍ଟିରେ ରଖି ଦଳୀୟ ନେତା ଓ କର୍ମୀ ଅନ୍ତତଃ ପଞ୍ଜାବରେ ସ୍ଥିତିକୁ ମଜଭୁତ କରିବାକୁ ଏବେଠାରୁ କାର୍ଯ୍ୟ ଆରମ୍ଭ କରିଦେଇଛନ୍ତି। ଏହାଛଡ଼ା ଦଳୀୟ ନେତା ଏବଂ ଦଳ ଛାଡ଼ିଥିବା ନେତାଙ୍କ ମଧ୍ୟରେ ବାକ୍‌ଯୁଦ୍ଧ ଆରମ୍ଭ ହୋଇଥିଲାବେଳେ ଭାଜପା ଏଥିରେ ଘିଅ ଢାଳିବାକୁ ପଛାଇ ନ ଥିବା ଦେଖିବାକୁ ମିଳିଛି।

### ପଞ୍ଜାବକୁ ଏଟିଏମ୍ କରିଛି ଆପ୍ : ସ୍ୱାତୀ ମାଲିୱାଲ

ଆପ୍ ଛାଡ଼ିବା ପରେ ରାଜ୍ୟ ସଭା ସଦସ୍ୟ ସ୍ୱାତୀ ମାଲିୱାଲ ଆପ୍ ରାଷ୍ଟ୍ରୀୟ ଆବାହକ ଅରବିନ୍ଦ କେଜ୍‌ରିୱାଲଙ୍କ ବିରୋଧରେ ବିଷୋଦ୍‌ଗାର କରିଛନ୍ତି। ପଞ୍ଜାବକୁ ରିମୋଟ୍ କଣ୍ଟ୍ରୋଲ ଦ୍ୱାରା ପରିଚାଳନା କରାଯିବା ସହ ଆପ୍ ଏହି ରାଜ୍ୟକୁ ନିଜର ଏଟିଏମ୍ ଭଳି ବ୍ୟବହାର କରୁଛି ବୋଲି ସେ କହିଛନ୍ତି। ଏହାଛଡ଼ା କେଜ୍‌ରିୱାଲଙ୍କୁ ସେ ମହିଳା ବିରୋଧୀ ବୋଲି ମଧ୍ୟ କହିଛନ୍ତି।

## ମଣିପୁରରେ ପୋଲିସ ସହ ବିକ୍ଷୋଭକାରୀଙ୍କ ସଂଘର୍ଷ

**ଇମ୍ଫାଲ,୨୫।୪**

ମଣିପୁରରେ ଶୁକ୍ରବାର ହୋଇଥିବା ହିଂସାକୁ ନେଇ ସ୍ଥିତି ପୁଣି ଜଟିଳ ହେବାରେ ଲାଗିଛି। କୁକି ଏବଂ ନାଗା ସମ୍ପ୍ରଦାୟର ଦୁଇ ସଶସ୍ତ୍ର ଗୋଷ୍ଠୀଙ୍କ ମଧ୍ୟରେ ଶୁକ୍ରବାର ହିଂସା ଘଟି ୩ ଜଣଙ୍କ ମୃତ୍ୟୁ ହେବା ସହ ଅନେକ ଲୋକ ଆହତ ହୋଇଥିଲେ। ହିଂସା ରୋକିବା ସହ ସ୍ଥିତି ସ୍ୱାଭାବିକ କରିବାକୁ ପ୍ରଶାସନିକ ସ୍ତରରେ ଦୃଢ ପଦକ୍ଷେପ ନିଆଯାଇଥିଲେ ହେଁ ଶନିବାର ହଜାର ହଜାର ବିକ୍ଷୋଭକାରୀ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଡକୁ ଯିବାବେଳେ ପୋଲିସ ସହ ସେମାନଙ୍କ ସଂଘର୍ଷ ହୋଇଛି। ସୂଚନା ଅନୁସାରେ ମେତେଇ ସମ୍ପ୍ରଦାୟର ଏକ ସଂଗଠନ ' କୋଅର୍ଡିନେଟିଂ କମିଟି ଅନ୍ ମଣିପୁର ଇଣ୍ଟିଗ୍ରିଟି(ସିଓସିଓଏମଆଇ) ଡାକରାରେ ହଜାର ହଜାର ଲୋକ ମୁଖ୍ୟମନ୍ତ୍ରୀଙ୍କ ଇମ୍ଫାଲସ୍ଥିତ ବାସଭବନ ଆଡକୁ ମୁହାଁଇଥିଲେ। ସହରର ବିଭିନ୍ନ ଦିଗରୁ ଆସିଥିବା ହଜାର ହଜାର ବିକ୍ଷୋଭକାରୀଙ୍କୁ ଅଟକାଇବା ଲାଗି ସୁରକ୍ଷାକର୍ମୀଙ୍କ ପକ୍ଷରୁ ବିଭିନ୍ନ ସ୍ଥାନରେ ବ୍ୟାରିକେଡ୍ ଲଗାଯାଇଥିଲା। କିନ୍ତୁ ବିକ୍ଷୋଭକାରୀ ଏହାକୁ ନ ମାନି ଧସେଇ ପଶିବାକୁ ଉଦ୍ୟମ କରିବାରୁ ପୋଲିସ ସହ ସଂଘର୍ଷ ହୋଇଥିଲା ଏହି ଘଟଣାରେ ଶତାଧିକ ଲୋକ ଆହତ ହୋଇଥିବା କୁହାଯାଇଛି।

## ଉଦ୍ଧବଙ୍କୁ ଗୁପ୍ତରେ ଭେଟିଥିବା ବିଷୟକୁ ଫଡ଼ନବିସ୍‌ଙ୍କ ଖଣ୍ଡନ

**ମୁମ୍ବାଇ,୨୫।୪**

ଶିବସେନା(ୟୁବିଟି) ନେତା ଉଦ୍ଧବ ଠାକ୍‌ରେଙ୍କୁ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ୍ ଗୁପ୍ତରେ ଭେଟି କଥାବାର୍ତ୍ତା କରିଥିବା ବିଷୟକୁ ଖଣ୍ଡନ କରିଛନ୍ତି। ଉଦ୍ଧବଙ୍କ ସହ ଗୁପ୍ତରେ ଭେଟିବା ଆବଶ୍ୟକ ନାହିଁ, ବରଂ ଆବଶ୍ୟକସ୍ଥଳେ ଖୋଲାଖୋଲି ଭାବେ ଭେଟିବାରେ ସମସ୍ୟା ନାହିଁ ବୋଲି ସେ କହିଛନ୍ତି। କିନ୍ତୁ ଯେଉଁମାନେ ସୋସିଆଲ ମିଡିଆରେ ଏଭଳି ମିଥ୍ୟା ପ୍ରଚାର କରୁଛନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଧମକ ଦେଇଛନ୍ତି।

## କେ. କବିତାଙ୍କ ନୂଆ ଦଳ ତେଲଙ୍ଗାନା ରାଷ୍ଟ୍ର ସେନା

**ହାଇଦ୍ରାବାଦ ,୨୫।୪**

ତେଲଙ୍ଗାନା ଜାଗୃତି ସଭାପତି କେ. କବିତା ଶନିବାର ତାଙ୍କର ନୂଆ ଦଳ ଘୋଷଣା କରିଛନ୍ତି। ହାଇଦ୍ରାବାଦ ଉପକଣ୍ଠ ମୁନିରାବାଦଠାରେ ଏକ ବିଶାଳ ଜନସମାବେଶରେ ସେ ତାଙ୍କ ନୂଆ ଦଳ ତେଲଙ୍ଗାନା ରାଷ୍ଟ୍ର ସେନା ସମ୍ପର୍କରେ ଘୋଷଣା କରିଛନ୍ତି। ଏହି ସଭାରେ ମହିଳାଙ୍କଠାରୁ


କେ. କବିତା

ଆରମ୍ଭକରି ଯୁବବର୍ଗ ଏବଂ ତାଙ୍କର ହଜାର ହଜାର ସମର୍ଥକ ଯୋଗଦେଇଥିଲାବେଳେ ତେଲଙ୍ଗାନା ଭବିଷ୍ୟତକୁ ସୁଦୃଢ଼ କରିବା ଲାଗି ତାଙ୍କ ପ୍ରତିବଦ୍ଧତା ପ୍ରତି ବିପୁଳ ସମର୍ଥନ ଦେବାକୁ କବିତା ଆହ୍ୱାନ ଜଣାଇଛନ୍ତି। ତାଙ୍କ ସମର୍ଥକମାନେ କବିତାଙ୍କୁ ତେଲଙ୍ଗାନା ଟାଇଗର ବୋଲି ଅଭିହିତ କରିଥିଲାବେଳେ ସେ ହିଁ ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ହେବାକୁ ଯୋଗ୍ୟ ପ୍ରାର୍ଥୀ ବୋଲି ମତ ଦେଇଛନ୍ତି।


ଆଲିଆ ଭଟ୍ଟ

## ରାହା କ୍ରୀଡ଼ାବିତ୍ ହେଲେ ଖୁସି ହେବି: ଆଲିଆ

**ମୁମ୍ବାଇ**

ଅଭିନେତ୍ରୀ ଆଲିଆ ଭଟ୍ଟ ଆଜିକାଲି ଝିଅ ରାହା ସହ ଅଧିକ ସମୟ ବିତାଉଛନ୍ତି। ଏପରି କି ଫିଲ୍ମ ଦୁନିଆରୁ ଦୂରେଇ ସେ ଝିଅର ଭଲମନ୍ଦ ବୁଝୁଛନ୍ତି। ଆଲିଆ-ରଣବୀରଙ୍କ ଝିଅ ହୋଇଥିବାରୁ ରାହା ସବୁବେଳେ ଚର୍ଚ୍ଚାରେ ରହିଥାନ୍ତି। ସେ ଆଗକୁ ଆକ୍ଟିଂରେ କ୍ୟାରିୟର କରିବେ କି ପ୍ରଶ୍ନରେ ଆଲିଆ ସ୍ୱଷ୍ଟ ଭାବରେ କୁହନ୍ତି, ତାକୁ ଏବେ ମାତ୍ର ତିନି ବର୍ଷ । କିନ୍ତୁ ତାକୁ ଆଥଲେଟ୍ କରିବାକୁ ଚାହୁଁଛି। ବହୁତ ଛୋଟ ହେବା ସତ୍ତ୍ୱେ, ରାହା ଏବେ ଖେଳ ପ୍ରତି ଆଗ୍ରହ ଦେଖାଉଛି । ତେଣୁ ସେ କ୍ରୀଡାବିତ୍ ହେଲେ ମୁଁ ଖୁସି ହେବି। ମୁଁ ଛୋଟ ଥିବା ବେଳେ ମୋ ଅନ୍ତର୍ନିହିତ ଗୁଣ ପରଖିଥିଲେ ମୋ ମା' ଏବଂ ଭଉଣୀ। ସେମାନେ ମୋତେ ଆକ୍ଟିଂରେ କ୍ୟାରିୟର କରିବାକୁ ପରାମର୍ଶ ଦେଇଥିଲେ। ସେମାନଙ୍କ ଯୋଗୁ ହିଁ ଏଇଠି ଆସି ପହଞ୍ଚିଛି। ମୁଁ ଚାହେଁ, ରାହା ମଧ୍ୟ ସେହିଭଳି କ୍ରୀଡ଼ାକ୍ଷେତ୍ରରେ ଆଗକୁ ବଢୁ ବୋଲି ଆଲିଆ କହିଛନ୍ତି।

## ମୋଦି ଓ ମମତା କ୍ଷମତାଲୋଭୀ : ରାହୁଲ

**କୋଲକାତା,୨୫।୪**

ପଶ୍ଚିମବଙ୍ଗରେ ଏକ ନିର୍ବାଚନୀ ସଭାରେ ବିରୋଧୀଦଳ ନେତା ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଟାର୍ଗେଟକରି ଏହି ଦୁଇ ନେତା କ୍ଷମତାଲୋଭୀ ବୋଲି କହିଛନ୍ତି। ହୁଗୁଳି ଜିଲାର ସେରାମପୁରଠାରେ ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ନିଜକୁ ଜଣେ ଦେଶଭକ୍ତ ବୋଲି କହୁଥିଲେ ହେଁ ସେ ଦେଶକୁ ବିକିଦେବାକୁ ବସିଛନ୍ତି। ପଶ୍ଚିମବଙ୍ଗରେ ମଧ୍ୟ ମୁଖ୍ୟମନ୍ତ୍ରୀ ମମତା ଗରିବ ଲୋକଙ୍କୁ ସହାୟତା କରିବା ବଦଳରେ ଧନୀଙ୍କୁ ଉପରକୁ ଉଠାଇବାକୁ ପଛାଇନାହାନ୍ତି। ଏହାସତ୍ତ୍ୱେ ସେମାନେ କ୍ଷମତାରେ ରହିବାକୁ ଚାହୁଁଛନ୍ତି। ଇଣ୍ଡିଆ ମେଣ୍ଟରେ ରହିଥିବା ଟିଏମ୍‌ସି ମୁଖିଆଙ୍କ ପ୍ରତି ରାହୁଲ କେମିତି ଏଭଳି ଆକ୍ଷେପ କଲେ ବୋଲି ପ୍ରଶ୍ନ ଉଠିଛି।

## ସର୍ବାଧିକ ଆମେରିକୀୟଙ୍କ ସମର୍ଥନ ହରାଇଛନ୍ତି ଟ୍ରମ୍ପ

**ୱାଶିଂଟନ୍ ,୨୫।୪**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଥମ ପାଳିରେ ଆମେରିକୀବାସୀଙ୍କ ଯେଭଳି ସମର୍ଥନ ହାସଲ କରିଥିଲେ ବର୍ତ୍ତମାନ ତାହା ନାହିଁ। ଟ୍ରମ୍ପ ତାଙ୍କ ଦ୍ୱିତୀୟ ପର୍ଯ୍ୟାୟ ସରକାରରେ ସର୍ବାଧିକ ଆମେରିକୀୟଙ୍କ ସମର୍ଥନ ହରାଇଛନ୍ତି ବୋଲି ନ୍ୟୁୟର୍କ ଟାଇମ୍ସ ପକ୍ଷରୁ କରାଯାଇଥିବା ଏକ ପୋଲିଂ ସର୍ଭେରୁ ଜଣାପଡ଼ିଛି। ବର୍ତ୍ତମାନ ୫୮ ପ୍ରତିଶତ ଆମେରିକୀୟ ଟ୍ରମ୍ପଙ୍କ କାର୍ଯ୍ୟକୁ ନାପସନ୍ଦ କରିଥିଲାବେଳେ କେବଳ ୩୯ ପ୍ରତିଶତ ନାଗରିକ ଟ୍ରମ୍ପଙ୍କୁ ସମର୍ଥନ କରିଛନ୍ତି। ବିଶେଷକରି ଇରାନ ବିରୋଧରେ ଯୁଦ୍ଧ ପରେ ବର୍ତ୍ତମାନ ଯେଭଳି ସ୍ଥିତି ଉପୁଜିଛି ତାହାକୁ ନେଇ ସର୍ବାଧିକ ଆମେରିକା ନାଗରିକ ଟ୍ରମ୍ପଙ୍କ ପ୍ରତି ସମର୍ଥନ ପ୍ରତ୍ୟାହାର କରିଛନ୍ତି ବୋଲି ଏହି ସର୍ଭେ ରିପୋର୍ଟରେ କୁହାଯାଇଛି। ଟ୍ରମ୍ପ ଦ୍ୱିତୀୟଥର ରାଷ୍ଟ୍ରପତି ନିର୍ବାଚିତ ହେବା ପରେ ତାଙ୍କର ଆପ୍ରୁଭାଲ ରେଟିଂ ହାର ୩୯ ପ୍ରତିଶତ ରହିଥିଲା। କିନ୍ତୁ ବର୍ତ୍ତମାନ ତାହା ୨୮ ପ୍ରତିଶତକୁ ଖସି ଆସିଥିବା ଆମେରିକାର ବହୁ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ ପକ୍ଷରୁ କରାଯାଇଥିବା ପୋଲିଂରୁ ମଧ୍ୟ ଜଣାପଡ଼ିଛି। ଯୁଦ୍ଧ ପ୍ରଭାବରେ ଆମେରିକାର ଅର୍ଥନୀତି ଉପରେ ଯେଭଳି ଅତିରିକ୍ତ ଚାପ ପଡ଼ିଛି ତାହାକୁ ନେଇ ଅଧିକାଂଶ ନାଗରିକ ଚିନ୍ତିତ ହୋଇଛନ୍ତି ବୋଲି କୁହାଯାଇଛି।

## ତେହରାନ୍‌ରୁ ସ୍ୱାଭାବିକ ହେଲା ବିମାନ ସେବା

**ତେହରାନ୍ ,୨୫।୪**

ଇରାନ-ଆମେରିକା ଯୁଦ୍ଧର ପ୍ରାୟ ୨ ମାସ ପରେ ଇରାନ୍‌ର ବିମାନ ସେବା ସ୍ୱାଭାବିକ ହୋଇଛି। ଶନିବାର ତେହରାନ୍‌ସ୍ଥିତ ଇମାମ ଖାମେନେଇ ଅନ୍ତର୍ଜାତୀୟ ବିମାନ ବନ୍ଦରରୁ ଇସ୍ତାନବୁଲ, ମସ୍କାଟ ଏବଂ ମଦିନା ଆଦି କେତେକ ସହର ଅଭିମୁଖେ ବିମାନ ସେବା ଆରମ୍ଭ ହୋଇଛି। ଆମେରିକା ଏବଂ ଇସ୍ରାଏଲ ପକ୍ଷରୁ ଗତ ଫେବୃଆରୀ ୨୮ରେ ଆକ୍ରମଣ ଆରମ୍ଭ କରିବା ପରେ ଅନେକ ଦେଶ ଇରାନ୍‌କୁ ବିମାନ ଉଡ଼ାଣ ସ୍ଥଗିତ ରଖିଥିଲେ। ଏହା ପରେ ଆକ୍ରମଣ ବ୍ୟାପକ ହେବା ପରେ ଇରାନ ଏହାର ଏୟାରସ୍ପେଶ୍ ବନ୍ଦ କରିଦେଇଥିଲା। ତେବେ ଯୁଦ୍ଧର ପ୍ରାୟ ୫୭ ଦିନ ପରେ ତେହରାନ୍ ବିମାନ ବନ୍ଦରରୁ ଅନ୍ତର୍ଜାତୀୟ ରୁଟ୍‌ରେ ବିମାନ ସେବା ଆରମ୍ଭ ହୋଇଛି।

## ପୂର୍ବରୁ ୨ ଥର ଗିରଫ ହୋଇଥିବା ମାନିଲେ କାସ୍ ପଟେଲ

**ୱାଶିଂଟନ୍,୨୫।୪**


କାସ୍ ପଟେଲ

ଆମେରିକାର ମୁଖ୍ୟ ଗୋଇନ୍ଦା ବିଭାଗ ଏଫ୍‌ବିଆଇ ମୁଖ୍ୟ ଭାରତୀୟ ବଂଶୋଦ୍ଭବ କାସ୍ ପଟେଲଙ୍କୁ ନେଇ ଏବେ ବିବାଦ ତେଜିଛି। ସେ ଡୋନାଲ୍ଡ ଟ୍ରମ୍ପ ପ୍ରଶାସନର ଜଣେ ବରିଷ୍ଠ ଅଧିକାରୀ ଭାବେ ରାଷ୍ଟ୍ରପତିଙ୍କ ଘନିଷ୍ଠ ହୋଇଥିଲେ ମଧ୍ୟ ତାଙ୍କର ମଦ ପିଇବା ଅଭ୍ୟାସକୁ ନେଇ ଆମେରିକା ଗଣମାଧ୍ୟମରେ ବିତର୍କ ବଢ଼ିବାରେ ଲାଗିଛି। ଏହା ମଧ୍ୟରେ ପୂର୍ବରୁ ଛାତ୍ରାବସ୍ଥାରେ ମଦ ପିଇବା ଯୋଗୁ କାସ୍ ୨ଥର ଗିରଫ ହୋଇଥିବା ବିଷୟକୁ ସ୍ୱୀକାର କରିଛନ୍ତି। ସେ ଆଇନ ବିଷୟରେ ପାଠ ପଢୁଥିଲାବେଳେ ନିଶାସକ୍ତ ଅବସ୍ଥାରେ ଥରେ ଭର୍ଜିନିଆରେ ଗିରଫ ହୋଇଥିଲେ। ଏହାପରେ ନ୍ୟୁୟର୍କରେ ଏକ ବାର୍‌ରେ ମଦ୍ୟପାନ କରି ରାସ୍ତାରେ ପରିସ୍ରା କରିବା ଅଭିଯୋଗରେ ଗିରଫ ହୋଇଥିବା ବିଷୟକୁ ସେ ସ୍ୱୀକାର କରିଛନ୍ତି।

ADMISSION OPEN ADMISSION OPEN ADMISSION OPEN
C. V. Raman Global University
ODISHA BHUBANESWAR INDIA
CGU ODISHA Home Grown World Class
COUNSELLING SESSION - 2026
DATE : 26th April, 2026 (Sunday) | TIME : 09:00AM to 06:00 PM
For admission process and additional information, contact our officials on Sunday at :
Angul
KEYON ASHIANA HOTEL
Office & circuit house, Street No. 75D, Hakimpada
New Bus Terminal Lane, Near NH Colony RD, Angul
Mob : 6370724794 / 9755863513
Balasore
HOTEL BARJORJIS BANJARA
OT Rd, Fakir Mohan Golei, Balasore-756001, Odisha
Mob.: 9658075491 / 9437275893
Rourkela
HOTEL RADHIKA REGENCY
Bisra Rd, near Vijaya Bank, Udit Nagar, Rourkela-769001,
Mob : 7008393959 / 9040930327
Sambalpur
HOTEL UPAHAR PALACE
Veer Surendra Sai Marg, Hans Nagar, Sambalpur-768001
Mob : 9437306100 / 7008687893
PROGRAMS
Diploma | B.Tech | BBA | BCA | B.Com | M.Tech | MCA
M.Sc. | MBA | MA | Agriculture | Pharmacy | Forensic Science
Hotel Management | Ph.D. | Integrated Ph.D.
SCHOLARSHIP
For CBSE and CISCE
• 20% on tuition fees for scoring 95% or above in 12th exam
• 10% on tuition fees for scoring 90% or above in 12th exam
For Military Personnel
• 100% tuition fee exemptions for girl child of personnel who lost their lives in service.
• 40% tuition fee concessions for girl child of serving or retired Personnel.
For "SAFAL"
• 100% tuition fee exemptions for the girl child from economically weaker sections.
Among Top 100 Engineering Institutions in India by NIRF
25 Centres of Excellence accross various domains
06 NBA Accredited Engineering Branches
Recognised as SIRO by DSIR, Govt. of India
CAMPUS :
C. V. Raman Global University
Bidyanagar, Janla, Bhubaneswar-752054, Odisha
cgu-odisha.ac.in
For detail information, Contact :
+91-9040021100 / 101 / 102 / 103
admission@cgu-odisha.ac.in

ଧରିତ୍ରୀ
DHARITRI
52 Years
ଭୁବନେଶ୍ୱର, ରବିବାର, ଏପ୍ରିଲ ୨୬/୨୦୨୬ | Bhubaneswar, Sunday, April 26/2026



ଭୁବନେଶ୍ୱରରେ ଶନିବାର ପ୍ରବଳ ଗରମ ଓ ଗୁଳୁଗୁଳି ହୋଇଥିଲା ବେଳେ ସେଥିରୁ ତ୍ରାହି ପାଇବା ପାଇଁ ରାଜମହଲ ଓଭରବ୍ରିଜ୍ ତଳେ ଗଛରେ ପାଣିଦେବା ବେଳେ ଜଣେ ବ୍ୟକ୍ତି ମୁହଁ ଓ ଦେହକୁ ଓଦା କରୁଛନ୍ତି। **ରିପୋର୍ଟ: ପୃ-୪** (ଫଟୋ- ବିକାଶ ନାୟକ)

# ଅଶୋକ ଲାହିରି ନୀତି ଆୟୋଗ ଉପାଧ୍ୟକ୍ଷ


ଅଶୋକ ଲାହିରି

**ନୂଆଦିଲ୍ଲୀ,୨୫।୪**

ବିଶିଷ୍ଟ ଅର୍ଥନୀତିଜ୍ଞ ଅଶୋକ କୁମାର ଲାହିରିଙ୍କୁ ନୀତିଆୟୋଗ ଉପାଧ୍ୟକ୍ଷ ଭାବେ ମନୋନୀତ କରାଯାଇଛି। ବର୍ତ୍ତମାନ ସେ ପଶ୍ଚିମବଙ୍ଗର ବିଧାୟକ ରହିଥିଲାବେଳେ ପୂର୍ବରୁ ଭାରତ ସରକାରଙ୍କ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଭାବେ କାର୍ଯ୍ୟ କରିସାରିଛନ୍ତି। ଏହାଛଡ଼ା ଲାହିରି ପଞ୍ଚଦଶ ଅର୍ଥ କମିଶନର ସଦସ୍ୟ ଭାବେ ମଧ୍ୟ ଦାୟିତ୍ୱ ତୁଲାଇଛନ୍ତି। ଲାହିରିଙ୍କ ବ୍ୟତୀତ ବିଶିଷ୍ଟ ବୈଜ୍ଞାନିକ ଗୋବର୍ଦ୍ଧନ ଦାସଙ୍କୁ ନୀତି ଆୟୋଗ ସଦସ୍ୟଭାବେ ମନୋନୀତ କରାଯାଇଛି। ସେ ଭୋପାଳସ୍ଥିତ ଇଣ୍ଡିଆନ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଏଜୁକେଶନ୍ସ ଆଣ୍ଡ୍ ରିସର୍ଚ୍ଚର ନିର୍ଦ୍ଦେଶକ ରହିଛନ୍ତି।

# ଏଚ୍-୧ବି ଭିଜା ଉପରେ ଲାଗିବ ୩ ବର୍ଷ ରୋକ

**ଆମେରିକାର ଶ୍ରମିକ ଏବଂ ନିଯୁକ୍ତି ଖୋଜୁଥିବା ବର୍ଗଙ୍କ ସ୍ୱାର୍ଥ ରକ୍ଷା ଲାଗି ଏଚ୍-୧ବି ଭିଜା କାର୍ଯ୍ୟକ୍ରମକୁ ୩ ବର୍ଷ ପାଇଁ ସ୍ଥଗିତ ରଖିବାକୁ ଯୋଜନା କରାଯାଇଛି। ଏନେଇ ଗତ ୨୨ ତାରିଖରେ ଆମେରିକାର ସଂସଦ 'କଂଗ୍ରେସ'ରେ ଏକ ନୂତନ ବିଲ୍ ଆଗତ କରାଯାଇଛି। କେତେଜଣ ରିପବ୍ଲିକାନ୍ ସାଂସଦଙ୍କ ଅଭିଯୋଗ ଯେ, ଆମେରିକୀୟ ଶ୍ରମିକଙ୍କ ବଦଳରେ ଶସ୍ତା ବିଦେଶୀ ଶ୍ରମିକ ନିୟୋଜିତ କରିବା ପାଇଁ ଏହି ଭିଜା କାର୍ଯ୍ୟକ୍ରମର ଅପବ୍ୟବହାର କରାଯାଉଛି। ଆମେରିକା ଟେକ୍ନୋଲୋଜି କମ୍ପାନୀଗୁଡ଼ିକ ଏହି ଭିଜା ମାଧ୍ୟମରେ ବହୁ ସଂଖ୍ୟାରେ ବିଦେଶୀ ବୃତ୍ତିଧାରୀଙ୍କୁ ନିୟୋଜିତ କରନ୍ତି। ଭାରତୀୟ ଆଇଟି ପେସାଦାର ଏବଂ ଡାକ୍ତରମାନେ ହେଉଛନ୍ତି ଏହି ଭିଜା ପାଉଥିବା ସବୁଠାରୁ ବଡ଼ ଗୋଷ୍ଠୀ। ଏହି ବିଲ୍ କାର୍ଯ୍ୟକାରୀ ହେଲେ ଭାରତୀୟ ବୃତ୍ତିଧାରୀମାନେ ସବୁଠାରୁ ଅଧିକ ପ୍ରଭାବିତ ହେବା ନିଶ୍ଚିତ ମନେହେଉଛି।**

**ୱାଶିଂଟନ, ୨୫।୪ (ପି.ଟି.)**

ଆରିଜୋନାର ସାଂସଦ ଏଲି କ୍ରେନ୍ 'ଏଣ୍ଡ୍ ଏଚ୍-୧ବି ଭିଜା ଆବ୍ୟୁଜ୍ ଆକ୍ଟ ଅଫ୍ ୨୦୨୬' ନାମକ ଏହି ବିଲ୍ ଆଗତ କରିଛନ୍ତି। ଏଥିରେ ଅନ୍ୟ ୭ଜଣ ରିପବ୍ଲିକାନ ସାଂସଦ ସାମିଲ ହୋଇଛନ୍ତି। ବିଲ୍‌ରେ କେତେକ ପ୍ରମୁଖ ବିଷୟକୁ ଉପସ୍ଥାପନ କରାଯାଇଛି। ବିଶେଷକରି ବାର୍ଷିକ ଏଚ୍-୧ବି ଭିଜା ପ୍ରଦାନ ସୀମାକୁ ୬୫,୦୦୦ରୁ କମାଇ ୨୫,୦୦୦ କରିବା ଏବଂ ଏଚ୍-୧ବି ଭିଜାଧାରୀଙ୍କ ପାଇଁ ସର୍ବନିମ୍ନ ବାର୍ଷିକ ଦରମା ୨ ଲକ୍ଷ ଆମେରିକୀୟ ଡଲାର (ପାଖାପାଖି ୧.୬ କୋଟି ଟଙ୍କା) ସ୍ଥିର କରିବାକୁ ଗୁରୁତ୍ୱ ଦିଆଯାଇଛି। ଏହାସହ ଭିଜାଧାରୀମାନେ ନିଜ ପରିବାର କିମ୍ବା ନିର୍ଭରଶୀଳ ବ୍ୟକ୍ତିଙ୍କୁ ଆମେରିକା ଆଣିପାରିବେ ନାହିଁ ଏବଂ ଭିଜା ପ୍ରଦାନ ପାଇଁ ବର୍ତ୍ତମାନର ଲଟେରି ସିଷ୍ଟମ୍ ବଦଳରେ ଦରମା ଭିତ୍ତିରେ ଚୟନ ପ୍ରକ୍ରିୟା ଲାଗୁ କରିବାକୁ ବିଲ୍‌ରେ ଉଲ୍ଲେଖ କରାଯାଇଛି। ସେହିପରି ଏଚ୍-୧ବି ଭିଜାଧାରୀମାନେ ଭବିଷ୍ୟତରେ ସ୍ଥାୟୀ ବାସିନ୍ଦା ବା ଗ୍ରୀନ୍ କାର୍ଡ ପାଇଁ ଆବେଦନ କରିପାରିବେ ନାହିଁ। ବିଦେଶୀ ଛାତ୍ରଙ୍କ ପାଇଁ ଥିବା 'ଅପ୍ସନାଲ ପ୍ରାକ୍ଟିକାଲ ଟ୍ରେନିଂ' (ଓପିଟି) କୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ବିଲ୍‌ରେ ବ୍ୟବସ୍ଥା ହୋଇଛି।

■ **ଆମେରିକା କଂଗ୍ରେସରେ ବିଲ୍ ଆଗତ**

■ **ପ୍ରଭାବିତ ହେବେ ଭାରତୀୟ ବୃତ୍ତିଧାରୀ**

ବିଲ୍ ଆଗତ କରି ସାଂସଦ ଏଲି କ୍ରେନ୍ କହିଛନ୍ତି, 'ସଂଘୀୟ ସରକାର ପରିଶ୍ରମୀ ନାଗରିକଙ୍କ ପାଇଁ କାମ କରିବା ଉଚିତ, ବଡ଼ କର୍ପୋରେଟ୍ ସଂସ୍ଥାର ଲାଭ ପାଇଁ ନୁହେଁ। ଆମେରିକୀୟମାନେ ଯେଉଁ ଚାକିରି ପାଇଁ ଯୋଗ୍ୟ, ସେଥିରୁ ସେମାନଙ୍କୁ ବଞ୍ଚିତ କରୁଥିବା ଏହି ଏଚ୍-୧ବି ବ୍ୟବସ୍ଥାକୁ ବନ୍ଦ କରିବା ଆମର ଦାୟିତ୍ୱ।' ଅନ୍ୟପଟେ ସାଂସଦ ପଲ୍ ଗୋସାର କହିଛନ୍ତି ଯେ ଏଚ୍-୧ବି କାର୍ଯ୍ୟକ୍ରମକୁ ଶସ୍ତା ଶ୍ରମିକ ଆଣିବା ପାଇଁ 'ହାଇଜାକ୍' କରାଯାଇଛି। ସାଂସଦ ଆଣ୍ଡି ଓଗଲେସ୍ ଏହାକୁ ଏକ 'ସ୍କାମ୍' ଏବଂ ସ୍ୱାର୍ଥପର ଯୋଜନା ବୋଲି ଅଭିହିତ କରିଛନ୍ତି।

ଏଚ୍-୧ବି ଭିଜା ହେଉଛି ଆମେରିକା ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ଏକ ନନ୍-ଇମିଗ୍ରାଣ୍ଟ ଭିଜା, ଯାହା ବିଦେଶୀ କୁଶଳୀ କର୍ମଚାରୀଙ୍କୁ ଆମେରିକାରେ କାମ କରିବାକୁ ଅନୁମତି ଦେଇଥାଏ। ଏହି ଭିଜା ମୁଖ୍ୟତଃ ସେହିମାନଙ୍କୁ ଦିଆଯାଏ, ଯେଉଁମାନଙ୍କ ପାଖରେ କୌଣସି ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଉଚ୍ଚ ଶିକ୍ଷାଗତ ଯୋଗ୍ୟତା ଏବଂ ବୈଷୟିକ ଜ୍ଞାନ ଥାଏ। ବିଶେଷକରି ଆଇଟି, ଇଞ୍ଜିନିୟରିଂ, ବିଜ୍ଞାନ, ଗଣିତ ଏବଂ ମେଡିକାଲ କ୍ଷେତ୍ରର ବ୍ୟକ୍ତିମାନେ ଏହାର ବ୍ୟବହାର ଅଧିକ କରନ୍ତି। ଜଣେ ବ୍ୟକ୍ତି ନିଜେ ଏହି ଭିଜା ପାଇଁ ଆବେଦନ କରିପାରିବେ ନାହିଁ। ଏଥିପାଇଁ ଏକ ଆମେରିକୀୟ ☞ପୃଷ୍ଠା-୪

# ବିଶ୍ୱର ୧୦୦ ଉତ୍ତପ୍ତ ସହର ମଧ୍ୟରୁ ଭାରତର ୯୫

**ନୂଆଦିଲ୍ଲୀ,୨୫।୪**

ସାରା ବିଶ୍ୱରେ ଗ୍ରୀଷ୍ମଜନିତ ଉତ୍ତାପକୁ ନେଇ ଭାରତ ଏବେ କେନ୍ଦ୍ରସ୍ଥଳ ପାଲଟିଛି। କାରଣ ଭାରତର ଅଧିକାଂଶ ସହରରେ ତାପମାତ୍ରା ଅହେତୁକ ଭାବେ ବୃଦ୍ଧି ପାଇଚାଲିଥିବାବେଳେ ବହୁ ସହରର ଉତ୍ତାପ ୪୦ ଡିଗ୍ରୀ ଡେଇଁଛି। ସ୍ଥିତି ଏଭଳି ହୋଇଛି ଯେ, ବିଶ୍ୱର ୧୦୦ ଉତ୍ତପ୍ତ ସହର ମଧ୍ୟରୁ ୯୫ଟି ସହର କେବଳ ଭାରତରେ ରହିଛି। ' ରିଅଲ ଟାଇମ୍ ଗ୍ଲୋବାଲ ଟେମ୍ପେରେଚର' ର୍‍ୟାଙ୍କିଙ୍ଗ୍ ରିପୋର୍ଟ ଅନୁସାରେ ଉତ୍ତର ଭାରତଠାରୁ ଗାଙ୍ଗେୟ ଉପତ୍ୟକା ମଧ୍ୟରେ ଅଧିକାଂଶ ସହରର ତାପମାତ୍ରା ଏବେ ସୁଦ୍ଧା ୪୦ ଡିଗ୍ରୀ ଅତିକ୍ରମ କରିଥିଲାବେଳେ ବହୁ ସହରର ତାପମାତ୍ରା ୪୫ ଡିଗ୍ରୀରେ ପହଞ୍ଚିଛି। କେବଳ ବଡ଼ ସହର ନୁହେଁ, ମଧ୍ୟମ ଏବଂ ଅପେକ୍ଷାକୃତ ଛୋଟ ସହରରେ ମଧ୍ୟ ଏଭଳି ସ୍ଥିତି ଦେଖାଯାଇଥିବାରୁ ଭାରତରେ ଚଳିତ ବର୍ଷ ଗ୍ରୀଷ୍ମ ପ୍ରବାହର ଭୟାବହତା କିଭଳି ରହିବ ତାହାକୁ ନେଇ ଚିନ୍ତାପ୍ରକଟ କରାଯାଇଛି।

ବର୍ତ୍ତମାନ ସୁଦ୍ଧା ୪୦ ଡିଗ୍ରୀରୁ ଅଧିକ ତାପମାତ୍ରା ରହିଥିବା ସହରଗୁଡ଼ିକ ମଧ୍ୟରେ ମହାରାଷ୍ଟ୍ର, ତେଲଙ୍ଗାନା, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ଓଡ଼ିଶା ଏବଂ ଛତିଶଗଡ଼ ଆଦି ରାଜ୍ୟର ସହର ରହିଛି। ଏଥର 'ଏଲ୍-ନିନୋ' ପ୍ରଭାବରେ ମୌସୁମୀ ସ୍ୱାଭାବିକ ହୋଇ ନ ପାରେ ବୋଲି ଅନୁମାନ କରାଯାଇଛି। ଏହାକୁ ନେଇ ମୌସୁମୀ ଭାରତ ଉପକୂଳ ଛୁଇଁବା ବିଳମ୍ବ ହେବ ବୋଲି ଆକଳନ କରାଯାଉଥିବାବେଳେ ଶୁଷ୍କ ଆକାଶ ସାଙ୍ଗକୁ ଗ୍ରୀଷ୍ମ ପ୍ରବାହ ଏହିସବୁ ରାଜ୍ୟର ବିଭିନ୍ନ ସହରକୁ ପ୍ରଭାବିତ କରିବା କୁହାଯାଇଛି। ଏହାକୁ ଦୃଷ୍ଟିରେ ରଖି ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି) ପକ୍ଷରୁ ବିଭିନ୍ନ ସହରରେ 'ୟେଲୋ ୱାର୍ନିଂ' ଜାରି କରାଯାଇଛି। ଆଗକୁ ସ୍ଥିତି ଆହୁରି ଜଟିଳ ରୂପ ନେବା ଆଶଙ୍କା କରାଯାଇ ଏଥିପାଇଁ ବିହିତ ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଇଛି। ବିଶେଷକରି ଛୋଟ ପିଲା,ବୟସ୍କ ବ୍ୟକ୍ତି ଏବଂ ବାହାରେ କାମ କରୁଥିବା ଶ୍ରମିକମାନଙ୍କୁ ସତର୍କତା ଅବଲମ୍ବନ କରିବାକୁ ପଡ଼ିବ ବୋଲି ☞ପୃଷ୍ଠା-୪

BIRLA INSTITUTE OF TECHNOLOGY MESRA
Deemed to be university u/s 3 of UGC Act 1956 | Mesra, Ranchi - 835215
71 Years of Academic Excellence
Since 1955
Admission Notification 2026



**Mesra Main Campus**
Under Graduate Programmes
- B.Tech. (Through JoSAA/ CSAB counselling)
  - » Biotechnology » ECE
  - » Chemical » Food Tech.
  - » Civil » Mechanical
  - » CSE » Production & Ind Eng.
  - » CSE (AI ML)
  - » EEE
- Bachelor of Architecture
- B.Sc. in Medical Lab Technology (BMLT)
- Bachelor of Hotel Management (BHM)
- B.Pharm.
- 5 yrs. B.Sc. & M.Sc. (Chemistry)

Post Graduate Programmes
- M.Tech.
  - » Aerospace Engineering » Production & Ind Eng.
  - » Biotechnology » Remote Sensing and GIS
  - » Civil » VLSI Design and Embedded System
  - » CSE » Wireless Communication Technology
  - » CSE (AI ML)
  - » Electric Vehicle Technology
  - » Mechanical
- MBA
- Online MBA
- Integrated MBA
- Integrated M.Sc. (Through JoSAA/ CSAB counselling)
  - » Mathematics and Computing » Quantitative Economics and Data Science
  - » Physics
- Master of Planning
- Master of Pharmacy
- M.Sc. in
  - » Biotechnology » Geoinformatics
  - » Environmental Science and Tech. » Physics
- MA Liberal Arts
- Ph.D. Programmes (All Disciplines)

**BIT Mesra (Lalpur Unit)**
- BBA
- BCA
- B.Sc. in Artificial Intelligence & Data Sc.
- MBA
- MCA

**BIT Jaipur Off-Campus**
- B.Tech. (through JEE Mains CRL)
  - » CSE » EEE
  - » CSE (AI ML) » ECE
- BBA
- BCA
- B.Sc. in
  - » Animation & Multimedia
  - » Artificial Intelligence & Data Science
  - » Business Analytics
  - » Visual Communication
- MCA
- M.Sc. in Artificial Intelligence & Data Sc.

**BIT Noida Off-Campus**
- BCA
- BBA
- B.Sc in
  - » Animation & Multimedia (BAM)
  - » Artificial Intelligence & Data Science
- B.Com. with NSE Academy- Specialization in Financial Analytics
- B.Sc. in Visual Communication
- MCA
- MBA

**BIT Deoghar Off-Campus**
- B.Tech. (Through JoSAA/ CSAB counselling)
  - » CSE » EEE
  - » CSE (AI ML) » Mechanical
  - » ECE
- BBA
- BCA
- B.Sc. in Artificial Intelligence & Data Science
- Integrated M.Sc. in Mathematics & Computing (Through JoSAA/ CSAB counselling)

**BIT Patna Off-Campus**
- B.Tech. (Through JoSAA/ CSAB counselling)
  - » Civil » ECE
  - » CSE » EEE
  - » CSE (AI ML) » Mechanical
- BBA
- BCA
- M.Tech.
  - » CSE
  - » Wireless Communication
- MBA
- Integrated M.Sc. in Mathematics & Computing (Through JoSAA/ CSAB counselling)

**BIT Mesra Univ. Polytechnic**
- Diploma in
  - » Automobile Eng. » ECE
  - » Civil » EEE
  - » Computer Eng. » Mechanical

Admissions Open for BC-I / BC-II Category Students for B.Tech. & Integrated M.Sc. Programmes at BIT Patna and BIT Deoghar Off-Campuses. Lateral Entry Admissions also open for B.Tech. at BIT Deoghar, Patna & Jaipur Off-Campuses, and for Diploma Programmes at BIT Mesra University Polytechnic.

Admissions open for NRI, OCI & Foreign National (FN) candidates for UG, PG & Ph.D. programmes (Main Campus)

Attractive Scholarship
Please visit the Admission Page for the last date of online application and other details :
www.bitmesra.ac.in

Contact Details
0651- 2275868, 2711130 / 9508050840
1800-345-7057 / 1800-345-7058
admissions@bitmesra.ac.in, adaac@bitmesra.ac.in, daac@bitmesra.ac.in

Hero



ବୁଝାବଣା ନାହିଁ,
କେବଳ ନୂଆ HF Deluxe
₹67,412#
HF DELUXE SELF START
ନୂଆ ଏକ୍ସ ଶୋରୁମ ମୂଲ୍ୟ

INDIA'S FIRST 5 YEAR WARRANTY *Conditions apply
ସୁଧର ହାର 7.99%^
କମ ଡାଉନ୍ ପେମେଣ୍ଟ ₹4,999^
କର୍ପୋରେଟ୍ ଅଫର୍ସ ₹2,600$
କ୍ୟାଶ ଡିସ୍କାଉଣ୍ଟ ₹2,100^
TOLL FREE 1800 266 0018

Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road, Vasant Kunj Phase - II, New Delhi - 110070, India. | CIN: L35911DL1984PLC017354 | For further information, contact your nearest Hero MotoCorp authorized outlet or visit us on www.HeroMotoCorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. ~Offer amount and combination of offer may vary for model/variant and states and it is applicable on select models only, for a limited time period or till stock lasts. ^Finance offer is at the sole discretion of the Financier, subject to its respective T&Cs, Available at select dealerships. ^T&C apply, Offer available only on limited stores. *Limited period offer, T&C apply. $To avail corporate offer employee ID card is mandatory. #Ex-Showroom Price of HF Deluxe Self Cast OBD2B in Bhubaneswar.

**Authorized Dealers:** **Balasore:** Neelam Hero - 9289922519, **Baripada:** Aditya Hero - 9289922585, **Bhadrak:** Sanjib Hero - 9289922608, **Jaleswar:** Sai Hero - 9289922844, **Keonjhar:** Supreme Hero - 9289922182, **Associate Dealers:** **Baliapal:** Baba Motor - 9438757377, **Soro:** Twinkle Motors - 9861594852, **Basta:** Shivam Motors - 7735958754, **Rairangpur:** Maa Sakambari Motors - 7008581719, **Karanjia:** JK Motors - 9040909925, **Mayurbhanj:** Mahaveer Motors - 7326872255/9853290346, **Basudevpur:** Bidyalalita Automobile - 8274887072, **Telkoi:** Panchamukhi Motors - 9717004926, **Barbil:** Wheels Motors - 9776931870, **Bahalda:** Suraj Motors - 7978159399, **Udula:** Mahaveer Motors - 9853290346, **Amarda:** Laxmi Motors - 8249028380, **Bhograi:** Aditya Automobiles - 7205048019.
VML.5794.2025ODI

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ଅବସରରେ ମାଲ୍ୟାର୍ପଣ, ସ୍ଥାନ: ଏଜି ଛକ ପରିବହନ ଭବନ ସମ୍ମୁଖ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା । – ସାଧାରଣ ସଭା, ସ୍ଥାନ:ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ୧୫ ।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ସାହିତ୍ୟ ସଂସ୍କୃତି ସଂସଦ ସାଧନା ସହଯୋଗରେ ମନ୍ତେଇ ମହୋତ୍ସବ ୨୦୨୬, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ପୂର୍ବାହ୍ନ ୧୦ଟା ।
- ହିନ୍ଦୁ ସାହିତ୍ୟ ସମାଜ ପକ୍ଷରୁ ୧୧୦ତମ ବାର୍ଷିକ ଉତ୍ସବ, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ମଧ୍ୟାହ୍ନ ୧୨ଟା ।

## କଟକ

- ସାଧନା ଯୋଗ କକ୍ଷା ପକ୍ଷରୁ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସ୍ଥାନ: ବିଜୁ ପଟ୍ଟନାୟକ ଇନ୍‌ଡୋର୍ ଷ୍ଟାଡିୟମ, ନୂଆବଜାର, ସମୟ: ସକାଳ ୮ଟା ।
- ସାଧୁ ଓ ସନ୍ଥ ସମ୍ମିଳନୀ, ସ୍ଥାନ: ଚକାପଡ଼ା, ବାଙ୍କୀ, କଟକ, ସମୟ: ସକାଳ ୯ଟା ।
- ଏନଭୟ ଅନୁଷ୍ଠାନର ୨୨ତମ ବାର୍ଷିକ ଉତ୍ସବ, ସ୍ଥାନ: ନୈବାଣିଜ୍ୟ ସଂଗ୍ରହାଳୟ, ଯୋବ୍ରା, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- କଳାବତୀ କଳା ନିକେତନ ପକ୍ଷରୁ ତ୍ରଷ୍ଟ ପକ୍ଷରୁ ସ୍ୱର ସଙ୍ଗମ ୨୦୨୬, ସ୍ଥାନ: ନେତାଜୀ ସଂସ୍କୃତି ଭବନ, ସମୟ: ଅପରାହ୍ନ ୫ଟା ୩୦ ।
- ମିଥ୍ୟା ସାକ୍ଷ୍ୟ ପ୍ରଦାନ, ନ୍ୟାୟିକ ପ୍ରତାରଣ ବିରୋଧରେ ଏକ ଆହ୍ୱାନ ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ: ଟାଉନ ହଲ, ସମୟ: ସନ୍ଧ୍ୟା ୬ଟା
- ଶ୍ରୀଶ୍ରୀ ଜଗନ୍ନାଥ ସେବାୟତ ସଂଘ ପକ୍ଷରୁ ଶ୍ରୀଶ୍ରୀରାମକଥା ପ୍ରବଚନର ସପ୍ତମ ଦିବସ, ସ୍ଥାନ: ଶ୍ରୀଜଗନ୍ନାଥ ମନ୍ଦିର ପରିସର, ଚାନ୍ଦିନୀଚୌକ, ସମୟ: ସନ୍ଧ୍ୟା ୬ଟା ।

## ବାଲେଶ୍ୱର

- ସିଏମ୍ ଟ୍ରଫି କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ : ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ : ପୂର୍ବାହ୍ନ ୧୦ଟା ।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ : ନର୍ଥ ଓଡ଼ିଶା କଲେଜ, ଦରଡ଼ା, ବସ୍ତା, ସମୟ : ପୂର୍ବାହ୍ନ ୧୦ଟା ।
- ମା' ଶୀତଳା ଦେବୀଙ୍କ ବାର୍ଷିକ ପୂଜାର ଦ୍ୱିତୀୟ ଦିବସ, ସ୍ଥାନ : ପଞ୍ଚାରୁଖୀ ଗ୍ରାମ, ବାଲିଆପାଳ, ସମୟ : ପୂର୍ବାହ୍ନ ୧୦ଟା ୩୦ ।
- ନର୍ଥ ଓଡ଼ିଶା ମିଡ଼ିଆ କ୍ଲବର ଦ୍ୱିତୀୟ ବାର୍ଷିକ ଉତ୍ସବ, ସ୍ଥାନ : ଷ୍ଟେଶନ କ୍ଲବ, ବାଲେଶ୍ୱର, ସମୟ : ପୂର୍ବାହ୍ନ ୧୧ଟା ।
- ଓଡ଼ିଆ ନବବର୍ଷ ପତ୍ରିକା ଲୋକାର୍ପଣ ଉତ୍ସବ, ସ୍ଥାନ : ଭଗବାନପୁର ବୈଠକ ବଙ୍ଗଳା, ରୂପସା, ସମୟ : ଅପରାହ୍ନ ୩ଟା ।

## ଭଦ୍ରକ

- ମହାବୀର ହନୁମାନଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ବାର୍ଷିକ ଉତ୍ସବ ଉପଲକ୍ଷେ ମହାଯଜ୍ଞ,ସ୍ଥାନ:କୁଲେଇପଦା, ଆରଡ଼ି,ସମୟ: ସକାଳ ୭ଟା ।
- ଶନି ମନ୍ଦିର ପ୍ରତିଷ୍ଠା ଓ ବିଗ୍ରହ ସ୍ଥାପନ, ସ୍ଥାନ: ଜିରିଣା, ବନ୍ତ, ସମୟ: ସକାଳ ୯ଟା ।
- ଆଲୋଚନା ଚକ୍ର ଓ ପୁସ୍ତକ ଲୋକାର୍ପଣ, ସ୍ଥାନ: ଶାରଦା ବିଦ୍ୟା ମନ୍ଦିର, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା ।
- ବୈଶାଖୀ ପଖାଳ, ସ୍ଥାନ: ଶଙ୍କରେଶ୍ୱର ମନ୍ଦିର, ଶଙ୍କରପୁର, ଭଦ୍ରକ, ସମୟ: ଅପରାହ୍ନ ୧ଟା ୩୦ ।
- ବୈଶାଖୀ ମେଳା ଉଦ୍‌ଘାଟନ, ସ୍ଥାନ: ନେହେରୁ ଷ୍ଟାଡିୟମ୍, ଭଦ୍ରକ, ସମୟ: ଅପରାହ୍ନ ୫ଟା ୩୦ ।

## କେନ୍ଦୁଝର

- ଦୀନଦୟାଲ ଉପାଧ୍ୟାୟ ମହାଭିଯାନ ପ୍ରଶିକ୍ଷଣ ଶିବିର, ସ୍ଥାନ: ପାଟଣା ବ୍ଲକ୍, ତୁରୁମୁଙ୍ଗା କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ: ୧୧ଟା

## ମୟୂରଭଞ୍ଜ

- ଅଖଣ୍ଡ ଚବିଶ ପ୍ରହର ନାମଯଜ୍ଞ, ସ୍ଥାନ: ପୂର୍ଣ୍ଣେଶ୍ୱର ମନ୍ଦିର ପରିସର, କରଞ୍ଜିଆ, ସମୟ: ସକାଳ ୮ଟା ।
- ଆମେ–୮୦ପକ୍ଷରୁ ଜଳଛତ୍ର,ସ୍ଥାନ: ପୂର୍ତ୍ତବିଭାଗ ଅଫିସ ସମ୍ମୁଖ, କଚେରୀ ରୋଡ୍, ବାରିପଦା, ପୂର୍ବାହ୍ନ ୧୦ଟା ।
- ବାରିପଦା ଏକ୍ସପୋ ମେଳା,ସ୍ଥାନ: କଲେଜ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା ।

## ବ୍ରହ୍ମପୁର

- ପାରାୟଣ ଓ ପ୍ରବଚନ, ସ୍ଥାନ: ବାସୁଦେବନଗର ମା' ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସମୟ: ସକାଳ ୭ଟା ।
- ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ, ସ୍ଥାନ: ଉତ୍କଳ ଆଶ୍ରମ, ସମୟ: ସକାଳ ୮ଟା ।
- ଗ୍ଲୁକୋଜ ଜଳ ବଣ୍ଟନ, ସ୍ଥାନ: ରାମଲିଙ୍ଗେଶ୍ୱର ଟ୍ୟାଙ୍କ ରୋଡ, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ମହାରାଜା କୃଷ୍ଣ ଚନ୍ଦ୍ର ଗଜପତିଙ୍କ ଜୟନ୍ତୀ, ସ୍ଥାନ: ଇଞ୍ଜିନିୟରିଂ ସ୍କୁଲ ଛକ, ସମୟ: ଅପରାହ୍ନ ୪ଟା ୩୦ ।

## ଗଞ୍ଜାମ

- ମା' ଖମ୍ବେଶ୍ୱରୀଙ୍କ ବାର୍ଷିକ ବୈଶାଖୀ ଯାତ୍ରା, ସ୍ଥାନ: ଖମ୍ବେଶ୍ୱରୀ ପାଟଣା, ଆସିକା, ସମୟ: ପ୍ରାତଃ ୫ଟାରୁ ଆରମ୍ଭ ।

## ଢେଙ୍କାନାଳ

- ଅନ୍ତର୍ଜାତୀୟ ନୃତ୍ୟ ଉତ୍ସବ, ସ୍ଥାନ: ପୁରୁଣା ଜିଲା ପରିଷଦ ହଲ, ସମୟ: ସକାଳ ୯ଟା ।
- ଜନ ଆକ୍ରୋଶ ମହିଳା ସମାବେଶ, ସ୍ଥାନ: ମହିଷାପାଟ ପଲ୍ଲିଶ୍ରୀ ମେଳା ପଡିଆ, ସମୟ: ଅପରାହ୍ନ ୫ଟା ।
- ବାଦିପାଲା, ସ୍ଥାନ: କରମୁଳ ଗ୍ରାମ, ଗଁଦିଆ ବ୍ଲକ, ସମୟ: ସନ୍ଧ୍ୟା ୭ଟା ୩୦ ।

## ଜଗତ୍‌ସିଂହପୁର

- ଜାତୀୟ ନାଟ ମହୋତ୍ସବ ଷଷ୍ଠ ସନ୍ଧ୍ୟାରେ ମୁମ୍ବାଇ ପଲି ଥିଏଟର ଦ୍ୱାରା ମଞ୍ଚସ୍ଥ ହେବ ହିନ୍ଦୀ ନାଟକ 'ଗୋଲଡେନ ବଜାର', ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା ।

## କେନ୍ଦ୍ରାପଡ଼ା

- ଶ୍ରୀ ବାସୁଦେବଙ୍କ ବିଶ୍ୱଶାନ୍ତି ବିଷ୍ଣୁ ମହାଯଜ୍ଞ, ସ୍ଥାନ: ବେଣାଜୋରୀ ବଟ, ଭରତପୁର, କେନ୍ଦ୍ରାପଡା, ସମୟ: ସକାଳ ୬ଟା ।
- ଶ୍ରୀ ହନୁମାନଜୀଉଙ୍କ ବାର୍ଷିକ ଯଜ୍ଞ ଉତ୍ସବ, ସ୍ଥାନ:ଗଜେନ୍ଦ୍ରପୁର, ପଟ୍ଟାମୁଣ୍ଡାଇ, ସମୟ: ସକାଳ ୬ଟା ; ସ୍ଥାନ: ଶାଳିଅଞ୍ଜ, ଆଳି, ସମୟ: ସକାଳ ୮ଟା ।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ:ଶ୍ରୀ ମା' କନ୍ତେଇ ଠାକୁରାଣୀ ପୀଠ, ବାଙ୍କିମୁଣ୍ଡାଇ, ଚାନ୍ଦୋଳ, ଡେରାବିଶ, ସମୟ: ସନ୍ଧ୍ୟା ୬ଟା ।

## ଯାଜପୁର

- ଶ୍ରୀଶ୍ରୀ ଗ୍ରହରାଜ ଶନିଶ୍ଚରଙ୍କ ୭୭ତମ ବାର୍ଷିକ ମେଳା ଓ ଯଜ୍ଞୋତ୍ସବ ଅବସରରେ ବଡ ସିଂହାର ବେଶ ଦର୍ଶନ ଓ ମନୋରଞ୍ଜନ କାର୍ଯ୍ୟକ୍ରମ, ସ୍ଥାନ: ଯାଜପୁର ରୋଡ ରାଛିପୁର ଶନିମନ୍ଦିର ପରିସର, ସମୟ : ସମୟ ସକାଳ ୬ଟାରୁ ଆରମ୍ଭ ।
- ଗୋକର୍ଣ୍ଣିକା ସାହିତ୍ୟ ସମାଜ ପକ୍ଷରୁ ୫୨ତମ ବାର୍ଷିକ ସାରସ୍ୱତ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ : ଧର୍ମଶାଳା ଷ୍ଟାଡିୟମ୍ ପରିସର, ସମୟ: ପୂର୍ବାହ୍ନ ୧୦ଟା ।
- ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ଯାଜପୁର ପକ୍ଷରୁ ସଂଘ ଶତାବ୍ଦୀର ଯାତ୍ରା: ଏକ ନବ ଦିଗନ୍ତ କାର୍ଯ୍ୟକ୍ରମ, ସ୍ଥାନ : ବ୍ୟାସନଗର ଟାଉନ ହଲ, ସମୟ : ଅପରାହ୍ନ ୫ଟା୩୦ ।

## ନୟାଗଡ଼

- ରଜନୀଗନ୍ଧା ସାହିତ୍ୟ ଉତ୍ସବ, ସ୍ଥାନ: ନୟାଗଡ଼ ବ୍ଲକ ନୂତନ ସଭାଗୃହ, ସମୟ: ସକାଳ ୯ଟା ।
- ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ ମହୋତ୍ସବର ଷଷ୍ଠ ଦିବସ, ସ୍ଥାନ:ଓଡଗାଁ ରଘୁନାଥ ଜୀଉ ମନ୍ଦିର ପ୍ରଙ୍ଗଣ, ସମୟ:ମଧ୍ୟାହ୍ନ ୧୨ରୁ ରାତ୍ର ୧୦ଟା ।
- ଚନ୍ଦନ ଯାତ୍ରାର ସପ୍ତମ ଦିବସ, ସ୍ଥାନ: ନୟାଗଡ଼ ପୁରୁଣା ସହରର ଜଗନ୍ନାଥ ଜୀଉ ମନ୍ଦିର ; ଶରଣକୁଳ ଲଡୁବାବାଙ୍କ ମନ୍ଦିର ; ଓଡଗାଁ ରଘୁନାଥ ଜୀଉ ମନ୍ଦିର, ସମୟ:ମଧ୍ୟାହ୍ନ ୧୨ଟା ୩୦ ।
- ଚନ୍ଦନ ଯାତ୍ରା ସପ୍ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ଅପରାହ୍ନ ୧ଟା ।
- ଚନ୍ଦନ ଯାତ୍ରା ସପ୍ତମ ଦିବସ, ସ୍ଥାନ: ଖଣ୍ଡପଡା ଜଗନ୍ନାଥ ଜୀଉ ମନ୍ଦିର ; ରଣପୁର ଜଗନ୍ନାଥ ଜୀଉ ମନ୍ଦିର, ସମୟ: ଅପରାହ୍ନ ୨ଟା ।

## ରାୟଗଡ଼ା

- ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଜୟନ୍ତୀ ପାଳନ, ସ୍ଥାନ: ଗଜପତି ଛକ, ରାୟଗଡ଼ା, ସମୟ: ସକାଳ ୭ଟା ।

## କୋରାପୁଟ

- ପାରଳା ରାଜା କୃଷ୍ଣ ଚନ୍ଦ୍ର ଗଜପତିଙ୍କ ଜୟନ୍ତୀ ପାଳନ, ସ୍ଥାନ: ଏସ୍‌ପି ବାସଭବନ ଛକ, କୋରାପୁଟ, ସମୟ: ସକାଳ ୯ଟା ।
- ଇଗ୍ନୋର ନୂତନ ଛାତ୍ରୀଛାତ୍ର ଅଧିଗ୍ରହଣ ଉତ୍ସବ, ସ୍ଥାନ: କୋଟସ ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ ଟା ୩୦ ।

## ସମ୍ବଲପୁର

- ସାଓଲିନ କୁଂଫୁ ଉସୁ ଆସୋସିଏସନ ପକ୍ଷରୁ ମାଗଣା ମାର୍ଶଲ ଆର୍ଟ ପ୍ରଶିକ୍ଷଣ ଶିବିର, ସ୍ଥାନ: ବିନାଖଣ୍ଡି ସ୍ଥିତ ଜିଲା ଜୁଡୋ ହଲ, ସମୟ: ସକାଳ ୬ଟା ।
- ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର, ସ୍ଥାନ: ସମ୍ବଲପୁର ପବ୍ଲିକ ଲାଇବ୍ରେରି ପ୍ରେକ୍ଷାଳୟ, ସମୟ: ସକାଳ ୯ଟା ।
- ମହିଳା ସଂରକ୍ଷଣ ବିଲ୍ ସମ୍ବନ୍ଧୀୟ ଆଲୋଚନା, ସ୍ଥାନ: ଜିଲା କଂଗ୍ରେସ କାର୍ଯ୍ୟାଳୟ ସଭାକକ୍ଷ, ସମୟ: ପୂର୍ବାହ୍ନ ୧୧ଟା ।
- ସମ୍ପର୍କ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ଶତବାର୍ଷିକୀ କାର୍ଯ୍ୟକ୍ରମ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ସନ୍ଧ୍ୟା ୬ଟା ।
- ସମ୍ବଲପୁର କବାଡି ପ୍ରିମିୟର ଲିଗ୍– ୨୦୨୬ର ମ୍ୟାଚର ପୁରସ୍କାର ବିତରଣୀ ଉତ୍ସବ, ସ୍ଥାନ: ଗଙ୍ଗାଧର ମୁକ୍ତ ମଣ୍ଡପ ପଡ଼ିଆ, ସମୟ: ସନ୍ଧ୍ୟା ୭ଟା ।

## ବରଗଡ଼

- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ଜାମୁଟପାଲି, ଗାଇସିଲେଟ, ସମୟ:ସକାଳ ୭ଟା ।
- ବୈଶାଖ ମେଳାରେ ବିଶ୍ୱଶାନ୍ତି ମହାଯଜ୍ଞ, କଳସ ଅଧିବାସ,ସ୍ଥାନ:ନୃସିଂହନାଥ, ପାଇକମାଳ, ସମୟ: ଅପରାହ୍ନ ୩ଟା ।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ହିର୍ଲିପାଲି, ଅତାବିରା,ସମୟ:ଅପରାହ୍ନ ୫ଟା ।

## ବୌଦ୍ଧ

- ନୀଳଚକ୍ର ସାହିତ୍ୟ ସଂସଦର ବାର୍ଷିକ ଆଲୋଚନାଚକ୍ର, ସ୍ଥାନ: ଟାଉନ ହଲ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା ।
- ଚନ୍ଦନ ଯାତ୍ରା ଉତ୍ସବ, ସ୍ଥାନ: ସାଲକଟା, ହରଭଙ୍ଗା, ସମୟ: ସନ୍ଧ୍ୟା ୭ଟା ।

## ଦେବଗଡ଼

- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ରିଆମାଳ ବ୍ଲକ୍ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା ।
- ମା' କନକଦୁର୍ଗାଙ୍କ ସନ୍ଧ୍ୟାଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା ।

## ସୁବର୍ଣ୍ଣପୁର

- ତ୍ରିନାଥ ମନ୍ଦିରରେ ତ୍ରିନାଥ ଉତ୍ସବ ସମାରୋହ, ସ୍ଥାନ: ସୁବର୍ଣ୍ଣପୁର ସହରସ୍ଥିତ ଅଗ୍ନିଶମ ସେବା କେନ୍ଦ୍ର ପରିସର, ସମୟ: ପୂର୍ବାହ୍ନ ୧୦ଟା ।
- ତରଭା ଅନ୍ତର୍ଡା ତ୍ରିନାଥ ମନ୍ଦିରରେ ତ୍ରିନାଥ ମେଳା ଓ ପୁରାଣ ପଠନ, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦ ।

## ନୂଆପଡ଼ା

- ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ନାମ ଧାରଣ ଅବ୍ୟାହତ ଓ ଆଳତି, ସ୍ଥାନ: କୋମନା ବ୍ଲକ ମାନିଗୁଡ଼ା ଗାଁ, ସମୟ: ପ୍ରାତଃ ୫ଟା ।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ସିନାପାଲି ବ୍ଲକ ବୈଗାପଡ଼ା, ସମୟ: ସକାଳ ୭ଟା ୪୫ ।
- ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ଘୋଟସର ଗାଁ, ସମୟ: ସକାଳ ୮ଟା ।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି ଓ ନଗର ପରିକ୍ରମା, ସ୍ଥାନ: କୋମନା ବ୍ଲକ ଆଗ୍ରେନ ଗାଁ, ସମୟ: ସକାଳ ୮ଟା ୧୫ ।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ଲଟକନପଡ଼ା ଗାଁ, ସମୟ: ସକାଳ ୮ଟା ୩୦ ।
- ଶ୍ରୀମଦ୍ ଭାଗବତ ମହାପୁରାଣ ଜ୍ଞାନଯଜ୍ଞ ଉଦ୍‌ଯାପନୀ ଦିବସ, ସ୍ଥାନ: ନୂଆପଡ଼ା ଏନ୍‌ଏସି ଶାଖାତରା ୱାର୍ଡ ନଂ.୧, ସମୟ: ଅପରାହ୍ନ ୪ଟାରୁ ରାତ୍ର ୮ଟା ।
- ବିରାଟ ପର୍ବ ଚନ୍ଦନ ଯାତ୍ରା ମହୋତ୍ସବ ତୃତୀୟ ରଜନୀ, ସ୍ଥାନ: କୋମନା ବ୍ଲକ ଗଣ୍ଡାମେର ପଞ୍ଚାୟତ ଦାନୋଝିଲା ଗାଁ, ସମୟ: ରାତ୍ର ୯ଟା ।

## ଝାରସୁଗୁଡ଼ା

- ଗୌରାଙ୍ଗ ମଠରେ କୀର୍ତ୍ତନ, ସ୍ଥାନ: ଶ୍ରୀପୁରାସ୍ଥିତ ମଠ ପରିସର, ସମୟ: ସକାଳ ୮ଟା ।
- ଭାଜପା ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ମାଇକ୍ରୋ କଣ୍ଟିନେଣ୍ଟାଲ ହୋଟେଲ, ଝାରସୁଗୁଡ଼ା, ସମୟ: ପୂର୍ବାହ୍ନ ୧୧ଟା ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତୁଠ ପଥର**
**ମାଜି ଦେଲେ ଗୋଡ଼ ନୁହେଁ କାତର।**

ମନୁଷ୍ୟର ମହାନତାର ପରିଚୟ ତା'ର ପଦ, ଅଧିକାର, ଐଶ୍ୱର୍ଯ୍ୟ ବା ଧନ ସମ୍ପତ୍ତିରୁ ନୁହେଁ ବରଂ ତା'ର ବିନମ୍ରତା, ସହିଷ୍ଣୁତା ଓ କର୍ତ୍ତବ୍ୟ ପରାୟଣତାରୁ ହୋଇଥାଏ । ଦୟା, କରୁଣା ଓ ସହନଶୀଳତା ଯାହା ହୃଦୟରେ ପରିପୂର୍ଣ୍ଣ ଥାଏ ସେ ଅକ୍ଲେଶରେ ଅନ୍ୟର ହୃଦୟକୁ ଜୟ କରିପାରିଥାଏ । ସହିଷ୍ଣୁ ଲୋକେ ଯେତେ ଦୁଃଖ କଷ୍ଟ ପଡ଼ିଲେ ମଧ୍ୟ ସେ ସବୁ ହସି ହସି ସହିଯିବାକୁ କେବେ ହେଲେ କୁଣ୍ଠିତ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

**ତା'ର ଦେଖି**
**ମୋର ଡେଇଁଲା ଡାହାଣ ଆଖି।**

ଅନ୍ୟର ଭଲ ଦେଖିଲେ କେତେ ଲୋକଙ୍କ ମନ ହାଇଁ ପାଇଁ ହୋଇଯାଏ । ଏପରି ବ୍ୟକ୍ତି ଅନ୍ୟର ସୁଖ ଶିରୀକୁ ଆଦୌ ସହ୍ୟ କରିପାରି ନ ଥାନ୍ତି କି ବରଦାସ୍ତ ବା ଗ୍ରହଣ କରିପାରି ନ ଥାନ୍ତି । ଅନ୍ୟର ଉନ୍ନତି ଦେଖି ଲାଳାୟିତ ହେଉଥିବା ଈର୍ଷାପରାୟଣ ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର ।

# ମେ' ୨୫ ସୁଦ୍ଧା କେରଳ ଛୁଇଁପାରେ ମୌସୁମୀ

**ଭୁବନେଶ୍ୱର, ୨୫।୪ (ବନ୍ଦନା ସେଠୀ)**

ପ୍ରଚଣ୍ଡ ଖରାରେ ସିଝୁଛି ସାରା ରାଜ୍ୟ । ଅସହ୍ୟ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାବେଳେ ଗରମ ଓ ଗୁଳୁଗୁଳିରେ ଛଟପଟ ହେଉଛି ଜୀବନ । ଶନିବାର ମଧ୍ୟ ୧୭ ସହରର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିଲା । ୪୪.୧ ଡିଗ୍ରୀ ସହ ଝାରସୁଗୁଡା ଲଗାତର ସବୁଠୁ ଉତ୍ତପ୍ତ ସହର ପାଲଟିଥିଲା । ଏପରିସ୍ଥିତିରେ ଆସିଛି ଆଶ୍ୱସ୍ତିକର ଖବର । ରବିବାରଠାରୁ ରାଜ୍ୟରେ ପୁଣି କାଳବୈଶାଖୀ ବର୍ଷା ଆରମ୍ଭ ହେବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଦେଇଥିବାବେଳେ ଏବର୍ଷ ଶୀଘ୍ର ମୌସୁମୀ ଆସିବ ବୋଲି ୟୁରୋପିଆନ ମଡେଲ ପୂର୍ବାନୁମାନ କରିଛି । ୟୁରୋପିଆନ୍ ସେଣ୍ଟର ଫର୍ ମିଡିୟମ୍ ରେଞ୍ଜ ୱେଦର ଫୋର୍‌କାଷ୍ଟ (ଇସିଏମ୍‌ଡବ୍ଲ୍ୟୁଏଫ୍) ପୂର୍ବାନୁମାନ କରିଛି ଯେ, ଦକ୍ଷିଣ–ପଶ୍ଚିମ ମୌସୁମୀ ବାୟୁ ମେ' ୨୫ ସୁଦ୍ଧା କେରଳ ଉପକୂଳ ଛୁଇଁବ । ସାଧାରଣତଃ ଜୁନ୍ ୧ ସୁଦ୍ଧା ମୌସୁମୀ ବାୟୁ କେରଳ ଛୁଇଁଥାଏ । ଏହାର

### ୟୁରୋପିଆନ ମଡେଲର ପୂର୍ବାନୁମାନ

୧୦ରୁ ୧୫ ଦିନ ଭିତରେ ଏହା ଓଡ଼ିଶା ସମେତ ଅନ୍ୟ ରାଜ୍ୟକୁ ଛୁଇଁଥାଏ । ଚଳିତବର୍ଷ ନିର୍ଦ୍ଧାରିତ ସମୟର ସପ୍ତାହେ ପୂର୍ବରୁ ମୌସୁମୀ କେରଳ ଛୁଇଁବା ସମ୍ଭାବନା ଥିବାରୁ ଓଡ଼ିଶାରେ ମଧ୍ୟ ଶୀଘ୍ର ବର୍ଷା ହେବ ବୋଲି ଆଶା କରାଯାଉଛି । ଅନ୍ୟପକ୍ଷରେ ସଅଳ ମୌସୁମୀ ଆସିବା ନେଇ ଭାରତୀୟ ପାଣିପାଗ ବିଭାଗ କିମ୍ବା ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୌଣସି ସୂଚନା ଦିଆଯାଇ ନ ଥିଲେ ମଧ୍ୟ ଗରମ ଓ ଗୁଳୁଗୁଳିରେ ଛଟପଟ ହେଉଥିବା ରାଜ୍ୟବାସୀଙ୍କୁ ଏହା ଆଶ୍ୱସ୍ତି ଦେଇଛି । ଅନ୍ୟପକ୍ଷରେ ଏବର୍ଷ କମ୍ ବର୍ଷା ନେଇ ଭାରତୀୟ ପାଣିପାଗ ବିଭାଗର ଆକଳନ ଚାଷୀକୁଳଙ୍କୁ ଚିନ୍ତାରେ ପକାଇଥିଲା । ହେଲେ ଶୀଘ୍ର ମୌସୁମୀ ଆସିବା ଖବର ପାଇବା ପରେ ସେମାନଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଥିବାବେଳେ ଆଗୁଆ ଚାଷ ପାଇଁ ତତ୍ପରତା ପ୍ରକାଶ ପାଉଛି ।

ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନାନୁସାରେ, ଶନିବାର ଝାରସୁଗୁଡାରେ ରାଜ୍ୟର ସର୍ବାଧିକ ତାପମାତ୍ରା ୪୪.୧ ଡିଗ୍ରୀ ରେକର୍ଡ କରାଯାଇଥିଲା । ଏହା ତଳକୁ ଟିଟିଲାଗଡ଼ରେ ୪୪ ଡିଗ୍ରୀ, ବଲାଙ୍ଗୀର ଓ ନୂଆପଡ଼ା ୪୩, ସୁନ୍ଦରଗଡ଼ ୪୨.୮, ସମ୍ବଲପୁର, ହୀରାକୁଦ ଏବଂ ରାଉରକେଲା ୪୨.୬, ସୋନପୁର ୪୨.୩, ବୌଦ୍ଧ ଓ ଭବାନୀପାଟଣା ୪୨, ଅନୁଗୋଳ ୪୧.୭, ତାଳଚେର ୪୧.୨, ବରଗଡ଼ ୪୧, ମାଲକାନଗିରି ୪୦.୬, ଫୁଲବାଣୀ ୪୦.୧ ଏବଂ ପାରଳାଖେମୁଣ୍ଡିରେ ୪୦ ଡିଗ୍ରୀ ତାପମାତ୍ରା ରହିଥିଲା । ରବିବାର ମଧ୍ୟ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ଝାରସୁଗୁଡା, ବଲାଙ୍ଗୀର, ସମ୍ବଲପୁର ଏବଂ ଅନୁଗୋଳ ଜିଲାକୁ ପ୍ରବଳ ଖରା ଓ ଗୁଳୁଗୁଳି ନେଇ ୟେଲୋ ୱାର୍ନିଂ ଦିଆଯାଇଛି ।

# ଅବଶିଷ୍ଟାଂଶ

## ଓଢ଼ଣିରେ ଝୁଲିପଡ଼ିଲେ ...

ଲୋକଙ୍କୁ ହସ୍ତାନ୍ତର କରାଯାଇଥାନ୍ତା । ହେଲେ ଶନିବାର ଭୋର୍ ସମୟରେ ସେ ଶୌଚାଳୟ ଯାଇ ଆଉ ଫେରି ନ ଥିଲେ । ଅଘଟଣ ଆଶଙ୍କା କରି ସଖୀ ସେଣ୍ଟର କର୍ମଚାରୀମାନେ ଶୌଚାଳୟ କବାଟ ଭାଙ୍ଗି ଭିତରକୁ ଯାଇ ନାବାଳିକାଙ୍କ ଝୁଲନ୍ତା ମୃତଦେହ ଦେଖିବାକୁ ପାଇଥିଲେ । ଖବରପାଇ ଅନୁଗୋଳ ଥାନା ପୋଲିସ ପହଞ୍ଚି ତଦନ୍ତ କରିଥିଲା । ଶୌଚାଳୟ ସାୱାର ପାଇପରେ ଓଢ଼ଣି ବାନ୍ଧି ନାବାଳିକା ଆତ୍ମହତ୍ୟା କରିଥିବାବେଳେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଥିଲା । ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିଥିଲା । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ତଦନ୍ତ ଆଗକୁ ବଢିବ ବୋଲି ଅନୁଗୋଳ ଥାନା ଅଧିକାରୀ ପ୍ରକାଶ ମାଝୀ ସୂଚନା ଦେଇଛନ୍ତି ।

## ଋଣବୋଝରୁ ଜୀବନ ...

ସୂଚନା ଅନୁଯାୟୀ, ସୀମାଞ୍ଚଳଙ୍କ ପ୍ରଥମ ସ୍ତ୍ରୀଙ୍କ ମୃତ୍ୟୁ ହୋଇଯାଇଛି । ତାଙ୍କର ୪ ଝିଅଙ୍କ ବିବାହ ସରିଛି । ଦ୍ୱିତୀୟ ସ୍ତ୍ରୀ ନମିତାଙ୍କ ଔରସରୁ ଜନ୍ମିତ ପୁଅର ୨୩ ବର୍ଷରେ ଗତ ୪ ମାସ ତଳେ ହୃଦ୍‌ଘାତରେ ମୃତ୍ୟୁ ଘଟିଥିବା ବେଳେ ୪ ଦିନ ତଳେ ସାନ ଝିଅର ବିବାହ କରିଥିଲେ ସୀମାଞ୍ଚଳ । ଦିନମଜୁରି ଲାଗି ପରିବାର ଚଳାଉଥିବା ଏହି ଦମ୍ପତି ଝିଅ ବାହାଘର ପାଇଁ ବହୁ ଲୋକଙ୍କଠାରୁ ଧାରକରଜ କରିଥିଲେ ବୋଲି ସୂଚନା ମିଳିଛି । ଶୁକ୍ରବାର ରାତିରେ ସୀମାଞ୍ଚଳ ଓ ନମିତା ଘରେ ଥିଲେ । ଶନିବାର ବହୁ ସମୟ ପର୍ଯ୍ୟନ୍ତ କବାଟ ନ ଖୋଲିବାରୁ ସାହି ପଡୋଶୀଙ୍କ ସନ୍ଦେହ ହୋଇଥିଲା । କବାଟ ଖୋଲିବା ପରେ ଦମ୍ପତି ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡିଥିଲା ।

## ଦିନକରେ ରାଘବ ଚଢ଼ାଙ୍କ ...

କହୁଛନ୍ତି । ଅନ୍ୟପକ୍ଷରେ ରାଘବଙ୍କ 'ପୁରୁଣା ପୋଷ୍ଟ ଡିଲିଟ୍'କୁ ନେଇ ବିବାଦ ସୃଷ୍ଟି ହୋଇଛି । ଆପ୍ ଦିଲ୍ଲୀ ୟୁନିଟ ମୁଖ୍ୟ ସୌରଭ ଭରଦ୍ୱାଜ ଅଭିଯୋଗ ଆଣି କହିଛନ୍ତି ଯେ, ରାଘବ ନିଜର ସୋସିଆଲ ମିଡିଆରୁ ପ୍ରଧାନମନ୍ତ୍ରୀ ମୋଦି ଏବଂ ଭାଜପା ବିରୋଧରେ ଥିବା ସମସ୍ତ ପୁରୁଣା ପୋଷ୍ଟକୁ ଡିଲିଟ୍ କରିଦେଇଛନ୍ତି । ଏହାକୁ ସେ 'ସିଷ୍ଟମାଟିକ୍ ୱାଶିଂ' ବୋଲି କହିବା ସହ ରାଘବଙ୍କୁ ସମାଲୋଚନା କରିଛନ୍ତି । ଅନ୍ୟପକ୍ଷରେ, ରାଘବ ଏହାକୁ ଏକ ଷଡ଼ଯନ୍ତ୍ର ଏବଂ ମିଥ୍ୟା ବୋଲି ଦର୍ଶାଇଛନ୍ତି ।

ସୂଚନାଥାଉ କି, ୨୦୧୧ରେ ଆନ୍ନା ହଜାରେ ଆନ୍ଦୋଳନରୁ ନିଜର ରାଜନୈତିକ ଜୀବନ ଆରମ୍ଭ କରିଥିବା ରାଘବ କ୍ରମାଗତ ଭାବେ ଆପ୍‌ର ଆବାହକ ଅରବିନ୍ଦ କେଜ୍‌ରିୱାଲଙ୍କ ଘନିଷ୍ଠ ହୋଇ ରହିଥିଲେ । ଦିଲ୍ଲୀ ବିଧାୟକ ଏବଂ ପରେ ପଞ୍ଜାବରୁ ରାଜ୍ୟ ସଭା ସଦସ୍ୟ ଭାବେ ସେ ନିଜର ଦକ୍ଷତା ପ୍ରତିପାଦିତ କରିଥିଲେ । ତେବେ ଆପ୍ ମଧ୍ୟରେ ଚାଲିଥିବା ଅନ୍ତଃକନ୍ଦଳ ଯୋଗୁ ସେ ଅନ୍ୟ ୬ ଜଣ ରାଜ୍ୟ ସଭା ସଦସ୍ୟଙ୍କ ସହ ଭାଜପାରେ ଯୋଗଦେଇଥିବା କୁହାଯାଉଛି । ତେବେ ରାଘବ ହରାଇଥିବା ନିଜ ସୋସିଆଲ ମିଡିଆ ଲୋକପ୍ରିୟତା ଏବଂ ବିଶ୍ୱାସକୁ ପୁଣି ଥରେ ଫେରାଇ ଆଣିବାରେ ସଫଳ ହେବେ କି ନାହିଁ ବୋଲି ପ୍ରଶ୍ନ ଉଠୁଛି ।

## ଏଚ୍-୧ବି ଭିଜା...

କମ୍ପାନୀ ସେହି ବ୍ୟକ୍ତିଙ୍କୁ ଚାକିରି ଦେବା ସହ ସେମାନଙ୍କ ପାଇଁ ଭିଜା ସ୍ପନ୍‌ସର କରିବା ଜରୁରୀ । ସାଧାରଣତଃ ଏହି ଭିଜା ୩ ବର୍ଷ ପାଇଁ ମିଳିଥାଏ, ଯାହାକୁ ପରବର୍ତ୍ତୀ ସମୟରେ ସର୍ବାଧିକ ୬ ବର୍ଷ ପର୍ଯ୍ୟନ୍ତ ବଢ଼ାଯାଇପାରେ । ପ୍ରତିବର୍ଷ ବହୁ ହଜାର ଆବେଦନ ଆସୁଥିବାରୁ ଲଟେରି ମାଧ୍ୟମରେ ଭିଜା ପ୍ରଦାନ କରାଯାଇଥାଏ, ଯାହାର ବର୍ତ୍ତମାନ ବାର୍ଷିକ ସୀମା ହେଉଛି ୬୫,୦୦୦ ଏବଂ ଆମେରିକାରୁ ମାଷ୍ଟର୍ସ ଡିଗ୍ରୀ କରିଥିବା ଛାତ୍ରୀଛାତ୍ରଙ୍କ ପାଇଁ ଅତିରିକ୍ତ ୨୦,୦୦୦ କୋଟା ରହିଛି । ଏଚ୍-୧ବି ଭିଜାର ପ୍ରାୟ ୭୦-୭୫% ଭାରତୀୟ ପେସାଦାରମାନେ ପାଇଥାନ୍ତି । ତେଣୁ ଏହି କାର୍ଯ୍ୟକ୍ରମରେ କୌଣସି ପରିବର୍ତ୍ତନ ହେଲେ ଭାରତୀୟ ଆଇଟି କ୍ଷେତ୍ର ଉପରେ ଏହାର ବଡ଼ ପ୍ରଭାବ ପଡ଼ିଥାଏ ।

## ବିଶ୍ୱର ୧୦୦ ଉତ୍ତପ୍ତ...

କୁହାଯାଇଛି । ବର୍ତ୍ତମାନ ଦେଶର ବିଭିନ୍ନ ସହରର ତାପମାତ୍ରା ଯେଭଳି ବଢ଼ିବାରେ ଲାଗିଛି ତାହା ଭାରତକୁ ବିଶ୍ୱର ସବୁଠାରୁ ଉତ୍ତପ୍ତ ଇଲାକା ( ଗ୍ଲୋବାଲ ଏକ୍ସଟ୍ରିମ୍ ଟେମ୍ପେରେଚର) ର୍‍ୟାଙ୍କିଙ୍ଗ୍‌ରେ ସ୍ଥାନିତ କରିଛି ।

# ଦିଲ୍ଲୀରେ ହସ୍ପିଟାଲରେ ଖୋଲିଲା 'ହିଟ୍‌ଷ୍ଟ୍ରୋକ୍ ୟୁନିଟ୍'

ଦେଶର ଉତ୍ତର ଭାଗ ସମେତ ଉତ୍ତର ପଶ୍ଚିମ, ପଶ୍ଚିମ ଏବଂ କେନ୍ଦ୍ରଭାଗର ବିଭିନ୍ନ ସହରର ତାପମାତ୍ରା ଅସହ୍ୟ ହେବାକୁ ଲାଗିଥିବାବେଳେ ଜାତୀୟ ରାଜଧାନୀ ଦିଲ୍ଲୀର ତାପମାତ୍ରା ୪୩ ଡିଗ୍ରୀ ଛୁଇଁଛି । ଏହାଛଡ଼ା ଏନ୍‌ସିଆର୍‌କୁ ଲାଗିଥିବା ଉତ୍ତରପ୍ରଦେଶର କିଛି ସହରର ତାପମାତ୍ରା ମଧ୍ୟ ଅସହ୍ୟ ହୋଇଛି । ଏହାକୁ ଦୃଷ୍ଟିରେ ରଖି ଦିଲ୍ଲୀର ବିଭିନ୍ନ ହସ୍ପିଟାଲରେ ସ୍ୱତନ୍ତ୍ର ଭାବେ 'ହିଟ୍ ଷ୍ଟ୍ରୋକ୍ ୟୁନିଟ୍' ଖୋଲାଯାଇଛି ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — ରାଶିରେ ରବି ଉଚ୍ଚସ୍ଥ ହେତୁ ପ୍ରତ୍ୟେକ ସ୍ତରରେ ସମ୍ମାନଜନକ ସ୍ଥିତିରେ ରହିବେ । ସ୍ୱାସ୍ଥ୍ୟ ଯେମିତି ଭଲ ରହିବ ମନ ଆହୁରି ଅଧିକ ଭଲ ରହିବ । ବନ୍ଧୁଙ୍କ ଆଦର, ସ୍ନେହ, ସଦିଚ୍ଛା ସବୁ ଦୁଃଖକୁ ବିସ୍ମୃତିଗର୍ଭକୁ ଠେଲିଦେବ । ଆର୍ଥିକ ସ୍ୱଚ୍ଛଳତା ଫେରିବା ସହ ଅଧ୍ୟାପନା, କ୍ରୀଡ଼ା, ସାହିତ୍ୟ, ସଙ୍ଗୀତ ତଥା ପ୍ରତିଯୋଗିତା କ୍ଷେତ୍ରରୁ ପ୍ରଶଂସା ପାଇବେ ।

**ବୃଷ** — ପରିବାର ସ୍ଥାନରେ ଚନ୍ଦ୍ର ପାପଗ୍ରହ କେତୁ ସଂଯୋଗରୁ ପାରିବାରିକ ସମସ୍ୟାରେ ମନ ଭଲ ରହିବ ନାହିଁ । କିନ୍ତୁ ଶୁକ୍ର ପ୍ରଭାବରେ ସଭାସମିତି, ସାହିତ୍ୟ, ସଙ୍ଗୀତାଦି କ୍ଷେତ୍ରରୁ ରୋହିଣୀ ଖୁସି ରହିବେ । ଯାତ୍ରା, ବାଣିଜ୍ୟ, ଯାନବାହନ, ସାମାଜିକ ଓ ରାଜନୈତିକ କ୍ଷେତ୍ରରେ ସୁଫଳ ପାଇବେ । ପଡ଼ୋଶିନୀଙ୍କ ଆକ୍ଷେପୋକ୍ତି ମନସ୍ତାପର କାରଣ ହେବ ।

**ମିଥୁନ** — ଧନାଧିପଙ୍କ ଅଶୁଭତ୍ୱ ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ଭ୍ରାତୃ ବିବାଦର କାରଣ ହେବ । ବୁଧଙ୍କ ଦୃଷ୍ଟିରେ ଆପଣଙ୍କ ପାରିବାରିକ, ସାମାଜିକ, ଆନୁଷ୍ଠାନିକ ଓ କର୍ମକ୍ଷେତ୍ର ସରସ, ସୁନ୍ଦର ରହିବ । ବଳକା କାମକୁ ଶୀଘ୍ର ସାରିବାକୁ ବ୍ୟସ୍ତ ହୋଇପାରନ୍ତି । କେତେକ ସାଧାରଣ ଘଟଣାକୁ କେନ୍ଦ୍ର କରି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ ।

**କର୍କଟ** — ରାଶ୍ୟାଧିପ ଚନ୍ଦ୍ର ମୁଣ୍ଡବିହୀନ ଗ୍ରହ ସଂଯୋଗରୁ ଦୈହିକ ଅସୁସ୍ଥତା ସହ ଅପରିଣାମଦର୍ଶୀ ହୋଇପାରନ୍ତି । ରବିଙ୍କ ପ୍ରଭାବରୁ ଉନ୍ନତ ଚିନ୍ତା, ସୁପରିକଳ୍ପିତ ଯୋଜନା ଏବଂ ପ୍ରତିବନ୍ଧକ ବିହୀନ କାର୍ଯ୍ୟରୁ ଖୁସି ରହିବେ । ଅଟକି ରହିଥିବା କାମଗୁଡ଼ିକ ସୁରୁଖୁରୁରେ ସମ୍ପନ୍ନ ହେବ । ବାଣିଜ୍ୟ, ବ୍ୟବସାୟ, ପରିବହନରେ ସାଧାରଣ ସମସ୍ୟା ଆସିପାରେ ।

**ସିଂହ** — ବ୍ୟୟାଧିପତିଙ୍କ ରାଶ୍ୟାବସ୍ଥାନ ଆପଣଙ୍କୁ ଖର୍ଚ୍ଚାନ୍ତ କରାଇ ଯାତ୍ରାକୁ ସମସ୍ୟାବହୁଳ କରିପାରେ । ଶତ୍ରୁତା କରୁଥିବା ବ୍ୟକ୍ତି ଚିହ୍ନା ନ ପଡ଼ି ସମସ୍ୟା ସୃଷ୍ଟି କରିପାରନ୍ତି । କର୍ମକ୍ଷେତ୍ର ଗତାନୁଗତିକ ରୀତିରେ ଗଡ଼ିଚାଲିଲେ ମଧ୍ୟ ସାଧାରଣ ଝଟକାରୁ ବାଦ୍ ପଡ଼ିବ ନାହିଁ । ପାରିବାରିକ କ୍ଷେତ୍ରକୁ ସୁସ୍ଥ ରଖିବାରେ ପାରସ୍ପରିକ ଆନ୍ତରିକତା ପୂର୍ବବତ୍ ଅକ୍ଷୁଣ୍ଣ ରହିବ ।

**କନ୍ୟା** — ରବିଙ୍କ ପ୍ରଭାବରୁ ପ୍ରତ୍ୟେକ ପରିସ୍ଥିତିକୁ ସମ୍ଭାଳି ନେବାର ସାମର୍ଥ୍ୟ ରହିବ । ଆଜିର ରୋଜଗାର ଅପେକ୍ଷା ଖର୍ଚ୍ଚଭାର ବୃଦ୍ଧି ଯୋଗୁ ମନସ୍ତାପ କରିବେ । ପାରିବାରିକ ସ୍ଥିତି ଭଲ ନ ରହିଲେ ମଧ୍ୟ ବିଶେଷ ଗୁରୁତର ଆକାର ଧାରଣ କରିବ ନାହିଁ । ବାଣିଜ୍ୟ, ଯୋଗାଯୋଗ, କର୍ମାରମ୍ଭ ସାଙ୍ଗକୁ କାମ ହାସଲ କରିବାରେ ସମର୍ଥ ହେବେ ।

**ତୁଳା** — ରାଶିକୁ ରବିଙ୍କ ଦୃଷ୍ଟି ଅର୍ଥ, ସମ୍ମାନ, କାର୍ଯ୍ୟସିଦ୍ଧି ସହିତ ଯାତ୍ରାରେ ସଫଳତା ପ୍ରଦାନ କରିବେ । ସାହାଯ୍ୟ ପ୍ରତିଶ୍ରୁତି ଦେଇଥିବା ବନ୍ଧୁଟି ବିଭିନ୍ନ ଆଳ ଦେଖାଇ ଦୂରେଇ ରହିପାରେ । ସଭାସମିତି, ଆନୁଷ୍ଠାନିକ କାମ, ଶିଳ୍ପ, ବ୍ୟବସାୟରେ ପ୍ରତିବନ୍ଧକ ଦେଖାଦେଇପାରେ । ସଙ୍ଗୀତ ସମାରୋହ, ସତ୍‌ସଙ୍ଗ ଓ ମନୋରଞ୍ଜନରୁ ଖୁସି ରହିପାରନ୍ତି ।

**ବିଛା** — ତୃତୀୟାଧିପତି ଶନି ମୀନ ରାଶିସ୍ଥ ଯୋଗୁ ବନ୍ଧୁ, ପଡ଼ୋଶୀ କିମ୍ବା ସହକର୍ମୀଙ୍କ ସହ ସୁସମ୍ପର୍କ ରହିନପାରେ । ମତଭେଦ କାରଣରୁ ପରିବାରର ବ୍ୟତିକ୍ରମକୁ ସୁଧାରି ନେବାରେ ଅସମର୍ଥ ହେବେ । ସ୍ୱାସ୍ଥ୍ୟ ସମସ୍ୟା ବହୁଳାଂଶରେ ଦୂରୀଭୂତ ହୋଇଯିବ । ମୂଲ୍ୟବାନ୍ ଜିନିଷ କିଣାବିକାରେ ସତର୍କ ନ ରହିଲେ ଠକାମିରେ ପଡ଼ିଯିବେ ।

**ଧନୁ** — ରାହୁଙ୍କ ଦୃଷ୍ଟିରେ ଗୁରୁ ହେତୁ ଦୈହିକ ଅସୁସ୍ଥତା ସାଙ୍ଗକୁ ମାନସିକ ଅସ୍ଥିରତା ଲାଗି ରହିବ । ପ୍ରତିକୂଳ ସମୟ ହେତୁ ବିଶୃଙ୍ଖଳିତ ବିଚାରଧାରା ବିଷମ ପରିସ୍ଥିତି ସୃଷ୍ଟି କରିବ । ଉଚ୍ଚଗ୍ରହ ପ୍ରଭାବରେ ଆର୍ଥିକ, ସାମାଜିକ, ସୃଜନାତ୍ମକ କାମରେ ଉନ୍ନତ ଫଳ ପାଇବେ । ଖଳ ଲୋକଙ୍କ ମିଥ୍ୟା ଅଭିଯୋଗରୁ ନିଜର ବନ୍ଧୁମାନଙ୍କୁ ସନ୍ଦେହ ଦୃଷ୍ଟିରେ ଦେଖିପାରନ୍ତି ।

**ମକର** — ଆଜିର ପ୍ରତ୍ୟୁଷ ଯାତ୍ରା, କର୍ମାରମ୍ଭ, ଶିକ୍ଷା ଏବଂ ବନ୍ଧୁ ସମ୍ପର୍କ ବହୁତ ଭଲ ରହିବ । ସାଧାରଣ ଘଟଣାରେ ସହକର୍ମୀଙ୍କ ସହ ସମ୍ପର୍କ ହାନି ଦୁଶ୍ଚିନ୍ତାର କାରଣ ହୋଇପାରେ । ବକେୟା ଅର୍ଥକୁ ଯୁକ୍ତିତର୍କ ମାଧ୍ୟମରେ ଆଦାୟ କରିବାରେ ସକ୍ଷମ ହେବେ । ଶ୍ରବଣା ନକ୍ଷତ୍ର ସକାଶେ ଗ୍ରହସ୍ଥିତିର ପ୍ରତିକୂଳତା ମାନସିକ ଅଶାନ୍ତିର କାରଣ ହୋଇପାରେ ।

**କୁମ୍ଭ** — ଆଜିର ସ୍ୱାସ୍ଥ୍ୟ, ଅର୍ଥ, ସହଯୋଗ ପ୍ରାପ୍ତି ପରିବାର ଓ ଶିକ୍ଷା ପାଇଁ ଅନୁକୂଳ ରହିବ । ଦୀର୍ଘ ଦିନରୁ ଚିନ୍ତା କରୁଥିବା ଯାନବାହନ, ଯାନ୍ତ୍ରିକ ଜିନିଷ କିମ୍ବା ଧାତୁ ଅଳଙ୍କାରାଦି କ୍ରୟ ସୁଯୋଗ ଜୁଟିବ । ଶିଳ୍ପ, ବାଣିଜ୍ୟରେ ଉନ୍ନତି ପରିଲକ୍ଷିତ ହେବ । ପକ୍ଷପାତିତାକୁ ଆଧାର କରି କିମ୍ବା ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ଝଡ଼ର ଆଶଙ୍କା ରହିଛି ।

**ମୀନ** — ସମୟର ଅନୁକୂଳତା ଦୈନନ୍ଦିନର ଯାତ୍ରା ଓ କର୍ମସମୂହକୁ ସରଳ କରିବ । ଆଜି ଆନୁଷ୍ଠାନିକ କର୍ମରୁ ଏକାଧାରରେ ଅର୍ଥ, ସମ୍ମାନ ଓ ପ୍ରଶଂସାର ପାତ୍ର ହେବେ । କର୍ମକ୍ଷେତ୍ର, ସଭାସମିତି, ଗୁରୁତ୍ୱପୂର୍ଣ୍ଣ ଆଲୋଚନା ତଥା ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ । ବନ୍ଧୁ ପରିଜନଙ୍କ ସହ ଭ୍ରମଣ ସୁଯୋଗ ଲାଭ କରିପାରନ୍ତି ।

ଆଜି ଏପ୍ରିଲ ୨୬ ତାରିଖ, ବିଶ୍ୱ ବୌଦ୍ଧିକ ସମ୍ପତ୍ତି ଦିବସ, ଯଶୋବନ୍ତ ଦାସଙ୍କ ଆବିର୍ଭାବ ଦିବସ, ବୈଶାଖ ଶୁକ୍ଳ ଦଶମୀ ରବିବାର, ରାଶିନକ୍ଷତ୍ର–ମଘା/ସିଂହ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଅଦ୍ୟ ମଘା ନକ୍ଷତ୍ରେ ବିବାହ ପାଣିଗ୍ରହଣ, ବିଦ୍ୟାରମ୍ଭ, ଅନ୍ନପ୍ରାଶନ ଏବଂ ଜଳାଶୟ ଖନନ ପାଇଁ ଶୁଭଦିନ । ସକାଳ ଘ.୦୫।୨୪ ଗତେ ଘ.୦୧।୩୮ ମଧ୍ୟେ, ଘ.୦୧।୧୯ ଗତେ ଘ.୦୧।୫୧ ମଧ୍ୟେ ଶୁଦ୍ଧ ଶୁଭବେଳା । ଅପରାହ୍ନ ଘ.୦୪।୨୯ ଗତେ ଘ.୦୬।୦୪ ମଧ୍ୟେ ରାହୁକାଳ ।

# ୭ମଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ, ପ୍ରଧାନଶିକ୍ଷକ ନିଲମ୍ବିତ

ନବରଙ୍ଗପୁର/ତେନ୍ତୁଲିଖୁଣ୍ଟି, ୨୫।୪, (ସଦାଶିବ ପ୍ରହରାଜ/ଚିଦାନନ୍ଦ ସାହୁ)

■ଥାନାରେ ଅଭିଯୋଗ କଲେ ପୀଡ଼ିତା
■ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବିକଲେ ପ୍ରଦୀପ ମାଝୀ
■ଗଣମାଧ୍ୟମରେ ଚର୍ଚ୍ଚାରେ ରହିବା ପାଇଁ ଚାହୁଁଛନ୍ତି ପ୍ରଦୀପ: ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ଥାନା ଅଧୀନ ଏକ ସେବାଶ୍ରମ ବିଦ୍ୟାଳୟର ଜଣେ ୭ମ ଶ୍ରେଣୀ ଛାତ୍ରୀଙ୍କୁ ପ୍ରଧାନଶିକ୍ଷକ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ଏ ନେଇ ଶନିବାର ପୀଡ଼ିତା ଓ ତାଙ୍କ ପରିବାର ସଦସ୍ୟ ନବରଙ୍ଗପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏସ୍‌ଡିପିଓ କୃଷ୍ଣଚନ୍ଦ୍ର ଭତ୍ରାଙ୍କ ନିକଟରେ ଏତଲା ଦାୟର କରିବା ସହ ପ୍ରଧାନଶିକ୍ଷକଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ଅପରପକ୍ଷରେ ଏହି ଘଟଣାରେ ଜିଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର ଶୁକ୍ରବାର ୨୪ ସେବାଶ୍ରମକୁ ଯାଇ ତଦନ୍ତ କରିଥିଲେ। ତାଙ୍କ ତଦନ୍ତ ରିପୋର୍ଟ ଆଧାରରେ ଜିଲାପାଳ ଡ. ମହେଶ୍ୱର ସ୍ୱାଇଁ ପ୍ରଧାନଶିକ୍ଷକଙ୍କୁ ନିଲମ୍ବନ କରିଛନ୍ତି। ଜିଲାପାଳ କାର୍ଯ୍ୟାଳୟ ପତ୍ର ସଂଖ୍ୟା ନଂ. ୧୧/୨୦୨୬ ପ୍ରକାରେ ନିଲମ୍ବନ ଆଦେଶ ଜାରି କରାଯାଇଛି। ନିଲମ୍ବନ ଆଦେଶ ବଳବତ୍ତର ରହିବା ପର୍ଯ୍ୟନ୍ତ ପ୍ରଧାନଶିକ୍ଷକ ସୁକାନ୍ତ କୁମାର ଷଡ଼ଙ୍ଗୀଙ୍କ ମୁଖ୍ୟାଳୟ ଉମରକୋଟ ବ୍ଲକ କାର୍ଯ୍ୟାଳୟ ହେବ। ସେ ମଙ୍ଗଳ ଅଧିକାରୀଙ୍କ ଅନୁମତି ବିନା ମୁଖ୍ୟାଳୟ ଛାଡ଼ିପାରିବେ ନାହିଁ ବୋଲି ନିର୍ଦ୍ଦେଶ ଦିଆଯାଇଥିବା ସୂଚନା ମିଳିଛି। ଏହି ଘଟଣାରେ ବିଜେଡି ନେତା ତଥା ନବରଙ୍ଗପୁର ପୂର୍ବତନ ଏମ୍‌ପି ପ୍ରଦୀପ ମାଝୀ ସ୍କୁଲ ଓ ଗଣଶିକ୍ଷା, ଏସ୍‌ସି/ଏସ୍‌ଟି ଉନ୍ନୟନ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି କରିଛନ୍ତି।

ଏତଲା ଅନୁଯାୟୀ, ଗତ ୧୫ତାରିଖ ରାତିରେ ସେବାଶ୍ରମର ୫ଜଣ ଛାତ୍ରୀ ଓଆର୍‌ଏସ୍ ପାଇଁ ଯାଇଥିଲେ। ଏହି ସମୟରେ ପ୍ରଧାନଶିକ୍ଷକ ସୁକାନ୍ତ ଷଡ଼ଙ୍ଗୀ ପୀଡ଼ିତା ଛାତ୍ରୀଙ୍କ ହାତ ଧରି ଟାଣିଥିଲେ। ରୁମ୍ ଭିତରକୁ ଡାକି ତାଙ୍କ ଶରୀରର ବିଭିନ୍ନ ସମ୍ବେଦନଶୀଳ ସ୍ଥାନକୁ ଛୁଇଁବା ସହ ଟଣାଓଟରା କରିଥିଲେ। ପୂର୍ବରୁ ପୀଡ଼ିତା ଓ ତାଙ୍କ ପରିବାର ଜିଲା ମଙ୍ଗଳ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ନ ନେଇ ପ୍ରଧାନଶିକ୍ଷକଙ୍କୁ କେବଳ ବଦଳି କରାଯାଇଥିବା ପୀଡ଼ିତା ଛାତ୍ରୀ ଅଭିଯୋଗ କରିଛନ୍ତି। ତେଣୁ ନ୍ୟାୟ ପାଇଁ ନବରଙ୍ଗପୁର ଥାନାରେ ଏତଲା ଦେଇଥିବା ସେ କହିଛନ୍ତି। ଘଟଣାର ତଦନ୍ତକରି ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ନବରଙ୍ଗପୁର ଏସ୍‌ଡିପିଓ କୃଷ୍ଣଚନ୍ଦ୍ର ଭତ୍ରା ସୂଚନା ଦେଇଛନ୍ତି। ଘଟଣା ସମ୍ପର୍କରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ପଚାରିବାରୁ ଅଭିଯୋଗର ତଦନ୍ତ କରାଯିବ। ଏଥିରେ ସମ୍ପୃକ୍ତ ପ୍ରତ୍ୟେକ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଲୋକେ ପ୍ରତ୍ୟାଖ୍ୟାନ କରିଥିବାବେଳେ ଗଣମାଧ୍ୟମରେ ଚର୍ଚ୍ଚାରେ ରହିବା ପାଇଁ ପ୍ରଦୀପ ମାଝୀ ଏଭଳି ଇସ୍ତଫା ଦାବି କରିଥିବା ମନ୍ତ୍ରୀ ଗଣ୍ଡ କହିଛନ୍ତି।

# ୨ ଏସିଡ୍ ଆକ୍ରମଣକାରୀଙ୍କୁ ଆଜୀବନ କାରାଦଣ୍ଡ

ସୋନପୁର, ୨୫।୪(ମୃତ୍ୟୁଞ୍ଜୟ ଶତପଥୀ)



ଅଭିଯୁକ୍ତ ରାଜାରାମ ମଲ୍ଲିକ ଓ ବିକ୍ରମ ହରିପାଲ।

ସୁବର୍ଣ୍ଣପୁର ଜିଲା ବିନିକା ଥାନା ଗୁଲୁଣ୍ଡା ଗ୍ରାମର ବୃନ୍ଦାବନ ଛତ୍ରିଆଙ୍କୁ ଏସିଡ୍ ମାଡ ମାମଲାର ରାୟ ଶନିବାର ପ୍ରକାଶ ପାଇଛି। ସୁବର୍ଣ୍ଣପୁର ଅତିରିକ୍ତ ଜିଲା ଦୌରାଜଜ୍ ଦିଲ୍ଲୀପ କୁମାର ବିଶ୍ୱାଳ ଅଭିଯୁକ୍ତ ରାଜା ଓରଫ ରାଜାରାମ ମଲ୍ଲିକ ଓ ପାପୁଲୁ ଓରଫ ବିକ୍ରମ ହରିପାଲଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଉଭୟଙ୍କୁ ଆଜୀବନ ସଶ୍ରମ କାରାଦଣ୍ଡ ସହ ୪୮ହଜାର ୫୦୦ଟଙ୍କା ଜରିମାନାରେ ଦଣ୍ଡିତ କରାଯାଇଛି। ଜରିମାନା ଅନାଦାୟେ ଅଧିକ ୩ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି।

୨୦୨୧ ଡିସେମ୍ବର ୨ରେ ଗୁଲୁଣ୍ଡା ଚିରମିନି ବରଗଛ ଛକକୁ ବୃନ୍ଦାବନ ଅଣ୍ଡା କିଣିବା ପାଇଁ ଯାଉଥିଲେ। ପୂର୍ବ ଶତ୍ରୁତାରୁ ସେହି ଗ୍ରାମର ରାଜାରାମ ଓ ବିକ୍ରମ ରାସ୍ତାରେ ତାଙ୍କୁ ଅଟକାଇ ଗାଳିଗୁଲଜ କରିଥିଲେ। ପରେ ଏକ ବୋତଲରେ ଧରିଥିବା ଏସିଡ୍‌କୁ ବୃନ୍ଦାବନଙ୍କ ଆଖି, ମୁହଁ ଓ ଶରୀର ଉପରକୁ ଫିଙ୍ଗିଥିଲେ। ଶରୀର ଜଳାପୋଡା କରିବାରୁ ବୃନ୍ଦାବନ ଘଟଣାସ୍ଥଳରେ ତଳେ ପଡି ଯାଇଥିଲେ। ଖବରପାଇ ପରିବାର ଲୋକେ ତାଙ୍କୁ ବିନିକା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ବୁର୍ଲା ଡାକ୍ତରଖାନା ନିଆଯାଇଥିଲା। ଏସମ୍ପର୍କରେ ବୃନ୍ଦାବନଙ୍କ ଭିଣୋଇ ତଥା ରାମପୁର ଥାନା ପଧାନପାଲିର ଶିବ ସରଭଙ୍ଗ ବିନିକା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନାରେ ଏକ ମାମଲା (ନଂ.୨୩୬/୨୦୨୧) ରୁଜୁ ହୋଇଥିଲା। ତଦନ୍ତକାରୀ ଅଧିକାରୀ କ୍ରିଷ୍ଣା ପ୍ରସାଦ ମାମଲାର ତଦନ୍ତ କରିବା ସହ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲେ। ଏହି ମାମଲାରେ ଅଭିଯୋଗକାରୀଙ୍କ ବୟାନ ସହ ମୋଟ ୧୬ଜଣ ସାକ୍ଷୀ ଓ ଦଲିଲ ଦସ୍ତାବିଜକୁ ଆଧାର କରି ବିଚାରପତି ରାୟ ପ୍ରଦାନ କରିଛନ୍ତି। ସରକାରଙ୍କ ପକ୍ଷରୁ ସୁବର୍ଣ୍ଣପୁର ଡେପୁଟି ଡାଇରେକ୍ଟର ପ୍ରସିକ୍ୟୁଶନ ବେଣୁଲାଲ ପ୍ରଧାନ, ପବ୍ଲିକ୍ ପ୍ରସିକ୍ୟୁଟର ମଧୁମିତା ଅମାତ୍ୟ ଓ ଅତିରିକ୍ତ ପିପି ପଞ୍ଚାନନ ଦନ୍ତା ଏହି ମାମଲା ପରିଚାଳନା କରୁଥିଲେ।

# ଦୋଷୀଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

ବାଲେଶ୍ୱର, ୨୫।୪(ମୃତ୍ୟୁଞ୍ଜୟ ପଟ୍ଟନାୟକ)

**ନାବାଳିକା ବଳାତ୍କାର ମାମଲା**

ଏକ ନାବାଳିକା ବଳାତ୍କାର ମାମଲାର ବିଚାର କରି ଶନିବାର ବାଲେଶ୍ୱର ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ବିଚାରପତି ଇନ୍ଦିରା ପ୍ରିୟଦର୍ଶିନୀ ଅଭିଯୁକ୍ତ କ୍ରିତିବାସ ବନ୍ଧ(୩୨)ଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ୨୦ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦାୟେ ଅଧିକ ୧ବର୍ଷ ଜେଲଦଣ୍ଡ ଭୋଗିବାକୁ ବିଚାରପତି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ଏହାସହିତ ପୀଡ଼ିତା ନାବାଳିକାଙ୍କୁ କ୍ଷତିପୂରଣ ବାବଦରେ ୪ଲକ୍ଷ ଟଙ୍କା ଆର୍ଥିକ ସହାୟତା ଯୋଗାଇଦେବାକୁ ଜିଲା ଆଇନସେବା ପ୍ରାଧିକରଣକୁ ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି।

ଭଦ୍ରକ ରୁରାଲ ଥାନା କୋରୁଗଡ଼ିଆ ଗ୍ରାମର କ୍ରିତିବାସ ୨୦୨୪ରେ ନିଜ ଭଉଣୀ ଘର ବାଲେଶ୍ୱର ଜିଲା ସିମୁଲିଆ ଥାନା ପାର୍ବତୀପୁର ଗ୍ରାମକୁ ବାରମ୍ବାର ବୁଲିବାକୁ ଆସୁଥିବା ବେଳେ ସେହି ଅଞ୍ଚଳର ଜଣେ ନବମ ଶ୍ରେଣୀରେ ପଢୁଥିବା ୧୪ ବର୍ଷର ନାବାଳିକାଙ୍କୁ ପ୍ରେମଜାଲରେ ଫସାଇଥିଲେ। ସେହିବର୍ଷ ମାର୍ଚ୍ଚ ୩ରେ ନାବାଳିକା ଘରେ ଏକାକୀ ଥିବା ଜାଣିପାରି କ୍ରିତିବାସ ମୃଦୁପାନୀୟ ନେଇ ତାଙ୍କ ଘରକୁ ଯାଇଥିଲେ। ସେଥିରେ ନିଶା ଔଷଧ ମିଶାଇ ନାବାଳିକାଙ୍କୁ ପିଇବାକୁ ଦେଇଥିଲେ। ସେ ନିଶାଗ୍ରସ୍ତ ହେବା ପରେ କ୍ରିତିବାସ ତାଙ୍କୁ ବଳାତ୍କାର କରିଥିଲେ। ନାବାଳିକାଙ୍କ ସହ ଘଟିଥିବା ଘଟଣା ବିଷୟରେ ତାଙ୍କ ମା' ଜାଣିପାରି ସେହିଦିନ ସିମୁଲିଆ ଥାନାରେ କ୍ରିତିବାସଙ୍କ ବିରୋଧରେ ଏତଲା ଦେଇଥିଲେ। ସମ୍ପୃକ୍ତ ଥାନା ପୋଲିସ ତଦନ୍ତ କରି ମାର୍ଚ୍ଚ ୫ ତାରିଖରେ ଅଭିଯୁକ୍ତ କ୍ରିତିବାସଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହି ମାମଲା ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟରେ (ମାମଲା ନଂ.୫୮/୨୪) ବିଚାରାଧୀନ ଥିଲା। ବିଚାରପତି ଇନ୍ଦିରା ପ୍ରିୟଦର୍ଶିନୀ ଆଇପିସି ଦଫା ୩୭୬(୩), ପୋକ୍‌ସୋ ଆକ୍ଟର ଦଫା ୪(୨) ଅନୁଯାୟୀ ଅଭିଯୁକ୍ତ କ୍ରିତିବାସ ବନ୍ଧଙ୍କୁ ଦୋଷୀ ସାବ୍ୟସ୍ତ କରି ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି। ଏହି ମାମଲାକୁ ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ରାଇମୋହନ ପଟ୍ଟନାୟକ ପରିଚାଳନା କରିଥିଲେ।

# ଫେରାର ଅଭିଯୁକ୍ତଙ୍କୁ ଗିରଫକଲା କ୍ରାଇମ୍‌ବ୍ରାଞ୍ଚ ଟିମ୍

ଜୟପୁର, ୨୫।୪(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁରରେ କ୍ରାଇମ୍ ବ୍ରାଞ୍ଚର ୫ଜଣିଆ ଟିମ୍ ପହଞ୍ଚି ଜଣେ ଫେରାର ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ଜୟପୁର ସହରର ପ୍ରସନ୍ନ କୁମାର ପାତ୍ର। କ୍ରାଇମ୍ ବ୍ରାଞ୍ଚ ଅତିରିକ୍ତ ଏସ୍‌ପି ବିଜୟ ମଲ୍ଲିକଙ୍କ ନେତୃତ୍ୱରେ ଆସିଥିବା ଟିମ୍ ଅଭିଯୁକ୍ତଙ୍କୁ ଗିରଫ କରି ଜୟପୁର କୋର୍ଟରେ ହାଜର କରାଇଥିଲା। ପ୍ରସନ୍ନଙ୍କ ନାମରେ ଆଉ କ'ଣ ମାମଲା ରହିଛି, ସେ ନେଇ କ୍ରାଇମ୍‌ବ୍ରାଞ୍ଚ ଟିମ୍ ଟାଉନ ଥାନା ପୋଲିସ ସହ ଆଲୋଚନା କରି ଫେରିଛନ୍ତି। ସୂଚନାନୁଯାୟୀ, ୨୦୧୮ରେ ଏକ ଜମି ଜାଲିଆତି ମାମଲାରେ ଫେରାର ଥିବା ପ୍ରସନ୍ନ କୁମାର ପାତ୍ରଙ୍କୁ କଟକରୁ ଗିରଫ କରାଯାଇଥିଲା। ଏହାପରେ ସେ ଜାମିନରେ ଆସି ଫେରାର ଥିଲେ। ପ୍ରସନ୍ନଙ୍କ ନାମରେ ପୂର୍ବରୁ ୫ରୁ ଅଧିକ ୱାରେଣ୍ଟ ଥିବା ଅତିରିକ୍ତ ଏସ୍‌ପି ବିଜୟ କୁମାର ମଲ୍ଲିକଙ୍କ ପକ୍ଷରୁ ସୂଚନା ଦେଇଛନ୍ତି।

# ୫ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେଇ ମୁହାଁମୁହିଁ ଜେରା

**ଜମି ବ୍ୟବସାୟୀ ସୁଧୀର ହତ୍ୟା ମାମଲା**

ବ୍ରହ୍ମପୁର, ୨୫।୪ (ସୁବାସ ଚନ୍ଦ୍ର ପାଢ଼ୀ)


ଅଭିଯୁକ୍ତମାନଙ୍କୁ ପୋଲିସ କଡ଼ା ସୁରକ୍ଷା ମଧ୍ୟରେ ନେଉଛି।

ଗଞ୍ଜାମ ଜିଲା ଗୋପାଳପୁର ଥାନା ଅଞ୍ଚଳର ଜମି ବ୍ୟବସାୟୀ ସୁଧୀର ପାତ୍ରଙ୍କୁ ଅପହରଣ ଓ ହତ୍ୟା ମାମଲାର ୯ ଅଭିଯୁକ୍ତଙ୍କ ମଧ୍ୟରୁ ୫ ଜଣଙ୍କୁ ପୋଲିସ ଶନିବାର ୩ ଦିନିଆ ରିମାଣ୍ଡରେ ନେଇଛି। ସେମାନେ ହେଲେ କାଳୁଚରଣ ପ୍ରଧାନ, ଜିତୁନ ପୋଲାଇ, ନାରାୟଣ ପ୍ରଧାନ, ଆଶିଷ ମହାପାତ୍ର ଓ ସୂର୍ଯ୍ୟପ୍ରତାପ ସିଂ। ବ୍ରହ୍ମପୁର ମଣ୍ଡଳ କାରାଗାରରୁ ଏମାନଙ୍କୁ ପୋଲିସ ଗୋପାଳପୁର ଥାନାକୁ ନେଇ ଘଟଣାର ବିଭିନ୍ନ ଦିଗରୁ ମୁହାଁମୁହିଁ ଜେରା କରୁଛି। ଜେରାବେଳେ ଅଭିଯୁକ୍ତମାନେ ଅନେକ ତଥ୍ୟ ଓକାଳିଛନ୍ତି। ପୋଲିସ ଆଉ ୨ ଦିନ ଅଭିଯୁକ୍ତମାନଙ୍କୁ ମାରାଥନ ଜେରା କରିବ। ରବିବାର ଘଟଣାର କ୍ରାଇମ ସିନ୍ ରିକ୍ରିଏଶନ ହେବ ବୋଲି ଜଣାପଡିଛି। ଆସନ୍ତା ୨୮ ତାରିଖରେ ୫ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରିବା ପାଇଁ ନିର୍ଦ୍ଦେଶ ରହିଛି।

ଗତ ୧୫ ତାରିଖ ଅପରାହ୍ନରେ ସୁଧୀର ଭଲିବଲ ଖେଳି ଘରକୁ ଫେରୁଥିବା ବେଳେ ମଣ୍ଡିଆପଲ୍ଲୀ ପ୍ରେମ ସଂସ୍ଥା ସମ୍ମୁଖରୁ ତାଙ୍କୁ ଅପହରଣ କରାଯାଇଥିଲା। ଅଭିଯୁକ୍ତମାନେ ତାଙ୍କୁ ବୁଗୁଡା ନିକଟ ରାମପାଦ ମନ୍ଦିରରେ ରଖି ବନ୍ଧୁକ ମୁନରେ ଭୟଭୀତ କରିବା ସହ ମାରପିଟ୍ କରି ତାହାର ଭିଡିଓ ତାଙ୍କ ସ୍ତ୍ରୀଙ୍କ ନିକଟକୁ ପଠାଇ ଦୁଇ କୋଟି ଟଙ୍କା ମାଗିଥିଲେ। ପରେ ସୁଧୀରଙ୍କୁ ପିଟି ପିଟି ହତ୍ୟା କରିବା ପରେ ଏକ କାର ଡିକିରେ ମୃତଦେହ ରଖି ସୋରଡ଼ା ଥାନା ଅନ୍ତର୍ଗତ ଗାଜଲବାଡି ନିକଟ ରଣିପଙ୍କାଳ କେନାଲ କଡ଼ରେ ଫିଙ୍ଗି ଦେଇଥିଲେ। ପୋଲିସ ଗତ ଗୁରୁବାର ଏହି ଘଟଣାର ପର୍ଦ୍ଦାଫାଶ୍ କରିଥିଲା। ମୁଖ୍ୟ ଷଡଯନ୍ତ୍ରକାରୀ ସୁଧୀରଙ୍କ ଝିଆରୀ ନିବେଦିତା ପାତ୍ର ଓ ପୁତୁରା ତୁଷାର ପାତ୍ରଙ୍କ ସମେତ ନିବେଦିତାଙ୍କ ପୁରୁଷବନ୍ଧୁ କାଳୁଙ୍କୁ ମିଶାଇ ମୋଟ ୯ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା । ସେମାନଙ୍କ ମଧ୍ୟରୁ ନିବେଦିତା, ତୁଷାର ଓ ଅନ୍ୟ ୨ ଜଣଙ୍କ ବ୍ୟତୀତ ଉପରୋକ୍ତ ୫ ଅଭିଯୁକ୍ତଙ୍କୁ ୫ ଦିନ ରିମାଣ୍ଡରେ ନେଇ ଅଧିକ ପଚରାଉଚରା କରିବା ପାଇଁ ପୋଲିସ ବ୍ରହ୍ମପୁରସ୍ଥିତ ଜେଏମ୍‌ଏଫସି (ଗ୍ରାମୀଣ) କୋର୍ଟରେ ଆବେଦନ କରିଥିଲା। ମାଜିଷ୍ଟ୍ରେଟ ଉକ୍ତ ପିଟିଶନର ଶୁଣାଣି କରି ୫ ଅଭିଯୁକ୍ତଙ୍କୁ ୩ ଦିନ ରିମାଣ୍ଡରେ ନେବାକୁ ଶୁକ୍ରବାର ଅନୁମତି ଦେଇଥିଲେ।

## ରାଜ୍ୟ

# ଭଦ୍ରକ ଲୋକ ସଭା କ୍ଷେତ୍ର: ବିଜେଡିରୁ ସାମୂହିକ ଇସ୍ତଫା

ଭଦ୍ରକ, ୨୫।୪(ସନାତନ ରାଉତ)

**ଜିଲାରେ ବିଜେଡି ସଫା ହୋଇଯିବ: ମୁକ୍ତିକାନ୍ତ**

ରାଜ୍ୟରେ ସରକାର ପରିବର୍ତ୍ତନ ପରେ ଅଧିକାଂଶ ନେତା ବିଜେଡ଼ି ଛାଡୁଥିବା ବେଳେ ଭଦ୍ରକ ଲୋକସଭା କ୍ଷେତ୍ରରେ ବିଜେଡିକୁ ଶକ୍ତ ଝଟ୍‌କା ଲାଗିଛି। ଗତ କିଛିଦିନ ତଳେ ବିଜେଡିରୁ ନିଲମ୍ବିତ ପୂର୍ବତନ ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଓ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଶନିବାର ବିଜେଡିର ପ୍ରାଥମିକ ସଭ୍ୟପଦରୁ ଇସ୍ତଫା ଦେଇଛନ୍ତି। ମଣ୍ଡଳ ଦମ୍ପତିଙ୍କ ସହ ପୂର୍ବତନ ବିଜେଡ଼ି ଜିଲା ସଭାପତି ଜଗନ୍ନାଥ ସ୍ୱାଇଁ, ପ୍ରଣୟ ଦାସ, ଶ୍ୟାମସୁନ୍ଦର ମହାପାତ୍ର, ସିମୁଲିଆ ବିଧାୟକ ପ୍ରାର୍ଥୀ ସୁବାସିନୀ ସାହୁ ଓ ତାଙ୍କ ସ୍ୱାମୀ ଶଶୀ ସାହୁ, ପ୍ରଣୟ ସାହୁଙ୍କ ସମେତ ସିମୁଲିଆ ନିର୍ବାଚନ ମଣ୍ଡଳୀ ଅନ୍ତରା ପଞ୍ଚାୟତର ସରପଞ୍ଚ ରଶ୍ମିତା ଜେନା, ମହତୀପୁରର ମହିଳା ନେତ୍ରୀ ଭାନୁମତୀ ସାହୁ, ସମିତିସଭ୍ୟା ସୋନାଲି ଦାସ, ରବୀନ୍ଦ୍ର ସେଠୀ, ଅରୁଣ ରାଉତ, ସୁକାନ୍ତି ବାରିକଙ୍କ ସମେତ ଭଦ୍ରକ ଲୋକସଭା କ୍ଷେତ୍ରର ଅନେକ ବିଜେଡି ନେତା ସମୂହ ଇସ୍ତଫା ପ୍ରଦାନ କରିଛନ୍ତି। ଭଦ୍ରକ ବାଇପାସ୍ଥିତ ଏକ ମଣ୍ଡପରେ ଆୟୋଜିତ ଏହି ଇସ୍ତଫା ପର୍ବରେ ମୁକ୍ତିକାନ୍ତ କହିଛନ୍ତି, ଦୀର୍ଘଦିନ ଧରି ବିଜେଡିର ସଂଗଠନକୁ ସୁଦୃଢ଼ କରିବାରେ ସେ ନିଜକୁ ସମର୍ପଣ କରିଥିଲେ। କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିଙ୍କ ଚକ୍ରାନ୍ତରେ ଆମ୍ଭଙ୍କୁ ହଠାତ୍ ଦଳରୁ ଅସାମ୍ବିଧାନିକ ଭାବେ ନିଲମ୍ବିତ କରାଯାଇଛି। ଏହି ନିଲମ୍ବନ ଭଦ୍ରକ ଲୋକସଭା କ୍ଷେତ୍ରରେ ବିଜେଡ଼ିକୁ ବିପର୍ଯ୍ୟୟ ଆଡ଼କୁ ଠେଲି ଦେଇଛି। ଆଗକୁ ଭଦ୍ରକ ଜିଲାରେ ବିଜେଡ଼ି ସଫା ହୋଇଯିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସେହିପରି ପୂର୍ବତନ ଜିଲା ସଭାପତି ଜଗନ୍ନାଥ କହିଛନ୍ତି, ଗତ କିଛିଦିନ ତଳେ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିଙ୍କ କବଳରେ ଦଳ ପରିଚାଳିତ ହୋଇ ମୂଳ ଲକ୍ଷ୍ୟ ପଥରୁ ବିଚ୍ୟୁତ ହେବା ସହ ଦଳର ପ୍ରତିଷ୍ଠାତା ସଦସ୍ୟଙ୍କ ପ୍ରତି ଦାୟିତ୍ୱହୀନ ଓ ନକାରାତ୍ମକ ବ୍ୟବହାର କରାଯାଉଛି। ଏହାର ପ୍ରତିବାଦରେ ସେ ଇସ୍ତଫା ଦେଇଥିବା କହିଛନ୍ତି। ତେବେ ଲୋକ ସଭା କ୍ଷେତ୍ରରେ ବିଜେଡିର ପୁରୁଣା ନେତୃବୃନ୍ଦ ଇସ୍ତଫା ଦେଇଥିବାରୁ ବିଜେଡ଼ିକୁ ଝଟ୍‌କା ଲାଗିଛି ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି। ଅପରପକ୍ଷେ ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟ ବିଜେଡି ଉପସଭାପତି ପ୍ରଫୁଲ୍ଲ ସାମଲ କହିଛନ୍ତି, କୌଣସି ନେତା ଦଳ ଛାଡ଼ିଦେଲେ ତାଙ୍କ ସହିତ ଲୋକମାନେ ଯାଆନ୍ତି ନାହିଁ। ଦଳ ବଦଳକାରୀଙ୍କ ସହ ଲୋକେ କେବେ ରହନ୍ତି ନାହିଁ ବୋଲି ସେ କହିଛନ୍ତି।

# ରଥଯାତ୍ରାରେ କମାଇ ଦିଆଯିବ କର୍ଡନ ପାସ୍

ଭୁବନେଶ୍ୱର, ୨୫।୪(ସୁନିତ୍ ମିଶ୍ର): ଆସନ୍ତା ଜୁଲାଇରେ ହେବାକୁ ଥିବା ରଥଯାତ୍ରାକୁ ନେଇ ୪ର୍ଥ ପ୍ରସ୍ତୁତି ବୈଠକ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥର ରଥଟଣା କିପରି ଶୃଙ୍ଖଳିତ ହେବ ତାକୁ ନେଇ ଆଲୋଚନା ହୋଇଛି। ଗତଥର କାର୍‌କେଡ୍ ପାସ୍ ଅଧିକ ହୋଇଯିବା କାରଣରୁ ରଥଟଣା ସମୟରେ ବ୍ୟାପକ ବିଶୃଙ୍ଖଳା ଦେଖାଦେଇଥିଲା। କାର୍‌କେଡ୍ ଭିତରକୁ ଏତେ ଲୋକ କିପରି ଆସିଲେ ବୋଲି ଚାରିଆଡୁ ପ୍ରଶ୍ନ ଆସିଲା। ଏଥର ସେହି ସମସ୍ୟା ଯେପରି ନ ହେବ ସେଥିପ୍ରତି ମୁଖ୍ୟ ସଚିବ ବିଶେଷ ଧ୍ୟାନ ଦେଇଥିବା ଲକ୍ଷ୍ୟ କରାଯାଇଛି। ତେଣୁ ଏଥର କର୍ଡନ ପାସ୍ ବହୁ ପରିମାଣରେ କମାଇଦେବା ପାଇଁ ନିଷ୍ପତ୍ତି ହୋଇଥିବା ଜଣାପଡ଼ିଛି।

No. 15001/27/2627



ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ
୨୬ ଅପ୍ରେଲ, ୨୦୨୬
ସକାଳ ୮ ଘଟିକା – ପରିବହନ ଭବନ ସମ୍ମୁଖ ଏଜି ଛକ, ଭୁବନେଶ୍ୱରସ୍ଥିତ ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ।
ଜୟଦେବ ଭବନ, ଭୁବନେଶ୍ୱର
ସନ୍ଧ୍ୟା ୬ଘଟିକା - ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୀବନୀ ଆଧାରିତ ଫଟୋଚିତ୍ର ପ୍ରଦର୍ଶନୀ ମୁଖ୍ୟ ଅତିଥିଙ୍କ ଦ୍ୱାରା ଉଦ୍‌ଘାଟନ
ସନ୍ଧ୍ୟା ୬.୧୫ ମିନିଟ ସାଧାରଣ ସଭା
–ମୁଖ୍ୟ ଅତିଥି–
ଶ୍ରୀଯୁକ୍ତ ପୃଥ୍ୱୀରାଜ ହରିଚନ୍ଦନ
ମନ୍ତ୍ରୀ, ପୂର୍ତ୍ତ, ଆଇନ ଓ ଅବକାରୀ
–ସମ୍ମାନନୀୟ ଅତିଥି–
ଶ୍ରୀଯୁକ୍ତ ପ୍ରଦୀପ ପାଣିଗ୍ରାହୀ, ସାଂସଦ, ବ୍ରହ୍ମପୁର
–ମୁଖ୍ୟବକ୍ତା–
ଶ୍ରୀଯୁକ୍ତ ଅଜୟ ତ୍ରିପାଠୀ, ଅଧକ୍ଷ, ଛତ୍ରପୁର ମହାବିଦ୍ୟାଳୟ
–ଧନ୍ୟବାଦ ଅର୍ପଣ–
ଶ୍ରୀ ଦିଗ୍‌ବିଜୟ ନାଥ ପାଢୀ
ସଭାପତି, ପାରଳା ଗଜପତି ବିକାଶ ମଞ୍ଚ
ଭକ୍ତି ସଂଗୀତ ସଂସଦ, ପାରଳାଖେମୁଣ୍ଡିର କଳାକାରମାନଙ୍କ ଦ୍ୱାରା ମହାରାଜାଙ୍କ ଜୀବନୀକୁ ନେଇ ପ୍ରସ୍ତୁତ ଓଡ଼ିଶୀ ନୃତ୍ୟ, ଭକ୍ତି ସଂଗୀତ ଏବଂ ସୁଗମ ସଂଗୀତ ପରିବେଷଣ ।
ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ପାରଳା ଗଜପତି ବିକାଶ ମଞ୍ଚ, ଭୁବନେଶ୍ୱରଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସମାରୋହରେ ଯୋଗଦେବାକୁ ବିନମ୍ର ଅନୁରୋଧ ।
ସୂଚନା ଓ ଲୋକସମ୍ପର୍କ ବିଭାଗ
ଓଡ଼ିଶା ସରକାର
OIPR-15001/15001/2/26-27/0027

# ସ୍ୱତନ୍ତ୍ର ଅଧିବେଶନ କେବଳ ଡ୍ରାମା: ବିରୋଧୀ

ଭୁବନେଶ୍ୱର, ୨୫।୪(ସୁନିତ୍ ମିଶ୍ର)

■ଆମକୁ ସହିପାରୁନାହାନ୍ତି ବିରୋଧୀ: ମନ୍ତ୍ରୀ
■ ମହିଳାଙ୍କୁ ଢାଲକରି ଏବେ ହୀନ ରାଜନୀତି: ଅଶୋକ


ଅରୁଣ ସାହୁ


ଅଶୋକ ଦାସ


ଗୋକୁଳାନନ୍ଦ ମଲିକ

ଓଡ଼ିଶା ବିଧାନସଭାରେ ଆସନ୍ତା ୩୦ରେ ଦିନକ ପାଇଁ ସ୍ୱତନ୍ତ୍ର ଅଧିବେଶନ ବସିବ। ଏନେଇ ଶୁକ୍ରବାର ବିଧାନସଭା ସଚିବାଳୟ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ଭାରତୀୟ ଗଣତନ୍ତ୍ରରେ ମହିଳାମାନଙ୍କ ଯୋଗଦାନକୁ ନେଇ ଆଲୋଚନା କରାଯିବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି। ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ମହିଳା ସଂରକ୍ଷଣ ବିଲ୍ ପ୍ରସଙ୍ଗରେ ଆଲୋଚନା କରିବାକୁ ସରକାର ଏହି ଅଧିବେଶନ ମୁଖ୍ୟତଃ ଡାକିଛନ୍ତି। ଏହା ମାଧ୍ୟମରେ ରାଜ୍ୟରେ ବିରୋଧୀ ଦଳରେ ଥିବା ବିଜେଡି ଏବଂ କଂଗ୍ରେସ ମହିଳା ସଂରକ୍ଷଣ ବିଲ୍‌କୁ ସମର୍ଥନ କରୁନାହାନ୍ତି ବୋଲି ବାର୍ତ୍ତା ଦେବା ହେଉଛି ଉକ୍ତ ଅଧିବେଶନର ମୂଳ ଲକ୍ଷ୍ୟ ବୋଲି କୁହାଯାଉଛି। ମାତ୍ର ବିରୋଧୀ ଏହି ସ୍ୱତନ୍ତ୍ର ଅଧିବେଶନକୁ ନେଇ ଶାସକ ଭାଜପାକୁ ଟାର୍ଗେଟ କରିଛନ୍ତି। ଡ୍ରାମା କରିବାକୁ ଶାସକ ଦଳ ସ୍ୱତନ୍ତ୍ର ଅଧିବେଶନ ଡାକିଥିବା ବିଜେଡି କହିଛି। ଅନ୍ୟପଟେ ମହିଳାଙ୍କୁ ଢାଲକରି ଏବେ ଆଗକୁ ଯିବା ପାଇଁ ମିଛ ପ୍ରହେଳିକା ଆରମ୍ଭ କରାଯାଇଥିବା କଂଗ୍ରେସ ଅଭିଯୋଗ କରିଛି।

ସୂଚନାଯୋଗ୍ୟ, ମହିଳା ସଂରକ୍ଷଣ ପ୍ରସଙ୍ଗ ନେଇ ଦେଶ ତମାମ ରାଜନୀତି ଜୋର୍ ଧରିବାରେ ଲାଗିଛି। ମହିଳାମାନଙ୍କୁ ସଂରକ୍ଷଣ ମିଳୁ ଏବଂ ପାର୍ଲାମେଣ୍ଟରେ ସେମାନଙ୍କ ପ୍ରତିନିଧିତ୍ୱ ବଢୁ ବୋଲି ବିରୋଧୀ ଚାହୁଁ ନ ଥିବା ଦେଶର ସବୁ ରାଜ୍ୟରେ ଭାଜପା ଅଭିଯୋଗ କରୁଛି। ମାତ୍ର ବିରୋଧୀ ଅଭିଯୋଗ କରୁଛନ୍ତି, ଗତ ୧୬ ତାରିଖରୁ ମହିଳା ସଂରକ୍ଷଣ ବିଲ୍ ପାରିତ କରାଇବା ଲାଗି ଯେଉଁ ୩ ଦିନିଆ ସ୍ୱତନ୍ତ୍ର ଅଧିବେଶନ ଡକାଯାଇଥିଲା ତାହା କେନ୍ଦ୍ର ସରକାରଙ୍କ ଗୋଟିଏ ଚାଲ୍ ଥିଲା। ମହିଳା ସଂରକ୍ଷଣ ବିଲ୍ ନାଁରେ କେନ୍ଦ୍ର ସରକାର ସୀମା ପୁନଃ ନିର୍ଦ୍ଧାରଣ ବିଲ୍ ପାରିତ କରାଇବାକୁ ଉଦ୍ଦେଶ୍ୟ ରଖିଥିଲେ। ତେଣୁ ବିରୋଧୀ ଦଳ ଏହାକୁ ବିରୋଧକଲେ। ଏହାସହ ୨ ତୃତୀୟାଂଶ ଭୋଟ ନ ପାଇବାରୁ ବିଲ୍ ପାରିତ ହୋଇପାରିଲା ନାହିଁ। ମାତ୍ର ଦେଶବ୍ୟାପୀ ଭାଜପା ପ୍ରତିବାଦ କରିବା ସହ ଅଭିଯୋଗ କରୁଛି ଯେ ବିରୋଧୀ ଦଳଗୁଡ଼ିକ ମହିଳା ସଂରକ୍ଷଣ ସପକ୍ଷରେ ନାହାନ୍ତି। ଏଭଳି ସମୟରେ ଓଡ଼ିଶାରେ ସ୍ୱତନ୍ତ୍ର ଅଧିବେଶନ ଡକାଯିବା ବିଷୟକୁ ବିରୋଧୀ ରାଜନୈତିକ ଦୃଷ୍ଟିଭଙ୍ଗୀରେ ଦେଖୁଛନ୍ତି।

ବରିଷ୍ଠ ବିଜେଡି ବିଧାୟକ ଅରୁଣ କୁମାର ସାହୁ କହିଛନ୍ତି, କୌଣସି କାରଣ ନ ଥାଇ କେନ୍ଦ୍ର ସରକାର ଅବେଳାରେ ପାର୍ଲାମେଣ୍ଟ ଡାକିଥିଲେ। ମହିଳା ସଂରକ୍ଷଣ ବିଲ୍ ଆଳରେ ୧୩୧ତମ ସମ୍ବିଧାନ ସଂଶୋଧନ କରିବା କେନ୍ଦ୍ର ଶାସକ ଦଳର ମୂଳ ଉଦ୍ଦେଶ୍ୟ ଥିଲା। ସେହି ସମୟରେ ୪୮ ଘଣ୍ଟା ଭିତରେ ବିରୋଧୀ ଦଳ ନେତା ତୁରନ୍ତ ସ୍ୱତନ୍ତ୍ର ଅଧିବେଶନ ଡାକିବା ଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖିଥିଲେ। ଯେତେବେଳେ କେନ୍ଦ୍ର ସରକାର ମହିଳା ସଂରକ୍ଷଣ ବିଲ୍ ଆଣିଲେ ବିରୋଧୀଙ୍କ ସହ କୌଣସି ପ୍ରକାର ଆଲୋଚନା କଲେନାହିଁ। ବିଲ୍ ଆସିବା ଆଗରୁ ଭାଜପା ଏନେଇ ପ୍ରଚାର ଆରମ୍ଭ କରିଦେଲା। ଏବେ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକି ଡ୍ରାମା କରିବାକୁ ଚାହୁଁଛନ୍ତି। ବର୍ତ୍ତମାନ କାହିଁକି ବିଧାନସଭା ଅଧିବେଶନ ଡାକିଛନ୍ତି ତାହା ମଧ୍ୟ ଜଣାଇନାହାନ୍ତି। ୩୦ ତାରିଖରେ ସେମାନଙ୍କ ସହ ଦେଖାଦେଖି ହେବ ବୋଲି ଅରୁଣ କହିଛନ୍ତି।

କଂଗ୍ରେସ ବିଧାୟକ ଅଶୋକ ଦାସଙ୍କ କହିବା କଥା, ପାର୍ଲାମେଣ୍ଟରେ ମହିଳା ସଂରକ୍ଷଣ ନାଁରେ ୧୩୧ତମ ସମ୍ବିଧାନ ସଂଶୋଧନ ବିଲ୍ ଯାହା ଆଣିଥିଲେ ତାହା କାଟ୍ ଖାଇଲା। ଏହାପରେ ବିଧାନସଭା ଡାକିବାର କିଛି କାରଣ ନାହିଁ। ୨୦୨୩ରେ ବିରୋଧୀଙ୍କ ସମର୍ଥନରେ ମହିଳା ସଂରକ୍ଷଣ ବିଲ୍ ପାରିତ ହୋଇସାରିଥିଲା। କାହିଁକି ୨୦୨୪ ନିର୍ବାଚନ ସମୟରେ କେନ୍ଦ୍ର ସରକାର ତାହା ଲାଗୁକଲେ ନାହିଁ। ସେତେବେଳୁ ଲାଗୁ ହୋଇଥିଲେ ପାର୍ଲାମେଣ୍ଟରେ ବର୍ତ୍ତମାନ ୧୩୮ ଜଣ ମହିଳା ପ୍ରତିନିଧିତ୍ୱ କରୁଥାଆନ୍ତେ। ଏକଛତ୍ରବାଦ ରାଜନୀତି କରିବା ହେଉଛି ସେମାନଙ୍କ ମୂଳ ଲକ୍ଷ୍ୟ। ମହିଳାଙ୍କୁ ଢାଲକରି ସେମାନେ ଏବେ ହୀନ ରାଜନୀତି କରିବା ଆରମ୍ଭ କରିଦେଇଛନ୍ତି।

ମନ୍ତ୍ରୀ ତଥା ଶାସକ ଦଳ ନେତା ଗୋକୁଳାନନ୍ଦ ମଲିକ କହିଛନ୍ତି, ପାର୍ଲାମେଣ୍ଟ ଏବଂ ବିଧାନସଭାରେ ମହିଳାମାନଙ୍କୁ ୩୩% ସଂରକ୍ଷଣ ମିଳୁ ଏକଥାକୁ ବିରୋଧ କଲେ। ସେ ବିଷୟରେ ଆଲୋଚନା କରିବା ଲାଗି ସ୍ୱତନ୍ତ୍ର ଅଧିବେଶନ ଡକାଯାଇଛି। ମହିଳାଙ୍କୁ ଯେଉଁ ଦେଶ ଓ ରାଜ୍ୟ ଅଗ୍ରାଧିକାର ଦେଉଛି ସେ ରାଷ୍ଟ୍ର ସେତେ ଆଗୁଆ। କିନ୍ତୁ ପ୍ରଧାନମନ୍ତ୍ରୀଙ୍କ ଏହି ପଦକ୍ଷେପକୁ ବିରୋଧୀମାନେ ବିରୋଧ କଲେ, ଏହା ନିନ୍ଦନୀୟ। ବିଜେଡି ସରକାରରେ ଥିବାବେଳେ ମହିଳାମାନଙ୍କ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଥିଲା। ଗାଁକୁ କାମ, ମା'କୁ ସମ୍ମାନ କହୁଥିଲା, ମାତ୍ର ମହିଳାଙ୍କୁ ନିର୍ଯାତନା ଦିଆଯାଉଥିଲା। ସେମାନେ ଯାହା କରିପାରି ନ ଥିଲେ ଭାଜପା ସେଇ ରାସ୍ତାରେ ଯାଉଥିବାରୁ ବିରୋଧୀ ସହିପାରୁ ନ ଥିବା ଗୋକୁଳାନନ୍ଦ କହିଛନ୍ତି।

## ଦେଶୀ ରନ୍ଧାମଦ ଜବତ, ୪ ଗିରଫ

**ଖଇରା, ୨୫।୪(ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଅବକାରୀ ଅଧୀକ୍ଷକ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶକ୍ରମେ ଖଇରା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରହ୍ଲାଦ ସାମଲ ନେତୃତ୍ୱରେ ଏକ ଟିମ୍ ଖଇରା ଥାନା ଅନ୍ତର୍ଗତ ବଣପାରିଆ, ଗଣ୍ଡିବେଡ଼ ଛକ ଓ ଡାଲଙ୍ଗ ଆଦି ଗ୍ରାମରେ ଚଢ଼ାଉ କରାଯାଇ ୧୧୦ ଲିଟର ଦେଶୀ ରନ୍ଧା ମଦ ଜବତ କରାଯାଇଛି। ବଣପାରିଆ ଗ୍ରାମର ଚନ୍ଦ୍ରମଣି ବେହେରା, ଶ୍ୟାମସୁନ୍ଦରପୁର ଗ୍ରାମର ସାବ ଜେନା, ଡାଲଙ୍ଗ ଗ୍ରାମର ପୂର୍ଣ୍ଣିମା ସେଠୀ ଓ ଜ୍ୟୋତ୍ସ୍ନାରାଣୀ ଘଡ଼େଇଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି । ଉକ୍ତ ଚଢ଼ାଉରେ ଖଇରା ଅବକାରୀ ଥାନା ସହ ଉପନିରୀକ୍ଷକ ଦୀପିକା ପରିଡ଼ା ଓ କନଷ୍ଟେବଲ ଦେବାଶିଷ ମଲ୍ଲିକ ପ୍ରମୁଖ ସାମିଲ ଥିଲେ। ଏନେଇ ଖଇରା ଅବକାରୀ ଥାନା ପକ୍ଷରୁ ୪ଟି ମାମଲା ରୁଜୁ କରାଯାଇଛି।

## ସରପଞ୍ଚଙ୍କୁ ମରଣାନ୍ତକ ଆକ୍ରମଣ

**ବସ୍ତା, ୨୫।୪(ହରିଶଙ୍କର ପାଢ଼ୀ)**

ବାଲେଶ୍ୱର ଜିଲା ବସ୍ତା ବ୍ଲକ ସିଂଲା ପଞ୍ଚାୟତ ସରପଞ୍ଚଙ୍କୁ ମରଣାନ୍ତକ ଆକ୍ରମଣ ହେଇଥିବା ବେଳେ ଗୁରୁତର ଅବସ୍ଥାରେ ବାଲେଶ୍ୱର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସିଂଲା ପଞ୍ଚାୟତରେ ଥିବା ଏମ୍ଇ ସ୍କୁଲରେ ସରକାରଙ୍କ ବିକଶିତ ଗାଁ ବିକଶିତ ଓଡିଶା ଯୋଜନାରେ ନୂତନ ଘରଟିଏ ପାଇଁ ୫ଲକ୍ଷ ୮୪ ହଜାର ୬ଶହ ଟଙ୍କା ମଞ୍ଜୁର ହୋଇଥିଲା। ଯାହା ବିଧାୟକଙ୍କ ୪୦% କାମ ମଧ୍ୟରେ ଅନ୍ତର୍ଭୁକ୍ତ ହୋଇଥିବାରୁ ବିଧାୟକ ଅଶ୍ୱନୀ କୁମାର ପାତ୍ର ସ୍କୁଲର ପ୍ରଧାନଶିକ୍ଷୟତ୍ରୀଙ୍କୁ କାମ କାରିବାକୁ କହିଥିଲେ। ଗ୍ରାମବାସୀ ମଧ୍ୟ ସ୍କୁଲ କାମକୁ ସ୍କୁଲ କର୍ତ୍ତୃପକ୍ଷ କରିବାକୁ କହିଥିଲେ, ହେଲେ ସରପଞ୍ଚ ବିପିନ କୁମାର ବିଶ୍ୱାଳ ଉକ୍ତ କାମକୁ ଜବରଦସ୍ତ ନିଜେ ଆରମ୍ଭ କରିଥିଲେ। ନିମ୍ନମାନର କାମ ସହିତ ଜବରଦସ୍ତ ସରପଞ୍ଚ କାମ କରୁଥିବାରୁ ଶନିବାର ସକାଳେ ଗ୍ରାମ କମିଟି, ସ୍କୁଲ କମିଟି ପକ୍ଷରୁ କାମ କରୁଥିବା ମିସ୍ତ୍ରୀଙ୍କୁ କାମ ବନ୍ଦ କରିବାକୁ କୁହାଯାଇଥିଲା। ଏହି ସମୟରେ ସରପଞ୍ଚ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ଗାଳିଗୁଲଜ କରିବା ସହିତ କାମ ଆରମ୍ଭ କରିବାକୁ ମିସ୍ତ୍ରୀମାନଙ୍କୁ କହିଥିଲେ। ଯାହାକୁ ନେଇ ଉଭୟ ପକ୍ଷଙ୍କ ମଧ୍ୟରେ ଗଣ୍ଡଗୋଳ ପରିସ୍ଥିତି ସୃଷ୍ଟି ହୋଇଥିଲା। ଗଣ୍ଡଗୋଳରେ ସରପଞ୍ଚ ନିଜେ ଅଭିନୟ କରି ତଳେ ପଡିଯାଇଥିବା ମେଡିକାଲ ଯାଇଥିବା ପ୍ରତିପକ୍ଷ କହିଥିବା ବେଳେ ସରପଞ୍ଚ ସନ୍ଧ୍ୟା ସୁଦ୍ଧା ଚେତାଶୂନ୍ୟ ଅବସ୍ଥାରେ ବାଲେଶ୍ୱର ମେଡିକାଲରେ ଚିକିତ୍ସିତ ହେଉଥିବା ଜଣାପଡିଛି। ଘଟଣାକୁ ନେଇ ଉଭୟପକ୍ଷ ଥାନାର ଦ୍ୱାରସ୍ଥ ହୋଇଥିବା ବେଳେ ପୋଲିସ ୨ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ସଂରକ୍ଷିତ ଜଙ୍ଗଲ ଜମିରେ ଖେଳପଡ଼ିଆ ପାଇଁ ଅନୁମତି

**ପାଟଣା,୨୫।୪(ବୀର କିଶୋର ଦାଶ)**

### ବିଧାୟକ, ଡିଏଫ୍‌ଓଙ୍କୁ ସମ୍ବର୍ଦ୍ଧିତକଲେ ଗ୍ରାମବାସୀ



କେନ୍ଦୁଝର ଜିଲା ପାଟଣା ବ୍ଲକ୍ କଷିଆପଡ଼ା ପଞ୍ଚାୟତ ଜାମୁନାଳିଆ ଗ୍ରାମବାସୀଙ୍କୁ ସଂରକ୍ଷିତ ଜଙ୍ଗଲର ପଡ଼ିଆକୁ ଡିଏଫଓ ଖେଳ ପଡ଼ିଆଭାବେ ବ୍ୟବହାର କରିବା ପାଇଁ ଅନୁମତି ଦେଇଛନ୍ତି। ଏ ନେଇ ଗ୍ରାମବାସୀଙ୍କ ପକ୍ଷରୁ ଶୁକ୍ରବାର ଜାମୁନାଳିଆ ପୂଜା ମଣ୍ଡପରେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଓ କେନ୍ଦୁଝର ଡିଏଫଓ ଧନ୍ୱରାଜ ହନୁମନ୍ତ ଧାମଧେରଙ୍କୁ ଗ୍ରାମବାସୀ ସମ୍ବର୍ଦ୍ଧିତ କରିଛନ୍ତି। ସୂଚନା ଅନୁଯାୟୀ, ସଦର ରେଞ୍ଜ ବେଲଦା ସଂରକ୍ଷିତ ଜଙ୍ଗଲ ମଝିରେ ଗ୍ରାମର ଏ ୨.୪୭ ଡିସିମିଲ ପଡ଼ିଆରେ ଗ୍ରାମର ଯୁବକମାନେ ଖେଳ ଓ ଉତ୍ସବ ପାଇଁ ଦୀର୍ଘ ଦିନରୁ ବ୍ୟବହାର କରି ଆସୁଥିଲେ। ବନ ବିଭାଗ ଉକ୍ତ ସଂରକ୍ଷିତ ଜମିକୁ ଗ୍ରାମବାସୀଙ୍କୁ ବ୍ୟବହାର ପାଇଁ ଅନୁମତି ପତ୍ର ପ୍ରଦାନ କରିଛି। ଏନେଇ ସବୁଜ ବନାନୀ ଯୁବକ ସଂଘାତ ତରଫରୁ ସମ୍ବର୍ଦ୍ଧନା ସଭା ଆୟୋଜିତ କରାଯାଇଥିଲା। ରାଜ୍ୟ କୁଡୁମୀ ସେନା ଉପସଭାପତି ତଥା ପୂର୍ବତନ କେନ୍ଦେଇପଶି ସମିତି ସଭ୍ୟ ମିତ୍ରଭାନୁ ମହାନ୍ତଙ୍କ ସଂଯୋଜନାରେ ଗ୍ରାମବାସୀ ପାଟଣା ବିଧାୟକ ନାଏକ, କେନ୍ଦୁଝର ବନଖଣ୍ଡ ଅଧିକାରୀଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଡିଏଫଓ ଗ୍ରାମବାସୀଙ୍କୁ ବିଭାଗୀୟ ଅନୁମତିପତ୍ର ପ୍ରଦାନ କରିଥିଲେ। ବିଧାୟକ ପଡିଆକୁ ଏକ ଉନ୍ନତ ଷ୍ଟାଡ଼ିୟମରେ ପରିଣତ କରାଇବାକୁ ସମସ୍ତ ପ୍ରକାର ସାହାଯ୍ୟ ସରକାର ଯୋଗାଇଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବ୍ଲକ୍ ଅଧ୍ୟକ୍ଷ ବିଣାପାଣି ନାୟକ, ଗ୍ରାମୀୟ ସରପଞ୍ଚ ଲିନା ନାୟକ, କଷିଆପଡ଼ା ସମିତି ସଭ୍ୟା ମଞ୍ଜୁଲତା ମହାନ୍ତ, ବିଧାୟକଙ୍କ ବ୍ଲକ୍‌ପ୍ରତିନିଧି କମଳାକାନ୍ତ ଦାଶ, ବିଡିଓ ମାନସ ରଞ୍ଜନ ଦଣ୍ଡପାଟ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ବିଶ୍ୱନାଥ ନାୟକ, ତୁରୁମୁଙ୍ଗା ଥାନା ଅଧିକାରୀ ଦୀପ୍ତି ରଞ୍ଜନ ସାହୁ, ଖିରେଇଟାଙ୍ଗିରୀ ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ସିଂଲା ଥାନା ତ୍ରିନାଥ ମନ୍ଦିରର ପଞ୍ଚମ ବାର୍ଷିକ ଉତ୍ସବ

**ଲଙ୍ଗଳେଶ୍ୱର, ୨୫।୪(କମଳାକାନ୍ତ ଦାସ)**

ବାଲେଶ୍ୱର ଜିଲା ବସ୍ତା ବ୍ଲକ ସିଂଲା ଥାନା ତ୍ରିନାଥ ମନ୍ଦିରର ପଞ୍ଚମ ବାର୍ଷିକ ଉତ୍ସବ ଥାନା ଅଧିକାରୀ ସୁରେନ୍ଦ୍ର ମହାଳିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପାଳିତ ହୋଇଯାଇଛି। ହୋମଯଜ୍ଞ ସହିତ ନାମ ସଂକୀର୍ତ୍ତନରେ ଉକ୍ତ ଅଞ୍ଚଳରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି। ଏହି ମନ୍ଦିରରେ ବ୍ରହ୍ମା, ବିଷ୍ଣୁ ଏବଂ ମହେଶ୍ୱରଙ୍କ ସହିତ ନବଗ୍ରହ ପ୍ରତିଷ୍ଠିତ ଦେବତାଙ୍କୁ ରୀତିନୀତି ଓ ପରମ୍ପରା ସହ ପୂଜାପାଠ କରାଯାଇଥିଲା। ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ତ୍ରିନାଥ ଦେବଙ୍କଠାରେ ମାନସିକ ପୂରଣ ନିମନ୍ତେ ଫଳମୂଳ ଦେଇ ପୂଜାର୍ଚ୍ଚନା କରିବା ସହିତ ମହାପ୍ରସାଦ ସେବନ କରିଥିଲେ। ଏଥିରେ ବସ୍ତା ଏସ୍‌ଡିପିଓ ମାନସ କୁମାର ଦେଓ, ବସ୍ତା ଥାନାଅଧିକାରୀ ରଣଜିତ ସାହୁ, ବାଲିଆପାଳ ଥାନାଅଧିକାରୀ ସାଲଖାନ ମୁର୍ମୁ, ସାର୍ଥା ଫାଣ୍ଡି ଅଧିକାରୀ ଦୀପକ କୁମାର ଗିରି, ବରାଣ ଫାଣ୍ଡି ଅଧିକାରୀ ସୋଲେ ମାରାଣ୍ଡି, ଏସ୍ଆଇ ଅଭିମନ୍ୟୁ ବେହେରା, ଏସ୍ଆଇ ତପନ ଜେନା, ଏଏସ୍ଆଇ ଗୋପାଳ ହେମ୍ବ୍ରମ, ଚନ୍ଦ୍ର ସୋରେନ, ପବିତ୍ର ମୋହନ ରାଉତ, ଛବି ହାଁସଦା, ଉଦ୍ଧବ ଚାମିଆ, ମଧୁ ବାସକେ, ରେଙ୍ଗ ଟାଟାର, ଜାତା ହେମ୍ବ୍ରମ, ସନ୍ତୋଷ ପ୍ରଧାନ, ଅନନ୍ତ ବେହେରା ଓ ସତ୍ୟବ୍ରତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ୨୦ଫୁଟ୍ ତଳକୁ ଖସିଲା ଟ୍ରାକ୍ଟର

**ଡେଙ୍କିକୋଟ,୨୫।୪(ନୀଳମଣି ମଣ୍ଡଳ)**

ଡେଙ୍କିକୋଟ୍ ପୋଲିସ ବିଟ୍ ହାଉସ ଅନ୍ତର୍ଗତ ଡେଙ୍କିକୋଟ ପଞ୍ଚାୟତ ଟିକିରା ଗ୍ରାମ ନିକଟରେ ଶନିବାର ସନ୍ଧ୍ୟାରେ ଏକ ଟ୍ରାକ୍ଟର ରାସ୍ତାକଡ଼ୁ ଓଲଟି ପଡ଼ିଛି। ଟ୍ରାକ୍ଟର ତଳେ ଚାପି ହୋଇ ଡ୍ରାଇଭର ଗୁରୁତର ହୋଇଥିବା ଜଣାପଡ଼ିଛି। ଟ୍ରାକ୍ଟରରେ ଡେଙ୍କିକୋଟ ବଜାରରୁ ସିମେଣ୍ଟ ବୋଝେଇ ହୋଇ ଯାଉଥିବା ବେଳେ ଭାରସାମ୍ୟ ହରାଇ ୨୦ଫୁଟ ରାସ୍ତା ତଳକୁ ଓଲଟି ପଡିଥିଲା। ସ୍ଥାନୀୟ ଲୋକେ ଡ୍ରାଇଭରଙ୍କୁ ଉଦ୍ଧାର କରିଥିଲେ। ପୋଲିସ ପହଞ୍ଚି ଘଟଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ଦୁର୍ଘଟଣାଗ୍ରସ୍ତ ଟ୍ରାକ୍ଟରକୁ ଜବତ କରି ତଦନ୍ତ କରୁଛି।

## ଦେଓଝରରେ ହାତୀ ଉପଦ୍ରବ

**ଯୋଡ଼ା,୨୫।୪(ମାନସ ମହାନ୍ତି)**



କେନ୍ଦୁଝର ଜିଲା ବଡ଼ବିଲ ରେଞ୍ଜ ବିଲେଇପଦା ସେକ୍ସନର ଦେଓଝର ଗ୍ରାମରେ ହାତୀପଲ ଉପଦ୍ରବ କରୁଛି। ଶୁକ୍ରବାର ରାତ୍ରି ପ୍ରାୟ ୮ ଘଟିକା ସମୟରେ ଠାକୁରାଣୀ ସଂରକ୍ଷିତ ଜଙ୍ଗଲରୁ ୨୬ଟି ହାତୀ ଆସି ଗ୍ରାମରେ ତାଣ୍ଡବ ରଚିଥିଲେ। ରଘୁନାଥ ମୁଣ୍ଡାଙ୍କ ଘର ଭାଙ୍ଗି ଦେଇଥିବା ବେଳେ ଗ୍ରାମବାସୀ ଘଉଡ଼ାଇବାକୁ ଉଦ୍ୟମ କରିବା ପରେ ମଧ୍ୟ ହାତୀପଲ ଉପଦ୍ରବ ଜାରି ରଖିଥିବା ଜଣାପଡ଼ିଛି। ହାତୀ ଉପଦ୍ରବ ସମୟରେ କୌଣସି ବନ କର୍ମଚାରୀ ସେଠାରେ ଉପସ୍ଥିତ ନ ଥିବାରୁ ଗ୍ରାମବାସୀ ଆତଙ୍କିତ ହୋଇଯାଇଥିଲେ। ଗତ ଏକ ମାସ ଧରି ଦେଓଝର ଅଞ୍ଚଳ ନିକଟସ୍ଥ ଜଙ୍ଗଲରେ ହାତୀପଲ ରହୁଛନ୍ତି। ହାତୀପଲ ସନ୍ଧ୍ୟା ହେଲେ ଗ୍ରାମାଭିମୁଖି ହେଉଥିବାରୁ ଦେଓଝର ଓ ନିକଟବର୍ତ୍ତୀ ଗ୍ରାମଗୁଡ଼ିକରେ ଲୋକଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ହାତୀ ଓ ଜନଜୀବନ ସୁରକ୍ଷା ପାଇଁ ବନ ବିଭାଗ ସବୁବେଳେ ବିଭିନ୍ନ କାର୍ଯ୍ୟକ୍ରମ କରୁଥିବା ବେଳେ ଅଞ୍ଚଳ ପ୍ରତି ଉପେକ୍ଷାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

## ବସ୍ତା ଏସ୍‌ଡିପିଓଙ୍କ କାର୍ଯ୍ୟାଳୟ ଆଗରେ ଭାଜପାର ଗଣଧାରଣା

### ତତ୍କାଳ ଛୁଟିରେ ଗଲେ ଏସ୍‌ଡିପିଓ

**ଗାନ୍ଧିଛକ, ୨୫।୪(ଦିଲୀପ ପଣ୍ଡା)**



ଧାରଣା ସ୍ଥଳରେ ଆଡିଶନାଲ୍ ଏସ୍‌ପି ବୁଝାଶୁଝା କରୁଛନ୍ତି।

ବସ୍ତାରେ ଦିନକୁ ଦିନ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହେବାରେ ଲାଗିଛି। ବସ୍ତା ଏସ୍‌ଡିପିଓ ମାନସ ଦେଓଙ୍କ ପ୍ରତି ଅସନ୍ତୋଷ ଚରମ ସୀମାରେ ପହଞ୍ଚିଛି। ଏହାର ପ୍ରତିଫଳନ ଶୁକ୍ରବାର ଦେଖିବାକୁ ମିଳିଛି। ବସ୍ତା ଭାଜପା ନେତା ରବୀନ୍ଦ୍ରନାଥ ଅଣ୍ଡିଆଙ୍କ ନେତୃତ୍ୱ ଏବଂ ଜିଲା ଉପସଭାପତି କୃଷ୍ଣଚନ୍ଦ୍ର ଦତ୍ତଙ୍କ ତତ୍ତ୍ୱାବଧାନରେ ଉତ୍ତର ବାଲେଶ୍ୱର ସାଙ୍ଗଠନିକ ଜିଲା ସଭାପତି ପ୍ରଦୀପ କୁମାର ପଣ୍ଡା, ରାଜ୍ୟପରିଷଦ ସଦସ୍ୟ ରବୀନ୍ଦ୍ର ଜୈନ, ବସନ୍ତ ବାରିକ, ଫର୍ନେଲ ବିଶ୍ୱାଳ, ଦିବାକର ରାଉତ, ବସ୍ତା ମଣ୍ଡଳ ସଭାପତି ପ୍ରସନ୍ନ ପଣ୍ଡା, ସୂର୍ଯ୍ୟନାରାୟଣ ସାହୁ, ନିହାର ରଞ୍ଜନ ବେହେରା, ପୁଟୁରା ସରପଞ୍ଚ ରାଧାକୃଷ୍ଣ ବେହେରା, ରାଜେନ ପରିଡ଼ା, ଆକାଶ ବେହେରା, ପ୍ରକାଶ କୁଣ୍ଡୁ, ଉମାକାନ୍ତ ବେଜ, ଧୀରେନ ସେଠୀ ଏବଂ ଦଳୀୟ କାର୍ଯ୍ୟକର୍ତ୍ତାମାନେ ଏସ୍‌ଡିପିଓଙ୍କ ବିରୋଧରେ ବିଭିନ୍ନ ନାରାବାଜି ଦେଇ ଗଣଧାରଣା ଦେଇଥିଲେ। ଏସଡିପିଓ ମାନସ ଦେଓଙ୍କର ନିଲମ୍ବନ ପାଇଁ ଅଡି ବସିଥିଲେ। ପରବର୍ତ୍ତୀ ସମୟରେ ଜିଲା ଅତିରିକ୍ତ ଏସ୍‌ପି ନିରଞ୍ଜନ ବେହେରା ଗଣଧାରଣାସ୍ଥଳରେ ପହଞ୍ଚି ଜନସାଧାରଣଙ୍କ ଦାବି ହୃଦ୍‌ବୋଧ କରି ଏସ୍‌ଡିପିଓ ମାନସ ଦେଓଙ୍କୁ ତତ୍କାଳ ଛୁଟିରେ ପଠାଇଥିଲେ। ଏହାପରେ ବସ୍ତାବାସୀ ଆଶ୍ୱସ୍ତି ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ବସ୍ତା ଜନସାଧାରଣ ଠିକ ଭାବେ ନ୍ୟାୟ ପାଇବେ ବୋଲି ବୁଦ୍ଧିଜୀବୀ ମହଲରେ ଆଶା କରାଯାଇଛି।

## ଦୀନ୍ ଦୟାଲ ଉପାଧ୍ୟାୟ ମହାଅଭିଯାନ ପ୍ରଶିକ୍ଷଣ ଶିବିର

**ପାଟଣା,୨୫।୪(ବୀର କିଶୋର ଦାଶ)**

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ତୁରୁମୁଙ୍ଗା ଜେପି କଲ୍ୟାଣ ମଣ୍ଡପରେ ୨୨ ନମ୍ବର ଯୋନ ଭାଜପା କାର୍ଯ୍ୟକର୍ତ୍ତାଙ୍କୁ ନେଇ ଶୁକ୍ରବାର ଦିନ ଦୟାଲ ଉପାଧ୍ୟାୟ ମହା ଅଭିଯାନ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ଆୟୋଜିତ କାର୍ଯ୍ୟକ୍ରମ କେନ୍ଦେଇପୋଷି ମଣ୍ଡଳ ସଭାପତି ଯୁଲିୟସ ସିଂଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ ଯୋଗଦେଇ କର୍ମୀମାନଙ୍କୁ ଭାଜପାର ବିଗତ ୭୭ବର୍ଷର ଗନ୍ତବ୍ୟ, ଦଳୀୟ ସଂଗଠନ ଓ କାର୍ଯ୍ୟପଦ୍ଧତି ସମ୍ବନ୍ଧରେ ପ୍ରଶିକ୍ଷଣ ଦେଇଥିଲେ। ସମ୍ମାନୀତ ଅତିଥିଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ପୂର୍ବତନ ରାଜ୍ୟ ଭାଜପା କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ, ଜିଲା ସାଧାରଣ ସମ୍ପାଦକ ଅନୁବ୍ରତ ବେହେରା ପ୍ରମୁଖ ଉପସ୍ଥିତ ରହି ଭାଜପାର ନୀତି ଆଦର୍ଶ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଦଳର ଆଗାମୀ କାର୍ଯ୍ୟପନ୍ଥା ଓ ଦଳୀୟ କାର୍ଯ୍ୟକଳାପକୁ କିପରି ଗତିଶୀଳ କରାଯିବ ସେନେଇ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ମଣ୍ଡଳର ସମସ୍ତ ବୁଥ୍ ସଭାପତି, ପଞ୍ଚାୟତ ପ୍ରମୁଖ, ଶକ୍ତି କେନ୍ଦ୍ରର ସମସ୍ତ କର୍ମୀ ଉପସ୍ଥିତ ଥିଲେ।


**କର୍ମଚାରୀ ଭବିଷ୍ୟନିଧି ସଂଗଠନ**
(ଶ୍ରମ ଏବଂ ରୋଜଗାର ମନ୍ତ୍ରାଳୟ, ଭାରତ ସରକାର )
କ୍ଷେତ୍ରୀୟ କାର୍ଯ୍ୟାଳୟ, ଭବିଷ୍ୟନିଧି ଭବନ, ପାନପୋଷ ରୋଡ଼, ରାଉରକେଲା- ୭୬୯୦୧୨, ଜିଲ୍ଲା - ସୁନ୍ଦରଗଡ଼

**ପ୍ରେସ୍ ବିଜ୍ଞପ୍ତି**

ଆଞ୍ଚଳିକ ଇ.ପି.ଏଫ୍. କାର୍ଯ୍ୟାଳୟ ପକ୍ଷରୁ ଆସନ୍ତା ମଇ ମାସ ପାଇଁ "ନିଧି ଆପକେ ନିକଟ" ଏବଂ "ପେନ୍‌ସନ୍ ଅଦାଲତ" ତା.୧୧.୦୫.୨୦୨୬ରିଖ (ସୋମବାର) ଦିନ ଆୟୋଜିତ ହେବାକୁ ଯାଉଛି । ଏହି ଅବସରରେ ପି.ଏଫ ଏବଂ ପେନ୍‌ସନ ସଂପର୍କିତ ସମସ୍ୟାଗୁଡ଼ିକର ଶୁଣାଣି ଏବଂ ସମାଧାନ କରାଯିବ । ପୂର୍ବାହ୍ନ ୧୧ଟାରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଭାଗନେବାପାଇଁ, ଆପତ୍ତି ଅଭିଯୋଗଥିବା ସମସ୍ତ ପେନସନଧାରୀ ତଥା ଇ.ପି.ଏଫ୍. ଅଂଶୀଦାରମାନେ ସେମାନଙ୍କ ସମସ୍ୟାର ପଞ୍ଜିକରଣ ନିଜର ଠିକଣା ଏବଂ ଫୋନ୍ ନମ୍ବର ସହ ଲିଖିତ ଭାବେ ପୋଷ୍ଟ ମାଧ୍ୟମରେ କିମ୍ବା ଅଫିସରେ ଥିବା ଡ୍ରପ୍ ବକ୍ସରେ ଦାଖଲ କରିବାକୁ ନିବେଦନ କରାଯାଇଛି । ଏଥିସହିତ ପ୍ରୋଭିଡେଣ୍ଟ ଫଣ୍ଡ ଆକାଉଣ୍ଟର ସବିଶେଷ ବିବରଣୀ କିମ୍ବା ପି.ପି.ଓ ନମ୍ବର ଇତ୍ୟାଦି ଆସନ୍ତା ୦୫.୦୫.୨୦୨୬ ତାରିଖ ପୂର୍ବରୁ ଦାଖଲ କରିବାକୁ ହେବ ବୋଲି ଆଞ୍ଚଳିକ ପି.ଏଫ୍. କମିଶନର୍ ଏକ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି ।

କ୍ଷେତ୍ରୀୟ ଭବିଷ୍ୟନିଧି ଆୟୁକ୍ତ
ଆଞ୍ଚଳିକ ଭବିଷ୍ୟନିଧି କାର୍ଯ୍ୟାଳୟ, ରାଉରକେଲା
SAI/RKL/0029/26


## ବାଲିଆପାଳରେ ପଞ୍ଚାୟତିରାଜ ଦିବସ

**ବାଲିଆପାଳ, ୨୫।୪(ରାଜଶ୍ରୀ ପାଣିଗ୍ରାହୀ)**

ବାଲିଆପାଳ ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲକ ପରିସରରେ ଶୁକ୍ରବାର ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ହୋଇଯାଇଛି। ବିଡିଓ ରାଧା ରଞ୍ଜନ ଦାଶଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାଲିଆପାଳ ବ୍ଲକ ଉପାଧ୍ୟକ୍ଷ ରାଜେଶ ଚୌଧୁରୀ, ଯୋଗାଣ ଅଧିକାରୀ ବିଷ୍ଣୁ ପ୍ରସାଦ ମହାରଣା, ସାମାଜିକ ସୁରକ୍ଷା ଅଧିକାରୀ ପାର୍ଥସାରଥି ସାହୁ, ସହକାରୀ ଯନ୍ତ୍ରୀ ଅମିତ କୁମାର ମୁର୍ମୁ, ସିଡ଼ିପିଓ ସୁନିତା ନାୟକ, ସମାଜସେବୀ ରବିନ୍ଦ୍ର ଅଣ୍ଡିଆ, ସତ୍ୟାନନ୍ଦ ମହାନ୍ତି, ପଙ୍କଜିନୀ ମହାପାତ୍ର, ମୃତ୍ୟୁଞ୍ଜୟ ନାୟକ, ଅଞ୍ଜନ କୁମାର ଗିରିଙ୍କ ସମେତ ବିଭିନ୍ନ ପଞ୍ଚାୟତର ନିର୍ବାଚିତ ପ୍ରତିନିଧି ଉପସ୍ଥିତ ଥିଲେ। ଏହି ଅବସରରେ ବାଲିଆପାଳ ବ୍ଲକର ବିଭିନ୍ନ ପଞ୍ଚାୟତରେ ୧୯୭ ଜଣ ନୂଆ ହିତାଧିକାରୀଙ୍କୁ ଅତିଥିମାନଙ୍କ ଦ୍ୱାରା ଅନ୍ତ୍ୟୋଦୟ ଗୃହ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ଜପିଡିଓ ପ୍ରିୟବ୍ରତ ଗିରି ପରିଚାଳନା କରିଥିଲେ ଏବଂ ଏବିଡିଓ ଶରତ ଚନ୍ଦ୍ର ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ।

## ବିକାଶ ପାଇଁ ସହଯୋଗ କରିବାକୁ ଆହ୍ୱାନ



ସମାରୋହରେ ବିଧାୟିକା ଓ ମଞ୍ଚାସୀନ ଅତିଥି।

**ବସ୍ତା, ୨୫।୪(ହରିଶଙ୍କର ପାଢ଼ୀ)**

ବସ୍ତା ବ୍ଲକ ପରିସରରେ ବିଡ଼ିଓ ମିହିର ରଞ୍ଜନ ବେହେରାଙ୍କ ସଭାପତିତ୍ୱରେ ବିଧାୟିକା ସୁବାସିନୀ ଜେନା, ଏମ୍‌ପି ପ୍ରତିନିଧି ପ୍ରଦୀପ କୁମାର ପଣ୍ଡା, ବ୍ଲକ ଅଧ୍ୟକ୍ଷ ଅଞ୍ଜଳିଦାସ ପ୍ରମୁଖ ଉପସ୍ଥିତ ହୋଇ ଜାତୀୟ ପଞ୍ଚାୟତିରାଜ ଦିବସରେ ଅଞ୍ଚଳର ବିକାଶ ପାଇଁ ସମସ୍ତେ ସହଯୋଗ କରିବାକୁ ଆହ୍ୱାନ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବସ୍ତାର ୩୧ ପଞ୍ଚାୟତର ସରପଞ୍ଚ, ସଦସ୍ୟାସଦସ୍ୟ, ଜିଲାପରିଷଦ ସଦସ୍ୟ, ଏସଏଚଜି ସଦସ୍ୟାମାନେ ଉପସ୍ଥିତ ଥିଲେ। ଏହି ଅବସରରେ ରାଜ୍ୟ ସରକାର ପ୍ରତି ପଞ୍ଚାୟତରୁ ୭ଜଣ ଲେଖାଏଁ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ।


**ରେଳ ମନ୍ତ୍ରଣାଳୟ**
ପୂର୍ବ ତଟ ରେଳପଥ
ସୂଚନା ପତ୍ର
ଭୁବନେଶ୍ୱର, ତାରିଖ-10.04.2026
ରେଳ ଆଇନ, 1989 ର ସେକ୍ସନ୍ 20A ଅନ୍ତର୍ଗତ ସୂଚନା

S.O.1836(E).- ରେଲୱେ(ସଂଶୋଧନ) ଆଇନ, 1989(24/89)-ର ସେକ୍ସନ 20A ର ସବ୍-ସେକ୍ସନ (1) ଦ୍ୱାରା ଦିଆଯାଇଥିବା ଶକ୍ତିରେ କେନ୍ଦ୍ର ସରକାର, ଏହା ନିଶ୍ଚିତ ହେଲା ପରେ ଯେ ଜନ ସାଧାରଣଙ୍କ ଉଦ୍ଦେଶ୍ୟ ପାଇଁ, ଯାହାର ସଂକ୍ଷିପ୍ତ ବିବରଣୀ ଏଠାରେ ନିମ୍ନଲିଖିତ ସୂଚୀରେ ଦିଆଯାଇଛି, ଏହା ପାଇଁ ସ୍ଥାନ ଆବଶ୍ୟକ ହୋଇଛି ବିଶେଷ ରେଲୱେ ପ୍ରକଳ୍ପ ପୂରଣ କରିବା ପାଇଁ, ପ୍ରକଳ୍ପର ନାମ "ଖୋର୍ଦ୍ଧା ରୋଡ଼ ଡିଭିଜନ୍ ଅଧୀନ, ଓଡ଼ିଶାର ଗଞ୍ଜାମ ଜିଲ୍ଲାରେ କୁହୁଡ଼ି(KUU)-ଗଙ୍ଗାଧରପୁର(GNGD) ଷ୍ଟେସନ ମଧ୍ୟରେ KM 510/33-511/1ରେ ଲେଭେଲ୍ କ୍ରସିଂ ସଂଖ୍ୟା-242 ବନ୍ଦ କରିବା ପ୍ରତିସ୍ଥାନରେ ସଡ଼କ ଉପର ଅଧିସେତୁ ନିର୍ମାଣ" ପ୍ରକଳ୍ପ ପାଇଁ, ସେହି ସ୍ଥଳ ଅଧିଗ୍ରହଣ କରିବାକୁ ତାଙ୍କର ଇଚ୍ଛା ପ୍ରକାଶ କରିଛନ୍ତି ।

ଉକ୍ତ ଜମିରେ ରୁଚିରୁସ୍ତ କୌଣସି ବ୍ୟକ୍ତି, ଅଧିକୃତ ଗଜେଟରେ ସୂଚନା ପ୍ରକାଶ ପାଇଁ ତାରିଖରୁ (30) ତିରିଶି ଦିନ ମଧ୍ୟରେ, ଉକ୍ତ ଜମିକୁ ଉଲ୍ଲେଖିତ ଉଦ୍ଦେଶ୍ୟ ପାଇଁ ଅଧିଗ୍ରହଣ କରାଯିବା ଉପରେ ବିରୋଧ ଉଠାଇପାରିବେ, ଯାହା ଏହି କାନୁନର ଧାରା 20D ଅନୁଧାରା (1) ଅନ୍ତର୍ଗତ ଥାଏ ।

ସମସ୍ତ ଆପତ୍ତିଗୁଡ଼ିକୁ ସମ୍ପୂର୍ଣ୍ଣ କ୍ଷମତାଶୀଳ କାର୍ଯ୍ୟାଧିକାରୀଙ୍କୁ, ଅର୍ଥାତ୍ ଜମି ଅଧିଗ୍ରହଣ ପାଇଁ କ୍ଷମତାଶୀଳ କାର୍ଯ୍ୟାଧିକାରୀ (CALA) ଏବଂ ଚିଲିକା ତହସିଲଦାରଙ୍କୁ, ଲିଖିତ ଭାବରେ ଦାଖଲ କରାଯିବା ଦରକାର ହେବ, ଯାହା କୁହୁଡ଼ି(KUU)-ଗଙ୍ଗାଧରପୁର(GNGD) ଷ୍ଟେସନ ମଧ୍ୟରେ KM 510/33-511/1 ରେ ଲେଭେଲ୍ କ୍ରସିଂସଂଖ୍ୟା-242 ସଡ଼କ ଉପର ଅଧିସେତୁ ନିର୍ମାଣ ପାଇଁ ହାୱଡ଼ା-ବିଶାଖାପାଟଣା ମୁଖ୍ୟ ରେଳପଥ ଖୋର୍ଦ୍ଧା ରୋଡ଼ ବିଭାଗରେ ନିର୍ମିତ ହେବ । ଏହାର ତଥ୍ୟ ଓ ତ୍ରୁଟିମୂଳକ ବିବରଣୀ ସହିତ ଦାଖଲ କରାଯିବା ଦରକାର । କ୍ଷମତାଶୀଳ କାର୍ଯ୍ୟାଧିକାରୀ ଆପତ୍ତିକାରୀଙ୍କୁ ସେହି ବିଷୟରେ ଶୁଣିବାର ସୁଯୋଗ ଦେବେ, ସେ ନିଜେ ଲଗତାର କିମ୍ବା ଏକ ଆଇନ ସନ୍ନିଧାନକାରୀ ମାଧ୍ୟମରେ ଆପତ୍ତିଗୁଡ଼ିକୁ ଶୁଣିବେ, ଏବଂ ସମସ୍ତ ଆପତ୍ତିଗୁଡ଼ିକୁ ଶୁଣିବା ପରେ ଏବଂ ଯଥା ଆବଶ୍ୟକ ହେଲେ ଅନ୍ୟାନ୍ୟ ତଦନ୍ତ କରି, କ୍ଷମତାଶୀଳ କାର୍ଯ୍ୟାଧିକାରୀ ଆଦେଶ ମାଧ୍ୟମରେ, ସେହି ଆପତ୍ତିଗୁଡ଼ିକୁ ମାନ୍ୟ କିମ୍ବା ଅମାନ୍ୟ କରିପାରିବେ ।

ଏହି କାନୁନର 20D ର ସବ୍-ସେକସନ୍(2) ଅନୁସାରେ ପ୍ରାଧିକୃତ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ କୌଣସି ଆଦେଶ ଅନ୍ତିମ ନିର୍ଣ୍ଣୟ ହେବ । ଏହି ସୂଚନା ଅଧୀନ ଆସିଥିବା ଜମିର ଯୋଜନା ଏବଂ ଅନ୍ୟାନ୍ୟ ବିବରଣୀ ଉପଲବ୍ଧ ରହିଛି ଏବଂ ଇଚ୍ଛୁକ ବ୍ୟକ୍ତି ପ୍ରାଧିକୃତ କର୍ତ୍ତାଙ୍କର ଉପରୋକ୍ତ କାର୍ଯ୍ୟାଳୟରେ ଯାଇ ସେଗୁଡ଼ିକୁ ନିରୀକ୍ଷଣ କରି ପାରିବେ ।

ସୂଚୀ

ଏହା ସହିତ ସଂଲଗ୍ନ ଭୂମିର ସଂକ୍ଷିପ୍ତ ବର୍ଣ୍ଣନା (ଆନେକ୍ସଚର-I) ଯାହା ସଂରଚନା ସହିତ କିମ୍ବା ବିନା ସଂରଚନାରେ ଅଧିଗ୍ରହଣ କରାଯିବା ପାଇଁ, ବିଶେଷ ରେଳପଥ ପ୍ରକଳ୍ପ ପାଇଁ, ଯଥା 'ଖୋର୍ଦ୍ଧା ରୋଡ଼ ଡିଭିଜନ ଅଧୀନ ହେଉଥିବା ହାୱଡ଼ା-ବିଶାଖାପାଟଣା ମୁଖ୍ୟ ରେଳପଥରେ କୁହୁଡ଼ି(KUU)-ଗଙ୍ଗାଧରପୁର(GNGD) ଷ୍ଟେସନ ମଧ୍ୟରେ KM 510/33-511/1 ରେ ଲେଭେଲ୍ କ୍ରସିଂସଂଖ୍ୟା-242 ବନ୍ଦ କରିବା ପ୍ରତିସ୍ଥାପନାରେ ସଡ଼କ ଉପର ଅଧିସେତୁ ନିର୍ମାଣ') ଖୋର୍ଦ୍ଧା ଜିଲ୍ଲାରେ, ଓଡ଼ିଶା ରାଜ୍ୟରେ ।

ଜିଲ୍ଲାର ନାମ:- ଖୋର୍ଦ୍ଧା ଏନେକ୍ସର-I

ଜମି ସୂଚୀ
ପ୍ରକଳ୍ପର ନାମ: ଆରଓବି 242 ନିର୍ମାଣ
ଜିଲ୍ଲାର ନାମ : ଖୋର୍ଦ୍ଧା, ବିଭାଗର ନାମ : ଖୋର୍ଦ୍ଧା ରୋଡ଼, ତହସିଲଦାରଙ୍କ ନାମ : ଚିଲିକା

| କ୍ର. ସଂ. | ଗାଁର ନାମ | ପ୍ଲଟ୍ ନମ୍ବର | ଖାତା ନମ୍ବର | ଭୂମିର ପ୍ରକାର | ସମ୍ପୂର୍ଣ୍ଣ ଜମି ଏକରରେ | ଅର୍ଜିତ ଜମି ଏକରରେ |
|---|---|---|---|---|---|---|
| 1 | ହରିପୁର | 413 | 868 | ଜଙ୍ଗଲ | 50.530 | 0.159 |
| 2 | ହରିପୁର | 426 | 868 | ଜଙ୍ଗଲ | 4.655 | 0.067 |
| 3 | ହରିପୁର | 434 | 868 | ଜଙ୍ଗଲ | 3.160 | 0.374 |
| 4 | ହରିପୁର | 433 | 872 | ସରକାରୀ | 6.410 | 0.398 |
| 5 | ହରିପୁର | 481 | 871 | ସରକାରୀ | 0.415 | 0.036 |
| 6 | ହରିପୁର | 469 | 400 | ନିଜସ୍ୱ | 0.840 | 0.129 |
| 7 | ହରିପୁର | 480 | 650 | ନିଜସ୍ୱ | 0.036 | |
| 8 | ହରିପୁର | 480/2357 | 743/89 | ନିଜସ୍ୱ | 0.163 | |
| 9 | ହରିପୁର | 480/2358 | 743/90 | ନିଜସ୍ୱ | 0.086 | |
| 10 | ହରିପୁର | 480/2383 | 743/136 | ନିଜସ୍ୱ | 0.052 | |
| 11 | ହରିପୁର | 480/2393 | 743/148 | ନିଜସ୍ୱ | 0.040 | 0.317 |
| 12 | ହରିପୁର | 480/2514 | 743/386 | ନିଜସ୍ୱ | 0.115 | |
| 13 | ହରିପୁର | 480/2515 | 743/388 | ନିଜସ୍ୱ | 0.105 | |
| 14 | ହରିପୁର | 480/2516 | 743/389 | ନିଜସ୍ୱ | 0.069 | |
| 15 | ହରିପୁର | 480/2517 | 743/390 | ନିଜସ୍ୱ | 0.029 | |
| 16 | ହରିପୁର | 480/2518 | 743/391 | ନିଜସ୍ୱ | 0.070 | |
| 17 | ହରିପୁର | 479 | 153 | ମନ୍ଦିର ଜମି | 0.972 | 0.408 |
| 18 | ହରିପୁର | 483 | 288 | ନିଜସ୍ୱ | 0.400 | |
| 19 | ହରିପୁର | 483/2430 | 743/195 | ନିଜସ୍ୱ | 0.117 | |
| 20 | ହରିପୁର | 483/2442 | 743/218 | ନିଜସ୍ୱ | 0.100 | |
| 21 | ହରିପୁର | 483/2448 | 743/230 | ନିଜସ୍ୱ | 0.072 | 0.213 |
| 22 | ହରିପୁର | 483/2461 | 743/248 | ନିଜସ୍ୱ | 0.028 | |
| 23 | ହରିପୁର | 483/2465 | 743/252 | ନିଜସ୍ୱ | 0.140 | |
| 24 | ହରିପୁର | 483/2521 | 743/397 | ନିଜସ୍ୱ | 0.043 | |
| 25 | ହରିପୁର | 478 | 871 | ସରକାରୀ | 0.245 | 0.057 |
| 26 | ହରିପୁର | 477 | 288 | ନିଜସ୍ୱ | 0.233 | 0.155 |
| 27 | ହରିପୁର | 486 | 871 | ସରକାରୀ | 1.983 | 0.130 |
| 28 | ହରିପୁର | 459 | 871 | ସରକାରୀ | 1.223 | 0.166 |
| 29 | ହରିପୁର | 550 | 135 | ନିଜସ୍ୱ | 0.206 | 0.064 |
| 30 | ହରିପୁର | 553 | 452 | ନିଜସ୍ୱ | 0.012 | 0.012 |
| 31 | ହରିପୁର | 554 | 471 | ନିଜସ୍ୱ | 0.126 | 0.086 |
| 32 | ହରିପୁର | 552 | 472 | ନିଜସ୍ୱ | 0.550 | 0.128 |
| 33 | ହରିପୁର | 655 | 874 | ସରକାରୀ | 3.398 | 0.069 |
| 34 | ହରିପୁର | 656 | 874 | ସରକାରୀ | 3.004 | 0.051 |
| 35 | ହରିପୁର | 657 | 874 | ସରକାରୀ | 3.490 | 0.063 |
| 36 | ହରିପୁର | 751 | 127 | ନିଜସ୍ୱ | 0.105 | 0.055 |
| 37 | ହରିପୁର | 750 | 344 | ନିଜସ୍ୱ | 0.432 | 0.197 |
| 38 | ହରିପୁର | 760 | 743/416 | ନିଜସ୍ୱ | 0.432 | 0.133 |
| 39 | ହରିପୁର | 757 | 743/79 | ନିଜସ୍ୱ | 0.463 | 0.016 |
| 40 | ହରିପୁର | 759 | 268 | ନିଜସ୍ୱ | 0.231 | 0.105 |
| 41 | ହରିପୁର | 762 | 237 | ନିଜସ୍ୱ | 0.432 | 0.066 |
| 42 | ହରିପୁର | 770 | 676 | ନିଜସ୍ୱ | 0.387 | 0.062 |
| 43 | ହରିପୁର | 763 | 563 | ନିଜସ୍ୱ | 0.821 | 0.143 |
| 44 | ହରିପୁର | 764 | 245 | ନିଜସ୍ୱ | 0.373 | 0.050 |
| 45 | ହରିପୁର | 768 | 743/323 | ନିଜସ୍ୱ | 0.305 | 0.031 |
| 46 | ହରିପୁର | 765 | 245 | ନିଜସ୍ୱ | 0.095 | 0.083 |
| 47 | ହରିପୁର | 745 | 587 | ନିଜସ୍ୱ | 0.733 | 0.006 |
| 48 | ହରିପୁର | 767 | 587 | ନିଜସ୍ୱ | 0.483 | 0.086 |
| 49 | ହରିପୁର | 766 | 869 | ସରକାରୀ | 0.050 | 0.024 |
| 50 | ହରିପୁର | 811/2299 | 226 | ନିଜସ୍ୱ | 0.325 | 0.172 |
| 51 | ହରିପୁର | 814 | 583 | ନିଜସ୍ୱ | 1.069 | 0.018 |
| 52 | ହରିପୁର | 815 | 350 | ନିଜସ୍ୱ | 1.070 | 0.342 |
| 53 | ହରିପୁର | 821 | 871 | ସରକାରୀ | 0.240 | 0.025 |
| 54 | ହରିପୁର | 823 | 607 | ମନ୍ଦିର ଜମି | 0.767 | 0.172 |
| 55 | ହରିପୁର | 824 | 252 | ନିଜସ୍ୱ | 0.548 | 0.111 |
| 56 | ହରିପୁର | 825 | 631 | ନିଜସ୍ୱ | 1.132 | 0.118 |
| 57 | ହରିପୁର | 828 | 688 | ନିଜସ୍ୱ | 0.418 | 0.094 |
| 58 | ହରିପୁର | 829 | 6 | ନିଜସ୍ୱ | 0.417 | 0.144 |
| 59 | ହରିପୁର | 849 | 374 | ନିଜସ୍ୱ | 0.458 | 0.105 |
| 60 | ହରିପୁର | 851 | 476 | ନିଜସ୍ୱ | 2.203 | 0.463 |
| 61 | ହରିପୁର | 858 | 592 | ନିଜସ୍ୱ | 0.412 | 0.150 |
| 62 | ହରିପୁର | 1173 | 550 | ନିଜସ୍ୱ | 0.160 | 0.075 |
| 63 | ହରିପୁର | 1172 | 156 | ନିଜସ୍ୱ | 0.165 | 0.067 |
| 64 | ହରିପୁର | 1171 | 557 | ମନ୍ଦିର ଜମି | 0.371 | 0.118 |
| 65 | ହରିପୁର | 1170 | 184 | ମନ୍ଦିର ଜମି | 0.323 | 0.134 |
| 66 | ହରିପୁର | 1169 | 199 | ମନ୍ଦିର ଜମି | 0.148 | 0.095 |
| 67 | ହରିପୁର | 1162 | 743/402 | ନିଜସ୍ୱ | 0.714 | 0.059 |
| 68 | ହରିପୁର | 1164 | 871 | ସରକାରୀ | 0.507 | 0.093 |
| 69 | ହରିପୁର | 1167 | 743/288 | ନିଜସ୍ୱ | 0.899 | 0.077 |
| 70 | ହରିପୁର | 1168 | 871 | ସରକାରୀ | 0.165 | 0.034 |
| | | | | | ମୋଟ | 6.805 |

ଉପ ମୁଖ୍ୟ ଇଞ୍ଜିନିୟର/ନିର୍ମାଣ/ଆରଏସପି,
ପୂର୍ବ ତଟ ରେଳପଥ /ଭୁବନେଶ୍ୱର
[PR-31/CJ/26-27]


## ଆଜିଠୁ ଶିଶିର ମହାପାତ୍ର ମେମୋରିଆଲ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ

**ନୀଳଗିରି, ୨୫।୪ (ପ୍ରଶାନ୍ତ କୁମାର ବିଶ୍ୱାଳ)**

ନୀଳଗିରି ଅଲସିଜିନ ସ୍ପୋର୍ଟସ କ୍ଲବ ପକ୍ଷରୁ ୨୧ତମ ଶିଶିର ମହାପାତ୍ର ମେମୋରିଆଲ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ୨୦୨୬ ରବିବାରଠାରୁ ଆରମ୍ଭ ହେବାକୁ ଯାଉଛି। ଏହି ଅବସରରେ ଖେଳ ପ୍ରେମୀଙ୍କ ଅବଗତି ନିମନ୍ତେ ଖେଳର ଶୁଭାରମ୍ଭ ପାଇଁ ଏକ ଖବରଦାତା ସମ୍ମିଳନୀ ସ୍ଥାନୀୟ ଅଲସିଜିନ ସ୍ପୋର୍ଟସ କ୍ଲବଠାରେ ଅନୁଷ୍ଠିତ ହୋଇଥିଲା। ସ୍ୱର୍ଗତ ଶିଶିର ମହାପାତ୍ରଙ୍କ ପୁତ୍ର ତଥା ଅଲସିଜିନ ସ୍ପୋର୍ଟସ କ୍ଲବର ସଭାପତି ସବ୍ୟସାଚୀ ମହାପାତ୍ର ଆଜିକୁ ନୀଳଗିରି ଅଞ୍ଚଳରେ ଦୀର୍ଘ ୨୦ ବର୍ଷ ଧରି ହେଇଆସୁଥିବା ଟୁର୍ନାମେଣ୍ଟ ଆୟୋଜନ କରିବା ସହ ରାଜ୍ୟ ଓ ରାଜ୍ୟ ବାହାରୁ ଆସୁଥିବା ଖେଳାଳିମାନଙ୍କୁ ନୀଳଗିରିବାସୀ ଦେଖିବାର ସୁଯୋଗ ପାଇବା ସହିତ ଏହି ଖେଳକୁ ପ୍ରଚାର ପ୍ରସାର ପାଇଁ ସେ ସବୁବେଳେ ଚେଷ୍ଟା ଜାରି ରଖିଥିବା କହିଛନ୍ତି।

## ୨୯ରେ ମହାସଂଘ ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କ ବାଲେଶ୍ୱର ଗସ୍ତ




ବୈଠକରେ ଉପସ୍ଥିତ ମହାସଂଘର କର୍ମକର୍ତ୍ତା।

**ବାଲେଶ୍ୱର, ୨୫।୪(ବାଞ୍ଛାନିଧି ଦେ)**

ବାଲେଶ୍ୱର ଓଟିରୋଡସ୍ଥିତ ଅଙ୍ଗାରଗଡ଼ିଆଠାରେ ଶୁକ୍ରବାର ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ମହାସଂଘ, ବାଲେଶ୍ୱର ଶାଖାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମହେଶ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଆସନ୍ତା ୨୯ ତାରିଖରେ ମହାସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ପୀତବାସ ମିଶ୍ରଙ୍କ ବାଲେଶ୍ୱର ଗସ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମର ସଫଳ ରୂପାୟନ ଓ ମହାସଂଘର ପୁନର୍ଗଠନ ଦିଗରେ କର୍ମକର୍ତ୍ତାମାନେ ଆଲୋକପାତ କରିଥିଲେ। ବରିଷ୍ଠ ସଦସ୍ୟ ସୃଷ୍ଟିଧର ପରିଡା, ଶୁଭେନ୍ଦୁ କୁମାର୍ ଦାଶ, ଅପର୍ଣ୍ଣା ମହାପାତ୍ର, ଭବେଶ ପାଣିଗ୍ରାହୀ, କଞ୍ଚମଣୀ ସ୍ୱାଇଁ, ମନୋଜ ବିଶ୍ୱାଳ, ମିତାଞ୍ଜଳି ପାଣିଗ୍ରାହୀ, ଦମୟନ୍ତୀ ପଣ୍ଡା, ଭଗବାନ ଚନ୍ଦ୍ର ଦାସ, ହରିଶଙ୍କର ଜେନା, ଶରତ ବାରିକ, ତପନ ଦାଶ, ସୁରେନ୍ଦ୍ର ମୋହନ ଜେନା, ମହେଶ୍ୱର ପ୍ରଧାନ, କମଳାକାନ୍ତ ନାୟକ, ଦେବବ୍ରତ ପାଣିଗ୍ରାହୀ, ସସ୍ମିତ କୁମାର୍ ବେହେରା, ପୂର୍ଣ୍ଣଚନ୍ଦ୍ର ବେହେରା, ମଧୁସୂଦନ ଗିରି, ବିସ୍ମୟ କୁମାର୍ ମଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ଦେଶୀ ମଦ ଜବତ, ୨ ବେପାରୀ ଗିରଫ

**ନୀଳଗିରି, ୨୫।୪(ପ୍ରଶାନ୍ତ କୁମାର ବିଶ୍ୱାଳ):**

ନୀଳଗିରି ଅବକାରୀ ବିଭାଗର ଇନ୍ସପେକ୍ଟର ମନୋଜ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ନୀଳଗିରିର ଦୁଇଟି ପୃଥକ୍ ସ୍ଥାନରେ ଚଢାଉ କରାଯାଇ ଦେଶୀ ମଦ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ୨ ବେପାରୀଙ୍କୁ ଗିରଫ କରାଯାଇଛି। ଶନିବାର ନୀଳଗିରି ଅବକାରୀ ବିଭାଗ ଖବରପାଇ ନୀଳଗିରି ଥାନା ଅଧୀନ ରାଜନଗର ଓ ଓଲଡଙ୍ଗ ଛକ ନିକଟରୁ ୨ ମଦ ବେପାରୀଙ୍କୁ ଧରିବାରେ ସକ୍ଷମ ହୋଇଛି। ତେବେ ଓଲଡଙ୍ଗ ଛକ ନିକଟରୁ ଗୋପୀନାଥପୁର ଅଞ୍ଚଳର ଜଗନ୍ନାଥ ବାରିକଙ୍କଠାରୁ ଏକ ସ୍କୁଟି ସମେତ ୮୦ଲିଟର ଦେଶୀ ମଦ ଏବଂ ରାଜନଗର ଛକ ନିକଟରୁ ଛତ୍ରପୁର ଅଞ୍ଚଳର ତୁଷାରକାନ୍ତ ବିଶ୍ୱାଳଙ୍କଠାରୁ ବାଇକ୍ ସମେତ ୭୦ଲିଟର ଦେଶୀ ମଦ ଜବତ କରିଛି ଅବକାରୀ ବିଭାଗ। ତେବେ ଉଭୟ ବେପାରୀଙ୍କୁ ଗିରଫ କରି ମାମଲା(ନଂ.୨୩/୨୬ ଏବଂ ୨୪/୨୬) ରୁଜୁ କରି କୋର୍ଟଚାଲାଣ କରିଛି। ଏହି ଚଢ଼ାଉରେ ଅବକାରୀ ଇନ୍ସପେକ୍ଟର ମନୋଜ କୁମାର ସାହୁ, କେଶବ ଦାସ, ତପନ କୁମାର ମଲ୍ଲିକ ଓ ସନ୍ତୋଷ କୁମାର ବେହେରା ପ୍ରମୁଖ ସାମିଲ ଥିଲେ।

# ପଞ୍ଚାୟତିରାଜ ଦିବସରେ ୩୭୦ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ

**ଖଇରା, ୨୫।୪(ଉତ୍କଳବନ୍ଧୁ ପଣ୍ଡା):**

ବାଲେଶ୍ୱର ଜିଲା ଖଇରା ବ୍ଲକ ତଥା ରଟିଣା ପଞ୍ଚାୟତ କାର୍ଯ୍ୟାଳୟରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଖଇରା ବ୍ଲକ ପରିସରରେ ୩୭୦ଜଣ ଅସହାୟ, ଦିବ୍ୟାଙ୍ଗ, ଅଗ୍ନି ଓ ବାତ୍ୟାବିପନ୍ନଙ୍କୁ ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ପଦ୍ମଲୋଚନ ପଣ୍ଡା ଓ ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ କାର୍ଯ୍ୟାଦେଶ ବଣ୍ଟନ କରିଛନ୍ତି । ବିଡିଓ ନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ନିର୍ବାଚିତ ପ୍ରତିନିଧିମାନେ ଦଳମତ ନିର୍ବିଶେଷରୁ ଊର୍ଦ୍ଧ୍ୱରେ ରହି ଲୋକଙ୍କ ସେବା କରିବାକୁ ପରାମର୍ଶ ଦେଇଥିଲେ। ଖଇରା ବ୍ଲକରେ ବିଭିନ୍ନ ଯୋଜନାରେ ଉଲ୍ଲେଖନୀୟ ଅଗ୍ରଗତି ପାଇଁ ଖଇରା ବ୍ଲକ ଜିଲାରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବାରୁ ବିଧାୟକ ବିଡିଓ ତଥା ବ୍ଲକ ପ୍ରଶାସନକୁ ପ୍ରଶଂସା କରିବା ସହ ବିଡିଓଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଜିଲା


ବ୍ଲକରେ ଉଲ୍ଲେଖନୀୟ ପ୍ରଗତି ପାଇଁ ବିଧାୟକ ପଦ୍ମଲୋଚନ ପଣ୍ଡା ବିଡିଓଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର, ସଭ୍ୟ ମାନସ ମହାପାତ୍ର ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିସହ ବିଧାୟକ ବିଭିନ୍ନ ପଞ୍ଚାୟତର ଲୋକପ୍ରତିନିଧିମାନଙ୍କୁ ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ। ବ୍ରହ୍ମାନନ୍ଦ ଦାଶ, ଶଶିକାନ୍ତ ଦାସ, ବିଜୟକେତନ ସାହୁ, ଅନନ୍ତ କୁଅଁର, ଅଶୋକ ପାତ୍ରଙ୍କ ସମେତ ମହିଳା ମହାସଂଘର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ। ସେହିଭଳି ଖଇରା ବ୍ଲକ ଅଧୀନ ରଟିଣା ପଞ୍ଚାୟତ କାର୍ଯ୍ୟାଳୟରେ ଶୁକ୍ରବାର ସରପଞ୍ଚ ବାସନ୍ତୀ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମିତିସଭ୍ୟା ଛବିଲତା ମହାପାତ୍ର, ଶିକ୍ଷାବିତ ସୁରେନ୍ଦ୍ର ବେହେରା, ରମେଶ ପୁହାଣ, ସୁଦର୍ଶନ ସାହୁ, ବୟୋଜ୍ୟେଷ୍ଠ ବ୍ୟକ୍ତି କରୁଣାକର ମହାପାତ୍ର, ଅର୍ଜୁନ ଶତପଥୀ, ଗୋପିନାଥ ପାଢୀ, ପ୍ରାକ୍ତନ ଅଧ୍ୟାପକ ପ୍ରଫୁଲ୍ଲ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ପଞ୍ଚାୟତିରାଜ ବ୍ୟବସ୍ଥାରେ କରାଯାଉଥିବା ଉନ୍ନତିମୂଳକ କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଅଞ୍ଜନ ମହାପାତ୍ର, ପ୍ରଭାତ ଜେନା, ହରେକୃଷ୍ଣ ମହାକୁଡ ଓ କୈଳାସ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

# ‘ନିଶା ଛାଡ଼, ସୁସ୍ଥ ରୁହ’

## ବାର୍ତ୍ତା ଦେଲେ ନିଶାମୁକ୍ତ ଅଭିଯାତ୍ରୀ ଦଳ

**ଭୋଗରାଇ, ୨୫।୪(ପ୍ରଦୀପ ଦାସ):**

ନିଶାମୁକ୍ତ ଓଡ଼ିଶା ଗଠନ ଓ ନିଶା ଛାଡି ସୁସ୍ଥ ଜୀବନ ଗଢି ତୋଳିବାକୁ ବାର୍ତ୍ତା ଦେଇଛି ଓଡ଼ିଶା ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗ। ଏଥିନିମନ୍ତେ ଉକ୍ତ ସଙ୍ଗଠନର ଏକ ଅଭିଯାତ୍ରୀ ଦଳ ନିଶାମୁକ୍ତ ସମାଜ ଗଠନ ନିମନ୍ତେ ଭୋଗରାଇ ଗସ୍ତରେ ଆସି ଶନିବାର କଂଗ୍ରେସ ଭବନରେ ପହଞ୍ଚିଥିଲେ। ସେଠାରେ ଏହି ଅଭିଯାତ୍ରୀ ଦଳକୁ ଭୋଗରାଇ କଂଗ୍ରେସର ବରିଷ୍ଠ ସଦସ୍ୟ ଓ ଅନୁସୂଚିତ ଜାତିର କର୍ମକର୍ତ୍ତାମାନେ ସ୍ୱାଗତ କରିଥିଲେ। ଅଭିଯାତ୍ରୀ ଦଳ ପୂର୍ବତନ ଏମ୍‌ପି ତଥା ସାରସ୍ୱତ ସାଧକ ସ୍ୱର୍ଗତ ଡଃ. କାର୍ତ୍ତିକେଶ୍ୱର ପାତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ କଂଗ୍ରେସ ଭବନରେ ଏକ ଖବରଦାତା ସମ୍ମିଳନୀରେ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ମତପ୍ରକାଶ କରିଥିଲେ। ଭୋଗରାଇ କଂଗ୍ରେସ ଶାଖା ସଭାପତି ସନ୍ତୋଷ କୁମାର ଜେନାଙ୍କ ପୌରୋହିତ୍ୟରେ ଓଡ଼ିଶା ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗର ଅଧ୍ୟକ୍ଷ ମାନସ କୁମାର ମଲ୍ଲିକ, ବାଲେଶ୍ୱର ଜିଲା ଅନୁସୂଚିତ ଜାତି ବିଭାଗର ଜିଲା ସଭାପତି ବିଧାନ ଚନ୍ଦ୍ର ଜେନା, ଅନୁଗୋଳର ଉକ୍ତ ସଙ୍ଗଠନର ସଭାପତି ରାଜକିଶୋର ଜେନା, ଶ୍ରୀବତ୍ସ ଜେନା, ଭୋଗରାଇ ବ୍ଲକ ଅନୁସୂଚିତ ଜାତି ବିଭାଗର ସଭାପତି ସୁଦର୍ଶନ ଜେନା, କଂଗ୍ରେସ ଜିଲା ସମ୍ପାଦିକା ମମତା ସାହୁ ଓଡ଼ିଶାରୁ ସମ୍ପୂର୍ଣ୍ଣ ଭାବେ ମଦ ମାଦକ ଦ୍ରବ୍ୟର ପ୍ରଚାର ପ୍ରସାର ବନ୍ଦ କରି ନିଶାମୁକ୍ତ ଓଡ଼ିଶା ଗଠନ ଲାଗି ଆହ୍ୱାନ ଦେଇଥିଲେ। ଉକ୍ତ ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସର ଉପସଭାପତି ପ୍ରଦୀପ କୁମାର ନାୟକ, ଜିଲା ସମ୍ପାଦକ ମଣ୍ଡଳୀ ସଦସ୍ୟ ଶିଶିର ଦାସ ମହାପାତ୍ର, ରାଜେନ୍ଦ୍ର ଦଲାଇ, ଶିବୁ ଜେନା, ଗୌରାଙ୍ଗ ମହାନ୍ତି, କପିଳନାଥ ପ୍ରମୁଖ କଂଗ୍ରେସର ବରିଷ୍ଠ ନେତାମାନେ ଉପସ୍ଥିତ ଥିଲେ। ପରେ ଏହି ଅଭିଯାତ୍ରୀ ଦଳ ଥାନାଛକସ୍ଥିତ ବ୍ୟାସକବି ଫକୀରମୋହନ ସେନାପତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଚନ୍ଦନେଶ୍ୱର ଅଭିମୁଖେ ସଚେତନ ବାର୍ତ୍ତା ଉଦ୍ଦେଶ୍ୟରେ ଯାଇ ଫେରିଥିଲେ।


ଖବରଦାତା ସମ୍ମିଳନୀରେ ନିଶାମୁକ୍ତ ଜନଜାଗରଣ କମିଟିର ନେତୃମଣ୍ଡଳୀ।

# ‘ଅନ୍ୱେଷଣ’ରେ ୭୨ ପ୍ରତିଯୋଗୀ

## ସାରଡାଙ୍ଗରେ ଆରମ୍ଭ ହେଲା ହରିହାଟ ଉତ୍ସବ

**ଖଇରା, ୨୫।୪(ଉତ୍କଳବନ୍ଧୁ ପଣ୍ଡା):**

ପ୍ରତିବର୍ଷ ପରି ଖଇରା ବ୍ଲକ ଅଧୀନ ସାରଡାଙ୍ଗ ଠାରେ ପାଳିତ ହୋଇଆସୁଥିବା ହରିହାଟ ଉତ୍ସବ ୨୩୧ବର୍ଷରେ ପଦାର୍ପଣ କରିଥିବା ବେଳେ ଚଳିତବର୍ଷ ଉକ୍ତ ଉତ୍ସବ ୨୦ତାରିଖଠାରୁ ଆରମ୍ଭ ହୋଇଛି । ଅକ୍ଷୟ ତୃତୀୟାରେ କଳସ ଅଣାଯାଇଥିବା ବେଳେ ୨୧ରୁ ୨୩ ତିନିଦିନ ଧରି ଶ୍ରୀ ଜଗନ୍ନାଥ ସେବା ସଙ୍ଗଠନର ମୁଖ୍ୟ ଅନିରୁଦ୍ଧ ପଣ୍ଡାଙ୍କ ଦ୍ୱାରା ପ୍ରତିଭା ପ୍ରଦର୍ଶନ ଓ ପ୍ରତିଯୋଗିତାମୂଳକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନ୍ୱେଷଣ ଆୟୋଜନ କରାଯାଇଥିଲା। ଖଇରା ଓ ସିମୁଳିଆ ବ୍ଲକରୁ ୭୨ଜଣ ପ୍ରତିଯୋଗୀ ନୃତ୍ୟ, ଅଭିନୟ ଓ ଶଙ୍ଖଫୁଙ୍କାରେ ପାରଦର୍ଶିତା ଦେଖାଇଥିଲେ। ଏଥିରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ହରିହାଟ କମିଟି ସମ୍ପାଦକ ଜ୍ୟୋତିପ୍ରକାଶ କର, କୋଷାଧ୍ୟକ୍ଷ ନିରଞ୍ଜନ ସେଠୀ, ସଦସ୍ୟ ଭାସ୍କର ଘଡେଇ, କୈଳାସ ଦାସ, ଶୁକ ଜେନା, ବସନ୍ତ ଦାସ, ଗଙ୍ଗା ସେଠୀ, ଦିଲୀପ କର, ଅକ୍ଷୟ ଜେନା, ସରୋଜ ବେହେରା, ସୀତାକାନ୍ତ ପତି, ଉପଦେଷ୍ଟା ନାରାୟଣ ପଣ୍ଡା, ମନୋରଞ୍ଜନ ପଣ୍ଡା, ଛାୟାକାନ୍ତ ମହାନ୍ତି, ବୈକୁଣ୍ଠ ସେଠୀ ଓ ନବକିଶୋର ପଣ୍ଡା ସହଯୋଗ କରିଥିଲେ।


ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭା।

# ଗୀତି କବିତା ଗ୍ରନ୍ଥ ‘ପ୍ରୀତିଅର୍ଘ୍ୟ’ ଲୋକାର୍ପିତ


ଅତିଥିଙ୍କ ଦ୍ୱାରା ଗୀତି କବିତା ଗ୍ରନ୍ଥକୁ ଲୋକାର୍ପଣ କରାଯାଉଛି।

**ବାଲେଶ୍ୱର, ୨୫।୪(ବାଞ୍ଛାନିଧି ଦେ):**

ବାଲେଶ୍ୱର ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ତରଫରୁ ସ୍ଥାନୀୟ ସ୍ରଷ୍ଟା ନାଟ୍ୟାଳୟ ପରିସରରେ ଶୁକ୍ରବାର ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ଓ ଅନେକ କବିତାଗ୍ରନ୍ଥର ସ୍ରଷ୍ଟା ଭରତ ଚନ୍ଦ୍ର ଦାଶଙ୍କର ଅଷ୍ଟାଦଶତମ ଚଉପଦୀ ଗୀତି କବିତା ଗ୍ରନ୍ଥ ‘ପ୍ରୀତିଅର୍ଘ୍ୟ’ ଲୋକାର୍ପିତ ହୋଇଯାଇଛି। ଏହି ଉତ୍ସବରେ ଅନୁଷ୍ଠାନ ସଭାପତି ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦ ପୌରୋହିତ୍ୟ କରି କବି ଦାଶଙ୍କର କାବ୍ୟଶୈଳୀର ପ୍ରଶଂସା କରିବା ସଙ୍ଗେ ସଙ୍ଗେ ନିକଟରେ ଦୁର୍ଘଟଣାରେ ଗୋଟିଏ ଗୋଡ଼ ହରାଇଥିଲେ ମଧ୍ୟ ସେହି ଦୁଃଖକୁ ଭ୍ରୂକ୍ଷେପ ନ କରି ସେ କବିତା ରଚନାରେ ମନୋନିବେଶ କରି ଗ୍ରନ୍ଥ ପ୍ରକାଶ କରିଥିବାରୁ ଅନେକଙ୍କର ଆଦର୍ଶ ବୋଲି ବକ୍ତବ୍ୟରେ କହିଥିଲେ। ପ୍ରାରମ୍ଭରେ କବି ଦାଶଙ୍କର ସ୍ତ୍ରୀ ଗାୟତ୍ରୀ ଦାଶ ଏକ ଦୁଃଖାତ୍ମକ ସଙ୍ଗୀତ ପରିବେଷଣ କରିଥିଲେ। ରେମୁଣା ସାହିତ୍ୟ ସଂସଦର ସମ୍ପାଦକ ଡ. ଭାଗବତ ପ୍ରସାଦ ଦାସ ଗ୍ରନ୍ଥକୁ ଲୋକାର୍ପଣ କରି ଗ୍ରନ୍ଥରେ ଥିବା ୧୪୦ଗୋଟି ଚଉପଦୀର ପଦଲାଳିତ୍ୟ ଓ ପାଠକମାନଙ୍କର ଆକର୍ଷଣୀୟ ହୋଇପାରୁଥିବା କବିତା ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟତମ ଆଲୋଚିକା ଅଧ୍ୟାପିକା ଡ. ପ୍ରତୀଚୀ ନନ୍ଦ ‘ପ୍ରୀତିଅର୍ଘ୍ୟ’ର ବୈଶିଷ୍ଟ୍ୟ ପ୍ରତିପାଦନ କରିଥିଲେ। କବି ଭରତ ଚନ୍ଦ୍ର ଦାଶ କବିତାଗ୍ରନ୍ଥ ସମ୍ପର୍କରେ ଲେଖକୀୟ ଅଭିବ୍ୟକ୍ତି ପ୍ରଦାନ କରିଥିଲେ। ସାଧାରଣ ସମ୍ପାଦକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ସ୍ୱାଗତ ବକ୍ତବ୍ୟ, ଯୁଗ୍ମ ସମ୍ପାଦକ ଜୁମରନାଥ ପାତ୍ର ଅତିଥି ପରିଚୟ ଓ ଅନ୍ୟତମ ଯୁଗ୍ମ ସମ୍ପାଦିକା ଶାନ୍ତିଲତା ପଣ୍ଡା ଧନ୍ୟବାଦ ଦେଇଥିଲେ।

# ନିଶା ମୁକ୍ତ ରାଜ୍ୟ ଗଠନ ନିମନ୍ତେ ସଚେତନତା ରଥ

**ବସ୍ତା, ୨୫।୪(ହରିଶଙ୍କର ପାଢ଼ୀ):**

ରାଜ୍ୟକୁ ନିଶାମୁକ୍ତ ରାଜ୍ୟ ଭାବେ ଗଢିବା ସ୍ୱପ୍ନ ନେଇ ରାଜ୍ୟ କଂଗ୍ରେସ ଅନୁସୂଚିତ ଜାତି ସଭାପତିଙ୍କ ଦ୍ୱାରା ସଚେତନତା ରଥ ସହ ପଥ ପ୍ରାନ୍ତ ସଭା ଅନୁଷ୍ଠିତ ହୋଇଛି। ରାଜ୍ୟ ସଭାପତି ଭକ୍ତ ଦାସଙ୍କ ଆହ୍ୱାନ କ୍ରମେ ରାଜ୍ୟ କଂଗ୍ରେସ ଅନୁସୂଚିତ ଜାତି ସଭାପତି ମାନସ ରଞ୍ଜନ ମଲ୍ଲିକଙ୍କ ନେତୃତ୍ୱରେ ସାରା ରାଜ୍ୟର ସମସ୍ତ ବ୍ଲକରେ କଂଗ୍ରେସ ପକ୍ଷରୁ ମଦ ବିରୋଧୀ ରଥ ନେଇ ଜନସାଧାରଣଙ୍କ ମଧ୍ୟରେ ସଚେତନତାର ବାର୍ତ୍ତା ବଣ୍ଟନ କରାଯାଉଛି। ଏହି ଅବସରରେ ଶନିବାର ବସ୍ତା ବ୍ଲକ ଗାନ୍ଧିଛକଠାରେ ରାଜ୍ୟ କଂଗ୍ରେସର ଅନୁସୂଚିତ ଜାତି ସଭାପତି ମାନସ ରଞ୍ଜନ ମଲ୍ଲିକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ମଲ୍ଲିକ ବସ୍ତାର ଗାନ୍ଧିଛକଠାରେ ଥିବା ଗାନ୍ଧୀ ମୂର୍ତ୍ତିରେ ମାଲ୍ୟାର୍ପଣ ସହ ନିଶା ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଜନସାଧାରଣଙ୍କୁ ନିବେଦନ କରିବା ସହ ସରକାର ତୁରନ୍ତ ରାଜ୍ୟକୁ ମଦମୁକ୍ତ କରିବାକୁ ଦାବି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା କଂଗ୍ରେସର ଅନୁସୂଚିତ ସଭାପତି ବିଧାନ ଜେନା, ବସ୍ତା ବ୍ଲକ ଅନୁସୂଚିତ ବର୍ଗର ସଭାପତି ସୃଷ୍ଟିଧର ମହାଳିକ, ଜିଲା କଂଗ୍ରେସର ଉପସଭାପତି ସୁଧାଂଶୁ ଜେନା, ଜିଲା କିଷାନ କଂଗ୍ରେସ ସଭାପତି ଜୟନ୍ତ ମହାପାତ୍ର, ପ୍ରଭାସ ମଣ୍ଡଳ, ଚୈତନ୍ୟ ଗୋଛାୟତ, ଗୌରାଙ୍ଗ ସେଠୀ, ମଦନ ଭକ୍ତା, ଅବିନାଶ ନାୟକ ପ୍ରମୁଖ ଉପସ୍ଥିତ ରହି ପଥ ପ୍ରାନ୍ତ ସଭାରେ ବକ୍ତବ୍ୟ ରଖିଥିଲେ।


ପଥପ୍ରାନ୍ତ ସଭାରେ କଂଗ୍ରେସ ନେତୃବୃନ୍ଦ।

# ଭୋଗରାଇରେ ପଞ୍ଚାୟତିରାଜ ଦିବସ ପାଳିତ

**ଭୋଗରାଇ, ୨୫।୪(ପ୍ରଦୀପ ଦାସ):**

ଜାତୀୟ ପଞ୍ଚାୟତିରାଜ ଦିବସରେ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକରେ ୩୧୦ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଯୋଜନାରେ ନୂତନ ଗୃହ ବଣ୍ଟନ ସହିତ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ମହେଶପୁର, ଗୁନାଇଁବସାଣ ଓ କୁମ୍ଭୀରଗଡ ପଞ୍ଚାୟତକୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇ ମାନପତ୍ର ଦିଆଯାଇଥିଲା। ଏହି ଅବସରରେ ଜଳେଶ୍ୱରପୁର ସରକାରୀ ଉଚ୍ଚବିଦ୍ୟାଳୟ ଖେଳପଡିଆରେ ଶୁକ୍ରବାର ବିଡିଓ ପ୍ରଶାନ୍ତ କୁମାର ମହାରଣା ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟମନ୍ତ୍ରୀ ଓ ପଞ୍ଚାୟତିରାଜ ମନ୍ତ୍ରୀଙ୍କ ଆଭାସୀ ମାଧ୍ୟମରେ ସଶକ୍ତ ପଞ୍ଚାୟତ ଓ ବିକଶିତ ଗାଁର ପ୍ରଗତି ସମ୍ପର୍କରେ ଜନସାଧାରଣ ଡିଜିଟାଲ ପରଦାରେ ଦେଖିଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ବାଲେଶ୍ୱର -ଭଦ୍ରକ କେନ୍ଦ୍ରୀୟ ସମବାୟ ସମିତି ନିର୍ଦ୍ଦେଶକ ଆଶିଷ କୁମାର ପାତ୍ର, ସରପଞ୍ଚ ବରେନ୍ଦ୍ର କୁମାର ପାତ୍ର, ଦିଲୀପ କୁମାର ଦତ୍ତ, ସୁମତି ପାତ୍ର, ସମିତିସଦସ୍ୟ ରାଧାକାନ୍ତ ପ୍ରଧାନ, ଭାଜପାର ବରିଷ୍ଠ ନେତା ପରମାନନ୍ଦ ପରିଡା, ନୀଳକଣ୍ଠ ଘୋଷ, ବ୍ଲକ ସହକାରୀ ନିର୍ବାହୀଯନ୍ତ୍ରୀ ପ୍ରମୋଦ ବେହେରା ପ୍ରମୁଖ ବହୁ ଜନପ୍ରତିନିଧି ଉପସ୍ଥିତ ଥିଲେ। ଆଭାସୀ ମାଧ୍ୟମରେ ହୋଇଥିବା ଜାତୀୟ ପଞ୍ଚାୟତିରାଜ ଦିବସର ପଞ୍ଚାୟତ ଯୋଜନାର ସଫଳ ରୂପାୟନ ରାଜ୍ୟସ୍ତରୀୟ ସମାରୋହକୁ ଜନପ୍ରତିନିଧିମାନେ ଦେଖିଥିଲେ।

# ନିଶାମୁକ୍ତ ଓଡ଼ିଶା ଜନଜାଗରଣ ଅଭିଯାନ


ସଭାରେ କଂଗ୍ରେସ ନେତା ଓ କର୍ମୀ।

**ବାଲେଶ୍ୱର, ୨୫।୪(ମୃତ୍ୟୁଞ୍ଜୟ ପଟ୍ଟନାୟକ):**

ନିଶା ନିବାରଣ ପାଇଁ ବ୍ୟାପକ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଓଡ଼ିଶା ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗର ରାଜ୍ୟ ଅଧ୍ୟକ୍ଷ ମାନସ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଗତ ଏପ୍ରିଲ ୧୪ ତାରିଖରୁ ଆରମ୍ଭ ହୋଇଥିବା ନିଶାମୁକ୍ତ ଓଡ଼ିଶା ଅଭିଯାନ ରଥ ଶୁକ୍ରବାର ରେମୁଣା ବ୍ଲକ ଅନ୍ତର୍ଗତ ଶ୍ରୀଜଙ୍ଗ ଗ୍ରାମରେ ପହଞ୍ଚିଥିଲା। ସନ୍ଧ୍ୟାରେ ଶ୍ରୀଜଙ୍ଗସ୍ଥିତ ସ୍ୱାଧୀନତା ସଂଗ୍ରାମ ସ୍ମୃତି ପରିଷଦ ପରିସରରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। କଂଗ୍ରେସ ଅନୁସୂଚିତ ଜାତି ବିଭାଗର ବାଲେଶ୍ୱର ଜିଲା ସଭାପତି ବିଧାନ ଚନ୍ଦ୍ର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ରାଜ୍ୟ କଂଗ୍ରେସ ଅନୁସୂଚିତ ଜାତି ବିଭାଗର ସଭାପତି ମାନସ କୁମାର ମଲ୍ଲିକ, ରେମୁଣା ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ବ୍ଲକ କଂଗ୍ରେସ ସଭାପତି କହ୍ନେଇ ଚରଣ ବେହେରା, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ତରୁଣ ଦାସ, ବ୍ଲକ କଂଗ୍ରେସ ନାରୀନେତ୍ରୀ କୁମୁଦିନୀ ଦାସ, ଜଗନ୍ନାଥ ବିଶ୍ୱାଳ, ସତ୍ୟରଞ୍ଜନ ଦାସ, ରାଜେନ୍ଦ୍ର ଦାସ, ପ୍ରଭାକର ମଲ୍ଲିକ, କହ୍ନେଇ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି କେନ୍ଦ୍ର ଓ ରାଜ୍ୟ ଭାଜପାର ଡବଲ ଇଞ୍ଜିନ ସରକାର ବିରୋଧରେ ଭାଷଣ ଦେଇଥିଲେ। ଶ୍ରୀଜଙ୍ଗ ପଞ୍ଚାୟତ ବ୍ୟତୀତ ତାଳପଦା, ଇଞ୍ଚୁଡି, ତୁଣ୍ଡରା, ମହାରାଜପୁର, ବୋଇତା ଆଦି ପଞ୍ଚାୟତରୁ କଂଗ୍ରେସ କର୍ମୀମାନେ ଯୋଗଦେଇଥିଲେ। ଶେଷରେ ଜିଲା ଅନୁସୂଚିତ ଜାତି ବିଭାଗର ସଭାପତି ବିଧାନ ଚନ୍ଦ୍ର ଜେନା ଧନ୍ୟବାଦ ଦେଇଥିଲେ। ଏହି ଅଭିଯାନରେ ନିଶାମୁକ୍ତି ପ୍ରଚାର ରଥ ସମେତ ୫ଟି ସୁସଜ୍ଜିତ ଗାଡ଼ି ପ୍ରଚାର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

# ଗୋପାଳପୁରରେ ପଥପ୍ରାନ୍ତ ସଭା

**ବାହାନଗା ୨୫।୪(ଅରୂପ କୁମାର ଦାସ):**

ବାହାନଗା ବ୍ଲକ ଗୋପାଳପୁରଠାରେ ଶୁକ୍ରବାର ନିଶାମୁକ୍ତ ଓଡିଶା ଗଠନ ପାଇଁ କଂଗ୍ରେସ ଦଳପକ୍ଷରୁ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି। ପଥପ୍ରାନ୍ତ କାର୍ଯ୍ୟକ୍ରମରେ ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗର ମାନସ କୁମାର ମଲ୍ଲିକ, ସୋର ବିଧାନସଭାର କଂଗ୍ରେସ ଦଳର ବିଧାୟକ ପ୍ରାର୍ଥୀ ସୁବ୍ରତ କୁମାର ଧଡ଼ା, ବାହାନଗା କଂଗ୍ରେସ କମିଟି ସଭାପତି ଅଟଳବିହାରୀ ରାଉତ, ଗୋପାଳପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ବାସନ୍ତୀ ସାମଲ ତଥା କୃପାସିନ୍ଧୁ ଜେନା, ସୁଧାଂଶୁ ଶେଖର ଜେନା, ମହେଶ୍ୱର ଦାସ ପ୍ରମୁଖ ବହୁ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ। ସେହିପରି ରେମୁଣା ବ୍ଲକର ଶ୍ରୀଜଙ୍ଗ ପଞ୍ଚାୟତ ଶହିଦ ସ୍ମୃତି ସ୍ତମ୍ଭ ପ୍ରାଙ୍ଗଣରେ ଶୁକ୍ରବାର କଂଗ୍ରେସ ତରଫରୁ ମଦ ବିରୋଧୀ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି। ଜିଲା କଂଗ୍ରେସ ସମ୍ପାଦକ ବିଧାନ ଚନ୍ଦ୍ର ଜେନା ସଭାପତିତ୍ୱ କରିଥିଲେ। ରେମୁଣା ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ରାଜ କିଶୋର ନାୟକ, ଶ୍ରୀବତ୍ସ ମଲ୍ଲିକ, ରଞ୍ଜନ ଘଡେଇ, ବିକାଶ ଦାସ, ପ୍ରମୋଦ ମଲ୍ଲିକ ପ୍ରମୁଖ ନିଶାମୁକ୍ତ ଓଡିଶା ବିଷୟରେ ବୁଝାଇଥିଲେ।

# ଦେଉଳାକୁ ଶ୍ରେଷ୍ଠ ପଞ୍ଚାୟତ ପୁରସ୍କାର

**ବାଲିଆପାଳ, ୨୫।୪ (ଗୋପାଳ ଚନ୍ଦ୍ର ସାହୁ):**


ପଞ୍ଚାୟତର ନିଜସ୍ୱ ଆୟ ବୃଦ୍ଧିରେ ଦେଉଳା ସରପଞ୍ଚ ସରୋଜ ପିଲାଙ୍କୁ ପୁରସ୍କୃତ କରାଯାଉଛି।

ଜାତୀୟ ପଞ୍ଚାୟତରାଜ ଦିବସ ପାଳନ ଅବସରରେ ଶୁକ୍ରବାର ବାଲିଆପାଳ ବ୍ଲକ ପ୍ରଶାସନ ପକ୍ଷରୁ ଦେଉଳା ପଞ୍ଚାୟତକୁ ଶ୍ରେଷ୍ଠ ପଞ୍ଚାୟତ ଭାବରେ ପୁରସ୍କାର ପ୍ରଦାନ କରାଯାଇଛି। ବାଲିଆପାଳ ବିଡିଓ ରାଧାରଞ୍ଜନ ଦାସ ଦେଉଳା ସରପଞ୍ଚ ସରୋଜ କୁମାର ପିଲାଙ୍କୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ଏମ୍‌ପି ପ୍ରତିନିଧି ରବୀନ୍ଦ୍ର ନାଥ ଅଣ୍ଡିଆ, ଏବିଡିଓ ଶରତ ଚନ୍ଦ୍ର ମୁଦୁଲି, ଉପାଧ୍ୟକ୍ଷ ରାଜେଶ କୁମାର ଚୌଧୁରୀ, ଜିପିଓ ପ୍ରିୟବ୍ରତ ଗିରି, ସହକାରୀ ଯନ୍ତ୍ରୀ ଅମିତ କୁମାର ମୁର୍ମୁ, ଯୋଗାଣ ଅଧିକାରୀ ବିଷ୍ଣୁପ୍ରସାଦ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ସରପଞ୍ଚ ପିଲା ଏବେ ଜିଲା କଂଗ୍ରେସ କମିଟିର ଉପ ସଭାପତି ମଧ୍ୟ ରହିଛନ୍ତି। ପଞ୍ଚାୟତର ସର୍ବବିଧ ବିକାଶ ଓ ସମସ୍ତଙ୍କ ପ୍ରତି ସମଭାବପନ୍ନ ମନୋଭାବ ଯୋଗୁ ଏହିଏହି ପୁରସ୍କାର ମିଳିଥିବା କୁହାଯାଇଛି।

# ‘ନାରୀ ସମସ୍ୟା ଓ ସମାଧାନ’ ଆଲୋଚନାଚକ୍ର

**ବାଲେଶ୍ୱର, ୨୫।୪(ବାଞ୍ଛାନିଧି ଦେ):**



ଛାତ୍ରୀଙ୍କ ଗହଣରେ ମଞ୍ଚାସୀନ ଅତିଥି।

ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ରୂପ୍‌ସା ନୀଳମଣି ମହାବିଦ୍ୟାଳୟ ଶକ୍ତିଶ୍ରୀ ସେଲ ତରଫରୁ ପୋଷଣ ପକ୍ଷ ପାଳନ ଅବସରରେ ଗୁରୁବାର ‘ନାରୀ ସମସ୍ୟା ଓ ସମାଧାନ’ ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଆଲୋଚନାଚକ୍ରରେ ଅଧ୍ୟକ୍ଷ ଡ. ତପନ କୁମାର ବେହେରା ଅଧ୍ୟକ୍ଷତା କରିଥିଲେ। ନାରୀ ସଶକ୍ତିକରଣରେ ଓ ନାରୀ ସୁରକ୍ଷା ଦିଗରେ ଶକ୍ତିଶ୍ରୀ ସେଲର ଭୂମିକା ସମ୍ପର୍କରେ ସେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ରୂପ୍‌ସା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଆୟୁଷ ମେଡ଼ିକାଲ ଅଫିସର ଡା. ଅସିତ କୁମାର ପ୍ରଧାନ ଯୋଗଦେଇ ଦୈନନ୍ଦିନ ଜୀବନରେ ନାରୀ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଓ ତାର ସମାଧାନ ବିଷୟରେ ଆଲୋଚନା କରି ପ୍ରଶ୍ନୋତ୍ତର ମାଧ୍ୟମରେ ତଥ୍ୟ ଉପସ୍ଥାପନ କରିଥିଲେ। ବରିଷ୍ଠ ପ୍ରାଧ୍ୟାପକ ସରୋଜ କୁମାର ପାଣି, ପ୍ରାଧ୍ୟାପିକା କଳ୍ପନା ମଞ୍ଜରୀ ପାତ୍ର, ଅଧ୍ୟାପକ ଗୌରାଙ୍ଗ ପଣ୍ଡା, ଅଧ୍ୟାପକ ସତ୍ୟେନ୍ଦ୍ର କୁମାର ପାଲ, ଅଧ୍ୟାପିକା ଡ. ଅନ୍ନପୂର୍ଣ୍ଣା ରଣା ପ୍ରମୁଖ ମଞ୍ଚାସୀନ ହୋଇ ନାରୀ ସମସ୍ୟା ଓ ସମାଧାନ ଉପରେ ଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଶକ୍ତିଶ୍ରୀ ସେଲର ସଂଯୋଜିକା ଡ. ସୁଜାତା ରାଣୀ ଗିରି ସ୍ୱାଗତ ଭାଷଣ ଓ ଧନ୍ୟବାଦ ଦେଇଥିଲେ। ଉକ୍ତ ଆଲୋଚନାଚକ୍ରରେ ଯୁକ୍ତ ୩ର ଛାତ୍ରୀମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ପୌରାଧକ୍ଷାଙ୍କ ପୁଅଙ୍କ ମୃତ୍ୟୁ ଘଟଣା: ବସ୍ ଡ୍ରାଇଭର ଗିରଫ

କେନ୍ଦୁଝର,୨୫।୪(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝରଗଡ଼ ପୌରପାଳିକାର ଅଧକ୍ଷା ନିକୁ ସାହୁଙ୍କ ପୁଅ ବିଏସ ତଥ୍ୟ ଓରଫ ଦୀପକଙ୍କ ବୁଧବାର ରାତିରେ ଟାଉନ ଥାନା ଅନ୍ତର୍ଗତ ବାଁପାରରେ ଏକ ଘରୋଇ ସ୍କୁଲ ବସ୍ ଧକ୍କାରେ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ଘଟାଇଥିବା ବସ୍ ଡ୍ରାଇଭରଙ୍କୁ ଶୁକ୍ରବାର ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ତୁରୁମୁଙ୍ଗା ଥାନା ଅନ୍ତର୍ଗତ ଗୋଡ଼ିପୋଖରୀ ଗ୍ରାମର ନିରଞ୍ଜନ ନାଏକ (୪୨)। ଟାଉନ ଥାନା ପକ୍ଷରୁ ଏକ ମାମଲା (ନଂ.୩୭୧/୨୦୨୬) ରୁଜୁ ହୋଇଥିବା ଥାନା ଅଧିକାରୀ ଶ୍ରୀକାନ୍ତ ସାହୁ ସୂଚନା ଦେଇଛନ୍ତି।

### ଅଶ୍ଳୀଳ ଭିଡିଓ ଶେୟାର କରି ଯୁବକ ଗିରଫ

କେନ୍ଦୁଝର,୨୫।୪(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ପୋଲିସ ମୋବାଇଲ ମାଧ୍ୟମରେ ଅଶ୍ଳୀଳ ଏବଂ ଯୌନ ସ୍ପଷ୍ଟ ବିଷୟବସ୍ତୁ ସେୟାର ମାମଲାରେ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ଟାଉନ ଥାନା ଅନ୍ତର୍ଗତ କାଶୀପୁରର ରଞ୍ଜନ ନାୟକ (୪୦)। ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଥିବା ପୋଲିସ କହିଛି। ଅଭିଯୋଗ ଅନୁଯାୟୀ, ଅଭିଯୁକ୍ତ ଓ ପୀଡ଼ିତା ପୂର୍ବରୁ ପରିଚିତ ଥିଲେ। ପରବର୍ତ୍ତୀ ସମୟରେ ଜମି ବିବାଦକୁ ନେଇ ଉଭୟଙ୍କ ମଧ୍ୟରେ ମତାନ୍ତର ହୋଇଥିଲା। ଅଭିଯୁକ୍ତ ବ୍ଲାକମେଲ କରିବା ପାଇଁ ପୀଡ଼ିତାଙ୍କ ଭାଇଙ୍କ ମୋବାଇଲକୁ ହ୍ୱାଟ୍ସଆପ୍ ଜରିଆରେ ଅଶ୍ଳୀଳ ଫଟୋ, ଭିଡିଓ ପଠାଇଥିଲେ। ଏ ନେଇ ପୀଡ଼ିତା ୨୩ ଏପ୍ରିଲ ୨୦୨୬ରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ପୋଲିସ ଅଭିଯୋଗକାରୀ ଏବଂ ଅନ୍ୟ ସାକ୍ଷୀଙ୍କୁ ଯାଞ୍ଚ କରିଛି। ଅପରାଧ ସହିତ ଜଡିତ ମୋବାଇଲ, ଡିଜିଟାଲ ଷ୍ଟୋରେଜ ଡିଭାଇସ ଏବଂ ଇଲେକ୍ଟ୍ରୋନିକ ରେକର୍ଡ ସମେତ ଅପରାଧିକ ସାମଗ୍ରୀ ଜବତ କରିଛି। ବୈଜ୍ଞାନିକ ଏବଂ ଡିଜିଟାଲ ପ୍ରମାଣ ସଂଗ୍ରହ ପ୍ରକ୍ରିୟା ଯଥାସମ୍ଭବ ଅନୁସରଣ କରାଯାଇଛି ବୋଲି ଟାଉନ ଥାନା ଅଧିକାରୀ ଶ୍ରୀକାନ୍ତ ସାହୁ କହିଛନ୍ତି।

### ମୋରମ ଚାଲାଣ ବେଳେ ୨ ଟ୍ରକ୍, ଜେସିବି ଜବତ

କେନ୍ଦୁଝର,୨୫।୪(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ପୋଲିସ ଶୁକ୍ରବାର ରାତିରେ ସଦର ଥାନା ଠାକୁରଡ଼ିହି ଅଞ୍ଚଳରେ ଚଢ଼ାଉ କରି ବେଆଇନ ମୋରମ ଖନନ କରି ଚାଲାଣ କରୁଥିବା ୨ଟି ଟ୍ରକ ଓ ଗୋଟିଏ ଜେସିବ ଜବତ କରିଛି। ଚଢ଼ାଉ ବେଳେ ୨ ଡ୍ରାଇଭରଙ୍କୁ ପୋଲିସ ଧରିଥିଲା। ଅନ୍ୟମାନେ ଅନ୍ଧାରର ସୁଯୋଗ ନେଇ ଫେରାର ହୋଇଯାଇଥିଲେ। ସୂଚନା ଅନୁଯାୟୀ, ଉକ୍ତ ସ୍ଥାନରେ ଦୀର୍ଘ ମାସ ହେଲା ବେଆଇନ ମୋରମ ଖନନ ହେଉଥିଲା। ଏହି ଖନନ ଯୋଗୁ ବନ୍ୟପ୍ରାଣୀ ମଧ୍ୟ ପ୍ରଭାବିତ ଆଶଙ୍କା କରି ସ୍ଥାନୀୟ ଲୋକେ ବିରୋଧ କରିଆସୁଥିଲେ। ଶୁକ୍ରବାର ରାତି ପ୍ରାୟ ୧୧ ଟାରେ ବିଶେଷ ସୂତ୍ରରୁ ଖବର ପାଇ ସଦର ଥାନା ପୋଲିସ ଟିମ୍ ଘଟଣାସ୍ଥଳରେ ଚଢ଼ାଉ କରି ଗାଡ଼ି ଜବତ କରିଥିଲା। ସଦର ଥାନାରେ ଏକ ମାମଲା(ନଂ.୨୭୨/୨୦୨୬)ରୁଜୁ ହୋଇ ଓଏମ୍ଏମ୍ସି ରୁଲରେ ଗାଡି ଓ ମେସିନ ଜବତ କରି ଅଧିକ ତଦନ୍ତ କରାଯାଉଛି ବୋଲି ଏସ୍ଆଇ ଅନନ୍ତ ନାୟକ କହିଛନ୍ତି। ଘଟଣାରେ ଅନ୍ୟମାନଙ୍କ ସମ୍ପୃକ୍ତିକୁ ନେଇ ପୋଲିସ ତଦନ୍ତ ଜାରି ରଖିଛି।

### ଶନିଶ୍ଚରଙ୍କ ପୂଜା

ଛେନାପଦି,୨୫।୪(ନିରାକାର ପରିଡ଼ା)

ଶନିଶ୍ଚରଙ୍କ ଜନ୍ମ ଦିନ ଅବସରରେ କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ର ବିଭିନ୍ନ ସ୍ଥାନରେ ଥିବା ଶନି ମନ୍ଦିରରେ ପୂଜାର୍ଚ୍ଚନା ଓ ହୋମଯଜ୍ଞ ହୋଇଛି। ହାଟଡ଼ିହୀ ବ୍ଲକ୍ ଛେନାପଦି ଛକସ୍ଥିତ ଶନିଶ୍ଚର ମନ୍ଦିରରେ ପ୍ରତ୍ୟୁଷରୁ ଅନେକ ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଛେନାପଦି ଛକସ୍ଥିତ ବିଶ୍ୱ ତାରିଣୀ ମନ୍ଦିର ପରିସରରେ ଥିବା ମନ୍ଦିରରେ ଶନିଶ୍ଚର ଯଜ୍ଞ ଅନୁଷ୍ଠିତ ହୋଇଥିଲା। ପଣ୍ଡିତ ଲୋକନାଥ ଆଚାର୍ଯ୍ୟଙ୍କ ଦ୍ୱାରା ପୂଜାର୍ଚ୍ଚନା ହୋଇଥିବା ବେଳେ ରତିକାନ୍ତ ସାମଲ, ନିରୁପମା ସାମଲ, ଯୁବରାଜ ସାମଲ, ଜ୍ୟୋତ୍ସ୍ନା ରାଣୀ ଖୁଣ୍ଟିଆ, ବୀରଭଦ୍ର ବିଶ୍ୱାଳ ପ୍ରମୁଖ କର୍ତ୍ତାଭାବେ ସାମିଲ ହୋଇଥିଲେ। କୃଷ୍ଣଚନ୍ଦ୍ର ଜେନା, ପଞ୍ଚାନନ ବେହେରା, କିଶୋର ଆଚାର୍ଯ୍ୟ, ଦେବେନ୍ଦ୍ର ଜେନା, ଚକ୍ରଧର ସାହୁ, ତପନ ସାହୁ ପ୍ରମୁଖ ପରିଚାଳନା କରିଥିଲେ। ସେହିପରି ହାଟଡ଼ିହୀ, ବଞ୍ଚୋ, ଘୋଷରାପଦା, କୁଣ୍ଡିସାହି, ପନ୍ଦାଡ, ମଠ, ଗୁହାଳଗଡ଼ିଆ, ନୂଆରମ୍ପାସ, ମୁରୁପୁର, ବିଦ୍ୟାଧରପୁର ଆଦି ସ୍ଥାନରେ ଜନ ସମାଗମ ହୋଇଥିଲା।

# କେନ୍ଦୁଝରରେ ଡିଜେଲ ଅଭାବ, ଚିନ୍ତାରେ ଟ୍ରକ୍ ମାଲିକ

କେନ୍ଦୁଝର,୨୫।୪(ନରେଶ ଚନ୍ଦ୍ର ପଟ୍ଟନାୟକ)



କେନ୍ଦୁଝର ଜିଲାରେ ଡିଜେଲର କୃତ୍ରିମ ଅଭାବ ଦେଖାଯାଇଛି। ଫଳରେ ଟ୍ରକ୍ ଓ ଅନ୍ୟାନ୍ୟ ଗାଡ଼ି ମାଲିକ ଚିନ୍ତାରେ ପଡ଼ିଛନ୍ତି। ବିଶେଷ କରି ଲୁହାପଥର ପରିବହନ କରୁଥିବା ଟ୍ରକ୍ ମାଲିକମାନେ ଏହା ଦ୍ୱାରା ଅଧିକ ପ୍ରଭାବିତ ହେଉଥିବା ଦେଖାଯାଇଛି।

ପ୍ରକାଶ ଯେ, କେନ୍ଦୁଝରରେ ଅନେକ ଟ୍ରକ ବ୍ୟବସାୟ କରୁଛନ୍ତି। ଟ୍ରକ୍ ଲୁହାପଥର ପରିବହନରେ ଲଗାଇ ଚଳୁଛନ୍ତି। ଦିନକୁ ହାରାହରି ୨ ହଜାର ଟ୍ରକ୍ ଲୋଡ ହୋଇଥାଏ। ସେଥିପାଇଁ ଡିଜେଲ ପାଇଁ ତେଲ ପମ୍ପରେ ପହଞ୍ଚିବା ବେଳକୁ ତେଲ ନ ପାଇ ନିରାଶ ହେଉଛନ୍ତି। ତେଲ ପାଇଁ ଅନେକ ଘଣ୍ଟା ଧରି ଅପେକ୍ଷା କରି ରହିବାକୁ ପଡୁଛି ବୋଲି ଟ୍ରକ ମାଲିକ କହୁଛନ୍ତି। ଡିଜେଲ ଯୋଗାଣ ଠିକ୍ ଭାବରେ ହେଉ ନ ଥିବାରୁ ଅନେକ ତେଲ ପମ୍ପ ଖାଲି ପଡ଼ିଛି। ଗାଡ଼ିଗୁଡ଼ିକ ଗୋଟିଏ ପମ୍ପରୁ ଅନ୍ୟ ପମ୍ପକୁ ଦୌଡ଼ି ନୟାନ୍ତ ହେଉଛନ୍ତି। ଏହାର ଠିକ୍ କାରଣ ଜଣାପଡୁ ନ ଥିଲେ ହେଁ କେତେକ ପମ୍ପ ମାଲିକଙ୍କ କହିବାନୁଯାୟୀ, ଡିଜେଲ, ପେଟ୍ରୋଲ ଯୋଗାଣରେ କଟକଣା ଲଗାଯାଇଥିବାରୁ ଏଭଳି ସମସ୍ୟା ସୃଷ୍ଟି ହେଉଛି। ଗୋଟିଏ ଗାଡ଼ିକୁ ସର୍ବାଧିକ ୫୦ ଲିଟର ପେଟ୍ରୋଲ ବା ୫୦୦ ଲିଟର ଡିଜେଲ ଦେବାକୁ କମ୍ପାନୀ ତେଲ ପମ୍ପ ମାଲିକଙ୍କ ନିମନ୍ତେ ହ୍ୱିପ ଜାରି କରିଛି। ହ୍ୱିପ ପାଳନ ନ କଲେ ପମ୍ପ ବ୍ଲକ୍ କରି ଦିଆଯାଉଛି। ଶନିବାର ଜିଲାରେ ହ୍ୱିପ ମାନି ନ ଥିବାରୁ ୪ ଟି ପେଟ୍ରୋଲ ପମ୍ପକୁ ବ୍ଲକ୍ କରିଦିଆଯାଇଥିବା ମଧ୍ୟ ଜଣାପଡ଼ିଛି। ଦିନକୁ ଗୋଟିଏ ପମ୍ପକୁ ୪୦ ହଜାର ଡିଜେଲ ଆବଶ୍ୟକତା ଥିବା ବେଳେ ୧୨ ରୁ ୧୫ ହଜାର ତେଲ ପାଉଛନ୍ତି। ଫଳରେ ଡିଜେଲର ଅଭାବ ଲାଗି ରହୁଛି। ଏହି କାରଣରୁ ରାସ୍ତାରେ ଟ୍ରକ୍ ଲମ୍ବାଧାଡ଼ିରେ ରହୁଥିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଅନ୍ୟାନ୍ୟ ଦୁଇ ଦିନ ପୂର୍ବରୁ ତେଲ ପାଇଁ ଟଙ୍କା ଜମା କରି ଆବେଦନ କରିବାକୁ କୁହାଯାଉଛି। ଏହାକୁ ନେଇ ବିଭିନ୍ନ କାରଣରୁ ତେଲ ପମ୍ପ ମାଲିକମାନେ ସିଧାସଳଖ ଅଭିଯୋଗ କରିପାରୁ ନ ଥିବା ବେଳେ ସେଲସ ଅଧିକାରୀ ଶଙ୍କର ସୁରଭ ସରକାର କହିଛନ୍ତି, ଡିଜେଲ ଯୋଗାଣରେ କୌଣସି ସମସ୍ୟା ନାହିଁ। ଆବଶ୍ୟକତା ପରିମାଣର ଡିଜେଲ ଆସୁଛି ବୋଲି କହିଥିଲେ।

# ଷତିପୂରଣ ଦାବିରେ ରାଜପଥ ଅବରୋଧ



### ପିକ୍ଅପ୍ ଧକ୍କାରେ ଦିବ୍ୟାଙ୍ଗ ବୃଦ୍ଧଙ୍କ ମୃତ୍ୟୁ ଘଟଣା

ଢେଙ୍କିକୋଟ,୨୫।୪(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଢେଙ୍କିକୋଟ ପୋଲିସ ବିଟ୍ ହାଉସ ଅନ୍ତର୍ଗତ ଜାତୀୟ ରାଜପଥ ୨୦ ସାନବରବେଡା ଗ୍ରାମ ନିକଟରେ ଶୁକ୍ରବାର ଏକ୍ ପିକ୍ଅପ୍ ଭ୍ୟାନ ଧକ୍କାରେ ଜଣେ ଦିବ୍ୟାଙ୍ଗଙ୍କ ମୃତ୍ୟୁ ହୋଇଥିଲା। ଶନିବାର ପରିବାରଲୋକେ କ୍ଷତିପୂରଣ ଦାବିରେ ରାଜପଥରେ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ। ଫଳରେ ଦୀର୍ଘ ସମୟ ଧରି ଯାତାୟାତ ଠପ୍ ହୋଇଯାଇଥିଲା।

ପ୍ରକାଶ ଯେ, ବୃଦ୍ଧ ଭୁବନ ନାୟକ (୬୮) ଶୁକ୍ରବାର ଗାଁକୁ ଯାଉଥିବା ସମୟରେ ପିକ୍ଅପ୍ ଧକ୍କା ଦେଇ ଘୋଷାଡ଼ି ନେଇଥିଲା। ସ୍ଥାନୀୟ ଲୋକେ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ଶନିବାର ଘଟଗାଁ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଅପରାହ୍ନ ୪ ଟାରେ ପରିବାର ଲୋକେ ମୃତଦେହକୁ ଜାତୀୟ ରାଜପଥ ଉପରେ ରଖି ଟାୟାର ଜାଳି କ୍ଷତିପୂରଣ ଦାବି କରିଥିଲେ। ଘଟଗାଁ ଏସ୍ଡିପିଓ ବିଜୟ କୃଷ୍ଣ ମହାପାତ୍ର, ଘଟଗାଁ ଥାନା ଆଇଆଇସି ସୁଭ୍ରାନ୍ତ ଜେନା, ତହସିଲଦାର ଚାରୁଲତା ସିଂହ ପହଞ୍ଚି ପରିବାର ଓ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ବଡ଼ମସିଣାବିଲ୍ଲା ସରପଞ୍ଚ ଝରଣା ଗିରି, ସମିତି ସଭ୍ୟା ରଘୁନାଥ ମହାନ୍ତଙ୍କ ଉପସ୍ଥିତିରେ ବୁଝାଶୁଝା ପରେ ତହସିଲଦାର ରେଡ୍କ୍ରସ ପାଣ୍ଠିରୁ ୨୦ ହଜାର ସହାୟତା ରାଶି ପ୍ରଦାନ କରିଥିଲେ। ଏନ୍ଏଚ୍ଆଇ ସୋଲା ସିୟମରୁ ୪ ଲକ୍ଷ ଟଙ୍କା ସହାୟତା ଦିଆଯିବ କୁହାଯିବାରୁ ଗ୍ରାମବାସୀ ସନ୍ଧ୍ୟା ସାଢ଼େ ୬ ଟାରେ ରାସ୍ତାରୁ ହଟିଥିଲେ। ଦୀର୍ଘ ଅଢେଇ ଘଣ୍ଟା ପରେ ରାଜପଥରେ ଉଭୟ ପାର୍ଶ୍ୱରେ ଫସି ରହିଥିବା ଗାଡ଼ି ଯାତାୟାତ କରିଥିଲା

### ବିଭିନ୍ନ ଚୋରି ଘଟଣାରେ ଅଭିଯୁକ୍ତ ଗିରଫ

କେନ୍ଦୁଝର,୨୫।୪(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ପୋଲିସ ଶୁକ୍ରବାର ଅନେକ ଚୋରି ଘଟଣାରେ ସମ୍ପୃକ୍ତ ଜଣେ ଅଭ୍ୟାସଗତ ଅପରାଧୀକୁ ଗିରଫ କରିଛି। ଅଭିଯୁକ୍ତ ଜଣକ ଯାଜପୁର ଜିଲାର ଅଶୋକ କୁମାର ମଲ୍ଲିକ (୫୬)। ସୂଚନା ଅନୁଯାୟୀ, କେନ୍ଦୁଝର ଟାଉନ ଥାନାରେ ୧ ଏପ୍ରିଲ, ୨୮ ମାର୍ଚ୍ଚ ଏବଂ ୧୧ ମାର୍ଚ୍ଚରେ ୩ଟି ଚୋରି ଅଭିଯୋଗ ହୋଇଥିଲା। ଶେଷ ମାମଲାରେ ଜଣେ ଆଇସକ୍ରିମ ଯୋଗାଣକାରୀଙ୍କୁ ନକଲି ଡେଲିଭରି ଅର୍ଡର ବାହାନାରେ ତାଙ୍କ ବାସଭବନରୁ ଦୂରକୁ ନେଇ ଏକ ଯୋଜନାବଦ୍ଧ ଅପରାଧ ଘଟାଇଥିଲା। ପୀଡ଼ିତ ଆଇସକ୍ରିମ ମାଲିକଙ୍କ ଅନୁପସ୍ଥିତିରେ ସୁଯୋଗ ନେଇ ସେ ଘରର ତାଲା ଭାଙ୍ଗି ୩,୦୫,୦୦୦ଟଙ୍କା ଚୋରି କରିଥିଲେ। ସିସିଟିଭି ଫୁଟେଜ ବିଶ୍ଳେଷଣ ଏବଂ କ୍ଷେତ୍ର ଯାଞ୍ଚ ସମେତ ବୈଜ୍ଞାନିକ ତଦନ୍ତ ମାଧ୍ୟମରେ ପୋଲିସ ଅଭିଯୁକ୍ତଙ୍କୁ ଚିହ୍ନଟ କରି ଗିରଫ କରିଛି। ପଚରାଉଚରା ସମୟରେଉପରୋକ୍ତ ଚୋରି ମାମଲାରେ ତାଙ୍କର ସମ୍ପୃକ୍ତି ପ୍ରମାଣିତ ହୋଇଥିଲା। ପୋଲିସ ଅଭିଯୁକ୍ତଙ୍କ ନିକଟରୁ ଚୋରି ହୋଇଥିବା ନଗଦ ୨,୦୦,୦୦୦ଟଙ୍କା, ଅପରାଧରେ ବ୍ୟବହୃତ ଗୋଟିଏ ବାଇକ୍ (ନଂ. ଓଡି ୨୧ କେ ୯୨୫୭), ମୋବାଇଲ ଜବତ ହୋଇଥିବା ଟାଉନ ଥାନା ଆଇଆଇସି ଶ୍ରୀକାନ୍ତ ସାହୁ କହିଛନ୍ତି। ଅଭିଯୁକ୍ତ ଜଣେ ଅଭ୍ୟାସଗତ ଅପରାଧୀ ବୋଲିସ ପୋଲିସ ତଦନ୍ତ ସମୟରେ ଜାଣିବାକୁ ପାଇଥିଲା। ତାଙ୍କ ନାମରେ କଟକ ସଦର ଥାନା, ବାଲିଚନ୍ଦ୍ରପୁର ଥାନା, ଜେନାପୁର ଥାନା, ଯାଜପୁର ରୋଡ ଥାନା ସମେତ ବିଭିନ୍ନ ଥାନାରେ ଅନେକ ମାମଲା ରହିଛି।

## ରିମାଣ୍ଡରେ ଯାଇଥିବା ୨ ଅଭିଯୁକ୍ତ କୋର୍ଟରେ ହାଜର

### ପେଟ୍ରୋଲ ଟାଙ୍କିରୁ ଠକେଇ ଘଟଣା

ହାଟଡ଼ିହୀ/ ଛେନାପଦୀ,୨୫।୪ (ଶୁଭକାନ୍ତ ନାୟକ/ ନିରାକାର ପରିଡ଼ା)

କେନ୍ଦୁଝର ଜିଲା ନନ୍ଦିପଦା ଥାନା ଅଧୀନ ହାଟଡ଼ିହୀଠାରେ ଥିବା ପେଟ୍ରୋଲ ଟାଙ୍କିରୁ ଠକେଇ ଘଟଣାରେ ପୋଲିସ ରିମାଣ୍ଡରେ ନେଇଥିବା ୨ ଅଭିଯୁକ୍ତଙ୍କୁ ଶନିବାର ହାଟଡ଼ିହୀ କୋର୍ଟରେ ହାଜର କରିଛି। ଜାମିନ ନାମଞ୍ଜୁର ହେବାରୁ ଜିଲା କାରାଗାରକୁ ପଠାଇ ଦିଆଯାଇଥିବା ଇନ୍ସପେକ୍ଟର ବଳିଆ ବାରିକ କହିଛନ୍ତି।

ପୋଲିସ ସୂଚନା ଅନୁସାରେ, ଅଭିଯୁକ୍ତ କଟକ ଜିଲା ନରସିଂହପୁର ଥାନା ପତଣ୍ଡା ଗ୍ରାମର ଦୀପକ ପଣ୍ଡା (୨୨) ଏବଂ ରାଜେଶ ପଣ୍ଡା(୨୩) ମାର୍ଚ୍ଚ ୨୪ରେ ପେଟ୍ରୋଲ ଟାଙ୍କିରୁ ପ୍ରାୟ ୧୫ ହଜାର ଟଙ୍କାର ପେଟ୍ରୋଲ ନେଇଥିଲେ। ଟାଙ୍କି କର୍ମଚାରୀଙ୍କୁ ଟଙ୍କା ନ ଦେଇ ଦ୍ରୁତଗତିରେ ଗାଡ଼ି ଧରି ଫେରାର ହୋଇଯାଇଥିଲେ। ପରଦିନ ଥାନାରେ ଅଭିଯୋଗ ପରେ ପୋଲିସ ମାମଲା(ନଂ. ୧୨୪/୨୦୨୬) ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଟାଙ୍କିରେ ଲାଗିଥିବା ସିସି କ୍ୟାମେରାରୁ ଗାଡ଼ି ନମ୍ବର ଜଣାପଡ଼ିଥିଲା। ମାତ୍ର ଅଭିଯୁକ୍ତମାନେ ବ୍ୟବହାର କରୁଥିବା ଗାଡ଼ିର ନମ୍ବର ବାରମ୍ବାର ପରିବର୍ତ୍ତନ କରୁଥିଲେ। ଅଭିଯୁକ୍ତ ଦ୍ୱୟ କେନ୍ଦୁଝର ଜିଲା ପଣ୍ଡାପଡ଼ା ଥାନାରେ ଚୋରି, ଠକେଇ, ମିଥ୍ୟା ଡକ୍ୟୁମେଣ୍ଟ ପ୍ରସ୍ତୁତ, ଆର୍ମସ ପ୍ରଭୃତି ବିଭିନ୍ନ ଆକ୍ଟରେ ରୁଜୁ ଏକ ମାମଲା(ନଂ. ୮୫/୨ ଏପ୍ରିଲ ୨୦୨୬)ରେ ଗିରଫ ହୋଇ ଜିଲା କାରାଗାରରେ ଥିବା ପୋଲିସ ଜାଣିବାକୁ ପାଇଥିଲା। ପୋଲିସ ସେମାନଙ୍କୁ ପଚରାଉଚରା କରିବାକୁ ଜିଲା କାରାଗାରରୁ ରିମାଣ୍ଡରେ ଆଣିଥିଲା। ସେମାନେ ବ୍ୟବହାର କରୁଥିବା ୮ଟି ଭିନ୍ନ ନମ୍ବର ପ୍ଲେଟ୍ ଜବତ କରିଛି। ହରିଚନ୍ଦନପୁର, ଢେଙ୍କିକୋଟ, ଘଟଗାଁ ପରି ବିଭିନ୍ନ ଅଞ୍ଚଳରେ ଅଭିଯୁକ୍ତ ଚୋରି କରିଥିବା ତଦନ୍ତରୁ ଜଣାପଡ଼ିଥିଲା। ସେହିପରି ଭଦ୍ରକ, ଦେବଗଡ଼, ବାଲେଶ୍ୱର, ଢେଙ୍କାନାଳ, କଟକ ଆଦି ଜିଲାରେ ମଧ୍ୟ ଅଭିଯୁକ୍ତଙ୍କ ନାମରେ ମାମଲା ରହିଥିବା ପୋଲିସ କହିଛି।

## ଦଧିବାବନପୁର-ଜଗନ୍ନାଥପୁର ରାସ୍ତା ପାର୍ଶ୍ୱ ଆଲୋକୀକରଣ ଦାବି

ବଉଳା,୨୫।୪(ଦୁର୍ଗା ପ୍ରସାଦ ଆୟଚ)

ଭଦ୍ରକ-ଆନନ୍ଦପୁର ୫୩ନଂ. ରାଜ୍ୟ ରାଜପଥର ଦଧିବାବନପୁର ଛକଠାରୁ ଜଗନ୍ନାଥପୁର ଛକ ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରେ ଆଲୋକୀକରଣ ଓ ସିସି କ୍ୟାମେରା ଲଗାଇବାକୁ ଦାବି ହେଉଛି। ରାସ୍ତାର ବଞ୍ଚୋ, ଚୋରଗଡ଼ିଆ, ଛେନାପଦି, ରଣା, ହାଟଡ଼ିହୀ କଲେଜ ଛକ, ହାଟଡ଼ିହୀ ହାଇସ୍କୁଲ ଛକ, ହାଟଡ଼ିହୀ ତହସିଲ ଛକ, ହାଟଡ଼ିହୀ ମେଡିକାଲ ଛକ, ହାଟଡ଼ିହୀ ବ୍ଲକ୍ ଛକ, ବେତିରା ଛକ, ମର୍ଚ୍ଚିଗାଁ ଛକ, ନନ୍ଦିପଦା ଥାନା ଛକ ଓ ଜଗନ୍ନାଥପୁର ଛକଗୁଡ଼ିକ ବ୍ଲକ୍ର ଗୁରୁତ୍ୱ ବହନ କରୁଥିବା ବେଳେ ଛେନାପଦି ଛକଟି ବ୍ୟବସାୟିକ ପେଣ୍ଠସ୍ଥଳୀ ପାଲଟିଛି। ରାସ୍ତାରେ ୫ଟି ବ୍ୟାଙ୍କ ଓ ପେଟ୍ରୋଲ ଟାଙ୍କି ରହିଛି। ସନ୍ଧ୍ୟା ହେଲେ ରାସ୍ତା ଅନ୍ଧାର ହୋଇଯାଉଥିବାରୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି। ରାସ୍ତାର ୨ ପାର୍ଶ୍ୱ ଆଲୋକୀକରଣ ଓ ସିସି କ୍ୟାମେରା ଲଗାଇବାକୁ ଜିଲାପାଳଙ୍କୁ ଅଭିଯୋଗ ଶୁଣାଣିରେ କୁହାଯାଇଥିଲେ ବି ପଦକ୍ଷେପ ନିଆଯାଉନାହିଁ। ଏଥିପ୍ରତି ପ୍ରଶାସନ ଦୃଷ୍ଟିଦେବାକୁ ହାଟଡ଼ିହୀ ବରିଷ୍ଠ ବିକାଶ ପରିଷଦ ଓ ବୁଦ୍ଧିଜୀବୀ ଦାବି କରିଛନ୍ତି।

## ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ପାଳିତ

କେନ୍ଦୁଝର,୨୫।୪(ଦୀପକ ମିଶ୍ର)

କେନ୍ଦୁଝର ଜିଲା ପ୍ରାଣୀ ଚିକିତ୍ସାଳୟ କାର୍ଯ୍ୟାଳୟ ସଭାଗୃହଠାରେ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ-୨୦୨୬ ପାଳିତ ହୋଇଯାଇଛି। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଚନ୍ଦ୍ର ଶେଖର ରଥଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ କେନ୍ଦୁଝର ଡେଭଲପମେଣ୍ଟ ଟ୍ରଷ୍ଟର ସମ୍ପାଦକ ଭକ୍ତ ବତ୍ସଳ ମହାନ୍ତି ଯୋଗଦେଇ ପ୍ରାଣୀ ଚିକିତ୍ସକମାନେ ଦେବଦୂତ ପରି କଥା କହି ପାରୁ ନ ଥିବା ପ୍ରାଣୀମାନଙ୍କ ଜୀବନ ରକ୍ଷା କରନ୍ତି। ଆଜିର ଦିନରେ ସେମାନଙ୍କୁ ସମ୍ବର୍ଦ୍ଧିତ କରି ଉତ୍ସାହିତ କରିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥିଭାବେ କେନ୍ଦୁଝର ବନଖଣ୍ଡର ସହକାରୀ ବନ ସଂରକ୍ଷକ ଡ. ସୁଦୀପ୍ତ ପଣ୍ଡା, ଚମ୍ପୁଆ ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ପ୍ରଶାନ୍ତ ମହାନ୍ତ ଚାଷୀଙ୍କ ଜୀବନଜୀବିକା ପାଇଁ ଉଦ୍ଦିଷ୍ଟ ଯୋଜନାମାନ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ୭୦ଜଣ ଚାଷୀ ଓ ୩୦ଜଣ ବିଭାଗୀୟ କର୍ମଚାରୀ ଯୋଗଦେଇଥିଲେ। କେନ୍ଦୁଝର ଜିଲା ପ୍ରାଣୀ ଚିକିତ୍ସାଳୟର ଉପନିର୍ଦ୍ଦେଶକ ଡା. ରାଧାଗୋବିନ୍ଦ ପୁହାଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିଦ୍ୟାଧରପୁର ବାମପାର୍ଶ୍ୱ କେନାଲ ଆଡ଼ିବନ୍ଧ ଉନ୍ନତୀକରଣ ଦାବି

ବଉଳା,୨୫।୪(ଦୁର୍ଗା ପ୍ରସାଦ ଆୟଚ)



କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ବିଦ୍ୟାଧରପୁର ଜଳସେଚନ ବିଭାଗର ବିଦ୍ୟାଧରପୁର ବାମପାର୍ଶ୍ୱ କେନାଲ ଜିରୋଠାରୁ ଆମ୍ବଗଡ଼ିଆ ଛକ ପର୍ଯ୍ୟନ୍ତ ଉନ୍ନତୀକରଣ କରିବାକୁ ଦାବି ହୋଇଛି। ବିଦ୍ୟାଧରପୁରଠାରୁ ସୋସୋ କଲେଜଛକ ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରେ ଘର ଓ ବ୍ୟବସାୟ କେନ୍ଦ୍ର ପାଲଟିଯାଇଥିବାରୁ ବାଲିବରେଇ ଗ୍ରାମର ଚାଷୀ ବିଲକୁ ଯିବା ପାଇଁ ବାଟ ନାହିଁ। ଚାଷ ସମୟରେ କ୍ଷେତକୁ ଯିବା କଷ୍ଟକର ହେଉଛି। କିଛି ଜମି ଜବରଦଖଲ ହୋଇ ପଡିଥିବା ବେଳେ କିଛି ଲୋକ ପକ୍କା ଗୃହ ନିର୍ମାଣ କରି ଦେଇଛନ୍ତି। ଜଳସେଚନ ବିଭାଗ ବିଦ୍ୟାଧରପୁର କେନାଲ ଜିରୋଠାରୁ ଆମ୍ବ ଗଡ଼ିଆ ପର୍ଯ୍ୟନ୍ତ କେନାଲ ଆଡ଼ିବନ୍ଧକୁ ଉନ୍ନତୀକରଣ କରି ରାସ୍ତା ନିର୍ମାଣ କରାଗଲେ ରାସ୍ତାରେ ଗମନାଗମନ ସୁବିଧା ହେବା ସହିତ ଚାଷୀ ଉପକୃତ ହୁଅନ୍ତେ। ଏଥିପ୍ରତି ଜଳ ସେଚନ ବିଭାଗ ଦୃଷ୍ଟି ଦେବା ସହିତ ରାସ୍ତା ଉନ୍ନତୀକରଣ କରିବାକୁ ଦାବି ହୋଇଛି।

## ଜିଲା ରାଜସ୍ୱ ଅମଲା ସଂଘର ପ୍ରାକ୍ ନିର୍ବାଚନୀ ବୈଠକ

କେନ୍ଦୁଝର,୨୫।୪(ଦୀପକ ମିଶ୍ର)

କେନ୍ଦୁଝର ସଦର ବ୍ଲକ୍ ସଭାଗୃହଠାରେ ଓଡ଼ିଶା ରାଜସ୍ୱ ଅମଲା ସଂଘ, ଜିଲା ଶାଖାର ଆଗାମୀ ୩ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚନର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ଜିତେନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ମଞ୍ଚାସୀନ ଅତିଥିଭାବେ ରାଜ୍ୟ ସଂଘର କାର୍ଯ୍ୟକାରୀ ସଭାପତି ରଶ୍ମିରଞ୍ଜନ ମହାନ୍ତି, ଜିଲା ସଂଘର ଉପଦେଷ୍ଟା କୈଳାସ ଚନ୍ଦ୍ର ମଲ୍ଲିକ, ସାଧାରଣ ସମ୍ପାଦକ ପ୍ରଭାତେନ୍ଦୁ ନାଏକ, ଜିଲା ସଂଘର କାର୍ଯ୍ୟକାରୀ ସଭାପତି ସଚିନ ପଣ୍ଡା ପ୍ରମୁଖ ଯୋଗଦାନ କରିଥିଲେ। ଆଲୋଚନାରେ ଭାଗ ନେଇ ରାଜ୍ୟ କାର୍ଯ୍ୟକାରୀ ସଭାପତି ସଂଘର ଆଇନ କାନୁନ ଅନୁସାରେ ନିର୍ବାଚନ କରିବାକୁ ପରାମର୍ଶ ଦେଇଥିଲେ। ଆନନ୍ଦପୁର ଓ ଚମ୍ପୁଆ ସବ୍ଡିଭିଜନସ୍ତରୀୟ ବୈଠକର ମତାମତ ସମସ୍ତଙ୍କୁ ଅବଗତ କରାଯିବା ସହିତ ବୈଠକରେ ଉପସ୍ଥିତ କର୍ମକର୍ତ୍ତା ନିଜ ନିଜର ମତାମତ ପ୍ରଦାନ କରିଥିଲେ। ସର୍ବସମ୍ମତି କ୍ରମେ ଆସନ୍ତା ମେ ୧ ତାରିଖ ଦିନ ନିର୍ବାଚନ ଦିନ ଧାର୍ଯ୍ୟ ହୋଇଥିଲା। ସଂଘର ପୂର୍ବତନ ମୁଖ୍ୟ ଉପଦେଷ୍ଟା ରାମନାରାୟଣ ଦ୍ୱିବେଦୀଙ୍କୁ ମୁଖ୍ୟ ନିର୍ବାଚନ ଅଧିକାରୀ, ସଂଘର ପୂର୍ବତନ ସଭାପତି ଜୟଗୋବିନ୍ଦ ମିଶ୍ର, ଉପଦେଷ୍ଟା କାମିନୀକାନ୍ତ ମହାନ୍ତ ଓ ବରିଷ୍ଠ ସଦସ୍ୟ ବାବୁରାମ ଲାମାଙ୍କୁ ନିର୍ବାଚନ ଅଧିକାରୀ ଭାବେ ନିଯୁକ୍ତ ନେଇ ନିଷ୍ପତ୍ତି ନିଆଗଲା। ବୈଠକରେ ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ସନ୍ତୋଷ ରଣା, ଭୁବନେଶ୍ୱର ମହାପାତ୍ର, ବିଶ୍ୱନାଥ ବାରିକ,ଜନ୍ମେଜୟ ଶତପଥି,ସୁରେଶ ଚନ୍ଦ୍ର ରଣା, ସୋନାଲି ସସ୍ମିତା ମହାପାତ୍ରଙ୍କ ସମେତ ଶତାଧିକ କର୍ମକର୍ତ୍ତା ଯୋଗଦାନ କରିଥିଲେ।

## ଶନିଶ୍ଚର ମନ୍ଦିର ବାର୍ଷିକ ଉତ୍ସବ

ବଉଳା,୨୫।୪(ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ପଢ଼ିଆରୀପଲ୍ଲୀ ପଞ୍ଚାୟତ ଝୁଣାବାଡ଼ି ଗ୍ରାମର ଶନିଶ୍ଚର ମନ୍ଦିର ୧୪ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଶିଳ୍ପପତି ପର୍ଶୁରାମ ପେଡ଼ାଙ୍କ ତତ୍ତ୍ୱାବଧନାରେ ତାଙ୍କ ସ୍ତ୍ରୀ ସାବିତ୍ରୀ ପେଡ଼ା ଏବଂ ପବିତ୍ର ମୋହନ ପେଡ଼ା, ତାଙ୍କ ସ୍ତ୍ରୀ ତପସ୍ୱିନି ପେଡା କର୍ତ୍ତାଭାବେ ଦାୟିତ୍ୱ ତୁଲାଇଥିଲେ। କଳସ ଶୋଭାଯାତ୍ରା କରାଯାଇ ଶନିଶ୍ଚର ମନ୍ଦିରର ଯଜ୍ଞ ମଣ୍ଡପରେ ସ୍ଥାପନ କରାଯାଇଥିଲା। ରୀତିନୀତି ଅନୁଯାୟୀ ପଣ୍ଡିତ ଦେବେନ୍ଦ୍ର ତ୍ରିପାଠୀ ଓ ତାଙ୍କ ସାଥିଙ୍କ ଦ୍ୱାରା ପୂଜାପାଠ କରାଯାଇଥିଲା। ପ୍ରଦୀପ ପେଡା, ପ୍ରମୋଦ ପେଡ଼ା, ବଳରାମ, ମନୋଜ, କିଶୋର, ନରନ୍ଦ୍ରେ ବେହେରା, ନରେନ୍ଦ୍ର ମଲ୍ଲିକ, ଉମାକାନ୍ତ ବେହେରା, ଯୋଗେନ୍ଦ୍ରଙ୍କ ସମେତ ପଢ଼ିଆରୀପଲ୍ଲୀ, ବଣିଆପଙ୍କ, ଝୁଣାବାଡ଼ି, କାହାଳିଆଡ଼ିଆ, କୁରାଡ଼ିଘଷା, ଆତୁରିକଣା, ବାଲିବରେଇ, ସୋସୋ, ନୁଆଗାଁ, ବାଙ୍ଗୋର, ନୁଆସାହି, ହରିପୁର, ବର୍ତଣା, ରାମପୁର, ମହୁଲପଙ୍କା ଆଦି ବିଭିନ୍ନ ଅଞ୍ଚଳର ଲୋକେ ଯୋଗଦେଇଥିଲେ। ସେହିପରି ଶନିଦେବଙ୍କ ଓଷା ଅବସରରେ ଶନିଶ୍ଚର ମନ୍ଦିର ଓ ଶନି ବୃକ୍ଷ ମୂଳେ ପୂଜାର୍ଚ୍ଚନା କରାଯାଇଥିଲା। ସୋସୋ ବସ୍ଷ୍ଟାଣ୍ଡ ନିକଟ ଶନିଙ୍କ ମନ୍ଦିର, ମୋଟରା ଗଡ଼ିଆ, ଛେନାପଦି, ଡଅଁର, ତାମ୍ପଳା, ବ୍ରାହ୍ମଣିକଳା, ଜାବିନୀପୁର, ହାଟଡ଼ିହୀ, ବଞ୍ଚୋ, ବର୍ଦ୍ଧନପୁର ଆଦି ବିଭିନ୍ନ ସ୍ଥାନରେ ଶନି ପୂଜା କରାଯାଇଥିଲା।



# ବ୍ୟାନର ଟଙ୍ଗାହୋଇଛି, ପାଣି ମିଳୁନି

### ବିଦ୍ୟାଧରପୁର ବଜାରରେ ଜଳ ଯୋଗାଣ ଠପ୍

ବଉଳା,୨୫।୪(ଦୁର୍ଗାପ୍ରସାଦ ଆୟଚ)

ପ୍ରଚଣ୍ଡ ଖରାରେ ଗଡ଼ିଆ, ନାଳ, ନଳକୂପ ଶୁଖିଯାଉଛି। ତାତିରେ ଜନଜୀବନ ଏକ ପ୍ରକାର ଅସ୍ତବ୍ୟସ୍ତ ହୋଇପଡୁଛି। ଏଭଳି କ୍ଷେତ୍ରରେ ପ୍ରତି ପଞ୍ଚାୟତ ପକ୍ଷରୁ ଛକ, ବଜାର ଓ ଗାଁଗୁଡ଼ିକରେ ପାନୀୟ ଜଳ ବ୍ୟବସ୍ଥା କରାଯାଉଛି। କିନ୍ତୁ କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ବାଲିବରେଇ ପଞ୍ଚାୟତ ବିଦ୍ୟାଧରପୁର ମୁକ୍ତେଶ୍ୱର ବଜାରରେ ଜଳ ଯୋଗଣ ଠପ୍ ହୋଇଯାଇଛି। ଜଳଯୋଗାଣ ହେଉଥିବା ନେଇ ବ୍ୟାନର ଟଙ୍ଗାଯାଇଥିଲେ ହେଁ ପାଣି ମିଳୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରକାଶ ଯେ, ବିଦ୍ୟାଧରପୁର ମୁକ୍ତେଶ୍ୱର ବଜାର ଜନଗହଳିପୂର୍ଣ୍ଣ ଅଞ୍ଚଳ ହୋଇଥିବା ସକାଳ ୬ରୁ ରାତି ୧୦ଟା ପର୍ଯ୍ୟନ୍ତ ବଜାରରେ ଭିଡ଼ ଲାଗି ରହିଥାଏ। ଯାତ୍ରୀବାହୀ ଗାଡ଼ିରେ ଯିବାକୁ ଲୋକେ ବଜାର ଛକରେ ଅପେକ୍ଷା କରିଥାନ୍ତି। ଏହାକୁ ନଜରରେ ରଖି ବଜାର ଛକରେ ଏକ ଥଣ୍ଡା ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ରକ୍ଷଣାବେକ୍ଷଣ ଅଭାବରୁ ତାହା କାମରେ ଲାଗୁନାହିଁ। ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ପାଣି ଯୋଗାଣ ହେଉଥିବା ନେଇ ବ୍ୟାନର ଟଙ୍ଗାଯାଇ ଉଲ୍ଲେଖ କରାଯାଇଛି। ମାତ୍ର ପାଣି ଟୋପେ ଆସୁନାହିଁ। ଯାହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବିଭାଗୀୟ ପ୍ରଶାସନ ଓ ସରପଞ୍ଚ ଏଥିପ୍ରତି ଦୃଷ୍ଟିଦେଇ ଜଳ ଯୋଗାଣ କରିବାକୁ ଦାବି ହୋଇଛି। ଏ ନେଇ ବିଡିଓ ରଞ୍ଜନ କୁମାର ପରିଡ଼ାଙ୍କୁ ପଚାରିବାରୁ ତଦନ୍ତକରି ପଦକ୍ଷେପ ନେବେ ବୋଲି କହିଥିଲେ।




## ସୋସୋ ଦେହୁରୀସାହିରେ ଜଳସଙ୍କଟ

### ନଳକୂପ ଖନନ ଦାବି

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ସୋସୋ ପଞ୍ଚାୟତ ସୋସୋ ଗ୍ରାମର ଦେହୁରୀସାହିରେ ଜଳ ସଙ୍କଟ ଦେଖାଯାଇଛି। ସାହିରେ ପାନୀୟ ଜଳ ପ୍ରକଳ୍ପ ମାଧ୍ୟମରେ ଜଳ ଯୋଗାଣ ଠିକ୍ ଭାବେ ହେଉ ନ ଥିବା ବେଳେ ନଳକୂପ ନାହିଁ। ଫଳରେ ଖରାଦିନରେ ପାଣି ପାଇଁ ଲୋକେ ହନ୍ତସନ୍ତ ହେଉଛନ୍ତି। ତୁରନ୍ତ ଏକ ନଳକୂପ ବସାଇବାକୁ ଗ୍ରାମବାସୀ ଦାବି କରିଛନ୍ତି।

ପ୍ରକାଶ ଯେ, ଗ୍ରାମରେ ପାଖାପାଖି ୨୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି। ସାହିର ନଳକୂପଟିଏ ନ ଥିବା ବେଳେ ମେଗା ପ୍ରକଳ୍ପ ପାଣି ପାଇପ୍ ମାଧ୍ୟମରେ ଠିକ୍ ଭାବରେ ପାଣି ଯୋଗାଣ ହେଉନାହିଁ। ଫଳରେ ସାହିରେ ପାଣିର ସମସ୍ୟା ଉତ୍କଟ ରହିଛି। ସାହିରେ ଥିବା ଗଡ଼ିଆଟି ଘାସଲତାରେ ଭର୍ତ୍ତି ହୋଇ ବ୍ୟବହାର ଅନୁପଯୁକ୍ତ ହୋଇପଡ଼ିଛି। ତେଣୁ ଖରାଦିନରେ ଲୋକେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଜଳକଷ୍ଟକୁ ନଜରରେ ରଖି ଦେହୁରୀସାହିର ବରଗଛ ମୂଳେ ଥିବା ରାଜୁଆ ଦେହୁରୀଙ୍କ ଘର ପାଖରେ ନଳକୂପଟିଏ ବସାଇବାକୁ ରାଜେନ୍ଦ୍ର ଦେହୁରୀ, ବାବୁଲି ଦେହୁରୀ, ଚିନ୍ତା ଦେହୁରୀ, ରାଧା ଦେହୁରୀ, ହରେକୃଷ୍ଣ ଦେହୁରୀ ପ୍ରମୁଖ ଗ୍ରାମବାସୀ ଦାବି କରିଛନ୍ତି।

# ବିରୋଧୀ ଦଳ ମହିଳାଙ୍କ ପ୍ରତି ବିଶ୍ୱାସଘାତ କରିଛି: ଏମ୍‌ପି

**ଭଦ୍ରକ, ୨୫।୪(ସନାତନ ରାଉତ)**

ଗତ ଏପ୍ରିଲ ୧୬ ଏବଂ ୧୭ ତାରିଖରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ସଂସଦରେ ସମ୍ବିଧାନ ସଂଶୋଧନ, ସୀମା ନିର୍ଦ୍ଧାରଣ, କେନ୍ଦ୍ରଶାସିତ ଅଞ୍ଚଳ ଆଇନ ୩ଟି ପ୍ରମୁଖ ବିଲ୍ ଆଗତ କରାଯାଇଥିଲା। ଏହି ବିଲ୍ ପାସ୍ ହୋଇଥିଲେ ମହିଳାମାନଙ୍କୁ ଲୋକସଭାରେ ୩୩ ପ୍ରତିଶତ ସଂରକ୍ଷଣ ମିଳିଥାନ୍ତା। ଏହି ବିଲ୍‌କୁ କଂଗ୍ରେସ ସମେତ ଇଣ୍ଡିମେଣ୍ଟ ବିରୋଧ କରିବା ଘଟଣାକୁ ଭାଜପା ପକ୍ଷରୁ ଘୋର ନିନ୍ଦା କରାଯାଇଛି। ସେମାନଙ୍କର ମହିଳା ବିରୋଧୀ ମାନସିକତା ପଦାରେ ପଡ଼ିବା ସହ ମହିଳାଙ୍କ ପ୍ରତି ବିଶ୍ୱାସଘାତକତା କରିଛନ୍ତି ବୋଲି ଭାଜପା ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଏମ୍‌ପି ଅଭିମନ୍ୟୁ ସେଠୀ କହିଛନ୍ତି। ଭଦ୍ରକ ଜିଲା ଭାଜପା କାର୍ଯ୍ୟାଳୟରେ ଶନିବାର ଅପରାହ୍ନରେ ଆୟୋଜିତ ସମ୍ମିଳନୀରେ ସେ କହିଛନ୍ତି, ୨୦୨୪ ନିର୍ବାଚନକୁ ଦୃଷ୍ଟିରେ ରଖି ୨୦୨୩ରେ ସେମାନେ ଏହି ବିଲ୍‌କୁ ସମର୍ଥନ କରିଥିଲେ। ଏବେ ନିର୍ବାଚନ ସରିଯାଇଥିବାରୁ ସେମାନେ ବିଲ୍‌କୁ ବିରୋଧ କରିଛନ୍ତି। ବିଜେଡ଼ି ସବୁବେଳେ ମହିଳାଙ୍କ ଦଳ ବୋଲି ନାରାବାଜି କରୁଥିବା ବେଳେ ଏହି ବିଲ୍‌କୁ ବିରୋଧ କରି ମହିଳା ବିରୋଧୀ ଦଳ ବୋଲି ପ୍ରମାଣିତ କରିଛି। ପ୍ରଧାନମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ମହିଳାମାନଙ୍କର ଏହା ସ୍ୱାଭାବିକ ଅଧିକାର। ଯେଉଁମାନେ ଏହି ଐତିହାସିକ ସୁଯୋଗକୁ ବାଧା ଦେଇଛନ୍ତି ଆଗାମୀ ଦିନରେ ସେମାନେ ମହିଳାମାନଙ୍କ ଆକ୍ରୋଶର ଶିକାର ହେବେ ବୋଲି ଏମ୍‌ପି କହିଛନ୍ତି। ଜିଲା ସଭାପତି ଭଗବାନ ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ ସମ୍ମିଳନୀରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଯାଜପୁର ଜିଲା ଭାଜପା ସଭାପତି ଗୌତମ ରାୟ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ରଶ୍ମି ମହାପାତ୍ର ଯୋଗ ଦେଇ ମହିଳାମାନଙ୍କ ବିରୋଧୀ ଦଳମାନେ କେବଳ କୁମ୍ଭୀର କାନ୍ଦଣା କାନ୍ଦୁଥିଲେ। ଏହି ବିଲ୍‌କୁ ବିରୋଧ କରି ଇଣ୍ଡିମେଣ୍ଟ ମହିଳା ବିରୋଧୀ ବୋଲି ପ୍ରମାଣିତ କରିଦେଲେ। ଯାହା ସାମାଜିକ ଓ ଗଣତାନ୍ତ୍ରିକ ପ୍ରଗତିର ବିରୋଧ ବୋଲି କହିଥିଲେ। ଭଦ୍ରକ ଜିଲା ଉପସଭାପତି ଅଜୟ ନାୟକ, ତପସ୍ୱିନୀ ମହାପାତ୍ର, ଭଦ୍ରକ ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ, ନାରୀନେତ୍ରୀ ରଞ୍ଜିତା ସ୍ୱାଇଁ ପ୍ରମୁଖ ମଞ୍ଚାସିନ ଥିଲେ।



ଖବରଦାତା ସମ୍ମିଳନୀରେ ଏମ୍‌ପି ଓ ଅନ୍ୟମାନେ।

# ଜାତୀୟ ପଞ୍ଚାୟତିରାଜ ଦିବସ


ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଉଛି।

**ଚାନ୍ଦବାଲି, ୨୫।୪(କିଷାନ ପାତ୍ର)**

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ପରିସରରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିବା ବେଳେ ବିଡିଓ ସଞ୍ଜୀବ କୁମାର ମହାପାତ୍ରଙ୍କ ନେତୃତ୍ୱରେ ସମାରୋହ ପରିଚାଳିତ ହୋଇଥିଲା। ଏହି ଅବସରରେ ୪ ଜଣ ହିତାଧିକାରୀଙ୍କୁ ନୂତନ ଗୃହ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ସେହିପରି ସମୟ ମଧ୍ୟରେ ଗୃହ ନିର୍ମାଣ କାମ ଶେଷ କରିଥିବା ୪ ଜଣ ହିତାଧିକାରୀଙ୍କୁ ପ୍ରତି ଜଣଙ୍କୁ ୨୦ ହଜାର ଟଙ୍କାର ବୋନସ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ବ୍ଲକ ଅଧ୍ୟକ୍ଷା ମିନତୀ ସୁତାର, ବିପିସି ବନଜ ବାରିକ, ଉପେନ୍ଦ୍ର କୁମାର ରାଉଳ, କମଳାକାନ୍ତ ସୁତାର, ଜଗନ୍ନାଥ ରାଉତ, ପୂର୍ଣ୍ଣ ପାଣି, ମୀନକେତନ ବିଶ୍ୱାଳ, ସମିତି ସଦସ୍ୟ ଅଭୟ ବଳ, ସରପଞ୍ଚ ଭାରତୀ ବିଶ୍ୱାଳ ଓ ଦିଲ୍ଲୀପ ରାଉତଙ୍କ ସହ ଅନ୍ୟାନ୍ୟ ଅଧିକାରୀ ଓ ସ୍ଥାନୀୟ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଜାତୀୟ ପଞ୍ଚାୟତିରାଜ ଦିବସ ଅବସରରେ ଗ୍ରାମୀଣ ଉନ୍ନୟନ, ସରକାରୀ ଯୋଜନାର ସଫଳ ରୂପାୟନ ନେଇ ଆଲୋଚନା ହୋଇଥିଲା।

# ୨ ବ୍ୟାଙ୍କ କର୍ମଚାରୀ ନିଲମ୍ବିତ

**ଗ୍ରାହକଙ୍କୁ ମାଡ଼ ଘଟଣା**

**ଧୂଷୁରୀ, ୨୬।୪(ଦୀପ୍ତି ରଞ୍ଜନ ନାୟକ):** ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ୍ ଅଧୀନ ନାନ୍ଦପୁର ପଞ୍ଚାୟତରେ ଥିବା ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଆରଡି ଶାଖାରେ ଗ୍ରାହକଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗ ହୋଇଥିଲା। ଘଟଣାରେ କାର୍ଯ୍ୟରତ କ୍ୟାଶିୟର ଜିତେନ୍ଦ୍ର ପ୍ରସାଦ ଦାଶ ଓ ଫିଲ୍ଡ ଅଫିସର ପ୍ରଶାନ୍ତ କୁମାର ନାୟକଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି। ଶୁକ୍ରବାର ରାତିରେ ଏହି ବ୍ୟାଙ୍କର ବ୍ରାଞ୍ଚ ମ୍ୟାନେଜର ଦୀପକ କୁମାର ପାତ୍ର ଏହି ନିଲମ୍ବନ ଆଦେଶ ପତ୍ର ଉଭୟଙ୍କୁ ଧରାଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ୨୨ ତାରିଖ ବୁଧବାର ପୀରହାଟ ଥାନା ଅଧୀନ ତଳଦୁମୁକା ଗ୍ରାମର ଶୁଭଙ୍କର ନାୟକ (୨୦) ବ୍ୟାଙ୍କକୁ ଯାଇଥିଲେ। ନିଜ ଭଉଣୀର ଟଙ୍କା ନ ଉଠିବାକୁ ନେଇ ପଚାରିବାରୁ କ୍ୟାଶିଆ ଏକ ଲୁହା ରଡ୍‌ରେ ମାଡ଼ ମରିଥିଲେ। ଶୁଭଙ୍କର ଏ ନେଇ ଆରଡି ପୋଲିସ ଫାଣ୍ଡିରେ ଏତାଲା ଦେଇଥିଲେ। ଏତାଲାକୁ ଆଧାରକରି ବାଲେଶ୍ୱର ରିଜିଓନାଲ ମ୍ୟାନେଜରଙ୍କ କାର୍ଯ୍ୟାଳୟରୁ କେତେକ ଅଧିକାରୀ ଆରଡି ବ୍ୟାଙ୍କ ଶାଖାକୁ ଆସି ତଦନ୍ତ କରିଥିଲେ । ଏଥି ସହିତ ଶାଖାରେ କାର୍ଯ୍ୟରତ ଫିଲ୍ଡ ଅଫିସର ନାୟକ ମାଡମରା ସିସିଟିଭି ଫୁଟେଜକୁ ବ୍ୟାଙ୍କ ବାହାରକୁ ଛାଡ଼ିଥିବାରୁ ତାଙ୍କ ବିରୋଧରେ ମଧ୍ୟ ନିଲମ୍ବନ କରାଯାଇଛି। ଏହି ନିଲମ୍ବନକୁ ନେଇ ଏତାଲାକାରୀଙ୍କ ପରିବାର ନ୍ୟାୟ ମିଳିଲା ବୋଲି କହିଛନ୍ତି।

# ଜିଲାସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳିତ



ଜଣେ ହିତାଧିକାରୀଙ୍କୁ ଚେକ୍ ପ୍ରଦାନ କରାଯାଉଛି।

**ଭଦ୍ରକ, ୨୫।୪(ସନାତନ ରାଉତ/ ରବିନାରାୟଣ ଖିଲାର)**

ବଲାଙ୍ଗୀର ଠାରେ ଆୟୋଜିତ ରାଜ୍ୟସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍‌ବୋଧନର ସିଧାପ୍ରସାରଣ ଭଦ୍ରକରେ ପ୍ରଦର୍ଶନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଭଦ୍ରକ ଏମ୍‌ପି ଅଭିମନ୍ୟୁ ସେଠୀ, ଅନ୍ୟତମ ଅତିଥି ଭାବେ ଭଦ୍ରକ ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ, ଜିଲାପାଳ ଦିଲୀପ ରାଉତରାଏ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ ଓ ଜିଲା କ୍ରୀଡ଼ା ଅଧିକାରୀ ଦେବବ୍ରତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ଗ୍ରାମୀଣ ବିକାଶ ଓ ସ୍ୱଚ୍ଛତା ଯୋଜନା ଅନ୍ତର୍ଗତ ଯୋଗ୍ୟ ହିତାଧିକାରୀମାନଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ଅନ୍ତ୍ୟୋଦୟ ଗୃହ ଯୋଜନାରେ ୬ ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ) ଅନ୍ତର୍ଗତ ଜିଲାର ୭ଟି ବ୍ଲକର ଏଥିରେ ବାସୁଦେବପୁର ବ୍ଲକର ରାଜଘରପୋଖରୀ, ଭଦ୍ରକ ବ୍ଲକର ଜଗଦଲପୁର, ଭଣ୍ଡାରିପୋଖରୀର ନେରଡା, ବନ୍ତର ତୋଡ଼ଗାଁ, ଚାନ୍ଦବାଲି ବ୍ଲକର ମୌସୁଧା, ଧାମନଗରର ଅସୁରାଳି ଓ ତିହିଡ଼ିର ମଙ୍ଗଳପୁର ପଞ୍ଚାୟତକୁ ସମ୍ମାନିତ କରାଯାଇଥିଲା। ପଞ୍ଚାୟତିରାଜ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ସହ ଗ୍ରାମୀଣ ଉନ୍ନୟନରେ ଜନସାଧାରଣଙ୍କ ସକ୍ରିୟ ସହଭାଗିତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ୧୫ତମ କେନ୍ଦ୍ରୀୟ ଅର୍ଥ ଖର୍ଚ୍ଚ କ୍ଷେତ୍ରରେ ଭଣ୍ଡାରିପୋଖରୀ ବ୍ଲକର ପାରୁଳି ପଞ୍ଚାୟତ ପ୍ରଥମ ସ୍ଥାନ, ଭଦ୍ରକ ବ୍ଲକର ହରିପୁର ଦ୍ୱିତୀୟ ସ୍ଥାନ ଏବଂ ଧାମନଗର ବ୍ଲକର ଫତେପୁର ତୃତୀୟ ସ୍ଥାନ ଅଧିକାର କରିଛି। ସେହିପରି ୫ମ ରାଜ୍ୟ ଅର୍ଥ କମିଶନ ଖର୍ଚ୍ଚ କ୍ଷେତ୍ରରେ ତିହିଡ଼ି ବ୍ଲକର ମଙ୍ଗଳପୁର ପଞ୍ଚାୟତ ପ୍ରଥମ ସ୍ଥାନ, ଚାନ୍ଦବାଲି ବ୍ଲକର ନନ୍ଦପୁର ଦ୍ୱିତୀୟ ସ୍ଥାନ ଓ ବାସୁଦେବପୁର ବ୍ଲକର ନରସିଂହପୁର ତୃତୀୟ ସ୍ଥାନ ହାସଲ କରିଛି।

# ଶନିଶ୍ଚରଙ୍କୁ ପୂଜାର୍ଚ୍ଚନା

**ବନ୍ତ, ୨୫।୪(କିଶୋର କୁମାର ସେଠୀ)**

ଭଦ୍ରକ ଜିଲା ବନ୍ତ ବ୍ଲକରେ ଶନିଶ୍ଚର ଦେବଙ୍କ ଜନ୍ମୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ବ୍ଲକର ପ୍ରମୁଖ ସ୍ଥାନ ଚଣ୍ଡୀପୁର, ବସନ୍ତିଆ, ଛୟାଳସିଂ, ଟିଲୋ, ରାମଚନ୍ଦ୍ରପୁର, ପଧାନପଡ଼ା, ନିଳୋକ, ସେଣ୍ଡତୀରା ଏବଂ କେନ୍ଦୁଆପଦା ଆଦି ଅଞ୍ଚଳରେ ଥିବା ଶନି ମନ୍ଦିର ବେଶ ଚଳଚଞ୍ଚଳ ହୋଇଉଠିଥିଲା। ଘଣ୍ଟଘଣ୍ଟା ଏବଂ ଶଙ୍ଖ ଧ୍ୱନିରେ ସମଗ୍ର ପରିବେଶ ପ୍ରକମ୍ପିତ ହୋଇଥିଲା। ଛୟାଳସିଂ, ବସନ୍ତିଆ ଏବଂ ନିଳୋକ ଭଳି ଅଞ୍ଚଳରେ ଥିବା ଶନି ମନ୍ଦିର ଗୁଡ଼ିକରେ ଭକ୍ତମାନଙ୍କର ଅସମ୍ଭାଳ ଭିଡ଼କୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ଭକ୍ତମାନେ ଧାଡ଼ିରେ ରହି ପ୍ରଭୁଙ୍କୁ କଳା ରାଶି, ତିଳ ତେଲ ଏବଂ ଲୁହା ସାମଗ୍ରୀ ଅର୍ପଣ କରି ନିଜର ଓ ପରିବାରର ମଙ୍ଗଳ ମନାସିଥିଲେ। ପୋଲିସ ପ୍ରଶାସନ ପକ୍ଷରୁ କେତେକ ସମ୍ବେଦନଶୀଳ ମନ୍ଦିର ନିକଟରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା।


ଜଣେ ମହିଳା ପୂଜା କରୁଛନ୍ତି।

# ମା’ ମାଟିଆ ମଙ୍ଗଳାଙ୍କ ପୀଠର ବାର୍ଷିକୋତ୍ସବ


ମା’ ମାଟିଆ ମଙ୍ଗଳା।

**ଚାନ୍ଦବାଲି, ୨୫।୪ (ରତିକାନ୍ତ ବାରିକ)**

ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ବୈତରଣୀ ନଦୀକୂଳରେ ଅବସ୍ଥିତ ଲକ୍ଷ୍ମୀପ୍ରସାଦଡିହାର ମା’ ମାଟିଆ ମଙ୍ଗଳାଙ୍କ ୨୦ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଛି। ଏହି ଉତ୍ସବରେ ଉଭୟ ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲାର ଲକ୍ଷାଧିକ ଶ୍ରଦ୍ଧାଳୁ ମା’ଙ୍କ ଦର୍ଶନ ସହ ପୂଜାର୍ଚ୍ଚନା କରିଥିଲେ। ୪ ଦିନବ୍ୟାପୀ ଆୟୋଜିତ ଏହି ଉତ୍ସବରେ ଗତ ଗୁରୁବାର କଳସ ଶୋଭାଯାତ୍ରା ଓ ଅଙ୍କୁରାରୋପଣର ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ପରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେକଦିନ ସନ୍ଧ୍ୟାରେ ପ୍ରବଚନ ସହ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ମା’ ମାଟିଆ ମଙ୍ଗଳା କମିଟିର ଉପସଭାପତି ଅଲେଖ ବିଶ୍ୱାଳ, ସମ୍ପାଦକ ସୁଶାନ୍ତ ଯତି, କୋଷାଧ୍ୟକ୍ଷ ଦିବାକର ବିଶ୍ୱାଳ, କମିଟି ସଭ୍ୟ ତଥା ପୂର୍ବତନ ସରପଞ୍ଚ ଅକ୍ଷୟ ନାୟକ, ଲକ୍ଷ୍ମୀଧର ସାମଲ, ସାଧୁଚରଣ ରାଉତ, ବିଶ୍ୱମ୍ଭର ମହାନ୍ତି, ରବୀନ୍ଦ୍ର ନାୟକ, ଭାସ୍କର ଦାସ, ମନମୋହନ ସୂତାର, ଭାଗିରଥି ମଲ୍ଲିକ ଓ ବିଜୟ ସ୍ୱାଇଁ ପ୍ରମୁଖ ଉକ୍ତ ଉତ୍ସବକୁ ପରିଚାଳନା କରିଥିଲେ।

# ଜଳଦାନ ସହ ୧ ହଜାରରୁ ଉର୍ଦ୍ଧ୍ୱ ଶବଦାହ କରି ଚର୍ଚ୍ଚାରେ ନଣ୍ଡାଭାଇ



ଜଳଦାନ କରୁଛନ୍ତି ନଣ୍ଡାଭାଇ।

**ନଳାଙ୍ଗ, ୨୫।୪(ସାଇ ଶଙ୍କର ମହାକୁଳ)**

ବିନା ସ୍ୱାର୍ଥରେ ପରୋପକାରକୁ ନିଜର ବ୍ରତ ବୋଲି ଭାବି ନେଇଛନ୍ତି ସେ। କୌଣସି ପଦପଦବୀରେ ନ ଥାଇ ମଧ୍ୟ ନିଜ ପଞ୍ଚାୟତ ସହ ଆଖପାଖ ପଞ୍ଚାୟତରେ କେହି ବିପଦରେ ପଡ଼ି ତାଙ୍କୁ ଖୋଜିଲେ ପହଞ୍ଚି ଯାଆନ୍ତି। ୨୮ ବର୍ଷ ହେଲା ନିରବଚ୍ଛିନ୍ନ ଭାବେ ଖରାଦିନେ ଲୋକଙ୍କୁ ଜଳଦାନ କରୁଛନ୍ତି। କେବଳ ସେତିକି ନୁହେଁ ନିଜ ଜୀବନକାଳ ଭିତରେ ହଜାରେ ପାଖାପାଖି ଲୋକଙ୍କର ଶବ ସତ୍କାର କରିଛନ୍ତି। ସେ ହେଉଛନ୍ତି ଭଦ୍ରକ ବ୍ଲକ କଲେଇ ପଞ୍ଚାୟତର କଲେଇ ଗ୍ରାମର ସୁବାସ ନାୟକ ଓରଫ ନଣ୍ଡା ଭାଇ। ଖରାଦିନ ଆସିଲା ମାତ୍ରେ ଲୋକଙ୍କୁ ପାନୀୟ ଜଳ ଯୋଗାଇବା ପାଇଁ ଆଗଭର ହୋଇଥାନ୍ତି। ତେଣୁ ସେ ବୈଶାଖ ମାସରେ ପ୍ରତିବର୍ଷ ଲୋକଙ୍କୁ ଜଳଦାନ କରି ତୃଷ୍ଣା ନିବାରଣ କରୁଥିବା ବେଳେ ଲୋକମାନେ ନିଜେ ମଧ୍ୟ ତାଙ୍କ ହାତରୁ ପାଣି ଟୋପେ ନ ପିଇଲେ ଯାଆନ୍ତି ନାହିଁ। ନଣ୍ଡା ଭାଇଙ୍କର ଆଉ ଏକ ମହତ କାମ ହେଉଛି ଶବ ସତ୍କାର। କାହାର କିଏ ମଲେ ସତ୍କାର ସମୟରେ ହିଁ ନଣ୍ଡା ଭାଇ ପହଞ୍ଚିଯାନ୍ତି। ପଞ୍ଚାୟତ ବା ଆଖପାଖ ଅଞ୍ଚଳରେ ସେ ହଜାରେରୁ ଉର୍ଦ୍ଧ୍ୱ ଶବ ଦାହ କରିଛନ୍ତି। ସେଥିପାଇଁ ତାଙ୍କୁ ଅଧିକ ଲୋକେ ଜାଣିଛନ୍ତି। ସେ ଅନେକ ଧର୍ମ ଅନୁଷ୍ଠାନ ସହ ସମ୍ପୃକ୍ତ ରହି ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇ ସୂଚାରୁ ରୂପେ ତୁଲାନ୍ତି ବୋଲି ଅଞ୍ଚଳବାସୀ ଆଶିଷ ରଞ୍ଜନ ପରିଡ଼ା, ଲକ୍ଷ୍ମୀକାନ୍ତ ନାୟକ, ମନୋଜ ଲେଙ୍କା, ବୀରେନ୍ଦ୍ର ଯେନା, ଅଭିଷେକ ନାୟକ ପ୍ରମୁଖ ମତବ୍ୟକ୍ତ କରିଛନ୍ତି।

# ଜିଲାସ୍ତରରେ ପ୍ରଥମ ମଙ୍ଗଳପୁର ସରପଞ୍ଚ ସମ୍ବର୍ଦ୍ଧିତ



ମଙ୍ଗଳପୁର ସରପଞ୍ଚ ପୁଷ୍ପାଞ୍ଜଳି ଲେଙ୍କାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ତିହିଡ଼ି, ୨୫।୪(ସଞ୍ଜିତ ବଳ)**

**ପଞ୍ଚଦଶ ଅର୍ଥ କମିଶନଙ୍କ ଅନୁଦାନର ଠିକ୍ ବିନିଯୋଗ**

ତିହିଡ଼ି ବ୍ଲକ ଅଧୀନ ମଙ୍ଗଳପୁର ପଞ୍ଚାୟତ ସରପଞ୍ଚ ପୁଷ୍ପାଞ୍ଜଳି ଲେଙ୍କାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଭଦ୍ରକରେ ଶୁକ୍ରବାର ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ଅବସରରେ ସରପଞ୍ଚ ଲେଙ୍କାଙ୍କୁ ଏହି ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପଞ୍ଚଦଶ ଅର୍ଥ କମିଶନଙ୍କ ଅନୁଦାନର ଠିକ୍ ବିନିଯୋଗ କରି ଜିଲାସ୍ତରରେ ପ୍ରଥମ ହୋଇଥିବାରୁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ମୁଖ୍ୟଅତିଥି ଭାବେ ଜିଲାପାଳ ଦିଲୀପ ରାଉତରାଏ ଯୋଗଦେଇ ତାଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ। ସମ୍ମାନ ଆକାରରେ ତାଙ୍କୁ ମାନପତ୍ର ଓ ଫଳକ ପ୍ରଦାନ କରାଯାଇଥିଲା। ବରେଣ୍ୟ ଅତିଥି ଭାବେ ଏମ୍‌ପି ଅଭିମନ୍ୟୁ ସେଠୀ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ ପ୍ରମୁଖ ଯୋଗ ଦେଇଥିଲେ।

# ନୂତନ ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ରସାଲପୁର, ୨୫।୪(ଶରତ ସାମଲ)**

ବାଲେଶ୍ୱର ସଦର ବ୍ଲକ ହରିଡ଼ା ଗ୍ରାମରେ ଶ୍ରୀ ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ଅଧିବେଶନ, ଶୁକ୍ରବାର ୧୦୮ କଳସ ଯାତ୍ରା ଓ ଶନିବାର ପୂର୍ଣ୍ଣାହୁତି ସାଙ୍ଗକୁ ରୀତିନୀତି ଅନୁଯାଇ ମନ୍ଦିର ପ୍ରତିଷ୍ଠା ଉତ୍ସବ ହୋଇଯାଇଛି। ଗ୍ରାମର ଗଜେନ୍ଦ୍ର ସ ଏବଂ ତାଙ୍କର ସ୍ତ୍ରୀ ହେମାଙ୍ଗିନୀ ସ ନିଜସ୍ୱ ଅର୍ଥରେ ୨୦୨୫ ମସିହା ଅକ୍ଷୟ ତୃତୀୟାରେ ମନ୍ଦିର ନିର୍ମାଣ ପାଇଁ ଶୁଭ ଦେଇଥିବା ବେଳେ ଚଳିତବର୍ଷ ମନ୍ଦିର ପ୍ରତିଷ୍ଠା କରିଛନ୍ତି। ଗଜେନ୍ଦ୍ର ଜଣେ ଶ୍ରମିକ ଭାବେ ଓରିସା ପ୍ଲାଷ୍ଟିକ ଫ୍ୟାକ୍ଟ୍ରିରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ବେଳେ ତାଙ୍କ ସ୍ତ୍ରୀ ଗୃହିଣୀ । ତେବେ ତାଙ୍କ ସ୍ତ୍ରୀ ହେମାଙ୍ଗିନୀ ୨୦୨୦ ମସିହାରେ ମାମୁ ଘର ସମ୍ପତ୍ତିରୁ କିଛି ଅର୍ଥ ପାଇଥିବା ବେଳେ ପୁଅ, ଝିଅଙ୍କ ଭବିଷ୍ୟତ ଓ ପରିବାର ଉଜ୍ଜ୍ୱଳ ପାଇଁ ପ୍ରଭୁ ଶ୍ରୀ ହନୁମାନଙ୍କଠାରେ ନିଜକୁ ସମର୍ପିତ କରିଥିଲେ। ପ୍ରଭୁଙ୍କୁ ସ୍ଥାପନ ପାଇଁ ତାଙ୍କୁ ସ୍ୱପ୍ନାଦେଶ ଦେଉଥିବାରୁ ପ୍ରଭୁଙ୍କ ଆଶୀର୍ବାଦରୁ ନିଜ ଘର ପାଖରେ ପ୍ରଭୁଙ୍କୁ ସ୍ଥାପନ କରିପାରିଛନ୍ତି ବୋଲି ଉଭୟ ଦମ୍ପତି ପ୍ରକାଶ କରିଛନ୍ତି। ଏହି ମନ୍ଦିର ନିର୍ମାଣ ଓ ପ୍ରତିଷ୍ଠାରେ ୧୫ରୁ ୨୦ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ସେ କହିଛନ୍ତି।

# ହାଇସ୍କୁଲରେ ଶକ୍ତି ସଂରକ୍ଷଣ ଆଲୋଚନାଚକ୍ର

**ଭଣ୍ଡାରିପୋଖରୀ, ୨୫।୪(ରାଜେନ୍ଦ୍ର ଶତପଥି)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ‘ଶକ୍ତି ସଂରକ୍ଷଣ ଓ ଛାତ୍ର ସମାଜ ଉପରେ ପ୍ରଭାବ’ ଶୀର୍ଷକ ଆଲୋଚନାଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଶକ୍ତି କ୍ଲବ୍ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ ତପଜା ସାହୁଙ୍କ ସଂଯୋଜନାରେ ପ୍ରଧାନଶିକ୍ଷକ ରତିକାନ୍ତ ବେହେରା ଉଦ୍‌ଘାଟନ କରି ଶକ୍ତି ସଂରକ୍ଷଣର ଗୁରୁତ୍ୱ ଓ ଏହାର ଭବିଷ୍ୟତ ସଙ୍କଟ ସମ୍ପର୍କରେ ଆଲୋକପାତ କରିଥିଲେ। ବିଜ୍ଞାନ ଶିକ୍ଷକ ଚନ୍ଦନ ସାମଲ ଶକ୍ତି ସଂରକ୍ଷଣର ବିଭିନ୍ନ ମାଧ୍ୟମ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଗୁରୁଦେବ ମିଶ୍ର, ପ୍ରକାଶ ମୁଖି, ଖୁସବ ବେହେରା, ଜୟଶ୍ରୀ ମିଶ୍ର, ଅର୍ଣ୍ଣବ ନାୟକ, ସୁଶ୍ରୀ ସଙ୍ଗୀତା ସାହୁ ପ୍ରମୁଖ ଛାତ୍ରୀଛାତ୍ର ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଶିକ୍ଷକ ମାନସ ପଣ୍ଡା, ବର୍ଷାପ୍ରିୟଦର୍ଶିନୀ ମଲ୍ଲିକ, ତୁଳସୀ ବେହେରା, ମହାମାୟା ମହାପାତ୍ର, ଉର୍ମିଳା ନାୟକ ପ୍ରମୁଖ ଆଲୋଚନାଚକ୍ର ପରିଚାଳନା କରିଥିଲେ।



ଶକ୍ତି ସଂରକ୍ଷଣ ଆଲୋଚନା ଚକ୍ରରେ ଜଣେ ଛାତ୍ରୀଙ୍କୁ ପ୍ରମାଣ ପତ୍ର ଦିଆଯାଉଛି।

# ମହିଳାଙ୍କ ଜନ ଆକ୍ରୋଶ ପଦଯାତ୍ରା

**ତିହିଡ଼ି, ୨୫।୪(ସଞ୍ଜିତ ବଳ)**

କେନ୍ଦ୍ର ସରକାରଙ୍କ ପକ୍ଷରୁ ଆଗତ ମହିଳା ସଂରକ୍ଷଣ ବିଲ ପାରିତ ନ ହେବା ପ୍ରତିବାଦରେ ତିହିଡ଼ି ବ୍ଲକ ଭାଜପା ସାହାଡ଼ାଶୁଣି ମଣ୍ଡଳ ପକ୍ଷରୁ ଶନିବାର ସକାଳ ୯ ଟାରେ ଜନ ଆକ୍ରୋଶ ମହିଳା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଭାଟପଡ଼ା ପଞ୍ଚାୟତ କାର୍ଯ୍ୟାଳୟରୁ ଶତାଧିକ ମହିଳା ମୁଣ୍ଡରେ କଳା ପଟି ବାନ୍ଧି ପଦଯାତ୍ରାରେ ବାହାରିବା ସହ କଂଗ୍ରେସ ଓ ବିଜେଡି ବିରୋଧରେ ସ୍ଲୋଗାନ ଦେଇ ବ୍ଲକ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ। ସେଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ପୂର୍ବତନ ଜିଲା ପରିଷଦ ଉପାଧ୍ୟକ୍ଷା ରଞ୍ଜିତା ସ୍ୱାଇଁ, ପୂର୍ବତନ ଭାଜପା ଜିଲା ମହିଳା ସଭାନେତ୍ରୀ କଳ୍ପନା ଜେନା, ସରପଞ୍ଚ ପୁଷ୍ପାଞ୍ଜଳି ଲେଙ୍କା, ପୂର୍ବତନ ସରପଞ୍ଚ ଅଳିଳପ୍ରଭା ରାଉଳ, ଝରଣା ଜେନା, ରୀନାରାଣୀ ସ୍ୱାଇଁ ପ୍ରମୁଖ ଯୋଗଦେଇ ୩୩ ପ୍ରତିଶତ ମହିଳା ସଂରକ୍ଷଣ ବିଲ୍‌କୁ ବିରୋଧ କରିଥିବା ବିଜେଡି ଓ କଂଗ୍ରେସକୁ ଭର୍ତ୍ସନା କରିବା ସହ ବିଲ୍‌କୁ ପାରିତ କରିବା ପାଇଁ ଦାବି ଜଣାଇଥିଲେ। ଏମ୍‌ପିଙ୍କ ପ୍ରତିନିଧି ସୀତାକାନ୍ତ ନାୟକ, ମଣ୍ଡଳ ସଭାପତି କେଶବ ବେହେରା, ବରିଷ୍ଠ ନେତା ରଘୁନାଥ ପାତ୍ର, ଅଜୟ ମହାପାତ୍ର, ସରପଞ୍ଚ ଶୁଭ୍ର ନାରାୟଣ ସେଠୀ, ସମିତିସଭ୍ୟ ଶୁକଦେବ ମଲିକ, ରବୀନ୍ଦ୍ର ଶତପଥୀ, ଉମାକାନ୍ତ ଦାସ, ସରୋଜ ନାୟକ, ଦେବେନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



ପଦଯାତ୍ରାରେ ସାମିଲ ମହିଳାମାନେ।

## ସଂକ୍ଷେପରେ

### ପାଣିରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

ବାଙ୍ଗିରିପୋଷି,୨୫।୪
(ସଞ୍ଜୟ କୁମାର ଅଗ୍ରୱାଲ)

ବାଙ୍ଗିରିପୋଷି ବ୍ଲକ୍ ଧୋବଣୀଶୋଳ ପଞ୍ଚାୟତର ମହୁପାହାଡ଼ି ସରକାରୀ ବନ୍ଧ ପାଣିରେ ବୁଡ଼ି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବାଲିଖଣି ଗ୍ରାମର ସମରାୟ ହେମ୍ବ୍ରମ (୬୦)। ସେ ଉକ୍ତ ବନ୍ଧକୁ ଗାଧୋଇବା ପାଇଁ ଯାଇଥିବାବେଳେ ବୁଡ଼ି ଯାଇଥିଲେ। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

### ଦୁର୍ଘଟଣାରେ ବାଳକ ମୃତ

ବାଙ୍ଗିରିପୋଷି,୨୫।୪
(ସଞ୍ଜୟ କୁମାର ଅଗ୍ରୱାଲ)

ବାଙ୍ଗିରିପୋଷି ଥାନା ଅଧୀନ ଚନ୍ଦନପୁର ପଞ୍ଚାୟତର ନୂଆଗାଁ ଗ୍ରାମସ୍ଥିତ ପୁରୁଣା ପୋଖରୀ ନିକଟରେ ଦୁର୍ଘଟଣାରେ ଜଣେ ବାଳକଙ୍କ ମୃତ୍ୟୁ ଘଟିଛି। ମୃତ ବାଳକ ଜଣକ ହେଲେ ଦୁର୍ଗା ସିଂଙ୍କ ଏକ ମାତ୍ର ପୁଅ ଦେବାଶିଷ (୭)। ସେ ଜଗଦୀଶ ନାଏକଙ୍କ ସ୍କୁଟି ପଛରେ ବସି ଯାଉଥିବା ବେଳେ ଦୁର୍ଘଟଣାର ସମ୍ମୁଖିନ ହୋଇଥିଲେ। ସ୍କୁଟି ଚାଳକ ଜଗଦୀଶ ମଧ୍ୟ ଆହତ ହୋଇଛନ୍ତି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

### ଶନିଦେବଙ୍କ ପୀଠର ବାର୍ଷିକ ଉତ୍ସବ

ବାରିପଦା,୨୫।୪
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ବାରିପଦା ବାଘଡ଼ାରୋଡ୍‌ସ୍ଥିତ ସର୍ବପୁରାତନ ଶନିଦେବଙ୍କ ପୀଠରେ ୪୫ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ସହସ୍ରାଧିକ ଶ୍ରଦ୍ଧାଳୁ ଶନିଦେବଙ୍କୁ ପୂଜାର୍ଚ୍ଚନା କରି ଆଶିଷ ଲାଭ କରିଛନ୍ତି। ବର୍ଷକୁ ଗୋଟିଏ ମାସ ଏହି ମହାଗ୍ରହ ପୀଠରେ ଶନିଦେବଙ୍କ ବାର୍ଷିକ ଉତ୍ସବ ପାଳିତ ହେଉଥିବାରୁ ଜିଲା ସମେତ ପଡୋଶୀ ଜିଲା ଓ ରାଜ୍ୟରୁ ଭକ୍ତମାନେ ଦେବ ଦର୍ଶନ କରିଛନ୍ତି। ରୀତିନୀତି ଅନୁଯାୟୀ ସକାଳୁ ଶନି ଦେବଙ୍କୁ ପବିତ୍ର ସ୍ନାନ କରାଯିବା ପରେ ନୂତନ ବସ୍ତ୍ର ପରିଧାନ କରାଯାଇଥିଲା। ପରେ ବାଲ୍ୟ ଭୋଗ ଲାଗି ପରେ ଭକ୍ତଙ୍କୁ ତାହା ବଣ୍ଟନ କରାଯାଇଥିଲା। ଉତ୍ସବ ପରିଚାଳନାରେ ଶନିଦେବ ପୀଠ ପରିଚାଳନା କମିଟି ସଦସ୍ୟ ଓ ଭକ୍ତମାନେ ସହଯୋଗ କରିଥିଲେ।

# ବାଲିଆପାଳ- ବିଜୟୱାଡ଼ା ରେଳପଥ ନିର୍ମାଣ ଦାବି

## କେନ୍ଦ୍ରୀୟ ଓଡ଼ିଶା ରେଳପଥ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦାବିପତ୍ର ପ୍ରଦାନ

ବାରିପଦା,୨୫।୪
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

କେନ୍ଦ୍ରୀୟ ଓଡ଼ିଶା ରେଳପଥ କ୍ରିୟାନୁଷ୍ଠାନ କମିଟି ମୟୂରଭଞ୍ଜ ପକ୍ଷରୁ ନୂତନ ରେଳ ପଥ ନିର୍ମାଣ ପାଇଁ ଦାବି ହୋଇଛି। ଏନେଇ ମୟୂରଭଞ୍ଜ ଜିଲାପାଳ ହେମକାନ୍ତ ସୟଙ୍କ ଜରିଆରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମୟୂରଭଞ୍ଜ ଏମ୍‌ପି ନବ ଚରଣ ମାଝୀ, ରେଲୱେ ବୋର୍ଡର ସାଧାରଣ ପରିଚାଳକ ପ୍ରମୁଖଙ୍କ ଉଦ୍ଦେଶ୍ୟରେ ଏହି ଦାବିପତ୍ର ପ୍ରଦାନ କରାଯାଇଛି। ଓଡ଼ିଶାର ବାଲିଆପାଳଠାରୁ ଭାୟା ବସ୍ତା, ହରିପୁର, ମୋରଡ଼ା, ବେତନଟୀ, ବଡ଼ସାହି, ଉଦଳା, ଦଇତାରୀ, ବୌଦ୍ଧ, ସୁବର୍ଣ୍ଣପୁର (ସୋନପୁର), ଭବାନୀପାଟଣା, ନବରଙ୍ଗପୁର, ବାଲିମେଳା, ମାଲକାନଗିରି, ଭେଲାରପଲ୍ଲୁ, ଟି ନରସାପୁରମ ଏବଂ ଓନଜଭିଡ ହୋଇ ଆନ୍ଧ୍ରର ବିଜୟୱାଡ଼ା ପର୍ଯ୍ୟନ୍ତ ନୂତନ ରେଳପଥ ନିର୍ମାଣ କରିବାକୁ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି।

ଦାବି ମୁତାବକ ଓଡ଼ିଶାର ପଡୋଶୀ ରାଜ୍ୟ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଛତିଶଗଡ଼ ଓ ଆନ୍ଧ୍ରପ୍ରଦେଶ ଏବଂ ବଙ୍ଗୋପସାଗର ସୀମା ପାଖକୁ ଲାଗି ଏକାଧିକ ରେଳ ଲାଇନ ଥିବାବେଳେ କେନ୍ଦ୍ରୀୟ ଓଡ଼ିଶାର ଦୂରଦୂର ପର୍ଯ୍ୟନ୍ତ ରେଳ ଲାଇନ ନ ଥିବା ଦୁର୍ଭାଗ୍ୟଜନକ। ଓଡ଼ିଶା ମଧ୍ୟଦେଇ ବାଲିଆପାଳ (ବଙ୍ଗୋପସାଗର ସମୁଦ୍ରକୂଳ)ଠାରୁ ଆନ୍ଧ୍ର ପ୍ରଦେଶର ବିଜୟୱାଡା ପର୍ଯ୍ୟନ୍ତ ନୂତନ ରେଳ ଲାଇନ ନିର୍ମାଣ କରାଗଲେ ଓଡ଼ିଶାର ମେଡିକାଲ କଲେଜ, ଆଇଆଇଟି ଭଳି ଅନୁଷ୍ଠାନ ପାଇଁ ସୁଯୋଗ ସୃଷ୍ଟି ହେବ। ରେଳ ଲାଇନ ଯାଉଥିବା ଅଞ୍ଚଳ ଗୁଡ଼ିକରେ ଶିକ୍ଷା ସ୍ୱାସ୍ଥ୍ୟ ରୋଜଗାର, କୃଷି, ଶିଳ୍ପ, କୁଟୀର ଶିଳ୍ପର ବିକାଶ ସହ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ରୋଜଗାର ନିଯୁକ୍ତି ସୃଷ୍ଟି ହୋଇ ପାରିବ। ସେହିଭଳି ଉପାନ୍ତ ଅଞ୍ଚଳ, ବିଚ୍ଛିନ୍ନାଞ୍ଚଳକୁ ରେଳ ଯୋଗାଯୋଗ ସମ୍ଭବ ହେବା ସହ ଗଞ୍ଜେଇ ଚାଷ, ମାଓବାଦୀ ଦମନ ଇତ୍ୟାଦି ସମ୍ଭବ ହୋଇପାରିବ ବୋଲି କୁହାଯାଇଛି। ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ଓଡ଼ିଶା ରେଳପଥ କ୍ରିୟାନୁଷ୍ଠାନ କମିଟିର ସଭାପତି ପୂର୍ବତନ ବିଧାୟକ ସିରୁ ସୋରେନ, ଉପସଭାପତି ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ସମ୍ପାଦକ କମଲ ଲୋଚନ ବେହେରା, ସହ ସମ୍ପାଦକ ଶଶୀଧର ସ୍ୱାଇଁ ଓ ଆବାହକ ଜୟ କିଶାନ ପାଣି ପ୍ରମୁଖ ଉପସ୍ଥିତ ଥିଲେ।



ରେଳପଥ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ଦୁର୍ଗମ ଅଞ୍ଚଳରେ ମ୍ୟାଲେରିଆ ନିରାକରଣ ଉପରେ ଗୁରୁତ୍ୱ



ଅତିଥିମାନେ ମ୍ୟାଲେରିଆ ଦିବସର ଶପଥ ପାଠ କରୁଛନ୍ତି।

## ଜିଲାସ୍ତରୀୟ ବିଶ୍ୱ ମ୍ୟାଲେରିଆ ଦିବସ

ବାରିପଦା,୨୫।୪(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ମୁଖ୍ୟ ଚିକିତ୍ସାଳୟ ବାରିପଦାସ୍ଥିତ ସଭା ଗୃହରେ ଜିଲାସ୍ତରୀୟ ବିଶ୍ୱ ମ୍ୟାଲେରିଆ ଦିବସ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଭିବିଡି) ଡା. ବିଜୟ କୁମାର ଦାସ ଏଥିରେ ଅଧ୍ୟକ୍ଷତା କରି ସମସ୍ତ ଜ୍ୱର ରୋଗୀଙ୍କ ଠିକ୍ ସମୟରେ ରକ୍ତ ପରୀକ୍ଷା କରିବା, ମଶାରୀ ଟାଙ୍ଗି ଶୋଇବା ଆଦି ବିଷୟ ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ଜିଲାର ସମସ୍ତ ସ୍ୱାସ୍ଥ୍ୟକର୍ମୀଙ୍କୁ ଘରକୁ ଘର ବୁଲି ଜ୍ୱର ରୋଗୀଙ୍କ ମ୍ୟାଲେରିଆ ରକ୍ତ ପରୀକ୍ଷା ଏବଂ ମ୍ୟାଲେରିଆ ଚିହ୍ନଟ ହେଲେ ସମ୍ପୂର୍ଣ୍ଣ ଚିକିତ୍ସା କରିବାକୁ ପଦକ୍ଷେପ ନେବା ସହ ଠିକ୍ ଭାବେ କୀଟନାଶକ ସିଞ୍ଚନ କରିବା, ଦୁର୍ଗମ ଅଞ୍ଚଳରେ ମ୍ୟାଲେରିଆ ନିରାକରଣ (ଦମନ) କାର୍ଯ୍ୟକ୍ରମକୁ ଭଲ ଭାବରେ ରୂପାୟନ କରିବା ଆଦି ବିଷୟ ଉପରେ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଶ୍ୱ ମ୍ୟାଲେରିଆ ଦିବସର ଶପଥ ପାଠ ହୋଇଥିଲା। ଉକ୍ତ ସଭାରେ ଏଏନଏମ ପ୍ରଶିକ୍ଷଣ କେନ୍ଦ୍ରର ଛାତ୍ରୀମାନେ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ। ଜିଲା ଭେକ୍ଟୋର ବାହିତ ରୋଗ ପରାମର୍ଶଦାତା ତପନ କୁମାର ସାହୁ, ଜିଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଧନୁରାମ ମୁର୍ମୁ, ସହକାରୀ ଜିଲା ଯୋଗାଯୋଗ ଅଧିକାରୀ ଗଣେଶ୍ୱର ମହାନ୍ତି, ଗୋପବନ୍ଧୁ ଗିରି (ଏଫ୍‌ଏଲ୍‌ଏ), ଏଏନ୍‌ଏମ୍‌ଟିସି ଟ୍ୟୁଟର୍ ଅନିତା ଦାସ, ଫାଇଲେରିଆ ପରିଦର୍ଶକ ଦୁର୍ଗା ପ୍ରସାଦ ଦାସ ଏବଂ ବଳରାମ ବେହେରା ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଅମୃତ ବିନ୍ଦୁ ଶିବିର

ବାରିପଦା,୨୫।୪
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ସ୍ଥିତ ହୋପ୍ସ ଟ୍ରଷ୍ଟ ପକ୍ଷରୁ ଅମୃତ ବିନ୍ଦୁ ନାମରେ ଏକ ବିଶାଳ ରକ୍ତଦାନ ଓ ରକ୍ତଦାତା ପଞ୍ଜୀକରଣ ଶିବିର ଆୟୋଜିତ ହୋଇଛି। ଶିବିରରେ ମୋଟ ୩୫ ୟୁନିଟ ରକ୍ତ ସଂଗ୍ରହ ହେବା ସହିତ ବିଭିନ୍ନ ବ୍ଲଡ ଗ୍ରୁପର ୯୫ ଜଣ ରକ୍ତଦାତାଙ୍କୁ ସଫଳତାର ସହ ପଞ୍ଜୀକରଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ବାରିପଦା ପୌର ପରିଷଦର ଅଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଦୁଃଖବନ୍ଧୁ ନାୟକ ଯୋଗଦେଇ ରକ୍ତଦାନର ମହତ୍ତ୍ୱ ଓ ସାମାଜିକ ଦାୟିତ୍ୱ ବିଷୟରେ ମତ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ବାରିପଦା ବ୍ଲକର ବିଡିଓ ଡିପି ବଳ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଟ୍ରଷ୍ଟି ରାଜେଶ କୁମାର ନାୟକ, ସୁବ୍ରତ ଜେନା ଓ ଦିପଙ୍କର ପରିଡା, ୱାର୍ଡ ନଂ. ୨୫ର କାଉନସିଲର ଦେବାଶିଷ ପାତ୍ର, ଖବରଦାତା ସଞ୍ଜୟ କୁମାର ଚୌଧୁରୀ, ରେଡକ୍ରସର ଆଜୀବନ ସଦସ୍ୟ ଅମର କୁମାର ସେଠୀ, ସାମାଜିକ କର୍ମୀ ସୋମନାଥ ସିଂହ ଓ ଦେବବ୍ରତ ସାମଲ ପରିଚାଳନାରେ ସହଯୋଗ କରିଥିଲେ।

# ବ୍ଲକ୍‌ସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ

ଠାକୁରମୁଣ୍ଡା,୨୫।୪
(ତାରାକାନ୍ତ ପଟ୍ଟନାୟକ)

ଠାକୁରମୁଣ୍ଡା ବ୍ଲକ୍‌ସ୍ତରୀୟ ଓ ଗ୍ରାମପଞ୍ଚାୟତ ଗୁଡ଼ିକରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ଠାକୁରମୁଣ୍ଡା ବ୍ଲକ ଅଧୀନ ୧୮ଟି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସରପଞ୍ଚମାନଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତିରାଜ ଦିବସ ପାଳନ କରାଯାଇଥିଲା। ଏହି ଅବସରରେ ଗ୍ରାମ ସଭା ମଧ୍ୟ ଅନୁଷ୍ଠିତ ହୋଇଥିଲା। ସେହିପରି ବ୍ଲକ ସ୍ତରୀୟ ଜାତୀୟ ପଞ୍ଚାୟତ ରାଜ ଦିବସ ବ୍ଲକ ପରିସରରେ ସନ୍ଧ୍ୟା ୬ ଟା ସମୟରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଶତାଧିକ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ଓ ସାଧାରଣ ଲୋକ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ବଲାଙ୍ଗୀରଠାରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ କାର୍ଯ୍ୟକ୍ରମର ସିଧା ପ୍ରସାରଣକୁ ଅଭାସୀ ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା। ୩ ଜଣଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାର ପ୍ରଥମ କିସ୍ତି ଟଙ୍କା ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଡିଓ ସପନେଶ୍ୱର ବେହେରା,ଏମ୍‌ପିଙ୍କ ପ୍ରତିନିଧି ତାରାକାନ୍ତ ପଟ୍ଟନାୟକ, ବ୍ଲକ ଉପାଧ୍ୟକ୍ଷ ସନ୍ତୋଷ କୁମାର ମହାନ୍ତ, ସରପଞ୍ଚ ମଳୟ ପରିମାଣିକ, ସୁଜିତ ଲୁଗୁନ, ଭାଜପା ମଣ୍ଡଳ ସଭାପତି ତ୍ରିନାଥ ମହାନ୍ତ,ଜିଲା କାର୍ଯ୍ୟକାରିଣୀ ସଦସ୍ୟ ରଣଜିତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ୨୩ ୟୁନିଟ୍ ରକ୍ତ ସଂଗ୍ରହ



ଶିବିରରେ ଉପସ୍ଥିତ ଅତିଥିମାନେ।

ବାରିପଦା,୨୫।୪
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାର ଆସୋସିଏସନ ଆନୁକୂଲ୍ୟରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମଜୟନ୍ତୀ ଉପଲକ୍ଷେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲା ଜଜ ସୁଦୀପ୍ତ ଆଚାର୍ଯ୍ୟ ଓ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଜଜ (ଭିଜିଲାନ୍ସ) ପୂର୍ଣ୍ଣିମା ଜେନା, ଅତିରିକ୍ତ ଜିଲା ଜଜ (୨) ସୁମନ କୁମାର ମିଶ୍ର, ଜଜ (ଫାମିଲି କୋର୍ଟ) ପ୍ରଜ୍ୟୋତି ରାଉତ,ଅତିରିକ୍ତ ଜଜ (ପୋକ୍‌ସୋ କୋର୍ଟ) ଚିନ୍ମୟ ମିଶ୍ର, ସିଜେଏମ, ଦେବାଶିଷ ମହାନ୍ତି, ସୃତିସ୍ନିଗ୍ଧା ଦାସ, ଅତିରିକ୍ତ ସେସନ ଜଜ ଶତରୁପା ଶତପଥୀ, ସିନିୟର ସିଭିଲ ଜଜ ସୂର୍ଯ୍ୟ ଦାସ, ଅତିରିକ୍ତ ସିନିୟର ସିଭିଲ ଜଜ ଡ, ନିଶାକର ସାହୁ, ଅତିରିକ୍ତ ସିନିୟର ସିଭିଲ ଜଜ ଲକ୍ଷ୍ମୀପ୍ରିୟା ସ୍ୱାଇଁ, ଜେଏମ୍‌ଏଫ୍‌ସି(୧) ମଧୁସ୍ମିତା ମହାନ୍ତି, ଜେଏମ୍‌ଏଫ୍‌ସି ନିଲିଶା ପଟ୍ଟନାୟକ, ଜେଏମ୍‌ଏଫ୍‌ସି, ଶୁଭ୍ରାଂଶୁ ଠାକୁର, ଜେଏମ୍‌ଏଫ୍‌ସି ସ୍ୱସ୍ତିକ ଦାଶ, ସିଭିଲ ଜଜ ଅର୍ପିତା ସାହୁ ପ୍ରମୁଖ ଉପସ୍ଥିତ ରହି ଏହି ଶିବିରକୁ ଉଦ୍‌ଘାଟନ କରିବା ସହ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାର ଆସୋସିଏସନର ସଭାପତି ଜ୍ୟୋତିପ୍ରକାଶ ରଥ, ଉପ ସଭାପତି ସତ୍ୟବ୍ରତ ଦାଶ, ସମ୍ପାଦକ ବିପ୍ଳବ ବାରିକ, ସହ ସମ୍ପାଦକ ସ୍ୱରୂପ କୁମାର ମିଶ୍ର, ପଙ୍କଜ ମହାକୁଡ଼ ଓ କୃଷ୍ଣଚନ୍ଦ୍ର ମହାନ୍ତି ଏବଂ କୋଷାଧ୍ୟକ୍ଷ ପଦ୍ମଲୋଚନ ମହାନ୍ତ ତଥା ସଦସ୍ୟ ଦେବରାଜ ମିଶ୍ର, ଗିରିଶ ଚନ୍ଦ୍ର ମହାପାତ୍ର, ସ୍ୱପ୍ନା ମହାନ୍ତି, ଗୌତମ ଶଙ୍କର ରାୟ, ସୁସ୍ମିତା ଘୋସାଲ, ବଜୟନ୍ତୀ ବାସ୍କେ, ମଧୁସ୍ମିତି ସେଠି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଶିବିରରେ ବିଚାରପତି ସୁମନ କୁମାର ମିଶ୍ର, ଦେବାଶିଷ ମହାନ୍ତି ଓ ଡ. ନିଶାକର ସାହୁଙ୍କ ସମେତ ମୋଟ ୨୩ ଜଣ ରକ୍ତଦାନ କରିଥିଲେ। ସାମାଜିକ କର୍ମୀ ଅମର କୁମାର ସେଠି, ସୋମନାଥ ସିଂହ ତଥା ଆଇନଜୀବୀ ଦୀପକ କୁମାର ମିଶ୍ର, ମଧୁସ୍ମିତା ନାୟକ ଓ ସୋନାଲି ମିଶ୍ର ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ଜାତୀୟ ପଞ୍ଚାୟତିରାଜ ଦିବସ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

କପ୍ତିପଦା,୨୫।୪ (ବିଷ୍ଣୁ ଚରଣ ପୁଥାଲ)

କପ୍ତିପଦା ପଞ୍ଚାୟତ ସମିତି ଆନୁକୂଲ୍ୟରେ ସ୍ଥାନୀୟ କଲ୍ୟାଣ ମଣ୍ଡପ ପରିସରରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରେଶ୍ମା ଟେଟେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶୁକ୍ରବାର ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଦ୍ୟାଭାରତୀ ନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ସଦାଶିବ ବେହେରା, ସିଡିପିଓ କୀତିନୀ ଲିୟାଙ୍ଗୀ, ବିଶୋଳ ପଞ୍ଚାୟତର ସରପଞ୍ଚ ଭଗୀରଥ ଦେହୁରୀ, ପେଡ଼ାଗଡ଼ି ସରପଞ୍ଚ ମନୋରଞ୍ଜନ ଡାକୁଆ, ଜିପିଓ ଜୀବନଜ୍ୟୋତି ବଳ ପ୍ରମୁଖ ଯୋଗ ଦେଇଥିଲେ। ସରକାରଙ୍କ ଲୋକାଭିମୁଖୀ ଯୋଜନା ତଥା ବଲାଙ୍ଗିର ଜିଲାରେ ଅନୁଷ୍ଠିତ ହୋଇଥିବା ରାଜ୍ୟସ୍ତରୀୟ ଏହି କାର୍ଯ୍ୟକ୍ରମ ଆଭାସୀ ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ସ୍ୱାସ୍ଥ୍ୟ ବିଭାଗ, ଗ୍ରାମୀଣ ଗୃହଯୋଜନା, ମିଶନ ଶକ୍ତି ଓ ଓଡ଼ିଶା ଜୀବିକା ମିଶନ, କୃଷି ବିବାଗ ତଥା ସମନ୍ୱିତ ଶିଶୁବିକାଶ ଯୋଜନା ସମ୍ପର୍କରେ ଏକ ପ୍ରଦର୍ଶନୀ ଷ୍ଟଲ୍ ଖୋଲାଯାଇଥିଲା। ଏହି ଅବସରରେ ନୁଡଡିହା ଗ୍ରାମ ପଞ୍ଚାୟତର ରଶ୍ମିରେଖା ମହାନ୍ତି ଏବଂ ସୁଭଶ୍ରୀ ଲେଙ୍କାଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାର କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା।

# କ୍ୱାଣ୍ଟମ ଏକାଡେମୀକୁ ପ୍ରଥମ ପୁରସ୍କାର

## ଇନୋଭାଟିଆ ୧.୦ ମେଡିକାଲ ପ୍ରଦର୍ଶନୀ

ବାରିପଦା, ୨୫।୪
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ରଙ୍ଗାମାଟିଆସ୍ଥିତ ପିଆର୍‌ଏମ୍ ମେଡିକାଲ କଲେଜରେ ଆୟୋଜିତ ପ୍ରଥମ ମେଡିକାଲ ପ୍ରଦର୍ଶନୀ ଇନୋଭାଟିଆ– ୧.୦ରେ କ୍ୱାଣ୍ଟମ ଏକାଡେମୀର ଛାତ୍ରୀଛାତ୍ରମାନେ ପ୍ରଥମ ପୁରସ୍କାର ପାଇବାରେ ସକ୍ଷମ ହୋଇଛନ୍ତି । ଏକାଡେମିକ ସୋସାଇଟି ଓ ଷ୍ଟୁଡେଣ୍ଟସ ୟୁନିୟନ ୨୫–୨୬ ଦ୍ୱାରା ଆୟୋଜିତ ବାର୍ଷିକ ଏକାଡେମିକ ପ୍ରଦର୍ଶନୀ ଦେଖିବା ପାଇଁ ବିଭିନ୍ନ ମହାବିଦ୍ୟାଳୟ ଓ ଅନୁଷ୍ଠାନର ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ। ସେଠାରେ ନିଟ୍ ପରୀକ୍ଷା ଢାଞ୍ଚାରେ ଏକ ପରୀକ୍ଷା ଆୟୋଜିତ ହୋଇଥିଲା। ଉକ୍ତ ପ୍ରତିଯୋଗିତାରେ କ୍ୱାଣ୍ଟମ ଏକାଡେମୀର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରି ଉତ୍କୃଷ୍ଟ ପ୍ରଦର୍ଶନ ଦ୍ୱାରା ପ୍ରଥମ ସ୍ଥାନ ଅଧିକାର କରିବା ସହ କ୍ୱାଣ୍ଟମ ଏକାଡେମୀକୁ ଶ୍ରେଷ୍ଠ ଏକାଡେମୀ ବର୍ଷ ୨୦୨୬–୨୭ର ସମ୍ମାନ ପ୍ରଦାନ କରାଯାଇଥିଲା। ଏକାଡେମୀର ନିର୍ଦ୍ଦେଶକ ଦୀପ୍ତିପ୍ରକାଶ ବସା, ଅନୁସୟା ବସା, ଜ୍ୟୋତି ବିକାଶ ଗିରି ପ୍ରମୁଖ ଏହି ସଫଳତା ସମସ୍ତ ଛାତ୍ରୀଛାତ୍ର ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ କଠିନ ପରିଶ୍ରମ ପାଇଁ ସମ୍ଭବ ହୋଇପାରିଲା ବୋଲି କହିଛନ୍ତି।



ପ୍ରଥମ ପୁରସ୍କାର ବିଜେତା ଛାତ୍ରୀମାନେ।

# ବିଶ୍ୱବିଦ୍ୟାଳୟରେ ଏକଦିବସୀୟ ଅଧିବେଶନ

ବାରିପଦା,୨୫।୪
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ତକତପୁରସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ (ଏମ୍‌ଏସ୍‌ସିବି) ବିଶ୍ୱବିଦ୍ୟାଳୟ ପରିସରରେ ପିଏମ୍– ଉଷା ପ୍ରାୟୋଜିତ ଏକଦିବସୀୟ ଏମ୍‌ଏସ୍‌ସିବି ୟୁକନେକ୍ଟ ଅଧିବେଶନ ଆୟୋଜନ ହୋଇଛି। ସ୍ୱପ୍ନ ଦେଖନ୍ତୁ, ନିର୍ମାଣ କରନ୍ତୁ, ଅନୁପ୍ରାଣିତ କରନ୍ତୁ ବୋଲି ଏହି କାର୍ଯ୍ୟକ୍ରମର ମୁଖ୍ୟ ବିଷୟ ବସ୍ତୁ ରହିଥିଲା। କାର୍ଯ୍ୟକ୍ରମର ଆବାହିକା ଡ. କୁକୁ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତି ଏକ ସବୁଜ କ୍ୟାମ୍ପସର ବିକାଶ, ସ୍ଥାୟୀତ୍ୱ ଏବଂ ମହତ୍ତ୍ୱ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଶିଷ୍ଟ ରସାୟନ ବିଜ୍ଞାନୀ ତଥା ଡକ୍ଟର ଶେଷ କିଷାନ ଫାର୍ମାର ପ୍ରତିଷ୍ଠାତା ଡ. ଶେଷ କିଷାନ ଏକ ଦୂରଦୃଷ୍ଟିର ନିର୍ମାଣ: ଲାବୋରେଟୋରୀରୁ ବଜାର ପର୍ଯ୍ୟନ୍ତ ବିଷୟ ଉପରେ ପ୍ରେରଣାଦାୟକ ବକ୍ତବ୍ୟ ପ୍ରଦାନ କରିଥିଲେ। ପରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଛାତ୍ରୀଛାତ୍ର, ଗବେଷକ ଏବଂ ଅଧ୍ୟାପକମାନେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏମ୍‌ଏସ୍‌ସିବି ବିଶ୍ୱବିଦ୍ୟାଳୟ ଏବଂ ଅନୁବନ୍ଧିତ ମହାବିଦ୍ୟାଳୟଗୁଡ଼ିକର ଅଧ୍ୟାପକ, ଛାତ୍ରୀଛାତ୍ର ତଥା ଗବେଷକମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ସଫଳତା ପାଇଁ ବିଶ୍ୱବିଦ୍ୟାଳୟର ପିଏମ୍–ଉଷା ନୋଡାଲ ଅଫିସର ପ୍ରଫେସର ଇନ୍ଦ୍ରଜିତ ନାଏକଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

# ମ୍ୟାଲେରିଆ ଦିବସରେ ସଚେତନତା କାର୍ଯ୍ୟକ୍ରମ

ବାରିପଦା,୨୫।୪
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅନ୍ତର୍ଗତ ବ୍ରାହ୍ମଣଗାଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବିଶ୍ୱ ମ୍ୟାଲେରିଆ ଦିବସ ଅବସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ବାୟୋଟେକ୍ନୋଲୋଜି ବିଭାଗର ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମ୍ୟାଲେରିଆ ଟେକ୍ନିକାଲ ସୁପରଭାଇଜର ବିଦ୍ୟାନ୍ତ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ବକ୍ତା ଭାବେ ବିଶ୍ୱବିଦ୍ୟାଳୟର ବାୟୋଟେକ୍ନୋଲୋଜି ବିଭାଗର ଆସୋସିଏଟ ପ୍ରଫେସର ଡ. ଗୁଣନିଧି ଧଙ୍ଗଡାମାଝୀ, ଅନ୍ୟତମ ଅତିଥି ଭାବେ ବ୍ରାହ୍ମଣଗାଁ ପି.ଏଚ.ସିର ମେଡିକାଲ ଅଫିସର ଡା. ଦିଲ୍ଲୀପ କୁମାର ପୁର୍ତ୍ତି, ଆୟୁଷ ମେଡିକାଲ ଅଫିସର ଡା. ରଞ୍ଜନ କୁମାର ସୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରିଣୀ ମମତା ରାଉତ, ଆଶା କର୍ମୀ, ଅଙ୍ଗନବାଡ଼ି କର୍ମୀ ଓ ୱାର୍ଡ ମେମ୍ବରମାନଙ୍କୁ ମଶାଙ୍କ କବଳରୁ କିଭଳି ନିଜକୁ ଓ ସମାଜକୁ ସୁରକ୍ଷିତ ରଖାଯାଇପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ମ୍ୟାଲେରିଆ ନିୟନ୍ତ୍ରଣ ପାଇଁ 'ପରୀକ୍ଷା, ଚିକିତ୍ସା ଏବଂ ଟ୍ରାକିଂ'କୁ ମୂଳମନ୍ତ୍ର ଭାବେ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ।

# ୧୦ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

## ଜିଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ

- ଗ୍ରାମୀଣ ଗୃହ ଯୋଜନାରେ ୫ ହିତାଧିକାରୀଙ୍କୁ ପ୍ରୋତ୍ସାହନ ରାଶି
- ୩୫୧୫ ହିତାଧିକାରୀ ଅନ୍ତ୍ୟୋଦୟ ଗୃହ ଯୋଜନାରେ ସାମିଲ

ବାରିପଦା,୨୫।୪
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ଶହୀଦ ସ୍ମୃତି ଭବନ ପରିସରରେ ଜିଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ବାରିପଦା ବିଧାୟକ ପ୍ରକାଶ ସୋରେନ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ଜିଲା ପରିଷଦ ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ଶାନ୍ତନୁ କୁମାର ନାୟକ, ବାରିପଦା ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ। ଏହି ଉତ୍ସବରେ ରାଜ୍ୟସ୍ତରୀୟ ସମାରୋହର ସିଧା ପ୍ରସାରଣ ପ୍ରଦର୍ଶନ କରାଯାଇଥିଲା। ଅନ୍ତ୍ୟୋଦୟ ଗୃହ ଯୋଜନାରେ ୧୦ ହିତାଧିକାରୀଙ୍କୁ ନୂତନ କାର୍ଯ୍ୟାଦେଶ ବଣ୍ଟନ ଓ ଗ୍ରାମୀଣ ଗୃହ ଯୋଜନାରେ ୫ ହିତାଧିକାରୀଙ୍କୁ ପ୍ରୋତ୍ସାହନ ରାଶି ସମାରୋହ ସ୍ଥଳରେ ଦିଆଯାଇଥିଲା।

ଜିଲାସ୍ତରରେ ସ୍ୱଚ୍ଛ ଭାରତ ମିଶନରେ ଆଦର୍ଶ, ସ୍ୱଚ୍ଛ ଓ ପରିମଳ ଗ୍ରାମ ଭାବେ ବିଶୋଇ ବ୍ଲକର ବୁବେଇଯୋଡ଼ା ଗ୍ରାମର ସରପଞ୍ଚ, ୩ ଜଣ ସ୍ୱଚ୍ଛତା ପରିମଳ କର୍ମୀ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୨୦୨୫–୨୬ ଆର୍ଥିକ ବର୍ଷରେ ସର୍ବୋଚ୍ଚ ପ୍ରଦର୍ଶନ କରିଥିବା ତିନି ପଞ୍ଚାୟତ ସମିତି, ପି.ଏମ.ଜନମନରେ ସର୍ବାଧିକ ଗୃହ ସମାପ୍ତ କରିବାରେ ଯଶିପୁର ପଞ୍ଚାୟତ ସମିତି ଏବଂ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଦୁଇ ସର୍ବୋଚ୍ଚ ପଞ୍ଚାୟତ ସମିତି ଭାବରେ ରାସଗୋବିନ୍ଦପୁର ଓ ବାରିପଦା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲାର ୩୫୧୫ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ସାମିଲ କରାଯାଇଛି। ସେହିପରି ଜିଲାସ୍ତରରେ ସମଗ୍ର ଜିଲାରେ ୩୨୨୯ ହିତାଧିକାରୀଙ୍କୁ ୧ମ କିସ୍ତି ରାଶି ପ୍ରଦାନ କରାଯାଇଥିଲା।

### ପୂର୍ବତନ ସରପଞ୍ଚଙ୍କ ପରଲୋକ

ଠାକୁରମୁଣ୍ଡା,୨୫।୪
(ତାରାକାନ୍ତ ପଟ୍ଟନାୟକ)

ଠାକୁରମୁଣ୍ଡା ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ହରେଶ ଚନ୍ଦ୍ର ଗିରି (୫୭)ଙ୍କ ଗୁରୁବାର ରାତିରେ ହୃଦ୍‌ଘାତରେ ପରଲୋକ ଘଟିଛି। ଏନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ସ୍ୱର୍ଗତ ଗିରି ଠାକୁରମୁଣ୍ଡା ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ଓ ସମିତି ସଭ୍ୟ ଥିଲେ। ଏଥି ସହିତ ଠାକୁରମୁଣ୍ଡା ଲ୍ୟାମ୍ପସର ସଭାପତି ଭାବରେ କାର୍ଯ୍ୟ ତୁଲାଇ ଥିଲେ।

### ପତଡ଼ା ଗ୍ରାମରୁ ଚୋରି

ବୈଶିଙ୍ଗା,୨୫।୪(ରତନ ଦାଶ)

ବୈଶିଙ୍ଗା ଥାନା ଅଧୀନ ପତଡ଼ା ଗ୍ରାମର ସୁଜାତା ମହାପାତ୍ରଙ୍କ ଘରର ମୁଖ୍ୟ ତାଲା ଭାଙ୍ଗି ଦୁର୍ବୃତ୍ତମାନେ ସୁନା ଏବଂ ରୁପା ଅଳଙ୍କାର ସହ ନଗଦ ଟଙ୍କା ଚୋରି କରି ନେଇଛନ୍ତି। ପରିବାର ଲୋକେ ଘରେ ନ ଥିବା ସୁଯୋଗରେ ଏହି ଚୋରି ହୋଇଛି। ପୋଲିସ ତଦନ୍ତ ଜାରି ରଖିଛି। ଅଞ୍ଚଳରେ ଚୋରିବଢୁଥିବା ବେଳେ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରିବାକୁ ଦାବି ହେଉଛି।

# ଡ୍ରୋନ୍
## ବଢ଼ୁଛି ଡିମାଣ୍ଡ



ଆମ ଦେଶରେ ପ୍ରତିରକ୍ଷା, ପର୍ଯ୍ୟଟନ, ସ୍ୱାସ୍ଥ୍ୟ, କୃଷି ଏବଂ ମନୋରଞ୍ଜନ ଭଳି ବିଭିନ୍ନ କ୍ଷେତ୍ରରେ ବର୍ତ୍ତମାନ ଡ୍ରୋନ୍ ଟେକ୍ନୋଲୋଜିର ବହୁଳ ବ୍ୟବହାର ହେଉଛି; ଯାହାକୁ ଆଖିଆଗରେ ରଖି ଦିନକୁ ଦିନ ଯୁବପିଢ଼ିଙ୍କ ପାଇଁ ଏ କ୍ଷେତ୍ରରେ ଭଲ କ୍ୟାରିୟର ଗଢ଼ିବାର ସମ୍ଭାବନା ବୃଦ୍ଧି ପାଉଛି...



ଡ୍ରୋନ୍ କେବଳ ବିବାହ, ବ୍ରତ ଭଳି କାର୍ଯ୍ୟକ୍ରମରେ ଫଟୋଗ୍ରାଫି, ଭିଡିଓଗ୍ରାଫି ଆଦି ପାଇଁ ନୁହେଁ ; ବରଂ ବିଭିନ୍ନ କ୍ଷେତ୍ରରେ ବ୍ୟବହାର କରାଯାଉଛି। ଯେଉଁଥିପାଇଁ ସରକାରୀ ସ୍ତରରେ ମଧ୍ୟ ଏନେଇ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି। ବର୍ତ୍ତମାନ ଆମ ଦେଶରେ ଭିନ୍ନ ଭିନ୍ନ କ୍ଷେତ୍ରରେ ଆବଶ୍ୟକତାକୁ ଦେଖି ୨୫୦ ଗ୍ରାମ୍‌ର ନାନୋ ଡ୍ରୋନ୍‌ରୁ ଆରମ୍ଭ କରି ୧୫୦ କିଲୋଗ୍ରାମ୍‌ରୁ ଅଧିକ ଭାରି ଡ୍ରୋନ୍ ମଧ୍ୟ ବ୍ୟବହାର କରାଯାଉଛି। ତା'ଛଡ଼ା ବାହାର ଦେଶରେ ଡ୍ରୋନ୍ ମଗାଇବା ଉପରେ ସରକାର ଅଙ୍କୁଶ ଲଗାଇଥିବାରୁ ଡ୍ରୋନ୍ କେବଳ ନିଜ ଦେଶରେ ପ୍ରସ୍ତୁତ ହେଉଛି। ତେଣୁ ଅନେକ ସ୍ୱଦେଶୀ କମ୍ପାନୀ ସଂଖ୍ୟା ମଧ୍ୟ ବୃଦ୍ଧି ପାଉଛି। ତେଣୁ ଏ କ୍ଷେତ୍ରରେ କ୍ୟାରିୟର ଗଢ଼ିବାକୁ ଇଚ୍ଛୁକ ଯୁବତୀ ଯୁବକଙ୍କ ପାଇଁ ଏକାଧିକ ଅପ୍ସନ ରହିଛି।

**କ୍ୟାରିୟର ଅପ୍ସନ:**

**ଡ୍ରୋନ୍ ପାଇଲଟ୍:** ବର୍ତ୍ତମାନ ବିବାହ, ବ୍ରତ ଭଳି ଛୋଟ କାର୍ଯ୍ୟକ୍ରମ ହେଉ ଅବା କ୍ରିକେଟ୍ ୱାର୍ଲ୍ଡକପ୍ ମ୍ୟାଚ୍ ରେକର୍ଡିଂ ଭଳି ବଡ଼ ଇଭେଣ୍ଟ ଅବା ଏଗ୍ରିକଲ୍ଚର, ଟୁରିଜମ୍, ଡିଫେନ୍ସ ଭଳି ବିଭିନ୍ନ ସରକାରୀ କ୍ଷେତ୍ରରେ ଭିଡିଓଗ୍ରାଫି, ମ୍ୟାପିଂ, ସର୍ଭେ ଭଳି କାର୍ଯ୍ୟ ପାଇଁ ସବୁଥିରେ ଡ୍ରୋନ୍ ବ୍ୟବହାର କରାଯାଉଛି। ତେଣୁ ଏହାକୁ ଅପରେଟ୍ କରିବା ଲାଗି ତାଲିମପ୍ରାପ୍ତ ଡ୍ରୋନ୍ ପାଇଲଟ୍‌ଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଡାଇରେକ୍ଟୋରେଟ୍ ଜେନେରାଲ୍ ଅଫ୍ ସିଭିଲ୍ ଆଭିଏଶନ୍ (ଡିଜିସିଏ) ଅନୁମୋଦିତ ପ୍ରଶିକ୍ଷଣ କେନ୍ଦ୍ରରେ ତାଲିମପ୍ରାପ୍ତ ଡ୍ରୋନ୍ ପାଇଲଟ୍‌ଙ୍କୁ ଅଗ୍ରାଧିକାର ମିଳିଥାଏ।





**ଡ୍ରୋନ୍ ଟେକ୍ନିସିଆନ୍/ମେକାନିକ୍:** ଡ୍ରୋନ୍‌ର ବ୍ୟବହାର ଯେତେ ଅଧିକ ହେଉଛି, ସେହି ଅନୁଯାୟୀ ଏହାର ରକ୍ଷଣାବେକ୍ଷଣ (ମେଣ୍ଟେନାନ୍ସ), ବିଭିନ୍ନ ସମସ୍ୟାର ନିବାରଣ (ଟ୍ରବୁଲ୍‌ଶୁଟିଂ) ଆଦି କାର୍ଯ୍ୟ ପାଇଁ ତାଲିମପ୍ରାପ୍ତ ଡ୍ରୋନ୍ ଟେକ୍ନିସିଆନ୍ ବା ମେକାନିକ୍ ଜବ୍ ସଂଖ୍ୟା ମଧ୍ୟ ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି। ବିଶେଷକରି ଇଲେକ୍‌ଟ୍ରୋନିକ୍ସ ଏବଂ ଏରୋସ୍ପେସ୍ ଇଂଜିନିୟରିଂ ଜ୍ଞାନ ଏଥିପାଇଁ ଗୁରୁତ୍ୱପୂର୍ଣ୍ଣ।

**ଡ୍ରୋନ୍ ଡାଟା ଆନାଲିଷ୍ଟ:** ଡ୍ରୋନ୍ ବ୍ୟବହାର କରି ସଂଗ୍ରହ କରାଯାଉଥିବା ହାଇ ରିଜୋଲ୍ୟୁଶନ୍ ଇମେଜେରୀ ବା ଡାଟାକୁ ବିଶ୍ଳେଷଣ କରିବା ଏବଂ ସମସ୍ୟାର ସମାଧାନ କରିବା ଡାଟା ଆନାଲିଷ୍ଟଙ୍କ କାର୍ଯ୍ୟ ହୋଇଥାଏ। ଉଦାହରଣ ସ୍ୱରୂପ ଆମେ କୃଷିକ୍ଷେତ୍ରକୁ ନେଇପାରିବା, ଯେଉଁଥିରେ ଡ୍ରୋନ୍ ପାଇଲଟ୍ ନେଇଥିବା ଏକ ବିସ୍ତୃତ କୃଷିକ୍ଷେତ୍ରର ଭିଡିଓ ଦେଖି ଡାଟା ଆନାଲିଷ୍ଟ ଫସଲର ମାନ, ରୋଗ ପୋକ ଲାଗିଛି କି ନା, କେଉଁଠି ସାର ଅବା ଔଷଧ ସିଞ୍ଚନ ଆଦି ଆବଶ୍ୟକ କି ନୁହେଁ ଯାଞ୍ଚ କରନ୍ତି। ତେଣୁ ଏହା ମଧ୍ୟ ଯୁବପିଢ଼ିଙ୍କ ପାଇଁ ଏକ ଭଲ କ୍ୟାରିୟର ଅପ୍ସନ ପାଲଟିଛି।

**ଡ୍ରୋନ୍ ସଫ୍ଟୱେର ଡେଭେଲପର୍:** ଅଟୋମେଶନ୍ ଏବଂ କୋଡିଂ ଆଦିରେ ରୁଚି ରଖୁଥିବା ଯୁବତୀଯୁବକଙ୍କ ପାଇଁ ଡ୍ରୋନ୍ ସଫ୍ଟୱେର ଡେଭେଲପର୍ ଭାବେ ଭଲ କ୍ୟାରିୟର ଅପ୍ସନ ରହିଛି। ଏଥିପାଇଁ ମୁଖ୍ୟତଃ ପାଇଥନ୍, ସି++ ଭଳି ଲାଙ୍ଗୁଏଜ୍‌ରେ ଦକ୍ଷତା ରହିବା ଆବଶ୍ୟକ। କାରଣ ଏହି ପ୍ରଫେସନାଲ୍‌ମାନଙ୍କୁ ଫ୍ଲାଇଟ୍ କଣ୍ଟ୍ରୋଲ୍ ସିଷ୍ଟମ୍, ଜିପିଏସ୍ ନେଭିଗେଶନ୍, ଡାଟା ପ୍ରୋସେସିଂ ଆଦି ସଫ୍ଟୱେର୍ ଡେଭେଲପ୍ କରିବାକୁ ହୋଇଥାଏ। ଆମ ଦେଶରେ ଅନେକ ସଫ୍ଟୱେର୍ କମ୍ପାନୀ ଏବଂ ଦକ୍ଷ ସଫ୍ଟୱେର୍ ଇଞ୍ଜିନିୟର, ଯେଉଁମାନେ ମଧ୍ୟ ଡ୍ରୋନ୍ ସଫ୍ଟୱେର୍ ଡେଭେଲପର୍ ଭାବେ କାର୍ଯ୍ୟ କରିପାରିବେ ଏବଂ ଉନ୍ନତ ମାନର ଡ୍ରୋନ୍ ପ୍ରସ୍ତୁତ କରିପାରିବେ।

**ଡ୍ରୋନ୍ ଇନ୍‌ଷ୍ଟ୍ରକ୍ଟର ଏବଂ ଟ୍ରେନର୍:** ଅଭିଜ୍ଞତା ଥିବା ତଥା ତାଲିମପ୍ରାପ୍ତ ଡ୍ରୋନ୍ ଟ୍ରେନର୍ ଛାତ୍ରୀଛାତ୍ରମାନଙ୍କୁ ପ୍ରଶିକ୍ଷଣ ମଧ୍ୟ ଦେଇପାରିବେ। ତେଣୁ ବିଭିନ୍ନ ଡ୍ରୋନ୍ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍‌ରେ ହେଉ କିମ୍ବା ସରକାରୀସ୍ତରରେ ମଧ୍ୟ ହେଉଥିବା ବିଭିନ୍ନ ପ୍ରୋଜେକ୍ଟରେ ଡ୍ରୋନ୍ ଇନ୍‌ଷ୍ଟ୍ରକ୍ଟର ବା ଟ୍ରେନର୍ ଭାବେ କାର୍ଯ୍ୟ କରିପାରିବେ।

**କ'ଣ କୁହନ୍ତି ଏମାନେ...**

**ମାନସ କୁମାର ଖଟେଇ** (ପିପିଲି)– ବଡ଼ ବଡ଼ ଇଭେଣ୍ଟଠୁ ଆରମ୍ଭ କରି ବିବାହ ବ୍ରତ ଭଳି ବିଭିନ୍ନ କାର୍ଯ୍ୟକ୍ରମ ପର୍ଯ୍ୟନ୍ତ ସବୁଠି ବର୍ତ୍ତମାନ ଡ୍ରୋନ୍ ବ୍ୟବହାର ହେଉଛି। ଏହା ଦେଖିବା ପରେ ଏଥିପ୍ରତି ଆଗ୍ରହ ସୃଷ୍ଟି ହୋଇଥିଲା। ତେଣୁ ଏହାକୁ ଅପରେଟ୍ କରିବାର ଟେକ୍‌ନିକ୍ ଶିଖିଲି ଏବଂ କେତୋଟି ଇଭେଣ୍ଟରେ ଭିଡିଓଗ୍ରାଫି କଲି। ଧୀରେ ଧୀରେ ଲୋକେ ମୋତେ ଚିହ୍ନିବା ପରେ ବର୍ତ୍ତମାନ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ଅର୍ଡର ଆସୁଛି। ତେଣୁ ମୋ ମତରେ ଡ୍ରୋନ୍ ବ୍ୟବହାର କରି ଭିଡିଓଗ୍ରାଫି କରିବା ବର୍ତ୍ତମାନ ନିଶ୍ଚିତ ଭାବେ ଯୁବପିଢ଼ିଙ୍କ ପାଇଁ ଏକ ଭଲ କ୍ୟାରିୟର ଅପ୍ସନ ପାଲଟିଛି।

**ସିବୁନା ସିଂହ** (ଗୁରୁଜଙ୍ଗ, ଖୋର୍ଦ୍ଧା)– ବିଭିନ୍ନ ପର୍ବପର୍ବାଣି, ବିବାହୋତ୍ସବ, ଯାନିଯାତ୍ରା, ଶୋଭାଯାତ୍ରା ଏବଂ ବଡ଼ ବଡ଼ ସରକାରୀ ଇଭେଣ୍ଟଗୁଡ଼ିକରେ ଡ୍ରୋନର ଡିମାଣ୍ଡ ବଢ଼ିଛି। ସମୟ ବଦଳିବା ସହ ଲୋକଙ୍କ ଲାଇଫଷ୍ଟାଇଲରେ ପରିବର୍ତ୍ତନ ଆସିଛି। ତେଣୁ ସେମାନଙ୍କ ଚାହିଦା, ଆବଶ୍ୟକତା ଅନୁସାରେ ଡ୍ରୋନ୍ ବ୍ୟବହାର କରାଯାଉଛି। ବର୍ତ୍ତମାନର ପ୍ରତିଯୋଗିତାମୂଳକ ଯୁଗରେ ଆମକୁ ମଧ୍ୟ ଡ୍ରୋନର ନୂଆ ଟେକ୍ନୋଲୋଜି ସହ ତାଳ ଦେଇ ଗତି କରିବାକୁ ପଡୁଛି। ଏହା ଏବେ ଅନେକଙ୍କ ପାଇଁ ଏକ ଭଲ ରୋଜଗାରର ମାଧ୍ୟମ ପାଲଟିଛି। ତେବେ ଏଥିପାଇଁ ସଠିକ୍ ତାଲିମ ନେବା ସହ ଡ୍ରୋନ ଉଡ଼ାଇବା ସମୟରେ ସତର୍କତା ଅବଲମ୍ବନ କରିବା ଆବଶ୍ୟକ। କାରଣ ସାମାନ୍ୟ ଅନ୍ୟମନସ୍କତା ଯୋଗୁ ଅଘଟଣର ଆଶଙ୍କା ମଧ୍ୟ ରହିଥାଏ।


ସିବୁନା


ମାନସ

## ଏ ସପ୍ତାହର ପ୍ରଶ୍ନ ?

୧– ପେସ୍ ସାଟେଲାଇଟ୍ ମିଶନ୍ ......... ସ୍ପେଶ୍ ଅର୍ଗାନାଇଜେଶନ୍ ପକ୍ଷରୁ ଆରମ୍ଭ କରାଯାଇଛି ?
୨– କାଳି ଟାଇଗର୍ ରିଜର୍ଭ ............. ରାଜ୍ୟରେ ଅବସ୍ଥିତ ?
୩– ପୃଥିବୀର କ୍ଷୁଦ୍ରତମ ପକ୍ଷୀ ................ ?
୪– ଅଲିମ୍ପିକ୍ ଗେମ୍ ସର୍ବପ୍ରଥମେ ............ ଠାରେ ଆରମ୍ଭ ହୋଇଥିଲା ?
୫– ଜବ୍‌ଲେସ୍ କ୍ଲୁଲେସ୍ ରେକ୍‌ଲେସ୍ ପୁସ୍ତକର ଲେଖକ ................. ?

## ଗତ ଥରର ଉତ୍ତର

୧ ଉତ୍ତରାଖଣ୍ଡ
୨ କର୍ଣ୍ଣାଟକ
୩ ଓଡ଼ିଶା
୪ ବିଷ୍ଣୁଗୁପ୍ତ
୫ ରୋହିତ ଶର୍ମା

## ଉତ୍ତରଦାତା


ଆୟେଶା ନନ୍ଦ
ଭୁବନେଶ୍ୱର


ଶେଖ୍ ୟାକୁବ୍
ଗୋପ


ମାନସ ରଞ୍ଜନ
ପଟ୍ଟନାୟକ, ଭୁବନେଶ୍ୱର

**ସୂଚନା:** ଆଗାମୀ ଆଶା ପୃଷ୍ଠାରେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ସହ ନିଜ ନାମ, ଠିକଣା, ଫଟୋ ଏବଂ ମତାମତ ଲେଖି ପଠାନ୍ତୁ। ଇ–ମେଲ୍ ଠିକଣା: dharitriagamiasha@gmail.com

## ଟପ୍ ଟେନ୍ ୧୦

### ସବୁଠୁ ବଡ଼ ଡାଇନୋପାର୍କ



୧– ମ୍ୟୁଜିୟମ ଫର୍ ନେଚରକୁଣ୍ଡେ ............................ ବର୍ଲିନ୍
୨– ଫିଲ୍ଡ ମ୍ୟୁଜିୟମ............................................ ଶିକାଗୋ
୩– ରୟାଲ ବେଲ୍‌ଜିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ନାଚୁରାଲ୍ ସାଇନ୍ସ.......... ବ୍ରସେଲ୍ସ
୪– ନ୍ୟାଶନାଲ ଡାଇନୋସର ମ୍ୟୁଜିୟମ ........................ କାନ୍‌ବେରା
୫– ରୟାଲ ଟାଇରେଲ୍ ମ୍ୟୁଜିୟମ୍ ଅଫ୍ ପାଲେଓଣ୍ଟୋଲୋଜି ................................ ଆଲ୍‌ବେର୍ଟା
୬– ୱୋମିଂ ଡାଇନୋସର ସେଣ୍ଟର...................... ୱୋମିଂ, ଆମେରିକା
୭– ଜିଗଙ୍ଗ୍ ଡାଇନୋସର ମ୍ୟୁଜିୟମ୍ ........................ ଜିଗଙ୍ଗ୍, ଚାଇନା
୮– ଇଜିକୋ ମ୍ୟୁଜିୟମ ...................................... କେପ୍‌ଟାଉନ୍
୯– ଜୁରାସିକ୍ ଲ୍ୟାଣ୍ଡ ........................................ ଇସ୍ତାନବୁଲ୍
୧୦– ଫର୍ନବ୍ୟାଙ୍କ୍ ମ୍ୟୁଜିୟମ ଅଫ୍ ନାଚୁରାଲ ହିଷ୍ଟ୍ରି .................. ଆଟ୍‌ଲାଣ୍ଟା

## ୟୁଥ୍ ଫ୍ୟାଶନ

# ବ୍ରେସ୍‌ଲେଟ୍ ୱାଚ୍



ରିଷ୍ଟୱାଚ୍ ଏବଂ ବ୍ରେସ୍‌ଲେଟ୍ ପିନ୍ଧିବାକୁ ଅଧିକାଂଶ ଯୁବତୀଯୁବକ ପସନ୍ଦ କରନ୍ତି। ହେଲେ ଉଭୟକୁ ଏକାସଙ୍ଗେ ପିନ୍ଧିଲେ ରିଷ୍ଟୱାଚ୍ ଗ୍ଲାସ୍‌ରେ ସ୍କ୍ରାଚ୍ ହୋଇଥାଏ। ତେଣୁ ବିଭିନ୍ନ କମ୍ପାନୀ ପକ୍ଷରୁ ପ୍ରସ୍ତୁତ ଟୁ ଇନ୍ ୱାନ୍ ବ୍ରେସ୍‌ଲେଟ୍ ୱାଚ୍ ଏବେ ଏହି ସମସ୍ୟାର ସମାଧାନ କରିବା ସହ ଫ୍ୟାଶନପ୍ରେମୀ ଯୁବପିଢ଼ିଙ୍କର ଫେବରେଟ୍ ପାଲଟିଛି...

**ନଟ୍ ୱାଚ୍:** ଏବେ ବାନ୍ଧିବା ଡିଜାଇନ୍‌ର ଘଣ୍ଟା ଟ୍ରେଣ୍ଡରେ ଅଛି। ଏଥିରେ ବ୍ୟାଣ୍ଡରେ ମୋତି କିମ୍ବା ମେଟାଲିକ୍ ମାଳି ରହୁଛି, ଯାହାକୁ ନିଜ ମାପ ଅନୁସାରେ ଟାଇଟ୍ କରିହେବ। ଯେକୌଣସି ଆଉଟ୍‌ଫିଟ୍ ସହିତ ଏହାକୁ କ୍ୟାରି କଲେ ଫ୍ୟାନ୍ସି ଓ ଆଟ୍ରାକ୍ଟିଭ୍ ଲାଗୁଥିବାରୁ ଯୁବତୀମାନେ ଏହାକୁ ଅଧିକ ପସନ୍ଦ କରୁଛନ୍ତି।

**ସ୍ନେକ୍ ୱାଚ୍:** ପାର୍ଟି ହେଉ କିମ୍ବା କୌଣସି ବିଶେଷ ଅବସରରେ ଏହି ଟ୍ରେଣ୍ଡି ଓ ଷ୍ଟାଇଲିସ୍ ବ୍ରେସ୍‌ଲେଟ୍ ୱାଚ୍ ପିନ୍ଧିଲେ ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିଥାଏ। ଏହାର ଗୋଲ୍ଡେନ୍ ଇଲାଷ୍ଟିକ୍ ମେଟାଲ୍ ସ୍ନେକ୍ ଡିଜାଇନ୍‌ର ବ୍ୟାଣ୍ଡ ନା କେବଳ ସମସ୍ତଙ୍କ ହାତକୁ ପରଫେକ୍ଟ ଫିଟ୍ ହୋଇଥାଏ ବରଂ ବେଶ୍ ଗ୍ଲାମର୍ସ ଲୁକ୍ ଦେଇଥାଏ।

**ଲଟକନ୍ ଡିଜାଇନ୍ ୱାଚ୍:** ଏଥିରେ ବ୍ରେସ୍‌ଲେଟ୍ ସହିତ ଝୁଲୁଥିବା ଛୋଟିଆ ଘଣ୍ଟା ଟାଇମ୍ ଜଣାଇବା ସହ ଷ୍ଟାଇଲିସ୍ ଲୁକ୍ ବି ଦେଇଥାଏ। ଏଥିରେ ଘଣ୍ଟା ସହ ପର୍ଲ, ବିଡ୍ସ, ଷ୍ଟୋନ୍ ଲଟକନ୍ ଆଦି ଲାଗିଥାଏ। ବର୍ତ୍ତମାନ ଅନେକ ନାମୀଦାମୀ ୱାଚ୍ କମ୍ପାନୀ ଏଭଳି ଟ୍ରେଣ୍ଡି ଲଟ୍‌କନ୍ ଡିଜାଇନ୍‌ର ୱାଚ୍ ପ୍ରସ୍ତୁତ କରୁଛନ୍ତି, ଯାହାକୁ ପିନ୍ଧିଲେ ଅନ୍ୟ ଆସେସରିଜ୍ ପିନ୍ଧିବାର ଆବଶ୍ୟକତା ପଡ଼ି ନ ଥାଏ।

**ଲେଦର ବ୍ୟାଣ୍ଡ ବ୍ରେସ୍‌ଲେଟ୍ ୱାଚ୍:** ଉଭୟ ଅଫିସିଆଲ୍ ଏବଂ ଫର୍ମାଲ୍ ଲୁକ୍‌ରେ ଫ୍ୟାଶନେବଲ୍ ଲାଗିବାକୁ ଲେଦର ବ୍ୟାଣ୍ଡ ବ୍ରେସ୍‌ଲେଟ୍ ୱାଚ୍ ବେଷ୍ଟ ଅପ୍ସନ। ଏଥିରେ ଥିବା ମଲ୍ଟି ଲେୟାର ଲେଦର ବ୍ୟାଣ୍ଡ ସାଙ୍ଗକୁ ୱାଚ୍‌ର କମ୍ବିନେଶନ୍ ଟ୍ରେଣ୍ଡି ଲୁକ୍ ଦେଇଥାଏ। ଯୁବକମାନେ ଏଭଳି ବ୍ରେସ୍‌ଲେଟ୍ ୱାଚ୍‌କୁ ଅଧିକ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି।







**ରାଜୱାଡି ବ୍ରେସ୍‌ଲେଟ୍ ରିଷ୍ଟୱାଚ୍:** ଅନେକ ଯୁବକ ଅଛନ୍ତି ଯେଉଁମାନେ ବ୍ରେସ୍‌ଲେଟ୍, କଡ଼ା ଆଦି ସହ ଘଣ୍ଟା ଏବଂ ଯୁବତୀମାନେ ଚୁଡ଼ି, ବ୍ରେସ୍‌ଲେଟ୍ ଆଦି ସହ ଘଣ୍ଟା ପିନ୍ଧିବାକୁ ବି ପସନ୍ଦ କରନ୍ତି। ସେମାନଙ୍କ ପାଇଁ ଅଲଗା ଅଲଗା ପିନ୍ଧିବା ଅପେକ୍ଷା ଉଭୟକୁ ଏକାଠି ପିନ୍ଧିବାର କ୍ଲାସି ବିକଳ୍ପ ଆଣି ଦେଇଛି ରାଜୱାଡି ବ୍ରେସ୍‌ଲେଟ୍ ରିଷ୍ଟ ୱାଚ୍। ଯାହାକୁ ପାର୍ଟି, ଫଙ୍କ୍‌ସନ୍ ଆଦିରେ ଟ୍ରାଡିସିନାଲ୍ ଆଉଟ୍‌ଫିଟ୍ ସହ ପିନ୍ଧିଲେ ରୟାଲ୍ ଲୁକ୍ ମିଳିଥାଏ।

## ୟୁଥ୍ ଆଲର୍ଟ

# ଇ-ବ୍ୟାଙ୍କିଙ୍ଗ୍ ବ୍ୟବହାର କରୁଥିଲେ

ବର୍ତ୍ତମାନ ଚୋରି କମିବା ଲାଗି ଅଧିକାଂଶ ଅନ୍‌ଲାଇନ୍ ବ୍ୟାଙ୍କିଙ୍ଗ୍ ଉପରେ ନିର୍ଭର କରୁଛନ୍ତି। ହେଲେ ଏଥିରେ ବି ଅନେକେ ଅନ୍‌ଲାଇନ୍ ଠକେଇର ଶିକାର ହେଉଥିବା ଦେଖିବାକୁ ମିଳୁଛି। ତେଣୁ ଇ–ବ୍ୟାଙ୍କିଙ୍ଗ୍ ବ୍ୟବହାର କରୁଥିଲେ, ସୁରକ୍ଷା ଦୃଷ୍ଟିରୁ କେତେକ ଦିଗ ପ୍ରତି ସତର୍କ ହେବା ଆବଶ୍ୟକ...

➔ ଇ-ବ୍ୟାଙ୍କିଙ୍ଗ୍ ବ୍ୟବହାର କରୁଥିଲେ ପ୍ରୋଟେକ୍ସନ୍ ସଫ୍ଟୱେର୍ ବ୍ୟବହାର କରନ୍ତୁ। ମୋବାଇଲ୍‌ରେ ନେଟ୍ ବ୍ୟାଙ୍କିଙ୍ଗ୍ କରୁଥିଲେ କୌଣସି ଆପ୍ଲିକେଶନ୍ ଡାଉନ୍‌ଲୋଡ୍ କରିବା ପୂର୍ବରୁ ସେଥିରେ କେଉଁସବୁ ଡାଟା ଏବଂ ଡିଟେଲ୍ସ ଆବଶ୍ୟକ ହେଉଛି, ତାହାକୁ ଭଲ ଭାବେ ପଢ଼ିବା ପରେ ଇନ୍‌ଷ୍ଟଲ କରନ୍ତୁ।

➔ ଅନ୍‌ଲାଇନ୍ ବ୍ୟାଙ୍କିଙ୍ଗ୍ ବ୍ୟବହାର କରୁଥିଲେ ଏକ ଷ୍ଟ୍ରଙ୍ଗ୍ ପାସ୍‌ୱାର୍ଡ ରଖନ୍ତୁ, ଯାହା ଅନ୍ୟମାନଙ୍କୁ ଜାଣିବା କିମ୍ବା ହ୍ୟାକ୍ କରିବା ସହଜ ହେବ ନାହିଁ। ନିଜ ପାସ୍‌ୱାର୍ଡ ଅନ୍ୟ ସହ ଶେୟାର କରନ୍ତୁ ନାହିଁ। ସେବା ବ୍ୟବହାର କରୁଥିଲେ ସର୍ବଦା ନିଜ ଫୋନ୍ ଏବଂ ସଫ୍ଟୱେର ଅପ୍‌ଡେଟ୍ ରଖନ୍ତୁ।

➔ ପବ୍ଲିକ୍ କମ୍ପ୍ୟୁଟର୍, ସାଇବର୍ କାଫେରେ କିମ୍ବା ପବ୍ଲିକ୍ ୱାଇଫାଇରେ ଅନ୍‌ଲାଇନ୍ ଟ୍ରାଞ୍ଜାକ୍ସନ ଆଦୌ କରନ୍ତୁ ନାହିଁ। କାରଣ ଏହାଦ୍ୱାରା ଡାଟା ହ୍ୟାକ୍ ହେବାର ଆଶଙ୍କା ଅଧିକ। ତେଣୁ ସର୍ବଦା ପର୍ସନାଲ କମ୍ପ୍ୟୁଟର୍, ଲାପ୍‌ଟପ୍ କିମ୍ବା ମୋବାଇଲ୍‌ରେ ହିଁ ନେଟ୍ ବ୍ୟାଙ୍କିଙ୍ଗ୍ କରନ୍ତୁ।

➔ ସୁରକ୍ଷା ଦୃଷ୍ଟିରୁ କୌଣସି ଅଜଣା ଲିଙ୍କ୍‌ରେ ଆଦୌ କ୍ଲିକ୍ କରନ୍ତୁ ନାହିଁ କିମ୍ବା ଏଣୁତେଣୁ ଲୋନ୍ ଆପ୍ଲିକେଶନ୍ ବ୍ୟବହାର କରନ୍ତୁ ନାହିଁ।

➔ ପେମେଣ୍ଟ କରୁଥିବା ଇ–ବ୍ୟାଙ୍କିଙ୍ଗ୍ ସାଇଟ୍‌ର ୱେବ୍‌ପେଜ୍ httpରୁ ଆରମ୍ଭ କି ନାହିଁ ଦେଖନ୍ତୁ। କେବଳ ଏତିକି ନୁହେଁ, ଲଗ୍ ଇନ୍ କରିବା ସମୟରେ ବ୍ରାଉଜର୍ ୱିଣ୍ଡୋ ଫ୍ରେମ୍ ଉପରେ ପେଡ୍‌ଲକ୍ ସିମ୍ବଲ୍ ଚେକ୍ କରିବାକୁ ଭୁଲନ୍ତୁ ନାହିଁ।

➔ ଅନ୍‌ଲାଇନ୍‌ରେ ଶପିଂ, ଟିକେଟ ବୁକିଂ, ମନି ଟ୍ରାନ୍ସଫର ଆଦି କରୁଥିଲେ ଟ୍ରଷ୍ଟେଡ୍ ଆପ୍ ହିଁ ବ୍ୟବହାର କରନ୍ତୁ। କାରଣ କେତେକ ଆପ୍‌ରେ ଏବଂ ଫେକ୍ ୱେବ୍‌ସାଇଟ୍‌ଗୁଡ଼ିକରୁ ଆସୁଥିବା ଇ–ମେଲ୍‌ରେ କାର୍ଡର ଡିଟେଲ୍‌ସ ମଗାଯାଉଛି। ଏଥିରେ ବିଶ୍ୱାସ କରି ସମସ୍ତ ତଥ୍ୟ ଦିଅନ୍ତୁ ନାହିଁ, ନଚେତ୍ ଠକାମିର ଶିକାର ହୋଇପାରନ୍ତି।

➔ ଆପଣଙ୍କର ପର୍ସନାଲ୍ ତଥା ସମ୍ବେଦନଶୀଳ ଡାଟା ଚୋରି ନ ହେବା ଲାଗି ଫୋନ୍‌ରେ ଆପ୍ ପରମିଶନ୍ ସେଟିଂ ଚେକ୍ କରନ୍ତୁ।

➔ ଯଦି କୌଣସି ସନ୍ଦେହଜନକ ଆପ୍‌ରେ ଫସିଯାଆନ୍ତି ଏବଂ ଏଥିରୁ ମୁକୁଳିବା ଲାଗି ଚାହୁଁଛନ୍ତି, ତେବେ ତୁରନ୍ତ ପୋଲିସକୁ ଜଣାନ୍ତୁ।





ବିଏସ୍‌ଇ ସେନସେକ୍ସ
୭୬,୬୬୪ (-୯୯୯)



୧ ଡଲାର = ୯୪.୨୫ ଟଙ୍କା



ବ୍ରେଣ୍ଟ କ୍ରୁଡ୍ ଅଏଲ୍
(ପ୍ରତି ବ୍ୟାରେଲ୍)
୧୦୫.୩ ଡଲାର

# ଡିଜିଟାଲ ୱାଲେଟ୍ ପାଇଁ ବଦଳିବ ନିୟମ

## ଆରବିଆଇ ପକ୍ଷରୁ କଡ଼ା ମାର୍ଗଦର୍ଶିକା ପ୍ରସ୍ତାବ

ନୂଆଦିଲ୍ଲୀ, ୨୫।୪ (ଆଇଏଏନ୍‌ଏସ୍)



ଦେଶରେ ଡିଜିଟାଲ କାରବାରକୁ ଅଧିକ ସୁରକ୍ଷିତ ଏବଂ ସ୍ୱଚ୍ଛ କରିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ବଡ଼ ପଦକ୍ଷେପ ନେଇଛି। ଡିଜିଟାଲ ୱାଲେଟ୍ ଏବଂ ପ୍ରିପେଡ୍ କାର୍ଡ (ପିପିଆଇ) ବ୍ୟବହାର କରୁଥିବା ଗ୍ରାହକଙ୍କ ସୁରକ୍ଷା ପାଇଁ ଆରବିଆଇ ନୂତନ 'ଡ୍ରାଫ୍ଟ ମାଷ୍ଟର ଡାଇରେକ୍ସନ' ଜାରି କରିଛି।

ପ୍ରସ୍ତାବିତ ନିୟମ ଅନୁଯାୟୀ, ଜେନେରାଲ ପର୍ପଜ୍ ପ୍ରିପେଡ୍ ୱାଲେଟ୍‌ରେ ଜଣେ ଗ୍ରାହକ ସର୍ବାଧିକ ୨ ଲକ୍ଷ ଟଙ୍କା ରଖିପାରିବେ। ତେବେ ନଗଦ ଟଙ୍କା ମାଧ୍ୟମରେ ୱାଲେଟ୍ ଲୋଡ୍ କରିବାର ସୀମା ମାସିକ ୧୦,୦୦୦ ଟଙ୍କାକୁ ସୀମିତ ରଖାଯାଇଛି। ସେହିପରି ଯେଉଁ ଅଣ-ବ୍ୟାଙ୍କିଙ୍ଗ ସଂସ୍ଥାଗୁଡ଼ିକ ୱାଲେଟ୍ ସେବା ଯୋଗାଇଦେବାକୁ ଚାହୁଁଛନ୍ତି, ସେମାନଙ୍କର ସର୍ବନିମ୍ନ ନେଟ୍-ୱର୍ଥ ୫ କୋଟି ଟଙ୍କା ହେବା ଆବଶ୍ୟକ। କାର୍ଯ୍ୟ ଆରମ୍ଭ କରିବାର ତୃତୀୟ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଏହାକୁ ୧୫ କୋଟି ଟଙ୍କାକୁ ବୃଦ୍ଧି କରିବାକୁ ପଡ଼ିବ। ଗ୍ରାହକଙ୍କଠାରୁ ସଂଗୃହୀତ ସମସ୍ତ ଅର୍ଥକୁ କମ୍ପାନୀଗୁଡ଼ିକ ଏକ ପୃଥକ୍ 'ଏସ୍କ୍ରୋ ଆକାଉଣ୍ଟ'ରେ ରଖିବାକୁ ବାଧ୍ୟତାମୂଳକ କରାଯାଇଛି, ଯାହାକୁ କୌଣସି ବାଣିଜ୍ୟିକ ବ୍ୟାଙ୍କରେ ରହିବ। ଏସ୍କ୍ରୋ ଆକାଉଣ୍ଟ ହେଉଛି ସୁରକ୍ଷିତ ମଧ୍ୟସ୍ଥ ଆକାଉଣ୍ଟ। ଏହା ଏକ ପ୍ରକାର ଅସ୍ଥାୟୀ ବ୍ୟାଙ୍କ ଆକାଉଣ୍ଟ, ଯେଉଁଠାରେ ଦୁଇଜଣଙ୍କ ମଧ୍ୟରେ କାରବାର ଚାଲିଥିବା ସମୟରେ ତୃତୀୟ ପକ୍ଷ (ଏକ ବିଶ୍ୱସ୍ତ ବ୍ୟାଙ୍କ) ଟଙ୍କାକୁ ସୁରକ୍ଷିତ ଭାବେ ଧରି ରଖିଥାଏ। ସେହିପରି କୌଣସି କାରଣରୁ କାରବାର ବିଫଳ ହେଲେ, ତୁରନ୍ତ ଗ୍ରାହକଙ୍କ ୱାଲେଟ୍‌କୁ ଟଙ୍କା ଫେରସ୍ତ କରାଯିବ। ଏହା ସହିତ ୱାଲେଟ୍‌ର ସମସ୍ତ ନିୟମ ଓ ଶୁଳ୍କ ବିଷୟରେ ଇଂଲିଶ୍, ହିନ୍ଦୀ ଏବଂ ଆଞ୍ଚଳିକ ଭାଷାରେ ସୂଚନା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଟ୍ରାଞ୍ଜିଟ ପିପିଆଇ (ଯେପରିକି ମେଟ୍ରୋ କାର୍ଡ) ପାଇଁ ସୀମା ୩,୦୦୦ ଟଙ୍କା ରଖାଯାଉଥିବାବେଳେ ଅନ୍ୟ କେତେକ କ୍ଷେତ୍ରରେ ମାସିକ ସର୍ବାଧିକ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରିବାର ସୁବିଧା ମିଳିବ।

ଆରବିଆଇ ଏହି ପ୍ରସ୍ତାବ ଉପରେ ଜନସାଧାରଣ ଏବଂ ସଂଶ୍ଳିଷ୍ଟ ପକ୍ଷମାନଙ୍କଠାରୁ ଆଗାମୀ ମେ ୨୨ ସୁଦ୍ଧା ମତାମତ ଲୋଡ଼ିଛି। ଏହା ପରେ ତୁରନ୍ତ ନିୟମ ଲାଗୁ କରାଯିବ। ଏହି ନୂତନ ନିୟମ ଦ୍ୱାରା ଡିଜିଟାଲ ପେମେଣ୍ଟ କ୍ଷେତ୍ରରେ ହେଉଥିବା ଜାଲିଆତି ରୋକାଯାଇପାରିବ ଏବଂ ଗ୍ରାହକମାନେ ଅଧିକ ସୁରକ୍ଷିତ ଭାବେ ୱାଲେଟ୍ ବ୍ୟବହାର କରିପାରିବେ ବୋଲି ଆଶା କରାଯାଉଛି।

# ଚାଉଳ ରପ୍ତାନି ପ୍ରଭାବିତ

ଭୁବନେଶ୍ୱର,୨୫।୪(ଅନୁରାଧା ମହାରଣା)

ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ଉତ୍ତେଜନା ବିଶ୍ୱ ବଜାରକୁ ବାଧାପ୍ରାପ୍ତ କରିଛି। ଏହା ମଧ୍ୟରେ ଚାଉଳ ରପ୍ତାନି ମଧ୍ୟ ପ୍ରଭାବିତ ହେବାରେ ଲାଗିଛି। ବାଣିଜ୍ୟ ମନ୍ତ୍ରଣାଳୟ ଅନୁଯାୟୀ, ମଧ୍ୟପ୍ରାଚ୍ୟ ସମେତ ଅନେକ ପଥରେ ଯୋଗାଣ ହ୍ରାସ ପାଇଛି, ଯାହା ଫଳରେ ରପ୍ତାନିରେ ବଡ଼ ହ୍ରାସ ଘଟିଛି। ଭାରତ ବିଶ୍ୱସ୍ତରରେ ଚାଉଳର ଏକ ପ୍ରମୁଖ ଉତ୍ପାଦକ, ମାତ୍ର ବର୍ତ୍ତମାନର ପରିସ୍ଥିତିକୁ ଦୃଷ୍ଟିରେ ରଖି ଏହି ବଜାର ସ୍ଥିର ଥିବା ପରି ମନେହେଉଛି। ବାଣିଜ୍ୟ ମନ୍ତ୍ରଣାଳୟର ଏକ ସାମ୍ପ୍ରତିକ ରିପୋର୍ଟ ଅନୁଯାୟୀ, ୨୦୨୫-୨୬ ଆର୍ଥିକ ବର୍ଷରେ ଚାଉଳ ରପ୍ତାନି ୭.୫% ହ୍ରାସ ପାଇ ୧୧.୫୩ ବିଲିୟନ ଡଲାର ହେବ ବୋଲି ଆକଳନ କରାଯାଇଛି। ମାର୍ଚ୍ଚ ମାସରେ ରପ୍ତାନି ୧୫.୩୭ ପ୍ରତିଶତ ହ୍ରାସ ପାଇ ୯୯୭.୫ ନିୟୁତ ଡଲାର ହୋଇଛି। ଇରାନ ଭାରତରୁ ସର୍ବାଧିକ ପରିମାଣର ବାସ୍‌ମତି ଚାଉଳ କିଣେ। ମାତ୍ର ବର୍ତ୍ତମାନର ପରିସ୍ଥିତିକୁ ଦୃଷ୍ଟିରେ ରଖି ଅର୍ଡର ପ୍ରବାହ, ପେମେଣ୍ଟ ପ୍ରବାହ ଏବଂ ପଠାଇବା ସମୟସୂଚୀ ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପଡ଼ୁଛି। ମଧ୍ୟପ୍ରାଚ୍ୟ ଦେଶ ଯେପରିକି ଇରାନ, ୟୁଏଇ, ସାଉଦି ଆରବ ଏବଂ ଓମାନକୁ ଯୋଗାଣ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭାବରେ ପ୍ରଭାବିତ ହୋଇଛି। ରିପୋର୍ଟରେ ଏହା ମଧ୍ୟ ସୂଚାଇଥିଛି ଯେ ଚାଉଳ ଆମଦାନୀ ଗ୍ରହଣ କରୁଥିବା ଦେଶଗୁଡ଼ିକ ବର୍ତ୍ତମାନର ପରିସ୍ଥିତି ଯୋଗୁ ଦେୟ ଦେବାକୁ ଅସମର୍ଥତା ପ୍ରକାଶ କରିଛନ୍ତି, ଯାହା ରପ୍ତାନିକାରୀଙ୍କ ମଧ୍ୟରେ ଉତ୍ତେଜନା ସୃଷ୍ଟି କରିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ଭାରତ ୧୨.୫ ବିଲିୟନ ଆମେରିକୀୟ ଡଲାର ମୂଲ୍ୟର ୨୦.୧ ନିୟୁତ ଟନ୍ ଚାଉଳ ରପ୍ତାନି କରିଥିଲା, ଯାହା ୧୭୨ରୁ ଅଧିକ ଦେଶରେ ପହଞ୍ଚିଥିଲା। ଭାରତକୁ ଚାଉଳର ସର୍ବବୃହତ୍ ଉତ୍ପାଦକ ଏବଂ ରପ୍ତାନିକାରୀ ଭାବରେ ବିବେଚନା କରାଯାଏ। ୨୦୨୪-୨୫ ରେ ଏହା ପ୍ରାୟ ୪୭ ନିୟୁତ ହେକ୍ଟର ଜମିରୁ ପ୍ରାୟ ୧୫୦ ନିୟୁତ ଟନ୍ ଚାଉଳ ଉତ୍ପାଦନ କରିଥିଲା, ଯାହା ବିଶ୍ୱ ଉତ୍ପାଦନର ପ୍ରାୟ ୨୮% ।

# ମେମୁ ଟ୍ରେନ୍ ସେବା ସମୟସୂଚୀରେ ପରିବର୍ତ୍ତନ

ଭୁବନେଶ୍ୱର,୨୫।୪
(ଅନୁରାଧା ମହାରଣା)




ଯାତ୍ରୀମାନଙ୍କ ସୁବିଧା ଏବଂ ରେଳ ପରିଚାଳନାଗତ ଦକ୍ଷତା ବୃଦ୍ଧିକରିବା ପାଇଁ ଦୁଇଟି ମେମୁ ଟ୍ରେନ୍ ସେବାର ସମୟସୂଚୀକୁ ଶନିବାରଠାରୁ ସଂଶୋଧିତ କରାଯାଇଛି। ଟ୍ରେନ୍ ନମ୍ବର ୬୮୪୨୧ ଅନଗୋଳ-ପୁରୀ ମେମୁ ଏବଂ ଟ୍ରେନ୍ ନମ୍ବର ୬୮୪୩୭ ଭଦ୍ରକ-କଟକ ମେମୁ ପାଇଁ ନୂତନ ସମୟସୂଚୀ ପରିବର୍ତ୍ତନ କରାଯାଇଥିବା ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି। ଯାତ୍ରା ଆରମ୍ଭ କରିବା ପୂର୍ବରୁ ଯାତ୍ରୀମାନେ ଏନ୍‌ଟିଇଏସ୍ କିମ୍ବା ୟୁଟିଏସ୍ ଆପ୍ ମାଧ୍ୟମରେ ଟ୍ରେନ୍ ସମୟ ଯାଞ୍ଚ କରିବାକୁ ଅନୁରୋଧ କରାଯାଉଛି। ଏହି ସଂଶୋଧନ ଦ୍ୱାରା ଟ୍ରେନ୍‌ର ସମୟାନୁବର୍ତ୍ତିତା ବଜାୟ ରଖିବା ଏବଂ ବ୍ୟସ୍ତବହୁଳ ସେକ୍ସନଗୁଡ଼ିକରେ ସୁରୁଖୁରୁରେ ଟ୍ରେନ୍ ପରିଚାଳନା ସୁନିଶ୍ଚିତ କରାଯାଇପାରିବ ବୋଲି ଆଶା କରାଯାଉଛି ।

# ୱେଲ୍‌କମ୍ ହୋଟେଲରେ ଅନ୍ତର୍ଜାତୀୟ ବ୍ରାଣ୍ଡେଡ୍ ପୋଷାକ ବିକ୍ରୟ

ଭୁବନେଶ୍ୱର,୨୫।୪(ଅନୁରାଧା ମହାରଣା)



ବ୍ରାଣ୍ଡେଡ୍ ରେଡିମେଡ୍ ପୋଷାକର ଏକ ଅନ୍ତର୍ଜାତୀୟ ରପ୍ତାନି ଶୃଙ୍ଖଳା ଭୁବନେଶ୍ୱରର ଡୁମୁଡୁମାସ୍ଥିତ ୱେଲ୍‌କମ୍ ହୋଟେଲରେ ବ୍ରାଣ୍ଡେଡ୍ ପୋଷାକ ବିକ୍ରୟ ଆୟୋଜନ କରିଛି । କମ୍ପାନୀ ସିଲେଇ ମୂଲ୍ୟରେ ସମସ୍ତ ଷ୍ଟକ୍ ବିକ୍ରି କରିବ। ଏହି ସେଲ୍‌ରେ ସମଗ୍ର ପରିବାର ପାଇଁ ରେଡିମେଡ୍ ଏବଂ ବିବାହ ଋତୁ ପାଇଁ ସମସ୍ତ ନୂଆ କଲେକ୍ସନ ଉପଲବ୍ଧ କରାଯାଇଛି। ଭୁବନେଶ୍ୱରରେ କମ୍ପାନୀ ପ୍ରଥମ ଥର ପାଇଁ ଏହାର ଗ୍ରୀଷ୍ମକାଳୀନ ପୋଷାକର ବାର୍ଷିକ ଷ୍ଟକ୍ କ୍ଲିୟରାନ୍ସ ବିକ୍ରୟ ଆୟୋଜନ କରିଛି। ଏହି ସେଲ୍‌ରେ ବ୍ରାଣ୍ଡେଡ୍ ଜିନ୍ସ, ଶାର୍ଟ, ଟ୍ରାଉଜର ବ୍ଲେଜର, ସର୍ଟସ୍, ଲେଡିଜ୍ କୁର୍ତ୍ତି, ଲେଡିଜ୍ ଜିନ୍ସ, ଟି-ଶାର୍ଟ, ୱେଷ୍ଟର୍ନ ପୋଷାକ, କିଡ୍ସ ୱେର ଏବଂ ବ୍ରାଣ୍ଡେଡ୍ ଫୁଟ୍‌ୱେରରେ ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର କଲେକ୍ସନ ରହିଛି। ଏପ୍ରିଲ ୨୮ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ସେଲ୍‌ରେ ବିଭିନ୍ନ ପୋଷାକ ଉପରେ ବିବାହ ସିଜନ୍ ପାଇଁ ୮୦% ପର୍ଯ୍ୟନ୍ତ ରିହାତି ସହ ସମ୍ପୂର୍ଣ୍ଣ ଷ୍ଟକ୍ ପ୍ରଦାନ କରାଯାଉଛି। ଏଥିରେ ୩୫,୦୦୦ରୁ ଅଧିକ ରେଡିମେଡ୍ ପୋଷାକ ରହିଛି । ବ୍ରାଣ୍ଡେଡ୍ ଶାର୍ଟ ୧୨୦୦ଟଙ୍କା, ଜିନ୍ସ ୧୬୦୦ ଟଙ୍କାରେ, ଟ୍ରାଉଜର ୬୦୦ରୁ ୭୦୦ଟଙ୍କାରେ, ବ୍ରାଣ୍ଡେଡ୍ ମହିଳା କୁର୍ତ୍ତି ୬୦୦ ଟଙ୍କାରେ, ବ୍ରାଣ୍ଡେଡ୍ ମହିଳା ଜିନ୍ ୬୦୦ ଟଙ୍କାରେ, ବ୍ରାଣ୍ଡେଡ୍ ମହିଳା ପୋଷାକ ୩୦୦ରୁ ୬୦୦ଟଙ୍କାରେ, ପିଲାମାନଙ୍କ ପୋଷାକ ୩୦୦ରୁ ୬୦୦ଟଙ୍କାରେ, ବ୍ରାଣ୍ଡେଡ୍ ସୁଜ୍ ୩୦୦ରୁ ୬୦୦ଟଙ୍କାରେ ମିଳିପାରୁଛି। ସେହିପରି ୮୦୦ରୁ ୨୦୦୦ଟଙ୍କାରେ ଲେଡିଜ୍ କଲେକ୍ସନ ରହିଛି।

# ଆଦାନୀଙ୍କ ସମ୍ପତ୍ତି ୧୦୬ ବିଲିୟନ ଡଲାର

ନୂଆଦିଲ୍ଲୀ, ୨୫।୪(ଅନୁରାଧା ମହାରଣା)

ଭାରତର ପ୍ରମୁଖ ଶିଳ୍ପପତି ଗୌତମ ଆଦାନୀଙ୍କ ସମ୍ପତ୍ତିରେ ବଡ଼ ବୃଦ୍ଧି ଘଟିଛି। ବ୍ଲୁମ୍‌ବର୍ଗ ବିଲିୟନେୟାର୍ସ ଇଣ୍ଡେକ୍ସ ଅନୁଯାୟୀ ତାଙ୍କର ସମ୍ପତ୍ତି ପ୍ରାୟ ୧୦୬ ବିଲିୟନ ଡଲାରରେ ପହଞ୍ଚିଛି, ଯାହା ତାଙ୍କୁ ବିଶ୍ୱର ସବୁଠାରୁ ଧନୀ ବ୍ୟକ୍ତିଙ୍କ ତାଲିକାରେ ୧୭ତମ ସ୍ଥାନରେ ରଖିଛି। ସେ ୧୦୦ ବିଲିୟନ ଡଲାରରୁ ଅଧିକ ସମ୍ପତ୍ତି ଥିବା ଲୋକଙ୍କ ସ୍ୱତନ୍ତ୍ର କ୍ଲବ୍‌ରେ ସାମିଲ ହୋଇଛନ୍ତି ଏବଂ ବିଶ୍ୱର ୧୮ତମ ଧନୀ ବ୍ୟକ୍ତି। ବ୍ଲୁମ୍‌ବର୍ଗ ବିଲିୟନେୟାର୍ସ ଇଣ୍ଡେକ୍ସ ଅନୁଯାୟୀ ଗୋଟିଏ ଦିନରେ ଗୌତମ ଆଦାନୀଙ୍କ ସମ୍ପତ୍ତି ପ୍ରାୟ ୭.୧୬ ବିଲିୟନ ଡଲାର କିମ୍ବା ପ୍ରାୟ ୫୯,୦୦୦ କୋଟି ଟଙ୍କା ବୃଦ୍ଧି ପାଇଛି। ପରବର୍ତ୍ତୀ ସମୟରେ ତାଙ୍କର ସମ୍ପତ୍ତି ୧୦୬ ବିଲିୟନ ଡଲାର ଅର୍ଥାତ୍ ୧୦ ଲକ୍ଷ କୋଟି ଟଙ୍କା ବୃଦ୍ଧି ପାଇ ତାଙ୍କୁ ବିଶ୍ୱର ସବୁଠାରୁ ଧନୀ ବ୍ୟକ୍ତିଙ୍କ ତାଲିକାରେ ୧୭ତମ ସ୍ଥାନରେ ରଖିଛି। ୨୦୨୬ ସୁଦ୍ଧା ତାଙ୍କର ସମ୍ପତ୍ତି ମୂଲ୍ୟ ପ୍ରାୟ ୨୧.୪ ବିଲିୟନ ଡଲାର ଅର୍ଥାତ୍ କିମ୍ବା ୨ ଲକ୍ଷ କୋଟି ଟଙ୍କା ବୃଦ୍ଧି ପାଇଛି। ଏଲନ୍ ମସ୍କ ବର୍ତ୍ତମାନ ୬୪୭ ବିଲିୟନ ଡଲାର ସମ୍ପତ୍ତି ସହିତ ବିଶ୍ୱର ସବୁଠାରୁ ଧନୀ ପଦବୀରେ ଅଛନ୍ତି।

**VEER SURENDRA SAI UNIVERSITY OF TECHNOLOGY**
(A Unitary University Established by Govt. of Odisha)
PO-ENGINEERING COLLEGE, BURLA, DIST-SAMBALPUR,
ODISHA-768018, www.vssut.ac.in

No. VSSUT/Estt/645 Dated. 22.04.2026

**NOTICE FOR CANCELLATION OF ADVERTISEMENT**

**No.44001/7/2627** : The advertisement for recruitment to various Non-Teaching posts published in all Odisha daily edition of the Sambad, Samaj, Dharitri & The New Indian Express dated 11.07.2023 and in the University website (www.vssut.ac.in) vide No. VSSUT/Estt/1591 dated 10.07.2023 stands cancelled due to administrative reasons.

OIPR-44001/44006/1/26-27/0004 Sd./- REGISTRAR

# ଉତ୍ତର ପ୍ରଦେଶର କୃଷି ଉତ୍ପାଦନରେ ଅଗ୍ରଗତି

ଲକ୍ଷ୍ନୌ,୨୫।୪



ଯୋଗୀ ଆଦିତ୍ୟନାଥ

ଉତ୍ତର ପ୍ରଦେଶ କୃଷି ଉତ୍ପାଦନରେ ଉଲ୍ଲେଖନୀୟ ଅଗ୍ରଗତି କରୁଛି। ଉତ୍ତର ପ୍ରଦେଶର କୃଷି ଅଭିବୃଦ୍ଧି ହାର ୮%ରୁ ପ୍ରାୟ ୧୮% ପର୍ଯ୍ୟନ୍ତ ବୃଦ୍ଧିପାଇଛି। ଭାରତର ଅର୍ଥନୀତିରେ କୃଷିର ଅବଦାନ ପ୍ରାୟ ୪୧-୪୨% ଥିଲା, କିନ୍ତୁ ଏହି ଅଂଶ ଧୀରେ ଧୀରେ ହ୍ରାସପାଇଛି । ଯଦି କୃଷି ଏବଂ ଉତ୍ପାଦନ ମଧ୍ୟରେ ଉତ୍ତମ ସମନ୍ୱୟ ସ୍ଥାପନ କରାଯାଏ, ତେବେ ବିକାଶର ଗତି ଆହୁରି ତ୍ୱରାନ୍ୱିତ ହୋଇପାରିବ। ବର୍ତ୍ତମାନ ଉତ୍ପାଦନ ପ୍ରାୟ ୧୫-୧୬% ଅବଦାନ ଦେଉଛି, ଯେତେବେଳେ କୃଷିର ଅଂଶ ପ୍ରାୟ ୨୦-୨୧% ହ୍ରାସ ପାଇଛି। ତେଣୁ କୃଷିକୁ ମୂଲ୍ୟ ସମ୍ମିଳନ ସହ ସଂଯୋଗ କରିବା ଏବଂ ନୂତନ ପଦକ୍ଷେପଗୁଡ଼ିକୁ ଅଧିକ ପ୍ରଭାବଶାଳୀ ଭାବରେ ସୁଦୃଢ଼ ଏବଂ ବିସ୍ତାର କରିବାର ଆବଶ୍ୟକତା ରହିଛି। ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଶୁକ୍ରବାର ଲକ୍ଷ୍ନୌରେ ଆଞ୍ଚଳିକ କୃଷି ସମ୍ମିଳନୀ (ଉତ୍ତର ଜୋନ୍)ର ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇ ଏପରି କହିଛନ୍ତି। ସେ କହିଛନ୍ତି, ଉତ୍ତରପ୍ରଦେଶରେ କୃଷି ଅଭିବୃଦ୍ଧିରେ ଦେଖାଯାଇଥିବା ପରିବର୍ତ୍ତନ ବୈଜ୍ଞାନିକ କୌଶଳ, କୃଷି-ଜଳବାୟୁ କ୍ଷେତ୍ର-ଆଧାରିତ ରଣନୀତି ଏବଂ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ସମନ୍ୱିତ ପ୍ରୟାସର ଫଳାଫଳ। 'ଲାବ୍ ଟୁ ଲ୍ୟାଣ୍ଡ' ଧାରଣା ବର୍ତ୍ତମାନ ୟୁପିରେ କାର୍ଯ୍ୟକାରୀ ହୋଇଛି, ଯାହା ସିଧାସଳଖ ଚାଷୀମାନଙ୍କୁ ଲାଭ ଦେଉଛି। କୃଷି ଅଭିବୃଦ୍ଧି ହାରରେ ଉଲ୍ଲେଖନୀୟ ବୃଦ୍ଧି, ପ୍ରତି ହେକ୍ଟର ଉତ୍ପାଦକତାରେ ରେକର୍ଡ ଉନ୍ନତି, ବହୁ-ଫସଲ ପଦ୍ଧତିର ପ୍ରସାର ଏବଂ ମୂଲ୍ୟ ବୃଦ୍ଧି ଉପରେ ଅଧିକ ଧ୍ୟାନ ଦିଆଯାଇଛି – ଏହି ପରିବର୍ତ୍ତନର ସମସ୍ତ ସ୍ୱଷ୍ଟ ସୂଚକ। ମୁଖ୍ୟମନ୍ତ୍ରୀ ଯୋଗୀ ଆଞ୍ଚଳିକ କୃଷି ସମ୍ମିଳନୀ, ଅନ୍ତର୍ଜାତୀୟ କୃଷି କେନ୍ଦ୍ର ସ୍ଥାପନ, କୃଷି ବିଜ୍ଞାନକେନ୍ଦ୍ରର ସୁଦୃଢ଼ୀକରଣ ଏବଂ ଏହି ପରିବର୍ତ୍ତନର ପ୍ରମୁଖ ବାହକ ଭାବରେ ପ୍ରଗତିଶୀଳ ଚାଷୀଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ସେ ଆହୁରି ମଧ୍ୟ କହିଛନ୍ତି ଯେ ଉତ୍ତର ପ୍ରଦେଶରେ ଏବେ ଦେଶର କୃଷି ଅର୍ଥନୀତିକୁ ଏକ ନୂତନ ଦିଗ୍‌ଦର୍ଶନ ଦେବାର ସମ୍ଭାବନା ରହିଛ। ବିଭିନ୍ନ ଦେଶ ଏବଂ ଅଞ୍ଚଳର ସ୍ୱତନ୍ତ୍ର କୃଷି-ଜଳବାୟୁ କ୍ଷେତ୍ର ଥିବାରୁ ନୀତିଗୁଡ଼ିକ ସେହି ଅନୁସାରେ ପ୍ରସ୍ତୁତ ହେବା ଉଚିତ। ମୁଖ୍ୟମନ୍ତ୍ରୀ ଯୋଗୀ କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନଙ୍କୁ କୃତଜ୍ଞତା ଜଣାଇ କହିଛନ୍ତି, ସେ ସାରା ଦେଶରେ ଏହି ଧାରଣାକୁ କାର୍ଯ୍ୟକାରୀ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି।

# ବିଏସ୍‌ଏନ୍‌ଏଲ୍ ଓଡ଼ିଶା ସର୍କଲର ଉଲ୍ଲେଖନୀୟ ସଫଳତା




ଭୁବନେଶ୍ୱର,୨୫।୪(ଅନୁରାଧା ମହାରଣା)

ଆର୍ଥିକ ବର୍ଷ ୨୦୨୫-୨୬ରେ ବିଏସ୍‌ଏନ୍‌ଏଲ୍ ଓଡ଼ିଶା ସର୍କଲ ଜାତୀୟ ସ୍ତରରେ ଦୁଇଟି ପ୍ରତିଷ୍ଠିତ ସମ୍ମାନ ଅର୍ଜନ କରିଛି। ସର୍ବୋତ୍ତମ ପ୍ରଦର୍ଶନକାରୀ ସର୍କଲ ଏବଂ ଏଣ୍ଟରପ୍ରାଇଜ ବିଜ୍‌ନେସ୍ (ଇବି)ରେ ଭଲ କାର୍ଯ୍ୟଦକ୍ଷତା ପାଇଁ ବିଏସ୍‌ଏନ୍‌ଏଲ୍ ପୁରସ୍କୃତ ହୋଇଛି। ଏହି ପୁରସ୍କାରଗୁଡ଼ିକୁ ଯୋଗାଯୋଗ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ଏମ୍ ସିନ୍ଧିଆ ପ୍ରଦାନ କରିଛନ୍ତି। ବିଏସ୍‌ଏନ୍‌ଏଲ୍ ଓଡ଼ିଶା ସର୍କଲର ମୁଖ୍ୟ ସାଧାରଣ ପ୍ରବନ୍ଧକ ଦୁଷ୍ମନ୍ତ କୁମାର ବେହେରାଙ୍କ ନେତୃତ୍ୱରେ ଏକ ଆହ୍ୱାନମୂଳକ ଟେଲିକମ୍ ପରିବେଶରେ ଓଡ଼ିଶା ସର୍କଲ କାର୍ଯ୍ୟକରୁଛି। ବିଏସ୍‌ଏନ୍‌ଏଲ୍ ତାହାର ରୌପ୍ୟ ଜୟନ୍ତୀ ବର୍ଷ ପାଳନ କରୁଥିବାବେଳେ ରାଜ୍ୟରେ ଡିଜିଟାଲ ସଂଯୋଗ ସୁଦୃଢ଼ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଆସୁଛି। କିଛିଦିନ ତଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଝାରସୁଗୁଡ଼ାରୁ ଆତ୍ମନିର୍ଭର ଭାରତ ଅଭିଯାନ ଅଧୀନରେ ସ୍ୱଦେଶୀ ୪ଜି ଷ୍ଟ୍ୟାକ୍ ସେବା ଉଦ୍‌ଘାଟନ କରିଥିଲେ। ଦୁର୍ଗମ ଅଞ୍ଚଳରେ ସଂଯୋଗକୁ ଆହୁରି ସୁଦୃଢ଼ କରିବା ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟର ପ୍ରମୁଖ ଅଞ୍ଚଳରେ ଥିବା ଗୁଡ୍‌ଗୁଡ଼ିଆରେ ୩ଟି ସାଚୁରେଶନ ମୋବାଇଲ ଟାୱାର ଉଦ୍‌ଘାଟନ କରିଥିଲେ। ଗ୍ରାହକମାନଙ୍କୁ ସୁଲଭ ସେବା ପ୍ରଦାନ କରିବା ପାଇଁ ବିଏସ୍‌ଏନ୍‌ଏଲ୍ ମଧ୍ୟ ୧ ଟଙ୍କାରେ ସିମ୍ କାର୍ଡ ପ୍ରଦାନ କରୁଛି। ଏହା ଦ୍ୱାରା ଟେଲିକମ୍ ସେବାର ବ୍ୟାପକ ପ୍ରବେଶ ସମ୍ଭବ ହୋଇପାରିବ।

**GOVT. OF ODISHA** No.32001/121/2627
**OFFICE OF THE SUPERINTENDING ENGINEER**
**BALASORE IRRIGATION DIVISION, BALASORE**
e-Mail id. eebid1234@gmail.com
**'e'Procurement Notice No.SEBID 01 of 2026-27**

| | | | |
|---|---|---|---|
| 1. | Procurement Officer | : | Superintending Engineer, Balasore Irrigation Division, Balasore |
| 2. | Total No. of Work | : | 01 (ONE) No. of Work |
| 3. | Estimated Cost | : | Rs.49.00 Lakh approximately (details can be seen in the DTCN of bid documents of the respective works) |
| 4. | Class of Contractor | : | (Details can be seen in the DTCN of bid documents of the respective works) |
| 5. | Bid Security | : | Details can be seen in the DTCN of bid documents of the respective works |
| 6. | Period of Completion | : | Details can be seen in the DTCN of bid documents respective works |
| 7. | Date & Time of availability of Bid: Documents in the Portal for On-line bidding | : | From dt.04.05.2026, 10.00 hours to 14.05.2026, upto 17.00 hours |
| 8. | Last date/time for receipt of bid only in online | : | 14.05.2026 upto 17.00 hours |
| 9. | Date/Time of Opening Technical & Financial Bid | : | 15.05.2026 at 11.00 hours onwards at office of the Superintending Engineer, Balasore Irrigation Division, Balasore |
| 10. | e-mail id | : | eebid1234@gmail.com |

Further details can be seen from the "e" Procurement Portal http://tendersodisha.gov.in

Sd./- Superintending Engineer
Balasore Irrigation Division,
Balasore

OIPR-32001/32110/1/26-27/0001

# ବିଭିନ୍ନ କ୍ଷେତ୍ରରେ ପ୍ଲେସ୍‌ମେଣ୍ଟ ପାଇଲେ ବିଜିୟୁ ଛାତ୍ରୀଛାତ୍ର

ଭୁବନେଶ୍ୱର,୨୫।୪(ଅନୁରାଧା ମହାରଣା)

ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି (ବିଜିୟୁ) ଚଳିତ ବର୍ଷର କ୍ୟାମ୍ପସ ପ୍ଲେସ୍‌ମେଣ୍ଟ ଡ୍ରାଇଭ୍‌ରେ ସଫଳତା ହାସଲ କରିଛି। କ୍ୟାମ୍ପସରେ ୨୦ରୁ ଅଧିକ ବିଭିନ୍ନ କ୍ଷେତ୍ର ପାଇଁ ଆୟୋଜିତ ପ୍ଲେସ୍‌ମେଣ୍ଟ ଡ୍ରାଇଭ୍‌ରେ ବହୁ ପ୍ରତିଷ୍ଠିତ କମ୍ପାନୀ ଯୋଗଦେଇଥିବା ବେଳେ ବାର୍ଷିକ ୧୭ ଲକ୍ଷରୁ ଉର୍ଦ୍ଧ୍ୱ (ଏଲ୍‌ପିଏ)ପ୍ୟାକେଜ୍‌ରେ ଛାତ୍ରୀଛାତ୍ର ନିଯୁକ୍ତି ପାଇଛନ୍ତି। ଏର୍ନଷ୍ଟ ଆଣ୍ଡ ୟଙ୍ଗ୍ (ଇୱାଇ), ଏଡିପି (ଅଟୋମେଟିକ୍ ଡାଟା ପ୍ରୋସେସିଂ), ଲୟଡ୍ସ ବ୍ୟାଙ୍କିଙ୍ଗ୍ ଗ୍ରୁପ୍, ଡେଲଏଟ୍, ଅଲ୍ଟ୍ରାଟେକ୍, ଟିସିଏସ୍ ଏବଂ ଫେଡେରାଲ ବ୍ୟାଙ୍କ ଭଳି ପ୍ରତିଷ୍ଠିତ କମ୍ପାନୀଗୁଡ଼ିକ ନିଯୁକ୍ତିଦାତା ଭାବେ ଯୋଗଦେଇଥିଲେ। ମ୍ୟାନେଜମେଣ୍ଟ କ୍ଷେତ୍ରରେ ଫର୍ଚ୍ଚୁନ ୫୦୦ କମ୍ପାନୀ, ଏଡିପି, ୫ ଜଣ ଛାତ୍ରଙ୍କୁ ଆନାଲିଷ୍ଟ ପଦ ପାଇଁ ନିଯୁକ୍ତ କରିଛି। ୟୁନାଇଟେଡ୍ କିଙ୍ଗ୍‌ଡମ୍(ୟୁକେ)ର ବ୍ୟାଙ୍କିଙ୍ଗ୍ ସଂସ୍ଥା ଲୟଡ୍ସ ବ୍ୟାଙ୍କିଙ୍ଗ୍ ଗ୍ରୁପ୍‌ର ଅଫସୋର ସେଣ୍ଟର ଲୟଡ୍ସ ଟେକ୍ନୋଲୋଜି ସେଣ୍ଟର ଏମ୍‌ବିଏ ଏବଂ ଏମ୍.କମ୍‌ର ୯ ଜଣଙ୍କୁ ନିଯୁକ୍ତି ଦେଇଛି। ଫେଡେରାଲ ବ୍ୟାଙ୍କ ପକ୍ଷରୁ ୧୭ ଲକ୍ଷ ସିଟିସି ପ୍ୟାକେଜରେ ନିଯୁକ୍ତି ସୁଯୋଗ ପ୍ରଦାନ କରାଯାଇଛି। ଏଇୱାଇ ପକ୍ଷରୁ ୨୮ ଜଣ ଏବଂ ଡେଲଏଟ୍ ପକ୍ଷରୁ ଏମ୍.କମ୍‌ର ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ଅଲ୍ଟ୍ରାଟେକ୍ ସିମେଣ୍ଟ ୩ ଜଣ ଏମ୍‌ବିଏ ଛାତ୍ରୀଙ୍କୁ ନିଯୁକ୍ତ କରିଛି। ଏମ୍‌ସିଏ, ବିସିଏ ଓ ବିଏସ୍‌ସି- ଡାଟା ସାଇନ୍ସ ଭଳି ଆପ୍ଲାଏଡ୍ ସାଇନ୍ସ ପ୍ରୋଗ୍ରାମଗୁଡ଼ିକରେ ଟିସିଏସ୍, ଡେଲଏଟ୍ ଏବଂ ଟେକ୍ ମହିନ୍ଦ୍ରା ଭଳି ପ୍ରମୁଖ ଆଇଟି କମ୍ପାନୀଗୁଡ଼ିକ ସଫ୍ଟୱେର ଡେଭଲପମେଣ୍ଟ, ଆନାଲିଟିକ୍ସ ଏବଂ ଡିଜିଟାଲ ଟ୍ରାନ୍ସଫର୍ମେଶନ ପାଇଁ ନିଯୁକ୍ତି ଦେଇଛନ୍ତି। ଆଇନ ଏବଂ ଅର୍ଥନୀତି ବିଭାଗର ଛାତ୍ରୀଛାତ୍ରମାନେ ମଧ୍ୟ ଭଲ ନିଯୁକ୍ତି ସୁଯୋଗ ପାଇଛନ୍ତି। ବିଜିୟୁର ଆଉଟରିଚ୍ ଆଣ୍ଡ ଇଣ୍ଟରନ୍ୟାଶନାଲ ଆଫେୟାର୍ସର ଡିନ୍ ଡ. ସତ୍ୟକାମ ମିଶ୍ର କହିଛନ୍ତି, 'ଏଡିପି, ଡେଲଏଟ୍ ଏବଂ ଲୟଡ୍ସ ଗ୍ରୁପ୍ ଭଳି ଅଗ୍ରଣୀ କମ୍ପାନୀଗୁଡ଼ିକର ପ୍ଲେସ୍‌ମେଣ୍ଟ ଡ୍ରାଇଭରେ ଅଂଶଗ୍ରହଣ, ଆମ ଶିକ୍ଷାନୁଷ୍ଠାନ ପ୍ରତି ଶିଳ୍ପଜଗତର ବିଶ୍ୱାସକୁ ଦର୍ଶାଉଛି।

# ବିଇଏମ୍‌ଏଲ୍ ଟିପ୍ପାସାନ୍ଦ୍ରା କ୍ୟାମ୍ପସ ପରିଦର୍ଶନକଲେ ଅଶ୍ୱିନୀ

ଭୁବନେଶ୍ୱର,୨୫।୪(ଅନୁରାଧା ମହାରଣା)



ରେଳ, ସୂଚନା ଓ ପ୍ରସାରଣ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଶନିବାର ବେଙ୍ଗାଲୁରୁର ବିଇଏମ୍‌ଏଲ୍ ଟିପ୍ପାସାନ୍ଦ୍ରା କ୍ୟାମ୍ପସ ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେ ହାଇସ୍ପିଡ୍ ରେଳ ନିର୍ମାଣ ପାଇଁ ଉତ୍ସର୍ଗୀକୃତ ଏକ ସ୍ୱତନ୍ତ୍ର କମ୍ପ୍ଲେକ୍ସ 'ଆଦିତ୍ୟ'କୁ ଉଦ୍‌ଘାଟନ କରିଛନ୍ତି। ମନ୍ତ୍ରୀ ହାଇସ୍ପିଡ୍ ରେଳର ପରିବର୍ତ୍ତନକାରୀ ଶକ୍ତି ଉପରେ ଆଲୋକପାତ କରି କହିଛନ୍ତି , ଏହି ଟ୍ରେନ୍‌ଗୁଡ଼ିକର ଆଗମନ ଦ୍ୱାରା ପ୍ରମୁଖ ସହରଗୁଡ଼ିକୁ ପରସ୍ପରର ବିସ୍ତାର ଭାବରେ ଦେଖାଯିବ। ସେ ଚେନ୍ନାଇ ଏବଂ ବେଙ୍ଗାଲୁରୁ ମଧ୍ୟରେ ଯାତ୍ରା ସମୟର ଉଦାହରଣ ଦେଇ କହିଥିଲେ, ଏହା ମାତ୍ର ୭୩ ମିନିଟ୍‌କୁ ହ୍ରାସ ପାଇବ। ମନ୍ତ୍ରୀ କହିଛନ୍ତି, ଦୁଇଟି ନୂତନ ସେବା ପ୍ରଚଳନ ଦ୍ୱାରା ସଂଯୋଗୀକରଣ ବୃଦ୍ଧିପାଇବ। ହୁବ୍‌ଲି ଦେଇ ଏଲ୍‌ଏଚ୍‌ବି କୋଚ୍ ବିଶିଷ୍ଟ ଏକ ନୂତନ ମେଲ୍ ଏକ୍ସପ୍ରେସ୍ ପ୍ରଚଳନ କରାଯିବ ଏବଂ ଏକ ବନ୍ଦେ ଭାରତ ସ୍ଲିପର ଏକ୍ସପ୍ରେସ୍ ଖୁବ୍ ଶୀଘ୍ର କାର୍ଯ୍ୟ ଆରମ୍ଭ କରିବାର ଯୋଜନା ରହିଛି। ମାଙ୍ଗାଲୁରୁ ଏବଂ ବେଙ୍ଗାଲୁରୁ ମଧ୍ୟରେ ବନ୍ଦେ ଭାରତ ସେବା ଖୁବ୍ ଶୀଘ୍ର ଆରମ୍ଭ ହେବ। ସେ ଗୁରୁତ୍ୱାରୋପ କରିଛନ୍ତି ଯେ ଏହି ସେବା ପାଇଁ ଯୋଜନା କାର୍ଯ୍ୟକାରୀ ହେବା ପୂର୍ବରୁ ମାଡ୍‌ଗାଓଁ ଏବଂ କର୍ନାଟକର ଅନ୍ୟାନ୍ୟ ଉପକୂଳବର୍ତ୍ତୀ ସହରଗୁଡ଼ିକୁ ସଂଯୋଗ କରିବା ଉପରେ ଗୁରୁତ୍ୱ ଦିଆଯାଇଛି।

**ବିଜ୍ଞାପନ** No.12001/10/2627

**ନାମ-ଶ୍ରୀ ନିରଞ୍ଜନ କିଶାନ, ସହ-ଉପ ଆରକ୍ଷୀ ନିରୀକ୍ଷକ,**
**ପିତା-ହରିହର କିଶାନ, ଗ୍ରାମ-ଘାଣ୍ଟିପୋଷି**
**ପୋଷ୍ଟ ଅଫିସ- ଆମ୍ବ ଗାଁ, ଥାନା-ବାରକୋଟ, ଜିଲ୍ଲା-ଦେବଗଡ଼ (ଓଡ଼ିଶା)**

ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଛି ଯେ, ପତ୍ର ସଂଖ୍ୟା-318/Pers-I ତା.22.03.18, ଝାରସୁଗୁଡା D.O. No.684, dated 02.05.2018 ଅନୁଯାୟୀ ଆପଣ ମୟୂରଭଞ୍ଜ ଜିଲ୍ଲାରେ କାର୍ଯ୍ୟରେ ଯୋଗଦାନ କରିବାପାଇଁ ଗତ ତା.30.04.18 ରିଖରୁ ଝାରସୁଗୁଡା ଜିଲ୍ଲାରୁ ବଦଳି ହୋଇଥିଲେ । କିନ୍ତୁ ଅଦ୍ୟାବଧି ଆପଣ ମୟୂରଭଞ୍ଜ ଆରକ୍ଷୀ ଅଧୀକ୍ଷକଙ୍କ ନିକଟରେ ଯୋଗଦାନ କରିନାହାନ୍ତି କିମ୍ବା ଯୋଗଦାନ ନକରିବାର କାରଣ ପତ୍ର ମାଧ୍ୟମରେ ଉକ୍ତ କାର୍ଯ୍ୟାଳୟକୁ ଅବଗତ କରିନାହାନ୍ତି । ଆପଣଙ୍କୁ ବାରମ୍ବାର ନୋଟିସ ତଲବ ହେବା ସତ୍ତ୍ୱେ ଆପଣ ଏହି ଜିଲ୍ଲାରେ ଏପର୍ଯ୍ୟନ୍ତ ଯୋଗଦାନ କରୁନାହାନ୍ତି । ଆପଣ ଦୀର୍ଘ ପାଞ୍ଚ ବର୍ଷରୁ ଉର୍ଦ୍ଧ୍ୱ ସମୟ କାର୍ଯ୍ୟରେ ଅନୁପସ୍ଥିତ ଥିବା କାରଣରୁ ଓଡ଼ିଶା ସର୍ଭିସ କୋଡ ରୁଲ 72 (2) ବ୍ୟବସ୍ଥା ଅନୁଯାୟୀ ଆପଣଙ୍କୁ ସରକାରୀ ସେବାରୁ ଅପସାରଣ ସକାଶେ ଆପଣଙ୍କ ନାମରେ ମୟୂରଭଞ୍ଜ ଜିଲ୍ଲାରେ ବିଭାଗୀୟ ପ୍ରୋସିଡିଙ୍ଗ ନମ୍ବର 12 Dated 08.05.2024 ଚାଲୁ କରାଯାଇଥିଲା ଓ ସମସ୍ତ ପ୍ରକାର କାଗଜପତ୍ର ଓ ନୋଟିସ ଆପଣଙ୍କ ଘର ଠିକଣାରେ Special Messenger and Registered Post ମାଧ୍ୟମରେ ପଠାଯାଇଥିଲେ ମଧ ଆପଣ ଘରେ ଅନୁପସ୍ଥିତ ଥିବା କାରଣରୁ ତାହା ଆପଣଙ୍କ ବାପାଙ୍କୁ ଓ କିଛି ଲଟକା ଜାରି ମାଧ୍ୟମରେ ନିଷ୍ପାଦିତ କରାଯାଇଥିଲା କିନ୍ତୁ ଆପଣ ନୋଟିସ ଅନୁସାରେ ନିର୍ଦ୍ଧାରିତ ହୋଇଥିବା ତାରିଖମାନଙ୍କରେ ବିଭାଗୀୟ ପ୍ରକ୍ରିୟା ସମୟରେ ଯୋଗ ନଦେଇ ଅନୁପସ୍ଥିତ ରହିଲେ । ତେଣୁ ଇନକ୍ୱାରୀ ଅଫିସର ପ୍ରସିଡିଂ ଇନକ୍ୱାରୀକୁ exparte ଭାବରେ ଶେଷ କରି ଆପଣଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ । ତାରିଖ 13.03.2026 ରେ ଇନକ୍ୱାରୀ ରିପୋର୍ଟ ସହିତ first show cause ନୋଟିସ ଆପଣଙ୍କ ଅନୁପସ୍ଥିତିରେ ଆପଣଙ୍କ ଗୃହରେ ଲଟକା ଜାରି କରି ନୋଟିସର ଜବାବ 15 ଦିନ ମଧ୍ୟରେ ଦେବାପାଇଁ ଆଦେଶ ଦିଆଯାଇଥିଲା କିନ୍ତୁ ଆପଣ ନିର୍ଦ୍ଧାରିତ ସମୟ ମଧ୍ୟରେ ନୋଟିସର ଜବାବ ଦେଲେ ନାହିଁ । ଏଣୁ ପ୍ରସିଡିଂ ଇନକ୍ୱାରୀର କାର୍ଯ୍ୟପଦ୍ଧତି ଅନୁଯାୟୀ Second Show Cause ନୋଟିସ ମାଧ୍ୟମରେ ଆପଣଙ୍କୁ ସରକାରୀ ସେବାରୁ ଅପସାରଣ ସକାଶେ ଓ ଆପଣଙ୍କର ଅନୁପସ୍ଥିତ ଦିନଗୁଡିକ ବିନା ଦରମା ପାଇଁ ପ୍ରସ୍ତାବିତ ଦଣ୍ଡ ବିଧାନ କରାଯାଇଅଛି ଏବଂ ଏହି ପ୍ରସ୍ତାବିତ ଦଣ୍ଡବିଧାନର ଜବାବ 15 ଦିନ ମଧ୍ୟରେ ଦେବାପାଇଁ ଆଦେଶ ଦିଆଯାଇଅଛି ।

ଏଣୁ ବିଜ୍ଞାପନ ମାଧ୍ୟମରେ ଆପଣଙ୍କୁ ଜଣାଇ ଦିଆଯାଉଅଛି ଯେ, ଏହି ସମ୍ବାଦ ପ୍ରକାଶର ୭ ଦିନ ମଧ୍ୟରେ ପ୍ରସ୍ତାବିତ ଦଣ୍ଡ ବିଧାନର ଜବାବ ମୟୂରଭଞ୍ଜ ଜିଲ୍ଲାର ଆରକ୍ଷୀ ଅଧୀକ୍ଷକ କାର୍ଯ୍ୟାଳୟରେ ଦାଖଲ କରିବେ ନଚେତ ଧରିନିଆଯିବ ଏ ବାବଦରେ ଆପଣଙ୍କର କିଛି କହିବାର ନାହିଁ ଓ ସେହି ଅନୁସାରେ ଆପଣଙ୍କ ବିରୁଦ୍ଧରେ ଚାଲିଥିବା ଏହି ବିଭାଗୀୟ ପ୍ରକ୍ରିୟାକୁ ଏକତରଫା ଭାବେ ଶେଷ କରାଯିବ ।

ସ୍ୱା./- ଆରକ୍ଷୀ ଅଧୀକ୍ଷକ
ମୟୂରଭଞ୍ଜ

OIPR-12001/12029/1/26-27/0003

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଜାତୀୟ କୁସ୍ତିରେ ଭାଗନେବ ଓଡ଼ିଶା ଦଳ


୧୭ବର୍ଷରୁ କମ୍ ଜାତୀୟ କୁସ୍ତି ପ୍ରତିଯୋଗିତାରେ ଭାଗନେବାକୁ ଥିବା ଓଡ଼ିଶା ଦଳ।

**କଟକ,୨୫।୪(କୁମାରଶ୍ରୀ)**

ଆସନ୍ତା ୨୮ରୁ ଔରଙ୍ଗାବାଦର ଛତ୍ରପତି ସମ୍ଭାଜି ନଗରରେ ୧୭ବର୍ଷରୁ କମ୍ ଜାତୀୟ କୁସ୍ତି ପ୍ରତିଯୋଗିତା ଅନୁଷ୍ଠିତ ହେବ। ୩ ଦିନ ଧରି ହେବାକୁ ଥିବା ଏହି ପ୍ରତିଯୋଗିତା ନିମନ୍ତେ ଓଡ଼ିଶା କୁସ୍ତି ସଂଘ ପକ୍ଷରୁ ଘୋଷିତ ରାଜ୍ୟ ଦଳ ଶନିବାର ଔରଙ୍ଗାବାଦ ଯାତ୍ରା କରିଛି। ରାଜ୍ୟ ବାଳକ ଦଳରେ ବିଶ୍ୱଜିତ ନାୟକ, ଇନ୍ଦ୍ରେଶ୍ୱର ମହାପାତ୍ର, ରୋହିତ ସାମଲ, ରତିକ୍‌ମହାନ୍ତି, ବାବୁଜେନା, ଶୁଭମ ସାହୁ, ବିଶ୍ୱନାଥ ପଣ୍ଡା, ଏନ ଦୁର୍ଯ୍ୟୋଧନ, ବାଳିକା ଦଳରେ ଜୋହିରୁନ ନିଶା, ଅନୁଷ୍କା ନାଟିଆ, ଅନ୍ନପୂର୍ଣ୍ଣା ନାୟକ, ସ୍ୱୟଂଶିଦ୍ଧା ମିଶ୍ର, ପ୍ରୀତି ମିର୍ଦ୍ଧା ପାଇଛନ୍ତି। କୋଚ୍ ସନ୍ତୋଷ କୁମାର ଦାସ, ରଞ୍ଜିତ ବେହେରା, ପାର୍ବତୀ ଦଳାଇ ଏବଂ ମ୍ୟାନେଜର ଅମ୍ରିତ ସାହୁ ରାଜ୍ୟ ଦଳ ସହ ଯାତ୍ରା କରିଛନ୍ତି। ରାଜ୍ୟ ସଂଘ ସମ୍ପାଦକ କିଶୋର ବେହେରା କଟକ ରେଳଷ୍ଟେସନରେ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# ଅଲିମ୍ପିକ ପଦକ ବିଜେତାଙ୍କ ପରଲୋକ

**ଚଣ୍ଡିଗଡ଼, ୨୫।୪ (ପି.ଟି.)**

ସ୍ଥାନୀୟ ଜିରାକ୍‌ପୁରରେ ଶୁକ୍ରବାର ଅଲିମ୍ପିକ ହକି ପଦକ ବିଜେତା ଗୁର୍‌ବକ୍ସ ସିଂ ଗ୍ରେୱାଲଙ୍କ ହୃଦ୍‌ଘାତରେ ପରଲୋକ ଘଟିଛି। ତାଙ୍କୁ ୮୪ବର୍ଷ ବୟସ ହୋଇଥିଲା। ସେ ୧୯୬୮ ମେକ୍ସିକୋ ସିଟି ଅଲିମ୍ପିକ୍ସ ବ୍ରୋଞ୍ଜ ପଦକ ବିଜୟୀ ଭାରତୀୟ ଦଳର ଅନ୍ୟତମ ସଦସ୍ୟ ଥିଲେ। ସଂଯୋଗବଶତଃ ସେହି ଅଲିମ୍ପିକ୍ସରେ ସେ ଓ ତାଙ୍କ ଭାଇ ବଲ୍‌ବୀର ସିଂ ଗ୍ରେୱାଲ ଜାତୀୟ ଦଳରେ ପ୍ରତିନିଧିତ୍ୱ କରିଥିଲେ। ଖେଳ କ୍ୟାରିୟର ବ୍ୟତୀତ ଗ୍ରେୱାଲ ପଶ୍ଚିମାଞ୍ଚଳ ରେଳପଥରେ ଜଣେ ସିନିୟର କ୍ରୀଡ଼ା ଅଧିକାରୀ ଭାବେ କାର୍ଯ୍ୟ କରିଥିଲେ, ଯେଉଁଠାରେ ସେ ରାଜସ୍ଥାନର ଅନେକ ଖେଳାଳିଙ୍କ ସମେତ ପ୍ରତିଭାକୁ ଚିହ୍ନଟ କରି ରେଲୱେ ହକିରେ ସାମିଲ କରିବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ମୁମ୍ବାଇରେ ସେ ତାଙ୍କ ପଦବୀରୁ ଅବସର ନେବା ପରେ କ୍ରୀଡ଼ା ପ୍ରଶାସନରେ ସକ୍ରିୟ ଭାବେ ଜଡ଼ିତ ଥିଲେ।



# ବଂଶିକା-ଚିରାଗ ଯୋଡ଼ିଙ୍କୁ ସ୍ୱର୍ଣ୍ଣ

## ଆଇଏସ୍ଏସ୍ଏଫ୍ ଜୁନିୟର ବିଶ୍ୱକପ୍

**କାଇରୋ, ୨୫।୪ (ପି.ଟି.)**

ବଂଶିକା ଚୌଧାରୀ ଓ ଚିରାଗ ଶର୍ମା ଏଠାରେ ଚାଲିଥିବା ଆଇଏସ୍ଏସ୍ଏଫ୍ ଜୁନିୟର ଶୁଟିଂ ବିଶ୍ୱକପ ୧୦ମିଟର ଏୟାର ପିସ୍ତଲ ମିକ୍ସଡ ଟିମ୍ ଇଭେଣ୍ଟରେ ଏକ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଆଉ ଗୋଟିଏ ଦିନ ପ୍ରତିଯୋଗିତା ବାକିଥିବା ବେଳେ ଭାରତ ୫ ସ୍ୱର୍ଣ୍ଣ ୫ ରୌପ୍ୟ ଓ ୪ ବ୍ରୋଞ୍ଜ ସହ ପଦକ ତାଲିକାର ଶୀର୍ଷରେ ରହିଛି। ଚାରୋଟି ଦଳକୁ ନେଇ ଫାଇନାଲରେ ବଂଶିକା ଓ ଚିରାଗ ଯୋଡ଼ି ୪୮୪.୩ ଅଙ୍କ ସ୍କୋର କରି ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଇଣ୍ଡିଭିଜୁଆଲ ନ୍ୟୁଟ୍ରାଲ ଆଥ୍‌ଲେଟ (ଏଆଇଏନ୍)ରୁ ପ୍ରତିନିଧିତ୍ୱ କରିଥିବା ଆଲିଆକ୍ ସାନ୍ଦ୍ର ପିଆଟ୍ରୋଭା ଓ ମିକିତା ଡାଉବାଶ (୪୬୭.୬) ଦ୍ୱିତୀୟ ସ୍ଥାନ ସହ ରୌପ୍ୟ ଜିତିଥିଲେ। ଦ୍ୱିତୀୟ ଭାରତୀୟ ଯୋଡ଼ି ମୋହିନୀ ସିଂ ଓ ହିମାଂଶୁ ରାଣା ୪୦୭.୪ ପଏଣ୍ଟ ସ୍କୋର କରି ତୃତୀୟ ସ୍ଥାନ ଅଧିକାର କରି ବ୍ରୋଞ୍ଜ ପଦକ ପାଇଛନ୍ତି। ପୂର୍ବରୁ ଶନିବାର ସକାଳେ ୧୪ଟି ଦଳକୁ ନେଇ ଅନୁଷ୍ଠିତ କ୍ୱାଲିଫାଇଂରେ ବଂଶିକା ଓ ଚିରାଗ ଯୋଡ଼ି ମୋଟ ୫୮୨ ସ୍କୋର କରି ପ୍ରଥମ ସ୍ଥାନରେ ରହିଥିବା ବେଳେ ମୋହିନୀ ଓ ହିମାଂଶୁ ୫୭୮ ସହ ତୃତୀୟ ସ୍ଥାନରେ ରହିଥିଲେ। ଚାମ୍ପିୟନଶିପ୍‌ରେ ବଂଶିକାଙ୍କର ଏହା ଥିଲା ଦ୍ୱିତୀୟ ସ୍ୱର୍ଣ୍ଣ। ପୂର୍ବରୁ ସେ ବ୍ୟକ୍ତିଗତ ମହିଳା ୧୦ ମିଟର ଏୟାର ପିସ୍ତଲ ଟାଇଟଲ ଜିତିଥିଲେ। ଚିରାଗଙ୍କର ମଧ୍ୟ ଏହାଥିଲା ଦ୍ୱିତୀୟ ପଦକ। ପୂର୍ବରୁ ସେ ଜୁନିୟର ପୁରୁଷ ଏୟାର ପିସ୍ତଲରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ।



# ଫ୍ରେଞ୍ଚ ଓପନରୁ ଓହରିଲେ ଅଲକାରାଜ

**ମାଡ୍ରିଡ୍,୨୫।୪(ଏପି):** ଦୁଇ ଥରର ଚାମ୍ପିୟନ କାର୍ଲୋସ ଅଲକାରାଜ ଆସନ୍ତା ମାସରୁ ଆରମ୍ଭ ହେବାକୁ ଥିବା ବର୍ଷର ଦ୍ୱିତୀୟ ଟେନିସ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଫ୍ରେଞ୍ଚ ଓପନରୁ ଓହରି ଯାଇଛନ୍ତି। ସେ ରିଷ୍ଟ ଇଞ୍ଜୁରି କାରଣରୁ ଏଭଳି ନିଷ୍ପତ୍ତି ନେଇଛନ୍ତି। ଫ୍ରେଞ୍ଚ ଓପନ ପୂର୍ବରୁ ରୋମରେ ହେବାକୁ ଥିବା ଇଟାଲିଆନ ଓପନରେ ମଧ୍ୟ ସେ ଖେଳିବେ ନାହିଁ। ଏ ନେଇ ସେ ନିଜେ ଏକ୍ସ ଜରିଆରେ ସୂଚନା ଦେଇଛନ୍ତି। ୱାର୍ଲ୍ଡ ନଂ.୨ ଅଲକାରାଜ ଚଳିତ ମାସରେ ବାର୍ସେଲୋନା ଓପନର ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ଆହତ ହୋଇଥିଲେ। ଏଥିଯୋଗୁ ସେ ଦ୍ୱିତୀୟ ରାଉଣ୍ଡରୁ ଓହରି ଯାଇଥିଲେ। ପରେ ସେ ମାଡ୍ରିଡ୍ ଓପନରୁ ମଧ୍ୟ ଓହରିଯାଇଥିଲେ। କିନ୍ତୁ ମାଡ୍ରିଡ୍‌ଠାରେ ଅନୁଷ୍ଠିତ ଲୌରେସ ୱାର୍ଲ୍ଡ ସ୍ପୋର୍ଟ୍ସ ଆୱାର୍ଡ୍ସରେ ଯୋଗ ଦେଇଥିଲେ, ଯେଉଁଠାରେ ତାଙ୍କୁ ରିଷ୍ଟରେ ପଟି ବାନ୍ଧିଥିବା ଦେଖିବାକୁ ମିଳିଥିଲା।

# ନାଡା ଦ୍ୱାରା ଯସ୍ମିନ, ଅମ୍ରିତପାଲ ବାସନ୍ଦ

## ଡୋପ୍ ଅପରାଧ

**ନୂଆଦିଲ୍ଲୀ, ୨୫।୪ (ପି.ଟି.)**

ନିଷିଦ୍ଧ ଉପାଦାନ ସେବନ କରିଥିବା ଅଭିଯୋଗରେ ପଞ୍ଜାବର ଜାତୀୟ କ୍ରୀଡ଼ା ସ୍ୱର୍ଣ୍ଣ ବିଜେତା ଯସ୍ମିନ କୌରଙ୍କୁ ନ୍ୟାଶନାଲ ଆଣ୍ଟି ଡୋପିଂ ଏଜେନ୍‌ସି (ନାଡା)ର ଆଣ୍ଟି ଡୋପଂ ଡିସିପ୍ଲିନାରୀ ପ୍ୟାନେଲ (ଏଡିଡିପି) ଦୁଇ ବର୍ଷ ବାସନ୍ଦ ଦଣ୍ଡରେ ଦଣ୍ଡିତ କରିଛି। ସେହିପରି ଅଷ୍ଟ୍ରେଲିଆର ନ୍ୟାଶନାଲ ବାସ୍କେଟବଲ ଲିଗ୍‌ରେ ଖେଳିଥିବା ଭାରତର ପୂର୍ବତନ ବାସ୍କେଟବଲ ଖେଳାଳି ଅମ୍ରିତପାଲ ସିଂଙ୍କୁ ପିଛିଲା ୨୦୨୫ ମାର୍ଚ୍ଚ ୫ରୁ ୮ ବର୍ଷ ପାଇଁ ବାସନ୍ଦ କରାଯାଇଛି। ଡେରାଡୁନ୍‌ରେ ଅନୁଷ୍ଠିତ ନ୍ୟାଶନାଲ ଗେମ୍ସରେ ସେ ଦ୍ୱିତୀୟ ଥର ଏହି ଅପରାଧ କରିଥିଲେ। ଯସ୍ମିନ ଚଳିତବର୍ଷ ପ୍ରାରମ୍ଭରେ ଡେରାଡୁନ୍‌ରେ ଅନୁଷ୍ଠିତ ନ୍ୟାଶନାଲ ଗେମ୍ସରେ ତାଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ୧୫.୯୭ମିଟର ଥ୍ରୋ ସହ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ଡୋପ୍ ଟେଷ୍ଟ ପାଇଁ ତାଙ୍କଠାରୁ ସଂଗ୍ରହ କରାଯାଇଥିବା ସାମ୍ପୁଲରେ ଟର୍ବୁଟାଲିନ୍ ପାଇଁ ପଜିଟିଭ ଆସିଥିଲା। ଟର୍ବୁଟାଲିନ୍ ହେଉଛି ଏକ ଷ୍ଟିମୁଲାଣ୍ଟ, ଯାହାକି ସାଧାରଣତଃ କଫ ସିରପ୍‌ରେ ଦେଖିବାକୁ ମିଳିଥାଏ। ଚଳିତବର୍ଷ ପ୍ରାରମ୍ଭରେ ନ୍ୟାଶନାଲ ଆଣ୍ଟି-ଡୋପିଂ ଏଜେନ୍ସି ଦ୍ୱାରା ସେ ସାମୟିକ ସସ୍‌ପେଣ୍ଡ ହୋଇଥିଲେ। ନାଡା ୱେବ୍‌ସାଇଟ୍‌ରେ ସଦ୍ୟ ପ୍ରକାଶିତ ଡୋପ୍ ଅପରାଧୀମାନଙ୍କ ତାଲିକାରେ ଯସ୍ମିନଙ୍କୁ ୨ ବର୍ଷ ପାଇଁ ସସ୍‌ପେଣ୍ଡ କରାଯାଇଥିବା ଉଲ୍ଲେଖ କରାଯାଇଛି। ତାଙ୍କ ବାସନ୍ଦ ଦଣ୍ଡ ପିଛିଲା ୨୦୨୫ ମାର୍ଚ୍ଚ ୨୮ରୁ ଆରମ୍ଭ ହୋଇସାରିଛି। ଗତବର୍ଷ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ସେ ତାଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରୟାସ ୧୪.୭୫ମିଟର ସହ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ।



## ଇଣ୍ଡିଆନ ସୁପର ଲିଗ୍

# ବେଙ୍ଗାଲୁରୁ-ମୁମ୍ବାଇ ମ୍ୟାଚ ଡ୍ର'

**ବେଙ୍ଗାଲୁରୁ, ୨୫।୪ (ପି.ଟି.):** ଚଳିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍)ରେ ଆୟୋଜକ ବେଙ୍ଗାଲୁରୁ ଏଫ୍‌ସି ଓ ମୁମ୍ବାଇ ସିଟି ଏଫ୍‌ସି ମଧ୍ୟରେ ଶନିବାର ଖେଳାଯାଇଥିବା ମ୍ୟାଚ ଗୋଲ୍‌ଶୂନ୍ୟ ଭାବେ ଶେଷ ହୋଇଛି। ହୋମ୍ ଗ୍ରାଉଣ୍ଡରେ ବେଙ୍ଗାଲୁରୁ ଏଫ୍‌ସିର ଏହା ଥିଲା ଶେଷ ମ୍ୟାଚ। ଗୋଲ୍ ସ୍କୋର କରିବା ଲାଗି ଦୁଇ ଦଳ ଶେଷ ପର୍ଯ୍ୟନ୍ତ ଉଦ୍ୟମ ଜାରି ରଖି ବିଫଳ ହୋଇଥିଲେ।

# ବିଶ୍ୱର ନମ୍ବର ୱାନଙ୍କଠାରୁ ହାରିଗଲେ ଅଭୟ

**ନୂଆଦିଲ୍ଲୀ, ୨୫।୪ (ପି.ଟି.):** ଭାରତର ଅଭୟ ସିଂ ଜୁରିଚ୍‌ଠାରେ ଚାଲିଥିବା ଗ୍ରାସ୍‌ହୋପର କପ୍ ସ୍କାଶ ଟୁର୍ନାମେଣ୍ଟର ଏକ ରୋମାଞ୍ଚକ କ୍ୱାର୍ଟରଫାଇନାଲରେ ପୂର୍ବତନ ବିଶ୍ୱର ନମ୍ବର ୱାନ ଖେଳାଳି ତଥା ବିଶ୍ୱଚାମ୍ପିୟନ କରିମା ଗାୱାଡଙ୍କଠାରୁ ୧୨-୧୦, ୧୧-୯ରେ ହାରିଯାଇଛନ୍ତି। ଅଭୟ ଏହା ପୂର୍ବରୁ ପ୍ରଫେଶନାଲ ସ୍କାଶ ଆସୋସିଏଶନ (ପିଏସ୍ଏ)ର ଏହି ଗୋଲ୍ଡ ଲେଭଲ ଟୁର୍ନାମେଣ୍ଟରେ ଇଜିପ୍ଟର ବିଶ୍ୱର ୧୩ ନମ୍ବର ଖେଳାଳି ଆଲି ଆବୋ ଏଲିନେନ୍‌ଙ୍କ ବିପକ୍ଷରେ ବିଜୟ ହାସଲ କରି କ୍ୱାର୍ଟରଫାଇନାଲରେ ପ୍ରବେଶ କରିଥିଲେ।

## ମନେ ପଡ଼ନ୍ତି


### ଏକାଦଶାହ ଉପଲକ୍ଷେ
### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଜଟାଧର ସେଠୀ**
ସଦାନନ୍ଦପୁର, ଯାଜପୁର

ଆବିର୍ଭାବ: ୧୯.୦୨.୧୯୫୯
ତିରୋଧାନ: ୧୬.୦୪.୨୦୨୬

ବିଶ୍ୱାସ କରି ହେଉନି ଯେ, ଆପଣ ଆମ ଗହଣରେ ଆଉ ନାହାନ୍ତି। କେତେ ନିଷ୍ଠୁର ଏଇ ବିଧାତା। ଆପଣଙ୍କ ନିଷ୍କପଟ ସ୍ନେହ, କର୍ମପ୍ରବଣତା, ସହନଶୀଳତା ଓ ପ୍ରତିବଦ୍ଧତା ସ୍ମୃତିରେ ଅମଳିନ ହୋଇ ରହିବ। ଆପଣଙ୍କ ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ନିବେଦନ କରୁଛୁ।

**ବିନମ୍ର ଶ୍ରଦ୍ଧାଞ୍ଜଳି**
ଝିଅ, ଜ୍ୱାଇଁ, ପୁତ୍ର, ପୁତ୍ରବଧୂ, ନାତୁଣୀ, ନାତି, ବନ୍ଧୁ ଓ ପରିବାରବର୍ଗ।
ଧ-୨୦୧

### ସ୍ମୃତିରେ ପିଣ୍ଟୁ



**୰ଅଭିଷେକ ସାମଲ**

ଆବିର୍ଭାବ: ୨୨।୦୧।୧୯୮୩
ତିରୋଧାନ: ୨୬।୦୪।୨୦୦୪

୨୨ ବର୍ଷ ପାର ହୋଇଗଲା ତଥାପି ଶୁଖୁନି ଆଖିର ଲୁହ। ନୀରବତା ମଧ୍ୟ ଆଜି ଖୋଜୁଛି ତୋର ସ୍ମିତହସଭରା ନିରୀହ ମୁହଁ ।। ହୃଦୟରେ ଆଉ ତୋର ସରଳ ଛବି ଓ କର୍ମ ଭୂମିରେ ସ୍ମୃତି। ସ୍ମୃତି ପ୍ରାର୍ଥନା ଓ ପୁଷ୍ପାଞ୍ଜଳିରେ କରୁଛୁ ସ୍ମରଣ, ଈଶ୍ୱର ଦିଅନ୍ତୁ ତୋର ଆତ୍ମାକୁ ଶାନ୍ତି।।

ତୋର ଦୁଃଖିନି ମା' ଓ ଭାଇ ରିଣ୍ଟୁ
ଧ-୩୬୩୭

### ଏକାଦଶାହ ଉପଲକ୍ଷେ



**୰ମାଳତୀ ଲେଙ୍କା**
ସ୍ୱାମୀ- ସନାତନ ଲେଙ୍କା
ଅନ୍ଦରପୁର, ଡି.ଡି ରୋଡ୍, ଶ୍ରୀମାଲେନ୍, କଟକ-୧୩
ତିରୋଧାନ: ୧୬।୦୪।୨୦୨୬

ଆପଣଙ୍କର ଆଶୀର୍ବାଦର ଅଦେଖା ହାତ ଆମମାନଙ୍କ ମୁଣ୍ଡ ଉପରେ ସର୍ବଦା ରହିଥାଉ। ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

**ହତଭାଗ୍ୟ:** ଅଭିରାମ- ଶ୍ରଦ୍ଧାଞ୍ଜଳି, ରବିନାରାୟଣ- ଭାର୍ଗବୀ, ସୌମ୍ୟରଞ୍ଜନ- ଅନ୍ନପୂର୍ଣ୍ଣା, ପ୍ରତୀକ- ସ୍ୱର୍ଣ୍ଣପ୍ରଭା ଓ ସ୍ନେହପ୍ରଭା (ସୀମା), ଜ୍ୟୋତିପ୍ରକାଶ (ଲାଲା), ଜୟପ୍ରକାଶ (କାହ୍ନା), ଡୁଡୁଲୁ ଏବଂ ରୋଲି।
ଧ-୨୦୨



# Classified Everyday
0674-2580101, 9692975378




## GROOM WANTED

54 ବୟସ୍କା Brahmin Govt. Employee କନ୍ୟା ପାଇଁ ଯେକୌଣସି ଜାତିର unmarried/ widow/divorce ବରପାତ୍ର ଆବଶ୍ୟକ। 7873141286. D-207

ବୟସ 28 କୌଣସି ଚାକିରି କରୁନଥିବା ସୁନ୍ଦରୀ ସୁଶୀଳ ବ୍ରାହ୍ମଣ ଝିଅଙ୍କ ପାଇଁ ବରପାତ୍ର ଆବଶ୍ୟକ। 7735667587. D-205

## BRIDE WANTED

Wanted Employed Brahmin Bride B-Tech/MBA, below 28, 5'4'' for highly paid handsome Brahmin Boy, 1994, 5'6'' (7/3), B-Tech (IIT), MBA (ISB), working Gurgaon Family settled Bhubaneswar, ''SUNASANSAR''. 9937512659, 9090969895. D-33

''କନ୍ୟା ଆବଶ୍ୟକ'' କ୍ଷତ୍ରିୟ ଘର ପୁଅ, Fish Farming ବ୍ୟବସାୟୀ, 5'7''। ଶିକ୍ଷିତ ଓ ସୁନ୍ଦରୀ କନ୍ୟା ଆବଶ୍ୟକ। ଯୋଗାଯୋଗ: 7978509903. D-200

ବୟସ- ୩୨, ଉଚ୍ଚତା- 5ft. 6inch, ରଙ୍ଗ- ଗୋରା, Network Analyst at Analog System- Bangalore, ଖଣ୍ଡାୟତ ପୁଅ ପାଇଁ ଘରୋଇ, ସୁନ୍ଦର ଝିଅ ଆବଶ୍ୟକ। ଯୋଗାଯୋଗ: 7978761365, 9778607482. D-73599




## SALE

DO U NEED TO INVEST on property/ Immediately house purpose ??? At Brahmanjharilo, Phulanakhara, Cuttack in between middle of CUTTACK & BHUBANESWAR at a reduced price. 7809525452. D-254

ହଂସପାଳ ଗୁଆଲିରେ ଘରବାରି ପ୍ଲଟ୍ ବ୍ୟାଙ୍କ୍ ଲୋନ ସୁବିଧାଥାଇ ବିକ୍ରି ହେବ। Sqft. Rs.1350/-, 9337259012. D-184

3BHK flat for sale S.B.A 1550 Sqft. Near Pahala, Atala Rera Approved. 9937080005, 8118055505. D-190

3BHK, Drawing, Dining, Puja, Three Bed Room, Two Kitchens, Three Toilets, Garage near Shopping Mall, Inox Cinema, Tamando, Rate- Three crores (Negotiable). Cell. 9040188940, 93481 21441. D-166

ବାଲିଅନ୍ତାରୁ 5K.M. Pitch Road side Schedulecaste plot 2100sqft.- 40,00,000/-. 7978947520. D-32

Plot- Baranga, Samantaraypur, Nakhara-490/-, Retanga, Khurda, Malatipatapur, Kandarapur - 8895778043. D-164

Ready to move apartment Sale Near Hanspal, Rasulgarh, Bhubaneswar. 9777433701. D-29

Plot Sale Near Sundarpada OEC College with Boundary wall- 6372670155. D-30




1st floor, 2200sqft. Accommodation facility near Mausima Chaaka, Bhubaneswar. Suitable for Office/Hostel (30beds, 4 toilets). M: 9937949625. D-310

Double storied space available for health, Education, Distribution, Institution behind Odisha Orthopedic Hospital, Malhasahi, Mangalabag, Cuttack. 9937900960, 9124447292. D-189

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Newly open health benefits spa by expert therapist. Contact- 7504222886. D-76963

Full body massage, Home service available. Male, Female. 7377143756. D-191

All types hair cutting/ massage by smart female, one hour 700/- , - Room services available. Contact: 9937833100. D-76308

## AFFIDAVIT

By virtue of an affidavit before Executive Magistrate, Dhenkanal, No.- 2445, dtd.- 24.04.2026, I, Mrs Prangya Paramita Behera, W/o.- Lingaraj Behera, At- Mahulkholi, P.O.- Kapilash, P.S.- Gondia, Dist.- Dhenkanal-759016 solemnly declare that my correct date of birth is 17 July 1987 instead of 17 February 1987 for the purpose of Service Record of my husband (Army No. 14658739Y) Havildar Lingaraj Behera presently serving at 4 Corps Zone Workshop. D-196

I, Himanshu Bhusan Das, S/o.- Kedar Charan Dash, resident of Vill.- Talabandha Guda, P.O./ P.S.- Damanjodi, Dist.- Koraput, Odisha declare by this Affidavit No.- 3031, Dtd.- 18.04.2026 that now onwards I shall be known as Himanshu Bhusan Dash for all future purposes. D-253

I, Mitali Biswal, W/o.- Sailaja Nanda Parida, D/o.- Ramesh Chandra Biswal, resident of FE/15, Basanti Colony, Rourkela-12, P.S.- Udit-nagar, Dist.- Sundargarh, Odisha declare by No. A/11 dtd.- 17.11.2025 that, my maiden name was Mitali Biswal and after marriage I adopted the surname of my husband "Parida" and shall be known as Mitali Parida. That both the names Mitali Biswal and Mitali Parida stands for one and same person. i.e myself. D-199

I, Issac Selvom Adaikalam, S/o.- Late Alfred Adaikalam, Husband of Mitali Adaiklam, R/o. At/P.O./ P.S.- Ainthapali, Dist.- Sambalpur-768004, Odisha declare by this affidavit No.4121, Dtd.- 25.04.26 that now onwards I shall be known as Issac Selvom Adaikalam, S/o.- Late Alfred Adaikalam, Husband of Mitali Adaikalam for all future purposes. D-198

By virtue of an affidavit sworn before the Executive Magistrate, Dharmasala, dated 21.04.2026, I, Rabindra Sethy, aged about 44 years, S/o.- Pabana Sethi of Village- Muraripur, P.O.- Thanual, P.S.- Dharmasala, Dist.- Jajpur, Odisha state that my actual and correct name is Rabindra Sethy, son of Pabana Sethi mentioned in my Aadhaar Card No. xxxx xxxx 7426. But in my Driving Licence No. OR 04 20010011327 my name has been wrongly mentioned as Rabindra Kumar Sethy son of Baban Ch Sethy. Henceforth, Rabindra Sethy and Rabindra Kumar Sethy son of Pabana Sethi and Baban Ch Sethy is same and one person.
(Rabindra Sethy)
D-197

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।



"M.B.K."
Great Eastern® RETAIL
FREE STANDARD INSTALLATION*
FREE ASSURED GIFT*
FREE VOUCHER WORTH ₹20,000*
ଗ୍ରୀଷ୍ମ ଚାହେଁ ଏସି
ମନ କୁହେ ଗ୍ରେଟ୍ ଇଷ୍ଟର୍ଣ୍ଣ ରିଟେଲ
NO HIDDEN CHARGES*
ZERO DOWN PAYMENT*
FREE EXPRESS DELIVERY*
FREE OUTDOOR BRACKET
up to 61% OFF
1 T 3* INV. AC | EXCHANGE PRICE ₹27490*
FREE INSTALLATION & BRACKET ₹2500* | CASH BACK ₹2100*
EFFECTIVE PRICE ₹22,790*
ZERO DOWN PAYMENT* | ₹82/DAY*
FREE OUTDOOR BRACKET
up to 63% OFF
1.5 T 3* INV. AC | EXCHANGE PRICE ₹28500*
FREE INSTALLATION & BRACKET ₹2500* | CASH BACK ₹2100*
EFFECTIVE PRICE ₹23,890*
ZERO DOWN PAYMENT* | ₹83/DAY*
FREE OUTDOOR BRACKET
up to 45% OFF
2 T 3* INV. AC | EXCHANGE PRICE ₹39000*
FREE INSTALLATION & BRACKET ₹2500* | CASH BACK ₹3000*
EFFECTIVE PRICE ₹33,490*
ZERO DOWN PAYMENT* | ₹122/DAY*
up to 45% OFF
1.5 T 3* WINDOW AC
₹19690*
₹72/Day*
up to 35% OFF
1.5 T 3* INV. WINDOW AC
₹27990*
₹103/Day*
*Price after cash back & exchange
FREE OUTDOOR BRACKET
up to 55% OFF
1 T 5* INV. AC | EXCHANGE PRICE ₹30900*
FREE INSTALLATION & BRACKET ₹2500* | CASH BACK ₹2500*
EFFECTIVE PRICE ₹25,900*
ZERO DOWN PAYMENT* | ₹95/DAY*
FREE OUTDOOR BRACKET
up to 51% OFF
1.5 T 5* INV. AC | EXCHANGE PRICE ₹31000*
FREE INSTALLATION & BRACKET ₹2500* | CASH BACK ₹2500*
EFFECTIVE PRICE ₹25,990*
ZERO DOWN PAYMENT* | ₹92/DAY*
up to 38% OFF
45L PERSONAL AIR COOLER
₹8590*
₹22/Day*
up to 38% OFF
56L WINTER+ AIR COOLER
₹8890*
₹22/Day*
up to 43% OFF
70L DESERT AIR COOLER
₹10490*
₹26/Day*
CASH BACK upto ₹25000*
up to 26% OFF
75 (190cm) UHD LED TV
₹81999* ₹201/Day*
up to 51% OFF
65 (165cm) 4K UHD TV
₹44499* ₹111/Day*
up to 53% OFF
55 (145cm) QLED TV
₹37299* ₹93/Day*
up to 50% OFF
40 (101cm) SMART TV
₹17499* ₹44/Day*
up to 50% OFF
32 (81cm) HD LED TV
₹12499* ₹31/Day*
up to 37% OFF
PARTY SPEAKER
₹18999*
₹46/Day*
up to 32% OFF
SOUND BAR
₹14999*
₹37/Day*
FREE ELECTRIC KETTLE
CASH BACK upto ₹45000*
up to 41% OFF
600L SIDE BY SIDE REFRIGERATOR
₹68090*
₹170/Day*
up to 38% OFF
330L TRIPLE DOOR REFRIGERATOR
₹27790*
₹70/Day*
up to 39% OFF
237L BOTTOM MOUNT REFRIGERATOR
₹27290*
₹68/Day*
up to 36% OFF
235L DOUBLE DOOR REFRIGERATOR
₹19490*
₹49/Day*
up to 43% OFF
187L SINGLE DOOR REFRIGERATOR
₹13590*
₹34/Day*
up to 43% OFF
187L VISI COOLER
₹13590*
₹34/Day*
up to 34% OFF
7 kg FRONT LOAD WASHING MACHINE
₹27290*
₹68/Day*
up to 36% OFF
6.5 kg TOP LOAD WASHING MACHINE
₹15690*
₹39/Day*
up to 38% OFF
7 kg SEMI AUTO WASHING MACHINE
₹7990*
₹20/Day*
up to 39% OFF
207L DEEP FREEZER
₹18790*
₹47/Day*
up to 51% OFF
UV PLUS WATER PURIFIER
₹8690*
₹22/Day*
up to 30% OFF
CONV. MWO
₹9999*
₹26/Day*
up to 30% OFF
SOLO MWO
₹6190*
₹16/Day*
INSTANT FINANCE AVAILABLE
HDB FINANCIAL SERVICES
IDFC FIRST Bank
UP TO 7.5% INSTANT DISCOUNT*
SBI card
*Min. Trxn.: ₹20,000; Max. Discount: ₹4,750 per card. Also valid on EMI Trxns. Validity: 10 Apr - 24 May 2026. T&C Apply.
ପଟିଆ ✆7684065831 | ଟଙ୍କପାଣି ରୋଡ୍ ✆7735435079 | ବ୍ରହ୍ମପୁର ଦଳୁଆ ସାହି ✆9938668181
ପାତ୍ରପଡ଼ା ✆9777456862 | ସିଡିଏ ✆95836 47161 | କଟକ ଯୋବ୍ରା ରୋଡ ✆7064029935
ଯାଜପୁର ରୋଡ୍ ଚୋର୍ଦା ବାଇପାସ୍ ✆7978077155 | ରାଉରକେଲା ଜାମୁନାନାକି ✆8984831218
ଭୁବନେଶ୍ୱର ବାପୁଜୀ ନଗର ✆7978247889 | ବାଲେଶ୍ୱର ବିବେକାନନ୍ଦ ମାର୍ଗ ✆9658806880
SAMSUNG LG Panasonic SONY LLOYD Haier IFB BOSCH VOLTAS DAIKIN HITACHI Godrej TCL Carrier GENERAL BLUE STAR HAVELLS EUREKA FORBES Whirlpool Livpure hindware SHARP beko USHA
ODISHA | WEST BENGAL | RAJASTHAN | UTTAR PRADESH | DELHI | HARYANA | ANDHRA PRADESH | 90+ STORES
*Terms & conditions - Price includes cashback and exchange offer. Pictures are indicative. Offer applicable on selected models and brands.
virtual frame

# ପଞ୍ଜାବର ରେକର୍ଡ ବିଜୟ

■ ରାହୁଲଙ୍କ ଶତକ ବେକାର
■ ଟି୨୦ କ୍ରିକେଟ୍‌ର ସବୁଠୁ ସଫଳ ଚେଜ୍

ନୂଆଦିଲ୍ଲୀ,୨୫।୪

ଲୋକେଶ ରାହୁଲଙ୍କ ରେକର୍ଡ ଅପରାଜିତ ଶତକ ଓ ନୀତୀଶ ରାଣାଙ୍କ ସହ ଦ୍ୱିଶତକୀୟ ଭାଗୀଦାରି ସତ୍ତ୍ୱେ ଦିଲ୍ଲୀ କ୍ୟାପିଟାଲ୍ସ (ଡିସି) ଶନିବାର ଅପରାହ୍ନରେ ଖେଳାଯାଇଥିବା ହାଇସ୍କୋରିଂ ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍ସ (ପିବିକେଏସ୍)ଠାରୁ ୬ ଉଇକେଟରେ ପରାସ୍ତ ହୋଇଛି। ରାହୁଲଙ୍କ ଅପରାଜିତ ୧୫୨ ଓ ନୀତୀଶଙ୍କ ୯୧ ରନର ଇନିଂସ ଯୋଗୁ ଦିଲ୍ଲୀ ନିର୍ଦ୍ଧାରିତ ୨୦ ଓଭରରେ ୨ ଉଇକେଟ ହରାଇ ୨୬୪ ରନ କରିଥିଲା, ଯାହାକି ଚଳିତ ସିଜନର ଓ ଦିଲ୍ଲୀର ସର୍ବାଧିକ ଦଳଗତ ସ୍କୋର। ଜବାବରେ ପ୍ରଭସିମରନ ସିଂ ଓ ଅଧିନାୟକ ଶ୍ରେୟସ ଆୟାରଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ପଞ୍ଜାବ ୧୮.୫ ଓଭରରେ ୪ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଏହା ଆଇପିଏଲ୍ ତଥା ଟି୨୦ କ୍ରିକେଟ ଇତିହାସର ସବୁଠୁ ସଫଳ ରନ ଚେଜ୍। ଏହି ରେକର୍ଡ ପୂର୍ବରୁ ମଧ୍ୟ ପଞ୍ଜାବ ନାମରେ ଥିଲା। ଏହି ବିଜୟ ସହ ପଞ୍ଜାବର ବିଜୟ ଧାରା ଜାରି ରହିଛି। ଦଳ ଏବେ ୭ ମ୍ୟାଚ୍‌ରେ ୬ ବିଜୟ ଓ ୧୩ ପଏଣ୍ଟ ସହ ଶୀର୍ଷରେ ରହିଛି। ଅନ୍ୟପକ୍ଷରେ ଦିଲ୍ଲୀ ୭ ମ୍ୟାଚ୍‌ରେ ୬ ପଏଣ୍ଟ ସହ ଷଷ୍ଠ ସ୍ଥାନରେ ରହିଛି।


ମ୍ୟାଚ୍ ବିଜୟୀ ଇନିଂସ୍ ଅବସରରେ ଶ୍ରେୟସ ଆୟାର।

## ରାହୁଲ ଓ ରଣାଙ୍କ ଦ୍ୱିଶତକୀୟ ପାର୍ଟନରଶିପ୍

ଟସ୍ ଜିତି ବ୍ୟାଟିଂ କରିଥିବା ଦିଲ୍ଲୀ ଆରମ୍ଭରୁ ପଥୁମ ନିଶଙ୍କା (୧୧)ଙ୍କ ଉଇକେଟ ହରାଇଥିଲା। ରାହୁଲ ଓ ନୀତୀଶ ପାୱାରପ୍ଲେରେ ଦଳୀୟ ସ୍କୋରକୁ ୬୮ ଓ ପ୍ରଥମ ୧୦ ଓଭରରେ ୧୦୨ ରନରେ ପହଞ୍ଚାଇଥିଲେ। ରାହୁଲ ୧୨ ଓ ୫୧ ରନ୍ କରିଥିବା ବେଳେ ଜୀବନ ଦାନ ପାଇଥିଲେ। ସେହିଭଳି ନୀତୀଶ ୭୪ ରନରେ ବ୍ୟାଟିଂ କରୁଥିବା ବେଳେ ୧୭ତମ ଓଭରରେ ମାର୍କସ ଷ୍ଟୋଇନିସ ଏକ ଚମତ୍କାର କ୍ୟାଚ୍ ନେଇଥିଲେ। ହେଲେ ରିପ୍ଲେରୁ କ୍ୟାଚ୍ ଧରିବା ବେଳେ ଷ୍ଟୋଇନିସଙ୍କ ବୁଟ ବାଉଣ୍ଡ୍ରି ଲାଇନରେ ଟଚ୍ ହୋଇଥିବାରୁ ନୀତୀଶଙ୍କୁ ଜୀବନଦାନ ମିଳିଥିଲା। ପଞ୍ଜାବ ଅଧିନାୟକ ଶ୍ରେୟସ ଆୟାରଙ୍କ ଏକ ଚମତ୍କାର କ୍ୟାଚ୍ ନେବାରୁ ୧୮ତମ ଓଭରରେ ଦ୍ୱିଶତୀୟ ପାଟନରଶିପର ଭଙ୍ଗ ହୋଇଥିଲା। ରାହୁଲ ଓ ନୀତୀଶ ଦ୍ୱିତୀୟ ଉଇକେଟରେ ୨୨୦ ରନ ଯୋଡ଼ିଥିଲେ, ଯାହାକି ଆଇପିଏଲ୍ ଇତିହାସର ଦ୍ୱିତୀୟ ସର୍ବାଧିକ ପାର୍ଟନରଶିପ୍ ଥିଲା। ଏଥିଯୋଗୁ ଦିଲ୍ଲୀ ନିର୍ଦ୍ଧାରିତ ୨୦ ଓଭରରେ ୨ ଉଇକେଟ ହରାଇ ୨୬୪ ରନ କରିଥିଲା। ରାହୁଲ ୬୭ ବଲରେ ଅପରାଜିତ ୧୫୨ ରନର ଇନିଂସ ଖେଳିଥିଲେ, ଯାହାକି ଆଇପିଏଲ୍ ଇତିହାସରେ ଭାରତୀୟ ବ୍ୟାଟରଙ୍କ ମଧ୍ୟରେ ସର୍ବାଧିକ ବ୍ୟକ୍ତିଗତ ସ୍କୋର। ତାଙ୍କ ଇନିଂସରେ ୧୬ ଚୌକା ଓ ୯ ଛକା ସାମିଲ ଥିଲା। ସେହିଭଳି ନୀତୀଶ ୪୪ ବଲରେ ୧୧ ଚୌକା ଓ ୪ ଛକା ସହିତ ୯୧ ରନ କରିଥିଲେ।

## ପାୱାରପ୍ଲେରେ ୧୧୬/୦

୨୬୫ ରନର ବିଶାଳ ଟାର୍ଗେଟର ପିଛା କରୁଥିବା ପଞ୍ଜାବକୁ ପ୍ରିୟାଂଶ ଆର୍ଯ୍ୟ ଓ ପ୍ରଭସିମରନ ସିଂ ବିସ୍ଫୋରକ ଆରମ୍ଭ ପ୍ରଦାନ କରିଥିଲେ। ଦୁହେଁ ପାୱାରପ୍ଲେରେ ୧୧୬ ରନ କରିଥିଲେ, ଯାହାକି ଆଇପିଏଲ୍ ଇତିହାସରେ ଦ୍ୱିତୀୟ ସର୍ବାଧିକ। ଇନିଂସ ପଞ୍ଚମ ଓଭରରେ ମୁକେଶ କୁମାରଙ୍କୁ ପ୍ରଭସିମରନ ଲଗାତର ୬ଟି ଚୌକା ଲଗାଇଥିଲେ। ଅଜିଙ୍କ୍ୟ ରାହାନେ ଓ ପୃଥ୍ୱୀ ଶ'ଙ୍କ ପରେ ତୃତୀୟ ଖେଳାଳି ଭାବେ ପ୍ରଭସିମରନ ଏଭଳି ସଫଳତା ପାଇଛନ୍ତି। ଦୁହେଁ ୬.୫ ଓଭରରେ ୧୨୬ ରନ ଯୋଡ଼ିବା ପରେ କ୍ରମାଗତ ଓଭରରେ ଆଉଟ୍ ହୋଇଥିଲେ। ପ୍ରିୟାଂଶ ୧୭ ବଲରେ ୪୩ (୨ ଚୌକା ଓ ୫ ଛକା) ଓ ପ୍ରଭସିମରନ ୨୬ ବଲରେ ୭୬ (୯ ଚୌକା ଓ ୫ ଛକା) ରନ କରିଥିଲେ। କୁପର କନୋଲୀ (୧୭) ଫେଲ୍ ମାରିଥିଲେ। ଏହାପରେ ଅଧିନାୟକ ଶ୍ରେୟସ ଆୟାର ପ୍ରଥମେ ନେହାଲ ୱାଧେରା(୨୫ ରନ, ୩ ଚୌକା ଓ ୧ ଛକା)ଙ୍କ ସହ ୫୬ ଓ ପରେ ଶଶାଙ୍କ ସିଂ (୧୯)ଙ୍କ ସହ ମିଶି ୬୪ ରନ କରି ଦଳକୁ ଜିତାଇଥିଲେ। ପଞ୍ଜାବ ୧୮.୫ ଓଭରରେ ୪ ଉଇକେଟ ହରାଇ ୨୬୫ ରନ କରିନେଇଥିଲା। ବିଜୟୀ ଦଳ ପାଇଁ ଶ୍ରେୟସ ୩୬ ବଲରେ ୭୧ (୩ ଚୌକା ଓ ୭ ଛକା) ଓ ଶଶାଙ୍କ ୧୯ (୨ ଚୌକା ଓ ୧ ଛକା) ଅପରାଜିତ ରହିଥିଲେ।

**ସଂକ୍ଷିପ୍ତ ସ୍କୋର**

ଦିଲ୍ଲୀ କ୍ୟାପିଟାଲ୍ସ: ୨୦ ଓଭରରେ ୨୬୪/୨(ଲୋକେଶ ରାହୁଲ-୧୫୨*, ନୀତୀଶ ରାଣା-୯୧)। ପଞ୍ଜାବ କିଙ୍ଗ୍ସ: ୧୮.୫ ଓଭରରେ ୨୬୫/୪ (ପ୍ରଭସିମରନ ସିଂ-୭୬, ପ୍ରିୟାଂଶ ଆର୍ଯ୍ୟ-୪୩, ଶ୍ରେୟସ ଆୟାର-୭୧*, କୁଲଦୀପ ଯାଦବ-୨/୪୬)।

### ଭାରତୀୟ ଭାବେ ସର୍ବାଧିକ ବ୍ୟକ୍ତିଗତ ସ୍କୋର

ରାହୁଲ ପଞ୍ଜାବ କିଙ୍ଗ୍ସ ବିପକ୍ଷରେ ଅପରାଜିତ ୧୫୨ ରନର ଇନିଂସ ଖେଳି ଭାରତୀୟଙ୍କ ମଧ୍ୟରେ ଆଇପିଏଲ୍‌ରେ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିବାର ରେକର୍ଡ ନିଜ ନାମରେ କରିଛନ୍ତି। ଏହି ରେକର୍ଡ ପୂର୍ବରୁ ସନ୍‌ରାଇଜର୍ସ ହାଇଦ୍ରାବାଦ୍‌ର ଅଭିଷେକ ଶର୍ମା(୧୪୧)ଙ୍କ ନାମରେ ଥିଲା। ତେବେ ଆଇପିଏଲ୍‌ରେ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିବାର ରେକର୍ଡ କ୍ରିସ ଗେଲ୍ (୧୭୫*)ଙ୍କ ନାମରେ ରହିଛି। ତାଙ୍କ ପଛକୁ ବ୍ରେଣ୍ଡନ ମ୍ୟାକୁଲମ (୧୫୮*) ରହିଛନ୍ତି।

# ସୂର୍ଯ୍ୟବଂଶୀଙ୍କ ବିସ୍ଫୋରକ ଶତକ


ଶତକୀୟ ଇନିଂସ୍ ଅବସରରେ ବୈଭବ ସୂର୍ଯ୍ୟବଂଶୀ।

ଜୟପୁର,୨୫।୪

ଚଳିତ ଆଇପିଏଲ୍‌ରେ ଶନିବାର ସନ୍ଧ୍ୟାରେ ଖେଳାଯାଇଥିବା ଆଇପିଏଲ୍ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ (ଆର୍‌ଆର୍) ଓ ସନରାଇଜର୍ସ ହାଇଦ୍ରାବାଦ୍ (ଏସ୍‌ଆର୍‌ଏଚ୍) ପରସ୍ପରକୁ ଭେଟିଛନ୍ତି। ବୈଭବ ସୂର୍ଯ୍ୟବଂଶୀଙ୍କ ବିସ୍ଫୋରକ ଶତକ ବଳରେ ପ୍ରଥମେ ବ୍ୟାଟିଂ କରିଥିବା ରାଜସ୍ଥାନ ପ୍ରତିପକ୍ଷ ହାଇଦ୍ରାବାଦ୍ ସମ୍ମୁଖରେ ୨୨୯ ରନର ବିଶାଳ ଟାର୍ଗେଟ ଛିଡ଼ା କରିଛି। ଏହି ମ୍ୟାଚ୍ ଜରିଆରେ ହାଇଦ୍ରାବାଦ୍‌ର ନିୟମିତ ଅଧିନାୟକ ପ୍ୟାଟ କମିନ୍ସ ଦଳକୁ ଫେରିଛନ୍ତି। ବୈଭବ ୩୬ ବଲରେ ଶତକ ପୂରଣ କରିଛନ୍ତି, ଯାହାକି ଭାରତୀୟ ବ୍ୟାଟରଙ୍କ ମଧ୍ୟରେ ଦ୍ୱିତୀୟ ଦ୍ରୁତତମ। ଭାରତୀୟଙ୍କ ମଧ୍ୟରେ ଦ୍ରୁତତମ ଶତକ କରିବାର ରେକର୍ଡ ମଧ୍ୟ ତାଙ୍କ ନାମରେ ରହିଛି, ଯାହାକି ସେ ଗତ ବର୍ଷ ହାସଲ କରିଥିଲେ।

ଆମନ୍ତ୍ରଣ ପାଇ ବ୍ୟାଟିଂ କରିଥିବା ରାଜସ୍ଥାନ ପାଇଁ ବୈଭବ ପ୍ରଥମ ଓଭରରେ ପ୍ରଫୁଲ ହିଙ୍ଗେଙ୍କୁ ଲଗାତର ୪ ଛକା ମାରିଥିଲେ। ଟି୨୦ ଇତିହାସରେ ପ୍ରଥମ ଓଭରରେ ପ୍ରଥମ ବ୍ୟାଟର ଭାବେ ବୈଭବ ୪ ଛକା ଲଗାଇଥିଲେ। ଯଶସ୍ୱୀ ଜୟସ୍ୱାଲ (୮) ଆଉଟ୍ ହେବା ପରେ ବୈଭବ, ଧ୍ରୁବ ଜୁରେଲ ଦ୍ୱିତୀୟ ଉଇକେଟରେ ୧୧୨ ରନ ଯୋଡ଼ିଥିଲେ। ଜୁରେଲ (୩୫ ବଲ, ୫୧ ରନ୍, ୮ ଚୌକା ଓ ୧ ଛକା) ଅର୍ଦ୍ଧଶତକ ଓ ବୈଭବ ୩୬ ବଲରେ ଶତକ ପୂରଣ କରିବା ପରେ ଆଉଟ୍ ହୋଇଥିଲେ। ବୈଭବ ୩୭ ବଲରେ ୫ ଚୌକା ଓ ୧୨ ଛକା ସହାୟତାରେ ୧୦୩ ରନ କରି ଆଉଟ୍ ହୋଇଥିଲେ। ଏହା ଆଇପିଏଲ୍‌ରେ ତାଙ୍କର ଦ୍ୱିତୀୟ ଶତକ ଥିଲା। ଅଧିନାୟକ ରିଆନ ପରାଗ (୭) ଫେଲ୍ ମାରିଥିବା ବେଳେ ଡୋନୋଭାନ ଫରେରା ୧୬ ବଲରେ ୩୩ (୩ ଲେଖାଏ ଚୌକା ଓ ଛକା) ରନ କରି ଆଉଟ୍ ହୋଇଥିଲେ। ଫଳରେ ରାଜସ୍ଥାନ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୨୨୮ ରନ କରିଥିଲା। ହାଇଦ୍ରାବାଦ୍ ପାଇଁ ଇଶାନ ମାଲିଙ୍ଗା ଓ ପ୍ରଫୁଲ ହିଙ୍ଗେ ୨ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ରାଜସ୍ଥାନ ରୟାଲ୍ସ: ୨୦ ଓଭରରେ ୨୨୮/୬ (ବୈଭବ ସୂର୍ଯ୍ୟବଂଶୀ-୧୦୩, ଧ୍ରୁବ ଜୁରେଲ-୫୧, ଡୋନୋଭାନ ଫରେରା-୩୩, ଇଶାନ ମାଲିଙ୍ଗା-୨/୩୮, ପ୍ରଫୁଲ ହିଙ୍ଗେ-୨/୪୯)।

### ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ)

**ଚେନ୍ନାଇ ବନାମ ଗୁଜରାଟ**
ସ୍ଥାନ: ଚେନ୍ନାଇ
ସମୟ: ଅପରାହ୍ନ ୩.୩୦

**କୋଲକାତା ବନାମ ଲକ୍ଷ୍ନୌ**
ସ୍ଥାନ: ଲକ୍ଷ୍ନୌ
ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ




## ହସ୍ପିଟାଲରେ ଏନ୍‌ଗିଡି

**ନୂଆଦିଲ୍ଲୀ,୨୫।୪:** ଦିଲ୍ଲୀ କ୍ୟାପିଟାଲ ପାଇଁ ଖେଳୁଥିବା ଦକ୍ଷିଣ ଆଫ୍ରିକୀୟ ଖେଳାଳି ଲୁଙ୍ଗି ଏନ୍‌ଗିଡି ଆହତ ହୋଇଛନ୍ତି। ପଞ୍ଜାବ ଇନିଂସର ତୃତୀୟ ଓଭରରେ ଫିଲ୍ଡିଂ କରୁଥିବା ବେଳେ ଏନ୍‌ଗିଡି ଏକ କ୍ୟାଚ୍ ନେବାକୁ ଯାଇ ପଛୁଆ ପଡ଼ିଯାଇଥିଲେ। ଫଳରେ ତାଙ୍କ ମୁଣ୍ଡର ପଛଭାଗରେ ଆଘାତ ଲାଗିଥିଲା। ଏଥିଯୋଗୁ ତାଙ୍କୁ ତୁରନ୍ତ ମେଡିକାଲ ସହାୟତା ଦିଆଯାଇଥିଲା। ଉଭୟ ଦଳର ଫିଜିଓ ଓ ଡାକ୍ତର ତାଙ୍କ ନିକଟରେ ପହଞ୍ଚିଥିଲେ। ପରେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ପଡ଼ିଆରୁ ନିଆଯାଇଥିଲା। ଏଥିଯୋଗୁ କିଛି ସମୟ ପାଇଁ ଖେଳ ସ୍ଥଗିତ ହୋଇଥିଲା।

## ଦର୍ଶକଙ୍କ ମଧ୍ୟରେ ଖେଳାଯିବ ପିଏସ୍‌ଏଲ୍ ଫାଇନାଲ

**ଇସଲାମାବାଦ୍, ୨୫।୪ (ଏପି):** ଆସନ୍ତା ମେ' ୩ ତାରିଖରେ ଲାହୋରଠାରେ ଖେଳାଯିବାକୁ ଥିବା ପିଏସ୍‌ଏଲ୍ ଫାଇନାଲ ଦର୍ଶକଙ୍କ ମଧ୍ୟରେ ଖେଳାଯିବ। ମଧ୍ୟପ୍ରାଚ୍ୟରେ ଅସ୍ଥିରତା କାରଣରୁ ପାକିସ୍ତାନରେ ପେଟ୍ରୋଲର ଅଭାବ ଦେଖାଦେଇଛି; ଯାହା ଫଳରେ ଆୟୋଜକ ପିଏସ୍‌ଏଲ୍‌କୁ ଦୁଇଟି ଭେନ୍ୟୁରେ ସୀମିତ ରଖିବା ସହ ରୁଦ୍ଧଦ୍ୱାର ମଧ୍ୟରେ ମ୍ୟାଚ୍ ଆୟୋଜନ ନିଷ୍ପତ୍ତି ନେଇଥିଲେ। ହେଲେ ଫାଇନାଲ ମ୍ୟାଚ୍ ଲାଗି ଦର୍ଶକଙ୍କୁ ଅନୁମତି ଦେବା ପାଇଁ ଫ୍ରାଞ୍ଚାଇଜ ମାଲିକଙ୍କ ପକ୍ଷରୁ କରାଯାଇଥିବା ଅନୁରୋଧକୁ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ ମଞ୍ଜୁରୀ ପ୍ରଦାନ କରିଛନ୍ତି।







1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ Business queries: <advt@dharitri.com>